

ଉତ୍ତର-ପୂର୍ବ ଭାରତୀୟ ସଂସ୍କୃତିର ଅମୂଲ୍ୟ ରତ୍ନ | ୬


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ



facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଶୁବମନ୍ ଗିଲ୍‌ଙ୍କୁ ଡେଟ୍ କରୁଛନ୍ତି ଅବନୀତ | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୪୨ Vol. 21 No-342 12 MARCH 2025 WEDNESDAY BHUBANESWAR ବୁଧବାର, ୧୨ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ବିଧାନସଭା ଇତିହାସରେ ପ୍ରଥମ

# ଗୃହରେ ହାତାହାତି, ତାରା ସସ୍‌ପେଣ୍ଡ



- ୭ ଦିନ ପାଇଁ ସସ୍‌ପେଣ୍ଡ କଲେ ବାଚସ୍ପତି
- ଗଣତନ୍ତ୍ରକୁ ହତ୍ୟା କରାଯାଇଛି: ତାରା
- ବାଚସ୍ପତିଙ୍କୁ ଅସମ୍ମାନ କରିଥିବା ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ଶାସକ ବିଧାୟକ
- ପିସିସି ସଭାପତିଙ୍କ ଅନୁରୋଧ ପରେ ଧାରଣା ପ୍ରତ୍ୟାହୃତ

ଭୁବନେଶ୍ୱର, ୧୧।୩(ଭାସ୍କର ନ୍ୟୁଜ): ଓଡ଼ିଶା ବିଧାନସଭା ଇତିହାସରେ ପ୍ରଥମ। ଗୃହରେ ଶାସକ ଓ ବିରୋଧୀଦଳ ବିଧାୟକଙ୍କ ମଧ୍ୟରେ ହାତାହାତି। ସୋମବାର ପରି ମଙ୍ଗଳବାର ମଧ୍ୟ ବିଧାନସଭା କାର୍ଯ୍ୟ ଆରମ୍ଭରୁ ଗୃହରେ ଦେଖା ଦେଇଥିଲା ହଟ୍ଟଗୋଳ। ତେବେ ଏସବୁ ଭିତରେ ବି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଜାରି ରହିଥିଲା। ବାଚସ୍ପତି ସୁରମା ପାଢୀ ଗୃହକୁ ସୁଚାରୁରୂପେ ପରିଚାଳନା କରୁଥିଲେ। କିନ୍ତୁ ଏହାପରେ ବି ହଟ୍ଟଗୋଳ ହେବାରୁ ଗୃହ ମୁଲତବୀ ରହିଥିଲା। ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କଂଗ୍ରେସ ବିଧାୟକମାନେ ଗୃହ ବାହାରେ ଧାରଣା ଦେଇଥିଲେ। ପରେ ସେମାନେ ଗୃହ ମଧ୍ୟକୁ ଆସି ରାଜ୍ୟରେ ମହିଳା ନିର୍ଯାତନା ଓ ଅତ୍ୟାଚାର ସହ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ ଆଣି ପ୍ରବଳ ହୋହଲ୍ଲା କରିଥିଲେ। ଅନ୍ୟପକ୍ଷରେ ବିଜେଡି ବିଧାୟକମାନେ ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟକୁ ନେଇ ହଟ୍ଟଗୋଳ କରିଥିଲେ। ଗୃହରେ ହଟ୍ଟଗୋଳ ଚାଲିଥିଲେ ବି ବାଚସ୍ପତି ପ୍ରଶ୍ନକାଳ ଜାରି ରଖିଥିଲେ। ନଗର ଉନ୍ନୟନମନ୍ତ୍ରୀ ଉତ୍ତର ରଖୁଥିବାବେଳେ ଜୟନାରାୟଣ ମିଶ୍ର ଓ ତାରା ପ୍ରସାଦ ବାହିନୀପତିଙ୍କ ମଧ୍ୟରେ ହାତାହାତି ହୋଇଥିଲା । ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଗୃହରେ ପ୍ରବଳ ହଟ୍ଟଗୋଳ ଜାରି ରହିଥିଲା। ତେବେ ବିଶୃଙ୍ଖଳା କରୁଥିବା ବିଧାୟକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରୀ ଦଳର ବିଧାୟକମାନେ ଦାବି କରିଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ତାରାଙ୍କୁ ସସ୍‌ପେଣ୍ଡ କରିବା ପାଇଁ ଏକ ପ୍ରସ୍ତାବ ଆଣିଥିଲେ। ଏହାକୁ ବାଚସ୍ପତି ଅନୁମୋଦନ ଦେଇଥିଲେ। ତେଣୁ ତାଙ୍କୁ ୭ ଦିନ ପାଇଁ ଗୃହରୁ ସସ୍‌ପେଣ୍ଡ କରାଯାଇଥିବା ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ତାରାଙ୍କ ସସ୍‌ପେଣ୍ଡ ପ୍ରତିବାଦରେ କଂଗ୍ରେସ ବିଧାୟକମାନେ ମୁହଁରେ କଳାପଟି ବାନ୍ଧି ପ୍ରତିବାଦ କରିଛନ୍ତି। ସେମାନେ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ରାତିତମାମ ଧାରଣା ଦେବେ ବୋଲି କହିଥିବାବେଳେ ପିସିସି ସଭାପତି • ପୃଷ୍ଠା ୫ ଦେଖନ୍ତୁ

### ଧାରଣାରତ ବିଧାୟକଙ୍କୁ ଭେଟିଲେ ଭକ୍ତ

## ଆଜି ଅଧିବେଶନ ବୟକଟ କରିବେ କଂଗ୍ରେସ ବିଧାୟକ



ଭୁବନେଶ୍ୱର, ୧୧।୩(ଭାସ୍କର ନ୍ୟୁଜ): କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ବିଧାନସଭାରୁ ୭ ଦିନ ସସ୍‌ପେଣ୍ଡ କରାଯିବା ଘଟଣାକୁ କଂଗ୍ରେସ ଗୁରୁତ୍ୱର ସହ ନେଇଛି। ପିସିସି ସଭାପତି ଭକ୍ତଚରଣ ଦାସ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିବା କଂଗ୍ରେସ ବିଧାୟକଙ୍କୁ ଭେଟିବା ସହ ସେମାନଙ୍କୁ ଧାରଣା ପ୍ରତ୍ୟାହାର ପାଇଁ ପରାମର୍ଶ ଦେଇଥିଲେ। ଶ୍ରୀ ଦାସ କହିଥିଲେ, ଏହା ଦୁର୍ଭାଗ୍ୟର ବିଷୟ। ବାଚସ୍ପତି ଯଦି ସର୍ବଦଳୀୟ ବୈଠକ ଡାକିଥାନ୍ତେ ତେବେ ଭଲ ହୋଇଥାନ୍ତା। ୪୪ହଜାର ମହିଳା ନିଖୋଜ, ଛାତ୍ରୀ ଗର୍ଭବତୀ ହେଉଛନ୍ତି। ସରକାରରେ ବସିଥିବା ଲୋକଙ୍କୁ ଲାଜ ଲାଗିବା କଥା। ଗୃହ କମିଟି କରିଥିଲେ ମହିଳା ହିଂସାର ସବୁ ସମାଧାନ ହୋଇପାରିଥାନ୍ତା। ଅନ୍ୟପକ୍ଷରେ ପିସିସି ସଭାପତି ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି। ଏଥିରେ ସିନିୟର ଲିଡରମାନେ ଯୋଗଦେବେ। ଆମେ ଯାହା ନିଷ୍ପତ୍ତି ନେବା କଥା କାଲି ନେବୁ ବୋଲି ଶ୍ରୀ ଦାସ କହିଥିଲେ।

# ମରିସସ୍ ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦୀ



ନୂଆଦିଲ୍ଲୀ, ୧୧।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ମରିସସ୍ ରାଷ୍ଟ୍ରପତି ଧରମବୀର ଗୋକୁଲଙ୍କୁ ରାଜଭବନରେ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ଦୁଇନେତା ଭାରତ ଓ ମରିସସ୍ ମଧ୍ୟରେ ଥିବା ସ୍ୱତନ୍ତ୍ର ଓ ନିବିଡ଼ ଦ୍ୱିପାକ୍ଷିକ ସଂପର୍କକୁ ଆହୁରି ଗଭୀର କରିବା ପାଇଁ ମତ ବିନିମୟ କରିଥିଲେ। ଏହି ପରିପ୍ରେକ୍ଷୀରେ ସେମାନେ ଦୁଇଦେଶ ମଧ୍ୟରେ ରହିଥିବା ସହଭାଗୀ ଇତିହାସ ଏବଂ ଦୃଢ଼ ନାଗରିକ ସଂପର୍କ ବିଷୟରେ ସ୍ମରଣ କରିଥିଲେ। ଦ୍ୱିତୀୟ ଥରଲାଗି ମରିସସ୍‌ର ଜାତୀୟ ଦିବସ ସମାରୋହରେ ଅଂଶଗ୍ରହଣ କରିବା ତାଙ୍କ ପାଇଁ • ପୃଷ୍ଠା ୫ ଦେଖନ୍ତୁ



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭରତପୁର ଥାନା ଘଟଣା ସଂପର୍କିତ ତଦନ୍ତ ରିପୋର୍ଟ ପ୍ରଦାନ କରୁଛନ୍ତି ଜଷ୍ଟିସ ଚିତ୍ତରଞ୍ଜନ ଦାସ

## ସଂକ୍ଷେପରେ...

### 'ଜୟନାରାୟଣଙ୍କ ମନ୍ତବ୍ୟ ନିଜସ୍ୱ'

ଭୁବନେଶ୍ୱର, ୧୧।୩(ଭାସ୍କର ନ୍ୟୁଜ): ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟ ସହ ରାଜ୍ୟ ସରକାରଙ୍କ କୌଣସି ସମ୍ପର୍କ ନାହିଁ। ଏହା ତାଙ୍କର ବ୍ୟକ୍ତିଗତ ମତ। ଏ ନେଇ ମଙ୍ଗଳବାର ବିଧାନସଭାରେ ସ୍ପଷ୍ଟ କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଗତ ୮ ମାସରେ ତ୍ୱରାନ୍ୱିତ ପଦକ୍ଷେପ ନିଆଯାଇଛି। ଉତ୍ତର ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦର ଗଠନ ନିଷ୍ପତ୍ତି ବି ହୋଇଛି। ସବୁ ଅଞ୍ଚଳକୁ ବିକାଶ ଯୋଜନା ପହଞ୍ଚାଇବା ପାଇଁ କାମ ଚାଲୁଥିବା ସେ ସୂଚନା ଦେଇଥିଲେ।

### ରାଜଧାନୀରେ ପଶିଲା ଦନ୍ତା

ଭୁବନେଶ୍ୱର, ୧୧।୩(ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱରରେ ଦନ୍ତା ଆତଙ୍କ। ମଙ୍ଗଳବାର ସକାଳେ ଏମ୍ସ ନିକଟ କାଜୁ ଉଦ୍ୟାନ ନିକଟରେ ଏକ ଦନ୍ତାହାତୀ ଫସିଥିବା ସୂଚନା ମିଳିଛି। ଏହାକୁ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ହାତୀକୁ ଘଉଡାଇବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

### ୩ ଯବାନ ସହିଦ

ନୂଆଦିଲ୍ଲୀ, ୧୧।୩: ମଣିପୁରରେ ସେନା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩ଜଣ ଯବାନ ସହିଦ ହୋଇଛନ୍ତି ଓ ଅନ୍ୟ ୧୩ଜଣ ଆହତ ହୋଇଥିବା ସୂଚନା ମିଳିଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଯବାନଙ୍କୁ ନେଇ ଯାଉଥିବା ସେନା ଗାଡ଼ିଟି ସେନାପତି ଜିଲ୍ଲାର ଏକ ଖାତରେ ଗଳି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ସମସ୍ତ ମୃତଦେହ ଜବତ କରିଛି।

ସେନ୍‌ସେକ୍ସ: ୭୪,୧୦୨.୩୨
ସର୍ବାଧିକ: ୩୫.୮ ଡିଗ୍ରୀ
ସର୍ବନିମ୍ନ: ୨୧.୨ ଡିଗ୍ରୀ

### ୧୧।୩।୨୦୨୫ ର ମତାମତ

ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ୍ ନୁହେଁ କି?




### ଆଜିର ପ୍ରସଙ୍ଗ

ଅନୁପ୍ରବେଶକାରୀଙ୍କ ପାଇଁ କେନ୍ଦ୍ର ସରକାର ଆଣୁଥିବା ଆଇନ ଯଥାର୍ଥ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ସମ୍ବଲପୁରରେ ଏନ୍‌କାଉଣ୍ଟର

# ୨ ଗୋରୁ ମାଫିଆ ଗୁରୁତର



ସମ୍ବଲପୁର, ୧୧।୩(ଭାସ୍କର ନ୍ୟୁଜ): ମଙ୍ଗଳବାର ଭୋର ସାଢେ ୫ଟା । ଗୋ ଚାଲାଣ ସୂଚନା ପାଇ ସମ୍ବଲପୁର ସିଟି ଷ୍ଟେସନ ପାଖରେ ପହଞ୍ଚିଥିଲା ଧନୁପାଲି ପୋଲିସ। ୫୩ ନମ୍ବର ଜାତୀୟ ରାଜପଥରେ ବରଗଡ଼ ପଟୁ ଦେବଗଡ଼ ଆଡକୁ ମାଡ଼ି ଚାଲିଥିଲା ୧୮ ଚକିଆ ଗୋରୁ ବୋଝେଇ ଟ୍ରକ୍ । ଆଗେ ଆଗେ ସୁରକ୍ଷା ଦେଉଥିଲା କଳାରଙ୍ଗର ହୁଣ୍ଡାଇ କାର୍ । ପୋଲିସ ଗୋରୁ ଗାଡ଼ିକୁ ଅଟକାଇବା ପରେ ଖସିଯିବାକୁ ବାଟ ଖୋଜୁଥିଲା କାର ଡ୍ରାଇଭର। କାର୍‌ରେ ଥିବା ୪ଜଣ ଗାଡ଼ିରୁ ଓହ୍ଲାଇ ପଳାଇବାକୁ ଉଦ୍ୟମ କରିବା ସହ ପୋଲିସ ଉପରକୁ ୩ ରାଉଣ୍ଡ ଗୁଳି ଚଳାଇଥିଲେ। ପୋଲିସ ମଧ୍ୟ ଜବାବରେ ୫ ରାଉଣ୍ଡ ଗୁଳି ମାରିଥିଲା। ଦୁଇଟି ଗୁଳି ୨ ଅଭିଯୁକ୍ତଙ୍କ ଗୋଡ଼ରେ ବାଜିଥିବାବେଳେ ଅନ୍ୟ ଦୁଇଜଣ ଚମ୍ପଟ ମାରିଥିଲେ। ଆହତ ମାଫିଆ ପଶ୍ଚିମବଙ୍ଗର ଶେଖ ମଣ୍ଟୋ ଓ ଶେଖ ଆରିଫକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରୁ ୪ଟି ଖୋକା ଓ ୨ଟି ବନ୍ଧୁକ ଜବତ କରିଛି । ସେମାନେ ବିପଦମୁକ୍ତ ଥିବା • ପୃଷ୍ଠା ୫ ଦେଖନ୍ତୁ

## ପାକିସ୍ତାନରେ ଆତଙ୍କବାଦୀଙ୍କ ବଡ଼ ହମ୍‌ଲା

# ଟ୍ରେନ୍ ହାଇଜାକ୍ କଲେ ଆତଙ୍କୀ

- ଅପହରଣ ପରେ ଟ୍ରେନ୍‌ରେ ନିଆଁ ଲଗାଇଲେ
- ୧୮୨ରୁ ଅଧିକ ଯାତ୍ରୀ ପଣବନ୍ଦୀ
- ବନ୍ଧକଙ୍କ ମଧ୍ୟରେ ଅଧିକାଂଶ ସେନା କର୍ମଚାରୀ
- ୬ ସେନା ଅଧିକାରୀଙ୍କୁ ହତ୍ୟାକଲେ ଆତଙ୍କୀ
- ବେଲୁଚିସ୍ତାନରେ ଜାରି ହେଲା ଜରୁରିକାଳୀନ ସ୍ଥିତି
- ସ୍ଥିତିର ମୁକାବିଲା ପାଇଁ ପ୍ରୟାସ ଆରମ୍ଭ
- ଆତଙ୍କବାଦୀ-ସୁରକ୍ଷାକର୍ମୀ ଗୁଳି ବିନିମୟ



ବେଲୁଚିସ୍ତାନ, ୧୧।୩: ଆପଣମାନେ ବସ୍, ବିମାନ ଆଦି ଅପହରଣ କଥା ଶୁଣିଥିବେ। କିନ୍ତୁ ଟ୍ରେନ ଅପହରଣ କଥା କେବେ ଶୁଣିଛନ୍ତି କି? କିନ୍ତୁ ପାକିସ୍ତାନୀ ଆତଙ୍କବାଦୀମାନେ ଏହା କରି ଦେଖାଇଛନ୍ତି। ପାକିସ୍ତାନରେ ଏକ ଯାତ୍ରୀବାହୀ ଏକ୍ସପ୍ରେସକୁ ଅପହରଣ କରି ନେଇଛନ୍ତି ବେଲୁଚିସ୍ତାନ ଲିବରେସନ ଆର୍ମି। ତେବେ ଆତଙ୍କବାଦୀମାନେ କେତେବେଳେ କ'ଣ କରୁଛନ୍ତି ସେ ନେଇ ଗୁଇନ୍ଦା ବିଭାଗକୁ ସୂଚନା ମିଳୁଛି ନା ସେନାଙ୍କୁ। କେତେବେଳେ ହତ୍ୟା ତ କେତେବେଳେ ଆତଙ୍କ। ହେଲେ ମଙ୍ଗଳବାର ପାକିସ୍ତାନରେ ଆତଙ୍କବାଦୀମାନେ ଯାହା କରିଛନ୍ତି, ତାହା ସମସ୍ତଙ୍କୁ ଚକିତ କରି ଦେଇଛି। ଏକ ଯାତ୍ରୀବାହୀ ଟ୍ରେନ୍‌କୁ ଅପହରଣ କରି ନେଇଥିବା ନେଇ ଆତଙ୍କବାଦୀ ସଂଗଠନ ବେଲୁଚିସ୍ତାନ ଲିବରେସନ ଆର୍ମି ନିଜକୁ ଦାୟୀ କରିଛି। ମିଳିଥିବା ସୂଚନା ଅନୁଯାୟୀ କ୍ୱେଟାରୁ ପେଶାୱାର ଯାଉଥିବା ଜାଫର ଏକ୍ସପ୍ରେସକୁ ହାଇଜାକ୍ କରି ଶତାଧିକ ଯାତ୍ରୀଙ୍କୁ ବନ୍ଧକ ବନାଇଛି ବିଏଲ୍ଏ। ବନ୍ଧକଙ୍କ ମଧ୍ୟରେ ଅନେକ ପାକ୍ ସେନା ଅଧିକାରୀ ଓ ଯବାନ ରହିଛନ୍ତି। ତାଙ୍କ ବିରୁଦ୍ଧରେ ସେନା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସମସ୍ତ ବନ୍ଧକଙ୍କୁ ହତ୍ୟା କରାଯିବ ବୋଲି ଚେତାବନୀ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



କଅଣ ଚାଲିଛି ସତରେ କେଜାଣି
ବୁଝି ହେଉନାହିଁ କିଛି,
ଲୋକ ପ୍ରତିନିଧି ଏମିତି ହେବ ତ
ଛିଃ ଛିଃ ଏମେଲେ ଛିଃ ଛିଃ ।
ଲାଜ ସରମକୁ ପୋଛି,
କାଣ୍ଡ କାରଖାନା ଯାହା କରୁଛନ୍ତି
ନିନ୍ଦନ୍ତି ପୋକ ଓ ମାଛି ।

## ବେଆଇନ ଅନୁପ୍ରବେଶ ଉପରେ ଲାଗିବ ରୋକ୍

# ୭ବର୍ଷ ଜେଲ, ୧୦ଲକ୍ଷ ଜରିମାନା



ନୂଆଦିଲ୍ଲୀ, ୧୧।୩: ଅନୁପ୍ରବେଶ ଓ ଆପ୍ରବାସନ ରୋକିବା ପାଇଁ ଲୋକସଭାରେ ମଙ୍ଗଳବାର ଇମିଗ୍ରେସନ ଓ ଫରେନର ବିଧେୟକ ୨୦୨୫ ଆଗତ କରାଯାଇଛି। କେନ୍ଦ୍ର ଗୃହରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ବିଧେୟକ ଉପସ୍ଥାପନ କରିଛନ୍ତି। ଏହି ବିଲ୍‌ର ଉଦ୍ଦେଶ୍ୟ କାହାକୁ ରୋକିବା ନୁହେଁ, ବରଂ ଯେଉଁ ବିଦେଶୀମାନେ ଭାରତ ଆସିବେ ସେମାନେ ନିୟମ ଅନୁପାଳନ କରି ଆସିବା ଜରୁରି ବୋଲି ଶ୍ରୀ ରାୟ କହିଥିଲେ। ସେ ଆହୁରି କହିଥିଲେ ଯେ ଏହି ବିଧେୟକର ଉଦ୍ଦେଶ୍ୟ ହେଉଛି ଭାରତୀୟ ଇମିଗ୍ରେସନ ନିୟମକୁ ଆଧୁନିକ କରିବା ଓ ମଜବୁତ କରିବା । ଏହି ମିଲ୍ ଭାରତକୁ ଆସୁଥିବା ଏବଂ ଭାରତରୁ ବାହାରକୁ ଯାଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ପାସପୋର୍ଟ ବା ଅନ୍ୟ ଯାତ୍ରା ଦସ୍ତାବିଜର ଆବଶ୍ୟକତା ଓ ବିଦେଶୀଙ୍କ ସହ ଜଡ଼ିତ ମାମଲାକୁ ପରିଚାଳନା କରିବା ଶକ୍ତି କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବ। ଏଥିରେ ଭିସା ଓ ପଞ୍ଜିକରଣର ଆବଶ୍ୟକତା ଓ ଏହାସହ ଜଡ଼ିତ ମାମଲାକୁ ସାମିଲ କରାଯାଇଛି। ଇମିଗ୍ରେସନ ସହ ଜଡ଼ିତ ଏହି ବିଧେୟକ ଦେଶର ସୁରକ୍ଷା ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ବିଧେୟକରେ ଆଇନସ୍ଥିତି ପ୍ରମାଣିତ କରିବା ଦାୟିତ୍ୱ ରାଜ୍ୟ ପରିବର୍ତ୍ତେ ବ୍ୟକ୍ତିଙ୍କୁ ଦିଆଯାଇଛି। ଏହି ବିଧେୟକ ସ୍ପଷ୍ଟଭାବେ • ପୃଷ୍ଠା ୫ ଦେଖନ୍ତୁ

## ନିର୍ବାଚନ ପ୍ରକ୍ରିୟା ହେବ ମଜବୁତ

# ଆଲୋଚନା ପାଇଁ ବରିଷ୍ଠ ନେତାଙ୍କୁ କମିଶନଙ୍କ ଆମନ୍ତ୍ରଣ




ନୂଆଦିଲ୍ଲୀ, ୧୧।୩: ଭାରତୀୟ ନିର୍ବାଚନ କମିଶନ ସମସ୍ତ ଜାତୀୟ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳଙ୍କଠାରୁ ଏପ୍ରିଲ ୩୦ ସୁଦ୍ଧା ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ତରରେ ଯେ କୌଣସି ସମାଧାନ ହୋଇନଥିବା ସମସ୍ୟା ପାଇଁ ଆଲୋଚନା ନିମନ୍ତେ ଆମନ୍ତ୍ରଣ କରିଛନ୍ତି। ଏ ନେଇ ମଙ୍ଗଳବାର ନିର୍ବାଚନ କମିଶନଙ୍କ ପକ୍ଷରୁ ଚିଠି ଲେଖାଯାଇଛି। ଏହି ଚିଠିରେ କମିଶନ ପ୍ରତିଷ୍ଠିତ ଆଇନ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଉଭୟପକ୍ଷର ସୁବିଧାଜନକ ସମୟରେ ଦଳର ସଭାପତି ଏବଂ ଦଳର ବରିଷ୍ଠ ସଦସ୍ୟମାନଙ୍କ ସହିତ ଆଲୋଚନା କରିବାକୁ ଅନୁମତି ପ୍ରଦାନ କରିଛନ୍ତି । ପୂର୍ବରୁ ଗତ ସପ୍ତାହରେ ଏକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନିର୍ବାଚନ ପଞ୍ଜିକରଣ ଅଧିକାରୀମାନଙ୍କୁ ରାଜନୈତିକ ଦଳଗୁଡ଼ିକ ସହିତ ନିୟମିତ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। କମିଶନ ରାଜନୈତିକ ଦଳଗୁଡ଼ିକୁ ବିକେନ୍ଦ୍ରିତ ସଂପର୍କର ଏହି ବ୍ୟବସ୍ଥାକୁ ସକ୍ରିୟ ଭାବରେ ବ୍ୟବହାର କରିବାକୁ ମଧ୍ୟ ଅନୁରୋଧ କରିଥିଲେ। କମିଶନ ରାଜନୈତିକ ଦଳଗୁଡ଼ିକୁ ଲେଖିଥିବା • ପୃଷ୍ଠା ୫ ଦେଖନ୍ତୁ

## ଏସ୍‌ବିଆଇ ଏଟିଏମ୍ ଅଚଳ

# ଗ୍ରାହକ ହନ୍ତସନ୍ତ




ଭୁବନେଶ୍ୱର, ୧୧।୩(ଭାସ୍କର ନ୍ୟୁଜ): ଏଟିଏମ୍‌ରେ ଟଙ୍କା ନାହିଁ । ଆବଶ୍ୟକ ବେଳେ ଏଠୁ ସେଠିକି ଦୌଡୁଛନ୍ତି ଗ୍ରାହକ। ସବୁଠୁ ବେଶି ହୀନସ୍ତା ହେଉଛନ୍ତି ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ ହିତାଧିକାରୀ। ଭୁବନେଶ୍ୱରରୁ ବାଲେଶ୍ୱର ରାଜ୍ୟର ସବୁ ସ୍ଥାନରେ ଏଭଳି ଅଚଳାବସ୍ଥା। କେବେ ସୁଧୁରିବ ସେ ଉତ୍ତର ମଧ୍ୟ କାହା ପାଖରେ ନାହିଁ । ରାଜ୍ୟର ୧୩୦୦ ଏସବିଆଇ ଏଟିଏମ୍ ଟଙ୍କାଶୂନ୍ୟ ଅବସ୍ଥାରେ ପଡ଼ିଥିବାବେଳେ ଧିରେ ଧିରେ ଏହି ସମସ୍ୟା ଅନ୍ୟ ବ୍ୟାଙ୍କକୁ ମାଡ଼ିଲାଣି। ଦେଶରେ ବି ଏଭଳି ଏଟିଏମ୍ ସଂଖ୍ୟା ୩୮,୦୦୦ରୁ ଅଧିକ। ଗ୍ରାହକ ହୀନସ୍ତା ହେଉଥିବାବେଳେ ଏସବିଆଇ କର୍ତ୍ତୃପକ୍ଷ ଚୁପ୍‌ଚାପ୍ ବସି ଯାଇଛନ୍ତି। କଟକ ସହରର ମଙ୍ଗଳାବାଗ, ରାଣୀହାଟ, ହାଇକୋର୍ଟ ଛକ, ଏସସିବି ମେଡ଼ିକାଲ କ୍ୟାମ୍ପସରେ ଥିବା ଏଟିଏମ୍‌ଗୁଡ଼ିକ ଅଚଳ। ଏଟିଏମ୍ ଚାଲୁନଥିବାରୁ କାଗଜରେ ଦୁଃଖିତ ଲେଖି ବ୍ୟାଙ୍କ କର୍ତ୍ତୃପକ୍ଷ କାମ ସାରି ଦେଇଛନ୍ତି। ସେହିପରି ବାଲେଶ୍ୱର ଓ ବାରିପଦାର ଶତପ୍ରତିଶତ ଏସବିଆଇ ଏଟିଏମ୍ ଟଙ୍କାଶୂନ୍ୟ। ଲୋକେ ଟଙ୍କା ଉଠାଇବାକୁ ଯାଇ ନୋ କ୍ୟାସ୍ ସିଗନାଲ ଦେଖି ବିରକ୍ତ • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେସନର ମହିଳା ଶାଖା 'ଶକ୍ତି ବାହିନୀ'ର ତୃତୀୟ ବାର୍ଷିକ ଉତ୍ସବ ତଥା ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ମହିଳା ସଶକ୍ତିକରଣ ସପ୍ତାହ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରଥମ ଦିବସ ଢେଙ୍କାନାଳ ସହରର ଖମାରସାହିସ୍ଥିତ ଆଶ୍ରମ ବିଦ୍ୟାଳୟ ପରିସରରେ ୧୭୭ ଛାତ୍ରୀ ମାନଙ୍କୁ ଶିଶୁକନ୍ୟା ସୁରକ୍ଷା, ମୂଲ୍ୟବୋଧକ ଶିକ୍ଷା ଓ ଆତ୍ମରକ୍ଷା କୌଶଳ ଉପରେ ସଦସ୍ୟା ମାନଙ୍କ ଦ୍ୱାରା ସଚେତନତା କରାଇବା ସହ ଗୁରୁଦେବଜୀ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଆମେଚର ଟାଇକୋଣ୍ଡୋ ଓ ପେନକାକ ସିଲାଟ ଆସୋସିଏସନର ସମ୍ପାଦକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଆତ୍ମରକ୍ଷା କୌଶଳ ମିଶନ ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଶକ୍ତି ବାହିନୀର ସଦସ୍ୟା ଗାୟତ୍ରୀ ମିଶ୍ର ସ୍ୱାଗତଭାଷଣ ଦେବା ସହ ଏହି ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ଏହି ସପ୍ତାହ ପାଳନରେ ମହିଳା ସୁରକ୍ଷା, ସଶକ୍ତିକରଣ, ବିଭିନ୍ନ ପ୍ରତିଯୋଗିତା ଓ ସଚେତନତା ଶିବିର ମାର୍ଚ୍ଚ ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବ।ଏହାର ଉଦ୍‌ଯାପନୀ ଉତ୍ସବରେ ଉତ୍ସବରେ ଜିଲ୍ଲାର ବିଭିନ୍ନ ଦିଗରେ ସଫଳତା ତଥା ଜିଲ୍ଲା ପାଇଁ ଗୌରବ ଆଣିଥିବା ମହିଳାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏହା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ନାୟକ ଏହି କାର୍ଯ୍ୟକ୍ରମକୁ ଆମ୍ଭ କଲେଜରେ ଆୟୋଜନ କରିଥିବାରୁ ଶକ୍ତି ବାହିନୀ ଅନୁଷ୍ଠାନକୁ ଧନ୍ୟବାଦ ଦେବା ସହ ଆତ୍ମରକ୍ଷା କୌଶଳର ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କୁ ଉତ୍କୃଷ୍ଟ କୌଶଳ ଶିକ୍ଷା ପ୍ରଦାନ କରିଥିବାରୁ କୃତଜ୍ଞତା ଜ୍ଞାପନ କରିବା ସହ ଆତ୍ମରକ୍ଷା କୌଶଳ ଜୀବନରେ ବହୁତ ଜରୁରୀ ବୋଲି ମତ ରଖିଥିଲେ ।

## ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା



ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୭ଦଫା ଦାବୀ ନେଇ ପ୍ରତୀକ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଢେଙ୍କାନାଳ ପ୍ରାକ୍ତନ ସାଂସଦ ମହେଶ ସାହୁ ଯୋଗଦେଇଥିଲେ । ଢେଙ୍କାନାଳର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଚନ୍ଦ୍ରଶେଖର ପୀଠର ରକ୍ଷଣାବେକ୍ଷଣ ହେଉନଥିବା ଦୁଃଖ ଓ ପରିତାପର ବିଷୟ ବୋଲି କହିଥିଲେ । ଏପରିକି କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୭ ମସିହାରେ ଘୋଷିତ ଆକାଂକ୍ଷା ଢେଙ୍କାନାଳ ଜିଲ୍ଲାରେ ମେଡିକାଲ୍ କଲେଜ୍ ନହେବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ସାହୁ ମତବ୍ୟକ୍ତ କରିଥିଲେ । ଢେଙ୍କାନାଳ ଜିଲ୍ଲାରେ କଳକାରଖାନା ଗଢି ଉଠିଥିବାବେଳେ ଜିଲ୍ଲାବାସୀ ବାୟୁ ଓ ଜଳ ପ୍ରଦୂଷଣରେ ଜର୍ଜରିତ ହୋଇପଡୁଛନ୍ତି । ଏହି ଜିଲ୍ଲାରେ କୋଇଲାଭିତ୍ତିକ ତାପଜ ବିଦ୍ୟୁତ ଉତ୍ପାଦନ କଳ କାରଖାନାରୁ ବାହାରୁଥିବା ପାଉଁଶ ପାଇଁ ପାଉଁଶ ପୋଖରୀ ନକରି ପାଉଁଶ ଗୁଡିକ ଖୋଲା ପଡିଆ, ରାସ୍ତା ପାର୍ଶ୍ୱ ଜମିରେ ପକାଇବା ସହିତ କାରଖାନାରୁ ବାହାରୁଥିବା ଧୂଆଁ ଚିମିନିରେ ଲାଗିଥିବା ଜାଲିକୁ ଠିକ ସମୟରେ ପରିବର୍ତନ ନକରିବାରେ ଚିମିନି ବାଟେ ଧୂଆଁ ସହିତ ପାଉଁଶ ବାହାରି ବାୟୁ ମଣ୍ଡଳକୁ ପ୍ରଦ୍ୟୁଷଣ କରୁଛି । ଜିଲ୍ଲା ଦେଇ ପ୍ରବାହିତ ହୋଇଥିବା ବ୍ରାହ୍ମଣୀ ନଦୀରେ ବିଭିନ୍ନ କଳ କାରଖାନାରୁ ନିର୍ଗତ ହେଉଥିବା ରାସାୟନିକ ଦ୍ରବ୍ୟ ଜଳରେ ମିଶି ବ୍ରାହ୍ମଣୀ ନଦୀ ଆଜି ସମ୍ପୂର୍ଣ୍ଣ ଭାବେ ପ୍ରଦ୍ୟୁଷିତ। ଜିଲ୍ଲାରେ ବହୁସଂଖ୍ୟକ ଷ୍ଟୋନ କ୍ରସର ଅଛି ହେଲେ ଆଇନ୍ ଅନୁଯାୟୀ କୌଣସି କ୍ରସରରେ ସ୍ପ୍ରିଙ୍କଲେର (ଜଳ ସିଂଚନ) ବ୍ୟବସ୍ଥା ନଥିବାରୁ କ୍ରସର ଗୁଡିକ ଚାଲୁଥିବା ସମୟରେ ବହୁ ମାତ୍ରାରେ ପାଉଡର ଭଳି ଗୁଣ୍ଡ ବାୟୁମଣ୍ଡଳରେ ମିଶି ପ୍ରଦ୍ୟୁଷଣ କରୁଛି । ସହରରେ ଟ୍ରାଫିକ୍ ସମସ୍ୟା ସହିତ ଟ୍ରାଫିକ୍ ବ୍ୟବସ୍ଥାକୁ ଉନ୍ନତମାନର କରିବା, ଢେଙ୍କାନାଳ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୫୫ର ସମ୍ପ୍ରସାରଣ କାର୍ଯ୍ୟ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ ୨ବର୍ଷରେ ସଂପୂର୍ଣ୍ଣ ହେବାକୁ ଥିବାବେଳେ ୭ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ସରିନପାରିବା, ମହିଷାପାଟ ଓ କଂଟାନଳୀ ଠାରେ ଚାରିଛକ ଯୋଗୁଁ ଦୁର୍ଘଟଣା ବୃଦ୍ଧି ପାଉଥିବା, ଏହି ଦୁର୍ଘଟଣା ପ୍ରବଣ ଛକରେ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଫ୍ଲାଏ ଓଭର କରିବା ପାଇଁ ଉପସ୍ଥିତ ବକ୍ତାମାନେ ଦୃଢ ମତ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷ ଧର୍ମାନନ୍ଦ ପରିଡା, ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ଅଧକ୍ଷ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ଭୁବନ ବ୍ଲକ୍ ଅଧକ୍ଷ ଧର୍ମାନନ୍ଦ ବରାଳ, ପଙ୍କଜ କୁମାର ନାୟକ, ଭରତ କୁମାର ଦାସ, ଦୀପକ ପ୍ରସାଦ ପଟ୍ଟନାୟକ, ବିଶ୍ୱନାଥ ବେହେରା, ସରୋଜ ଶତପଥୀ, ଶ୍ରୀକାନ୍ତ ମହାପାତ୍ର, ଅଖିଳ ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁରେଶ କୁମାର ମିଶ୍ର, ଶରତ ପଟ୍ଟନାୟକ, ପ୍ରତାପ ଦାସ, ଦେବାଶିଷ ମିଶ୍ର, ଅର୍ଜୁନ ସାହୁ, ବିମଳ ଶତପଥୀ, ଶେଖର ସେଠୀ, ଦୁଷ୍ମନ୍ତ ମହାନ୍ତି, ଅଶୋକ ମହାପାତ୍ର, ପିନୁ ଗିରି, ସୁଧାଂଶୁ ଦାସ ପ୍ରମୁଖଙ୍କ ସହିତ ବହୁ ବୁଦ୍ଧିଜୀବି ବ୍ୟକ୍ତି ଉପସ୍ଥିତ ଥିଲେ ।

## ଶିକ୍ଷାବିଭାଗର ଖେଳ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ପାଇଁ କାଳ

### ଆତ୍ମଘୋଷିତ ଅଧକ୍ଷଙ୍କ ଫିଟୁଛି ଗୁମର

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ୍): ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ରାଜନୈତିକ ଖେଳ ଛାତ୍ରଛାତ୍ରୀ ସର୍ବୋପରି କର୍ମଚାରୀଙ୍କ ନିମନ୍ତେ କାଳ ପାଲଟିବାକୁ ଯାଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ପଂଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ। ଏହି ମହାବିଦ୍ୟାଳୟର ଆତ୍ମଘୋଷିତ ଅଧକ୍ଷଙ୍କ ଗୁମର ଦିନକୁ ଦିନ ଫିଟିବାରେ ଲାଗିଛି। ଏହାର ଭିଜିଲାନ୍ସ ତଦନ୍ତ ଦାବି ହୋଇଛି । ଗତ କିଛିଦିନ ହେଲା ନିଶ୍ଚିନ୍ତକୋଇଲିର ସର୍ବପୁରାତନ ପଂଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ ପଦବୀକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଟଣା ଓଟରା ଓ ବିବାଦ ଲାଗିରହିଛି। ଯାହାକୁ ନେଇ ମହାବିଦ୍ୟାଳୟରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପତ୍ର ସଂଖ୍ୟା ୧୧୭୫୬ ମାର୍ଚ୍ଚ ୩ ତାରିଖରେ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପିକା ଡ. ତରୁଲତା ଦେବୀଙ୍କୁ ଆର୍ଥିକ ଦାୟୀତ୍ୱ(ଡିଡିଓ) କ୍ଷମତା ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ମହାବିଦ୍ୟାଳୟ ଇତିହାସ ବିଭାଗର ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପଣ୍ଡା କୌଣସି ସରକାରୀ ଆଦେଶ ନଥିବା ସତ୍ତ୍ୱେ ନିଜକୁ ଆତ୍ମଘୋଷିତ ଅଧକ୍ଷ ବୋଲି ଦାବି କରୁଛନ୍ତି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ପତ୍ର ସଂଖ୍ୟା ୪୪୮୯୦ତା୦୮/୧୧/୨୦୨୪ରିଖ ଅନୁଯାୟୀ ଯେଉଁ ପ୍ରାଧ୍ୟାପକଙ୍କ ବିରୁଦ୍ଧରେ ବିଗତ ୫ବର୍ଷ ମଧ୍ୟରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଥିବ ତାଙ୍କୁ ଅଧକ୍ଷ ଭଳି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇ ପାରିବ ନାହିଁ। ସୂଚନା ଅଧିକାର ଆଇନରୁ ମିଳିଥିବା ତଥ୍ୟ ଅନୁଯାୟୀ ଉପେନ୍ଦ୍ର କୁମାର ପଣ୍ଡା କଟକସ୍ଥିତ ଇମର୍ତି ଦେବୀ ମହାବିଦ୍ୟାଳୟରେ ଇତିହାସ ବିଭାଗର ପ୍ରାଧ୍ୟାପକ ଥିଲେ। ଏହି ସମୟରେ ତାଙ୍କ ବିରୁଦ୍ଧରେ କର୍ତ୍ତବ୍ୟରେ ଚରମ ଅବହେଳା, ଛାତ୍ରୀ ଓ ମହିଳା କର୍ମଚାରୀଙ୍କୁ ଅଶ୍ଳୀଳ ଭାଷା ପ୍ରୟୋଗ ଓ ଅସଦାଚରଣ, ଆର୍ଥିକ ଅନିୟମିତତା , କର୍ମଚାରୀ ମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ଅନୁଷ୍ଠାନର କ୍ଷତି କରିବା, ନିଜ ସେବା ପୁସ୍ତକରେ ପରିଚାଳନା ସମିତିର ସଭାପତିଙ୍କ ଦସ୍ତଖତ ଜାଲିଆତି କରିବା ,ଅଧକ୍ଷଙ୍କ ନିର୍ଦ୍ଦେଶ ଅବମାନନା କରିବା ଆଦି ଅଭିଯୋଗ ସ୍ଥାନୀୟ ଜନସାଧାରଣ ମହାବିଦ୍ୟାଳୟର ଛାତ୍ରୀ, ମହିଳା କର୍ମଚାରୀ ଏପରିକି କଲେଜର ଅଧକ୍ଷ ବିଭିନ୍ନ ସମୟରେ ରାଜ୍ୟର ତତ୍କାଳୀନ ଉଚ୍ଚ ଶିକ୍ଷାମନ୍ତ୍ରୀ, ସଚିବ ଓ ନିର୍ଦ୍ଦେଶକଙ୍କ ପାଖରେ କରିବା ପରେ ଉଚ୍ଚ ଶିକ୍ଷା ବିଭାଗ ପତ୍ର ସଂଖ୍ୟା୪୬୫୮୧ ତା ୨୮/୧୦/୨୦୨୩ରେ ପ୍ରାଧ୍ୟାପକ ଉପେନ୍ଦ୍ର ପଣ୍ଡାଙ୍କ




ବିରୁଦ୍ଧରେ ତଦନ୍ତ କରିବାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ଓ ଉପନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପତ୍ର ସଂଖ୍ୟା ୯୦୭୩ତା ୨୯/୧୧/୨୦୨୩ରିଖରେ ଉଚ୍ଚ ଶିକ୍ଷା ବିଭାଗକୁ ଆଂଚଳିକ ନିର୍ଦ୍ଦେଶକ ତାଙ୍କ ରିପୋର୍ଟରେ ଉପେନ୍ଦ୍ର ପଣ୍ଡାଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗର ତଦନ୍ତ କରି ଉପରୋକ୍ତ ସମସ୍ତ ଅଭିଯୋଗ ସତ୍ୟ ଓ ଶ୍ରୀ ପଣ୍ଡାଙ୍କୁ ତୁରନ୍ତ ବଦଳି କରିବାକୁ ଶିକ୍ଷା ବିଭାଗକୁ ଅନୁମୋଦନ କରିଥିଲେ। ବିଭାଗୀୟ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ରୂପେ ଶ୍ରୀ ପଣ୍ଡାଙ୍କୁ ମାଲକାନାଗିରି ମହାବିଦ୍ୟାଳୟକୁ ବଦଳି କରାଯାଇଥିଲା। କିନ୍ତୁ ଶ୍ରୀ ପଣ୍ଡା ୩-୪ମାସ ଛୁଟିରେ ରହି ପତ୍ର ସଂଖ୍ୟା ୫୨୯୪ ତା ୦୭/୦୨/୨୦୨୪ ରିଖରେ ରହସ୍ୟ ଜନକ ଭାବେ ନିଶ୍ଚିନ୍ତକୋଇଲି ପଂଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟକୁ ବଦଳି ହୋଇ ଆସିଥିଲେ। ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଯୋଗୁ ଅଧକ୍ଷ ପଦ ପାଇଁ ଆଇନତଃ ସେ ଅଯୋଗ୍ୟ ଓ ସରକାରୀ ନିୟମର ପରିପନ୍ଥୀ । ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଏହି ଆତ୍ମଘୋଷିତ ଅଧକ୍ଷଙ୍କୁ ଦାୟିତ୍ୱରୁ ଅପସାରଣ କରାଯାଇ ମହାବିଦ୍ୟାଳୟରେ ଜଣେ ସ୍ଥାୟୀ ଅଧକ୍ଷଙ୍କୁ ନିଯୁକ୍ତି କରାଯିବାକୁ ଛାତ୍ର ସଂସଦର ପ୍ରାକ୍ତନ ସଭାପତି ବଲ୍ଲଭ ଚରଣ ପଲେଇଙ୍କ ସମେତ ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକେ ଦୃଢ ଦାବି କରିଛନ୍ତି । ଅପରପକ୍ଷରେ ଏହି ମହାବିଦ୍ୟାଳୟରେ ଦ୍ୱୈତ ଶାସନ ଚାଲୁଥିବା ଯୋଗୁ ମହାବିଦ୍ୟାଳୟ ପରିଚାଳନାରେ ବିଭ୍ରାଟ ସୃଷ୍ଟି ହେଉଛି । ତେବେ ଗୋଟିଏ ମହାବିଦ୍ୟାଳୟରେ ୨ଜଣ ଭିନ୍ନ ଭିନ୍ନ ଦାୟିତ୍ୱରେ ଥିବା ଯୋଗୁ ମହାବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଦରମା ପାଇବା ଓ ସେମାନଙ୍କର ଇପିଏଫ କଟିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅପରପକ୍ଷରେ ଆର୍ଥିକ ବର୍ଷ ମାର୍ଚ୍ଚ ଶେଷ ହେଉଥିବା କାରଣରୁ ମହାବିଦ୍ୟାଳୟର ସମସ୍ତ ସରକାରୀ କାଗଜପତ୍ର ପ୍ରସ୍ତୁତ କରାଯାଇ ଶିକ୍ଷା ବିଭାଗକୁ ପଠାଯିବା କଥା। କିନ୍ତୁ ବିବାଦ ଲାଗି ରହିଥିବା ଯୋଗୁ ଏହି ସମସ୍ୟା ସମାଧାନ ଦିଗରେ ବାଧା ଉପୁଜୁଥିବାର ଜଣାଯାଇଛି। ଅପରପକ୍ଷରେ ବାଘ ଘରେ ମିରିଗ ନାଟ ଯୋଗୁ ଦ୍ୱୈତ ଶାସନ କାରଣରୁ ମହାବିଦ୍ୟାଳୟରେ କର୍ମଚାରୀମାନଙ୍କ ମଧ୍ୟରେ ସମାନ୍ତରାଳ ଭାବେ ଦୁଇ ଗୋଷ୍ଠୀ ସୃଷ୍ଟି ହୋଇଛି। କର୍ମଚାରୀମାନେ ମହାବିଦ୍ୟାଳୟରେ ଉପସ୍ଥିତ ନରହି ମନଇଚ୍ଛା କାର୍ଯ୍ୟ କରୁଥିବାର ଜଣାଯାଇଛି। ସେହିପରି ଭାବେ ଏହି ମହାବିଦ୍ୟାଳୟର ହିସାବ ରକ୍ଷକ ଅକ୍ଷୟ କୁମାର ରଥ ଦୁଇ ମାସ ତଳେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବା ଯୋଗୁ ସମ୍ପ୍ରତି ହିସାବ ରକ୍ଷକ ପଦବୀ ଖାଲି ପଡିଛି। ମହାବିଦ୍ୟାଳୟର ବରିଷ୍ଠ କିରାଣୀ ଏହି ଦାୟିତ୍ୱ ସାମୟିକ ଭାବେ ତୁଲାଉଛନ୍ତି। ତେବେ ବରିଷ୍ଠ କିରାଣୀ କିପରି ଭାବେ ହିସାବ ରକ୍ଷକ ଦାୟିତ୍ୱ ସୂଚାରୁ ରୂପେ ତୁଲାଇବେ ତାହା ନେଇ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷରେ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ତୁରନ୍ତ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଏହି ମହାବିଦ୍ୟାଳୟରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହେବା ସହ ପରୀକ୍ଷା ପରିଚାଳନାରେ ବିଭ୍ରାଟ ସୃଷ୍ଟି ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଦୟାନଦୀ ସେତୁରେ ନିମ୍ନମାନର ତାଳି ପଡ଼ିବାକୁ ନେଇ ଜନ ଅସନ୍ତୋଷ



କଣାସ (ଭାସ୍କର ନ୍ୟୁଜ୍): କଣାସ ଠାରୁ ଜଙ୍କିଆ ନିକଟରେ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଦୋକନ୍ଦା ନିକଟରେ ଦୟାନଦୀ ଉପରେ ଥିବା ସେତୁ ରୁ ଉପର ଅଂଶରୁ କଂକ୍ରିଟ ଛାଡି ଲୁହା ରଡମାନ ଦେଖାଯାଉଥିବାରୁ ବିଭିନ୍ନ ସମ୍ବାଦ ପତ୍ରରେ ଖବର ପ୍ରକାଶ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ସେତୁ ଉପରେ ତାଳିପକା କାମ ଚାଲିଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । କାର୍ଯ୍ୟ ଚାଲିଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ଅଧିକାରୀ ଉପସ୍ଥିତ ରହୁନଥିବାରୁ ନିମ୍ନମାନର ସିମେଣ୍ଟ ଓ ନିମ୍ନମାନର ବାଲି ବ୍ୟବହାର କରାଯାଇ ଦୁଇ ଇଞ୍ଚର ଉଚ୍ଚାରେ କଂକ୍ରିଟ ଢଳାଇ ପଡୁଥିବାରୁ ତାହା ବେଶି ଦିନ ରହିବ ନାହିଁ ବୋଲି ଅଞ୍ଚଳବାସୀ କହୁଛନ୍ତି । ଏ ସଂପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ପାଢୀଙ୍କୁ ପଚାରିବାରୁ ସେ କୁହନ୍ତି ଆମର କାମ ଦେଖିବା ପାଇଁ କୌଣସି ଷ୍ଟାଫ ନାହାଁନ୍ତି । ସୂଚନା ଥାଉକି ବିଭାଗର କର୍ମଚାରୀ ନଥିବାରୁ ଠିକାଦରଙ୍କ ମନମାନୀରେ ଚାଲିଛି କାମ ।

### ବାବୁଙ୍କ ମାର୍ଚ୍ଚ କ୍ଲୋଜିଂ ଘଟଣା

## ତରବରିଆ ହୋଇ ମାସ ସରିବା ପୂର୍ବରୁ ଫାଇଲ୍ ପାସ୍ କାମରେ ବ୍ୟସ୍ତ ଯନ୍ତ୍ରୀ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଏପ୍ରିଲରେ ବାବୁଙ୍କ ବଦଳି ହେବ କହି କହି ଉପର ଫାଇଲ୍ ତଳ ଏବଂ ତଳ ଫାଇଲି ଉପର କରାଯାଉଛି। ମାର୍ଚ୍ଚ ମାସ ଥିବାରୁ ସଭିଏଁ କେମିତି ଦି 'ପଇସା ପାଇବେ ସେଥିପାଇଁ ସଭିଏଁ ଧାଉଁଛନ୍ତି। ହେଲେ କଣ ମାନୁଛନ୍ତି। ତାଙ୍କ କଥା ନ ଛିଣ୍ଡିଲେ, କାହା ବିଲ୍ ଆଗ ପାସହେବ, କାହାର ଫାଇଲ ପଡ଼ିରହିବ ସେ ମୁହେଁ ମୁହେଁ କହିଦେଉଛନ୍ତି। ମନ ମିଶିଲା ବାଲାଙ୍କ ଫାଇଲ୍ ପାସ କରାଇବା ପରେ ବାକି ଅଫିସଟା ସାରା କୁଆଡେ ଖାଲି ବାଉଁଶବନ୍ଧା, ଟେଣ୍ଟଭିଡା ଆଦି କାମର ଫାଇଲ୍ ଖୋଜୁଛନ୍ତି। ଆଉ ଧାଇଁ ଦୌଡ଼ି ସେହି ଫାଇଲ୍ ଗୁଡିକର ଆଗ ପାସ କରାଉଥିବା କେତେକ ଅଭିଯୋଗ କରୁଛନ୍ତି। ତେଣୁ ଏବେ କେତେଜଣ ଏ ସମ୍ପର୍କରେ ଅସନ୍ତୁଷ୍ଟ ହୋଇ ଏଠିସେଠି ରୋଷ ଦେଖେଇଲେଣି। ଅସ୍ତରଙ୍ଗ ଅଞ୍ଚଳରେ ବିଭିନ୍ନ ବିଭାଗ ଯନ୍ତ୍ରୀ ମାନେ କିପରି କାମର '୦ ହୋଇ ଶେଷ ହେବ ସେନେଇ ଲାଗିପଡିଛନ୍ତି।ସେ ସତରେ ବଦଳିରେ ଯାଉଛନ୍ତି କି ମିଛରେ ଯାଉଛନ୍ତି, ତାହା ଜଣାପଡିନି। କିନ୍ତୁ କେତେକ ଯନ୍ତ୍ରୀ ମାନେ ତରବରିଆ ହୋଇ କାମ ସାରିବାରେ ବ୍ୟସ୍ତ ଅଛନ୍ତି। କାରଣ ଜଲ୍‌ଦି ସାରିଲେ ମାର୍ଚ୍ଚ ମାସ ଫାଇଲି କ୍ଲୋଜ ହେବ। ପରେ ଆଉ କିଛି କହିବେ ନାହିଁ ବୋଲି କହୁଥିବା ଅଭିଯୋଗ ହେଉଛି।

## ଦୋଳ ମେଳଣ ପ୍ରସ୍ତୁତି ବୈଠକ

ଫୁଲନଖରା(ଭାସ୍କର ନ୍ୟୁଜ୍): ପ୍ରତାପନଗରୀସ୍ଥିତ ମା ଧାକୁଲେଇଙ୍କ ପୀଠରେ ସଦର ଥାନା ପକ୍ଷରୁ ଅରିଲୋ ଦୋଳ ମେଳଣର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସଦର ଜୋନ ୪ ଏସିପି ଅମିତାଭ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ମେଳଣକୁ ଶାନ୍ତିଶୃଙ୍ଖଳା ସହ ସଂପନ୍ନ କରିବା ପାଇଁ ଆଲୋଚନା ହୋଇଥିଲା । ଡ଼ିଜେ , ବାଜାକୁ ସଂପୂର୍ଣ୍ଣ ଭାବରେ ନିଷେଧ କରାଯାଇଛି । କେବଳ ପାରମ୍ପରିକ ବାଦ୍ୟରେ ମେଳଣ କରିବା ପାଇଁ ସ୍ଥିତ କରାଯାଇଛି । ବାଜା ବାଣ ଓ ବିଭିନ୍ନ ପ୍ରକାର ପାରମ୍ପରିକ ନୃତ୍ୟ କରି ମେଳଣରେ ରୋଷଣୀ କରୁଥିବା ଦୋଳ ବିମାନଗୁଡ଼ିକ ଥାନାରୁ ଅନୁମତି ଆଣିବେ ଏବଂ ପ୍ରତ୍ୟେକ ଦୋଳରେ ୫ ଜଣରୁ ୧୦




ଜଣ ପର୍ଯ୍ୟନ୍ତ ଭଲ୍ୟୁଣ୍ଟର ରହିବେ । ସେମାନେ ପୋଲିସ ପ୍ରଶାସନ ସାଙ୍ଗରେ ଯୋଗାଯୋଗରେ ରହିବେ । ଏହି ବୈଠକରେ ସଦର ଆଇଆଇସି ଓମପ୍ରକାଶ ମହାନ୍ତି , ମେଳଣ ପରିଚାଳନା କମିଟି ସଭାପତି ସୁନ୍ଦର ପବିତ୍ର ଦାସ , କାର୍ଯ୍ୟକାରୀ ସଭାପତି ପର୍ଶୁରାମ ସେନାପତି , ଗୋପାଳ ମିଶ୍ର , ପ୍ରବୀର ମହାନ୍ତି , ସାମ୍ବାଦିକ ଲଳିତ କୁମାର ଦାଶ , ଅଶୋକ ରଥ , ରାଜକିଶୋର ପଟ୍ଟନାୟକ , ବିପ୍ରଚରଣ ଭୋଳ, କାହ୍ନୁ ପାତ୍ର , ପ୍ରଣବ ପଟ୍ଟନାୟକ , ପ୍ରଶାନ୍ତ ନାୟକ , ବଂଶୀଧର ଭୋଳ , ଲିଙ୍ଗରାଜ ମହାନ୍ତି , ଦେବରଂଜନ ବୈଠାଳୁ , ଅକ୍ଷୟ ମୁଳିଆ, ଯଜ୍ଞେଶ୍ୱର ଶତପଥି , ଗଜି ରଥ , ଅଜୟ ବେଉରା ଙ୍କ ସମେତ ମହିଧରପଡ଼ା , ଦଳବାଡ଼ , ଆମଣ , ଶାସୋଳ , ନଗରୀ , ଅରଡ଼ିଆପଦା , ନାଗବାଲି , ଖଣ୍ଡେଏତା, ଧାନଘରପଡ଼ା , ଜଗନ୍ନାଥପୁର , ଖଲର୍ଦ୍ଦା , ଗୋହଳ, ଭୀମପୁର , ଯୋହଳ ଦୋଳ ଠାକୁରଙ୍କ ମାର୍ଫତଦାର ଓ ଗ୍ରାମାବାସୀ ଉପସ୍ଥିତ ଥିଲେ । ସଦର ଥାନା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମହିମାଗାଦି ବ୍ଲକ ଗଠନ ପାଇଁ ସମନ୍ୱୟ ବୈଠକ

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମାଗାଦି ଠାରେ ପ୍ରସ୍ତାବିତ ମହିମାଗାଦି ବ୍ଲକ ଗଠନ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ୧୫ ଟି ପଂଚାୟତର ଜନପ୍ରତିନିଧି, ଆଂଚଳିକ ବୁଦ୍ଧିଜୀବୀ ମାନଙ୍କର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବଣସିଂହ ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ଜୟନ୍ତ ହୋତା ବୈଠକରେ ସଭାପତିତ୍ୱରେ କରିଥିଲେ। ସଭା ଆରମ୍ଭରେ ବରିଷ୍ଠ ବଲ୍କଲଧାରୀ ସନ୍ୟାସୀ ପ୍ରଫୁଲ୍ଲ ବାବା ଓ ବନମାଳୀ ବାବା ଅଖଣ୍ଡ ଦୀପ ଲଗାଇ ମହିମା ଅଲେଖ ଡାକ ଦେବା ସହିତ ଆଶୀର୍ବଚନ ପ୍ରଦାନ କରିଥିଲେ। କବି ନୀରୋଦ କୁମାର ସାମଲ ମହିମା ଭଜନ ଗାନ କରିଥିଲେ। କ୍ରିୟାନୁଷ୍ଠାନ କମିଟି ଆବାହକ ଆନନ୍ଦ ଚନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ମହିମାଗାଦି ବ୍ଲକ ଗଠନ ପାଇଁ ସାଂଗଠନିକ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କ୍ରିୟାନୁଷ୍ଠାନ କମିଟି ସଭାପତି ଚିତରନ ମହାନ୍ତି ବ୍ଲକ ଗଠନ ପାଇଁ ସମସ୍ତ ନିର୍ବାଚିତ ପ୍ରତିନିଧି ଓ ଆଂଚଳିକ ବୁଦ୍ଧିଜୀବି ମାନଙ୍କର ସହମତି କାମନା କରିଥିଲେ। ସୁଧାଂଶୁ ଶେଖର ରାଉତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱନାଥ ଚିନ୍ନରା, ଚାଉଳିଆ ସରପଂଚ ବାବୁଲି ରାଉତ, ତରଭା ସରପଂଚ ବିରଂଚି ବେହେରା, କ୍ରିୟାନୁଷ୍ଠାନ କମିଟି ବଣସିଂହ ପଂଚାୟତ ସଭ୍ୟ ଜଳଧର ବେହେରା, ରାଧାଦେଇପୁର ପଂଚାୟତ ସଭ୍ୟ ଧ୍ରୁବ ଚରଣ ବାରିକ, ଲୋକନାଥ ଷଡ଼ଙ୍ଗୀ, ସୋଗରପଶି ପଂଚାୟତ ସଭ୍ୟ ସୁରେଶ ଜେନା,ଯୋରନ୍ଦା ପଂଚାୟତ ସଭ୍ୟ ପ୍ରକାଶ କୁମାର ନାୟକ, ଅଦ୍ୱୈତ ଚନ୍ଦ୍ର ରାଉତ, ଦୁର୍ଯୋଧନ ପ୍ରଧାନ, ସର୍ବେଶ୍ୱର ନାୟକ, ପ୍ରଦୀପ କୁମାର ସାହୁ,ଶରତ କୁମାର ପ୍ରଧାନ, ନେଉଳ ପୋଇ ପଂଚାୟତ ସଭ୍ୟ କାଶିନାଥ ସାମଲ,କାଲୁରିଆ ପଂଚାୟତ ସଭ୍ୟ ସୁଧାକର ସାହୁ, ପ୍ରଶାନ୍ତ ବେହେରା , କାବରା ପଂଚାୟତ ସଭ୍ୟ ଅମରେନ୍ଦ୍ର ମଲ୍ଲ, ମଙ୍ଗୁଳି ଚରଣ ବିଶ୍ୱାଳ, ଯୁଧିଷ୍ଠିର ମହାନ୍ତି, ରବିନାରାୟଣ ରାଉଳ, ଲମ୍ବୋଦର ପରିଡ଼ା,ସନ୍ତୁପୁର ପଂଚାୟତ ସଭ୍ୟ



ଶରତ କୁମାର ରାଉତ, ଶ୍ୟାମ ସୁନ୍ଦର ସ୍ୱାଇଁ ରାଇତଳା ଗ୍ରାମ ପଂଚାୟତ ସଭ୍ୟ ଯଦୁନନ୍ଦନ ଦାସ, କରମୂଳ ଗ୍ରାମ ପଂଚାୟତ ସଭ୍ୟ ସୁଧାକର ବେହେରା, ବେଣୁଧର ପାତ୍ର, ଅଶୋକ ପାତ୍ର, ବିଚିତ୍ରାନନ୍ଦ ସାମଲ, ପ୍ରଦ୍ୟୁମ୍ନ ପଣ୍ଡା, ବାଇଁଶିଆ ଗ୍ରାମ ପଂଚାୟତ ସଭ୍ୟ ନୀରନ ପତି, ପ୍ରେମାନନ୍ଦ ସାମଲ, ରାଜେନ୍ଦ୍ର ମୋହନ ପତି ପ୍ରମୁଖ ମହିମାଗାଦି ବ୍ଲକ ଗଠନ ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇଦେବା ପାଇଁ ସହମତି ପ୍ରକାଶ କରିଥିଲେ। ସମସ୍ତ ସଭ୍ୟ ଏକ ସ୍ୱରରେ ବିଶ୍ୱପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନ ସ୍ଥଳୀ ମହିମାଗାଦି ବ୍ଲକ ଗଠନ ସପକ୍ଷରେ ନିଜର ମତପୋଷଣ କରିଥିଲେ। କାର୍ଯ୍ୟକାରୀ କମିଟି ସମ୍ପାଦକ ଅମ୍ବିକା ପ୍ରସାଦ ମିଶ୍ର, ବରିଷ୍ଠ ସଭ୍ୟ ପୀତବାସ ରାଉତ, ପ୍ରକାଶ କୁମାର ରାଉତ, ଗୋକୁଳ ଚନ୍ଦ୍ର ସାହୁ, ଅଜୟ ମହାନ୍ତି, ପ୍ରହଲ୍ଲାଦ ସାହୁ, ନେତ୍ରାନନ୍ଦ ରାଉତ, ଧର୍ମାନନ୍ଦ ରାଉତ, ହେମନ୍ତ ରାଉଳ, ପବିତ୍ର ମୋହନ ବାରିକ ପ୍ରମୁଖ କାର୍ଯ୍ୟ କ୍ରମ ପରିଚାଳନାରେ ସହାୟତା କରିଥିଲେ। ବରିଷ୍ଠ ସଭ୍ୟ ପଂଚାନନ ସ୍ୱାଇଁ ଧନ୍ୟବାଦ୍ ଦେଇଥିଲେ। ଏହି ବୈଠକରେ ୧୫ଟି ପଂଚାୟତର ଶତାଧିକ ବୁଦ୍ଧିଜୀବି ଯୋଗଦେଇ ମତାମତ ରଖିଥିଲେ।

## ମହିଳାଙ୍କୁ ସମ୍ମାନ ଓ ସୁରକ୍ଷା ପାଇଁ କଂଗ୍ରେସର ରଣହୁଙ୍କାର

ଯାଜପୁର(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ବିଜେପି ସରକାରର ୮ ମାସ ଶାସନରେ ନାରୀ ନିର୍ଯାତନା ବୃଦ୍ଧି ବିରୁଦ୍ଧରେ ଜିଲ୍ଲାପାଳଙ୍କ ଅଫିସ ଘେରାଓ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ଆବାହକତ୍ୱରେ ଜିଲ୍ଲାର ଶହଶହ ସଂଖ୍ୟାରେ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ସ୍ଥାନୀୟ କିଆନାଳୀ ଛକ ଠାରୁ ଏକ ବିଶାଳ ରାଲିରେ ବାହାରି ସହର ପରିକ୍ରମା କରି ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା।



ଏହି ପ୍ରତିବାଦ ସଭାରେ ଅଜୟ ସାମଲ, କିଷାନ ପଣ୍ଡା, ବିଭୁ ଭୂଷଣ ରାଉତ, କନକଲତା ମଲ୍ଲିକ, ସୁଦୀପ କୁମାର କର, ଶ୍ରୀନାଥ ମିଶ୍ର, ସନ୍ତୋଷ ନନ୍ଦ, ବିଷ୍ଣୁ ରାଉତ, ବିଜୟ ଦ୍ୱିବେଦୀ, ବିଦ୍ୟାଧର ମହନ୍ତି, ଦିଗମ୍ବର କର, ଅଂଚଳ ଦାସ, ଆରତୀ ଦେଓ, ପଦ୍ମାକର ଗୁରୁ, ବନଲତା ଦାସ, , ଉମାକାନ୍ତ ଜେନାମଣି, ଅକ୍ଷୟ ଶତପଥୀ, ଅପୂର୍ବ ସାମଲ, ଅମ୍ବିକା ରାଉତ, ଶିଶିର ନାୟକ, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ନାରାୟଣ ସାମନ୍ତ,ମିହିର ମିଶ୍ର,ମନୋରଂଜନ ଦାସ, ସୁରେଶ ସାହାଣୀ,ରଣଜୀତ ରାଜ, ମନୋଜ ଦାଶ, ଶ୍ୟାମସୁନ୍ଦର କର, କନକ ରାଉତ, ଦେବେନ୍ଦ୍ର ପଣ୍ଡା, ସଂଗ୍ରାମ ଜେନା, ହରିହର ସାହୁ, ଦେବେନ୍ଦ୍ର ପଣ୍ଡା,ଦିଲିପ ଦାଶ, ଭାସ୍କର ମହାନ୍ତି, ପ୍ରତିମା କର,ବିଳାସ ରାଉତରାୟ, ନରେଶ ମହାନ୍ତି,ଆଲୋକ ବେହେରା, ସଂଗ୍ରାମ ସାହାଣୀ, ନରେଶ ମହାନ୍ତି, କୁମାର ଆଶୁତୋଷ, ବିଭୂତି ମହାପାତ୍ର, ସଂଗ୍ରାମ ଜେନା,ମାଗୁଣୀ ଜେନା,ରବି ଜେନା, ଚନ୍ଦ୍ର ଶେଖର ସାହୁ,ଅଜୟ ଶତପଥୀ, ଅନିଲ ମହାନ୍ତି,ହୃଷିକେଶ ପତି,ମାନସ ରଂଜନ କର, ମିହିର ମିଶ୍ର, ମିହିର ଖୁଂଟିଆ,ବସନ୍ତ ପରିଡା, ସଂଜୟ ରାଉତ, କନକଲତା ମଲିକ, ବିଭୁ ରାଉତ, ଦୟାନିଧି ପଲେଇ, ରଣଜିତ ରାଜ, ମହେନ୍ଦ୍ର ଦାଶ,ଶୁକୁମାର ଦେଓ, ଗୁଣମଣି ସ, ସ୍ୱପ୍ନା ବେହେରା,ପ୍ରଭାତୀ ବଳ, ଜନେନ୍ଦ୍ର ଜୟ ବଳସାମନ୍ତ, ହରେକୃଷ୍ଣ ସାହୁ, ରିତାଶ୍ରୀ ମହାନ୍ତି, ମଧୁସୁଦନ ସାହୁ, ସୁଧାନିଧି ମହାପାତ୍ର, ଅକ୍ଷୟ ଜେନା, ଅପୂର୍ବ ସାମଲ, ପ୍ରମୁଖ ହଜାର ହଜାର ନେତୃବୃନ୍ଦ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତଙ୍କୁ କଳ୍ପନା ପଣ୍ଡା ଧନ୍ୟବାଦ ଜଣାଇଛନ୍ତି।

## ଚୋରା ବାଲି ଗାଡି ଜବତ, ଚାଳକ ଫେରାର

ଗୋପ (ଭାସ୍କର ନ୍ୟୁଜ୍): ରବିବାର ବିଳମ୍ବିତ ରାତ୍ରିରେ ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରୁ ଏକ ଚୋରା ବାଲି ବୋଝେଇ ହାଇୱା କୁ ଗୋପ ପୋଲିସ ଜବତ କରି ଥାନାକୁ ଆଣିଥିବା ବେଳେ ପୋଲିସକୁ ଚକମା ଦେଖାଇ ଚାଳକ ଫେରାର ହୋଇଯାଇଛି । ସୂଚନାମୁତାବକ ଗୋପ ମୁଖ୍ୟ ବଜାର ଦେଇ ପ୍ରତ୍ୟହ ଦିନ ରାତ୍ରି ଶହ ଶହ ହାଇୱା ଏବଂ ଟ୍ରାକ୍ଟରରେ ବେଆଇନ୍ ଭାବେ ବାଲି ଚୋରା ଚାଲାଣ ହେଉଛି । ଏନେଇ ଗୋପ ତହସିଲଦାରଙ୍କ ସମେତ ଖଣି ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ବାଲି ମାଫିଆଙ୍କ ଠାରୁ ମୋଟା ଅଙ୍କର ଅର୍ଥ ପକାଇ ବିଭାଗୀୟ ଅଧିକାରୀମାନେ ସେମାନଙ୍କୁ ପରୋକ୍ଷରେ ସାହାଯ୍ୟ କରୁଥିବା ଅଭିଯୋଗ ହେଉଛି । ଫଳରେ ପ୍ରତିଦିନ ବାଲି ବୋଝେଇ ଗାଡିର କାଗଜ ପତ୍ର ନଥିବା, ଗୋଟିଏ ତାରିଖରେ ବାଲି ନେବା ପାଇଁ ଅନୁମତି ଥିବା ବେଳେ ସେହି ରସିଦ୍ କୁ ଦେଖାଇ ଦିନଦିନ ଧରି ବାଲି ଚୋରା ଚାଲାଣ ହେଉଥିବା ଜଣାପଡିଛି। ଏନେଇ ଗୋପ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରାଚାଲାଣ ହେଉଥିବା ବାଲି ଗାଡିକୁ ଜବତ କରୁଥିବା ବେଳେ ରାଜସ୍ୱ ବିଭାଗ ଓ ଖଣି ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡୁଛନ୍ତି । ଏପରିକି କୁଶଭଦ୍ରା ନଦୀ ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି । ଗତକାଲି ବିଳମ୍ବିତ ରାତ୍ରିରେ ଗୋପ ଥାନା ଅଧିକାରୀ ପାଟ୍ରୋଲିଂରେ




ଯାଉଥିବା ସମୟରେ ଚୋରା ବାଲି ନେଇ କୋଣାର୍କ ଅଭିମୁଖେ ଯାଉଥିବା ଏକ ହାଇୱା ନଂ ଓଡି ୦୨ ସିଏଫ୍ ୬୪୬୧ କୁ ବେଗୁନିଆ ନିକଟରେ ଅଟକାଇ ଥିଲେ । ମାତ୍ର ପୋଲିସକୁ ଚକମା ଦେଇ ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିବା ବେଳେ ପୋଲିସ ଗାଡିଟିକୁ ଥାନାକୁ ଆଣିଥିବା ଜଣାପଡିଛି ।

## ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବୋଲଗଡ (ଭାସ୍କର ନ୍ୟୁଜ୍): ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଜିପୁରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅଧିକାର କଲେଜ ଗଣିଆ ପ୍ରିନସିପାଲ ଶିକ୍ଷାବିତ ଇଂ. କର୍ପୁର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠିତ ସଭା କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ଶରଣକୁଳ(ଜହ୍ନିପଦା)ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରତିନିଧି ଅରୁଣ କୁମାର ରାଉତରାୟ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ ଯେ ବୌଦ୍ଧିକ ବିକାଶ ଓ ଚରିତ୍ର ଗଠନ ଦ୍ୱାରା ଛାତ୍ରଛାତ୍ରୀ ମାନେ ସୁନାଗରିକ ହୋଇପାରିବେ । ମୁଖ୍ୟବକ୍ତା ରୂପେ ବିରୁଡ଼ା ଆଞ୍ଚଳିକ କ୍ଲଷ୍ଟର ସଂଯୋଜକ ପ୍ରଫୁଲ୍ଲ କୁମାର ନାୟକ ଅଭିଭାଷଣ ରେ କହିଥିଲେ ଶିକ୍ଷା ହିଁ ସମାଜ ବିକାଶର ମୂଳମନ୍ତ୍ର । ସମ୍ମାନିତ ଅତିଥିଭାବେ ଶରଣକୂଳ (ଜହ୍ନିପଦା ) ସମିତିସଭ୍ୟ ସୁରଥ କୁମାର ସ୍ୱାଇଁ, ଅଭିଭାଷଣରେ କହିଥିଲେ ଗୁରୁ ହିଁ ସମାଜର ମାର୍ଗଦର୍ଶକ। ବିଜିପୁର ସ୍କୁଲ ପରିଚାଳନା କମିଟି ସଭାପତି ସୁଦର୍ଶନ ସ୍ୱାଇଁ, ମୋ ସ୍କୁଲ ସଭାପତି ବୁଲୁ ପ୍ରଧାନ, ୱାର୍ଡ ସଭ୍ୟ ଯଦୁମଣି ପ୍ରଧାନ ଯୋଗଦେଇ ନିଜ ନିଜର ଓଜସ୍ୱିନୀ ଅଭିଭାଷଣ ରଖିଥିଲେ। ବରେଣ୍ୟ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଚରିତ୍ର ଗଠନ ଦ୍ୱାରା ଭଲ ଛାତ୍ର ଛାତ୍ରୀ ତିଆରି ହୋଇପାରିବେ। ବିଜିପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସାହୁ ଅଭିଭାଷଣରେ ଶୃଙ୍ଖଳିତ ଛାତ୍ର



ଜୀବନ ହିଁ ସମାଜ ବିକାଶର ମାନଦଣ୍ଡ ବୋଲି କହିଥିଲେ । ପାଟଚଣ୍ଡୀପ୍ରସାଦ ସହକାରୀ ଛାତ୍ର ବତ୍ସଳ ଶିକ୍ଷକ କୁବେର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲିଲିଆ ସାହୁ, ସୁରେଶ ପଲେଇ, ଉର୍ମିଳା ସ୍ୱାଇଁ, ସବିତା ନାୟକ ପ୍ରମୁଖ ସହଯୋଗ କରିଥିଲେ । ନୃତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଶତାଧିକ ଗ୍ରାମବାସୀ ଉପଭୋଗ କରିଥିଲେ । ମଞ୍ଚାସୀନ ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଉ ଦିନ କେଇଟା ପରେ ରଙ୍ଗର ପର୍ବ ହୋଲି । ରଙ୍ଗର ପର୍ବ ହୋଲିରେ ଅଧିକାଂଶ ସମୟରେ ଦେଖିବାକୁ ମିଳେ ବୁଲା ଗୋରୁଗାଈ, ଷଣ୍ଢ, ବିରାଡ଼ି, କୁକୁର ଆଦି ଜୀବମାନଙ୍କ ଶରୀର ରାସାୟନିକଯୁକ୍ତ ରଙ୍ଗରେ ରଙ୍ଗୀନ ହୋଇଯାଇଥାଏ । ଏହି ରଙ୍ଗ ଯଦି କୌଣସି ଜୀବଜନ୍ତୁଙ୍କର ଆଖି ସଂସ୍ପର୍ଶରେ ଆସିଯାଏ ତେବେ ସେମାନଙ୍କ ଦୃଷ୍ଟିଶକ୍ତି ଚାଲିଯାଇଥାଏ । ଯଦି ସେମାନଙ୍କ ଦେହରେ ଏହି ରଙ୍ଗ ପଡ଼େ ସେମାନେ ଚାଟିଚୁଟି ସଫା କଲାବେଳେ ତାହା ସିଧା ପେଟକୁ ଚାଲିଯାଏ । ପରବର୍ତ୍ତୀ ସମୟରେ ଅନେକ ନିରୀହ ଜୀବ ମୃତ୍ୟୁମୁଖରେ ପଡ଼ିଥାନ୍ତି, ଯାହା ଦେଖିବାକୁ ମିଳିଥାଏ । ଏକଥାକୁ ହୃଦୟଙ୍ଗମ କରି ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ ତୂଳୀରେ ଦେଇଛନ୍ତି କ୍ରୁରତା ଶୂନ୍ୟ ହୋଲି ପାଳନର ବଳିଷ୍ଠ ସନ୍ଦେଶ । କୌଣସି ଜୀବଜନ୍ତୁ ସେ ପୋଷା ହୁଅନ୍ତୁ ବା ବୁଲା ହୁଅନ୍ତୁ, କାହାରି ଉପରକୁ ରଙ୍ଗ ନମାରିବା ପାଇଁ ଏହି ପରିପ୍ରେକ୍ଷୀରେ ଶାନ୍ତନୁ ନିବେଦନ କରିଛନ୍ତି ।

‘ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ’ ପାଳିତ

# ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ସମୃଦ୍ଧ ସାରସ୍ୱତ ସମ୍ଭାର ପ୍ରତି ଉପଯୁକ୍ତ ସମ୍ମାନ: ରାଜ୍ୟପାଳ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାତୀୟ ପରିଚୟ ପ୍ରତିଷ୍ଠାରେ ଶାସ୍ତ୍ରୀୟ ଭାଷାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗୌରବମୟ ସାହିତ୍ୟ ପରଂପରାର ସ୍ୱାକ୍ଷର ବହନ କରୁଥିବା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ଏହାର ସମୃଦ୍ଧ ସାରସ୍ୱତ ସମ୍ଭାର ପ୍ରତି ଉପଯୁକ୍ତ ସମ୍ମାନ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ମଙ୍ଗଳବାର ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଆନୁକୂଲ୍ୟରେ ଏବଂ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଅର୍ନ୍ତଗତ ଭାରତୀୟ ଭାଷା ସଂସ୍ଥାନ ସହଯୋଗରେ ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ଆୟୋଜିତ ‘ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ’ ପାଳନ ଅବସରରେ ‘ଭାରତର ଶାସ୍ତ୍ରୀୟ ଭାଷା-ଏକ ନୂତନ ଦୃଷ୍ଟି କୋଣ’ ଶୀର୍ଷକ ସେମିନାରକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ରାଜ୍ୟପାଳ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଏହି ଅବସରରେ ଜାତୀୟ ସେମିନାର ଆୟୋଜନ ଗୌରବର କଥା ବୋଲି କହିଥିଲେ। ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଓଡ଼ିଆ ଭାଷାର ଗୌରବମୟ ପରମ୍ପରା ଭାରତର ସାହିତ୍ୟ ଓ ଦର୍ଶନକୁ ସମୃଦ୍ଧ କରିଛି। ଓଡ଼ିଶା ଦୀର୍ଘ କାଳ ଧରି ସାହିତ୍ୟ, ସଂସ୍କୃତି ଏବଂ ଜ୍ଞାନର କେନ୍ଦ୍ର ଭାବେ ପରିଚିତ ହୋଇଆସିଛି। ପୁଣି ରାଜ୍ୟପାଳ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱରେ ଭାରତୀୟ ଭାଷାଗୁଡ଼ିକୁ ପ୍ରୋତ୍ସାହନ ଯୋଗାଇବା ପାଇଁ ଜାତୀୟ ଶିକ୍ଷାନୀତି – ୨୦୨୦ ଜରିଆରେ ପଦକ୍ଷେପ ନିଆଯାଇଛି । ଏହି ନୂତନ ଶିକ୍ଷାନୀତିରେ ପ୍ରାଥମିକ ପର୍ଯ୍ୟାୟରେ ମାତୃଭାଷା କିମ୍ବା ସ୍ଥାନୀୟ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥା ସାଂସ୍କୃତିକ ପରିଚୟକୁ ସୁଦୃଢ଼ କରିବା ସହିତ ନିଜ ଐତିହ୍ୟ ସହ ସଂଯୋଗ ହେବାକୁ ପ୍ରୋତ୍ସାହିତ କରିବ। ଏହି ସମାରୋହରେ ସମ୍ମାନନୀୟ ଅତିଥି ଭାବେ ଓଡ଼ିଶାର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସୁନାମଧନ୍ୟା ଲେଖିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ ଏବଂ ଭାରତୀୟ ଭାଷା ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ଶୈଳେନ୍ଦ୍ର ମୋହନ ଓଡ଼ିଆ ଶାସ୍ତ୍ରୀୟ ଭାଷାର ଗରିମା, ଶାସ୍ତ୍ରୀୟ ଭାଷାର ସଂରକ୍ଷଣ ଏବଂ ଜାତୀୟ ସେମିନାର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।



ସୀମା ନିର୍ଦ୍ଧାରଣକୁ ନେଇ ଆସନ୍ତା ୨୨ରେ ତାମିଲନାଡୁରେ ହେବାକୁ ଥିବା ବୈଠକରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କୁ ଯୋଗଦେବାକୁ କଂଗ୍ରେସ ଭବନରେ ନିମନ୍ତ୍ରଣ କରୁଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଡିଏମ୍‌କେ ନେତା ଦୟାନିଧି ମାରାନ୍ ଓ ତାମିଲନାଡୁ ମନ୍ତ୍ରୀ ଟି.ଆର.ବି.ରାଜା

## ଏପ୍ରିଲ ୧ରୁ ୧୪ ଯାଏଁ ପାଳନ ହେବ ଓଡ଼ିଆ ପକ୍ଷ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏପ୍ରିଲ ୧ରୁ ଏପ୍ରିଲ ୧୪ ପର୍ଯ୍ୟନ୍ତ ଏଥର ପାଳନ ହେବ ଓଡ଼ିଆ ପକ୍ଷ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଏହି ସୂଚନା ଦେଇଛନ୍ତି। ଓଡ଼ିଆ ଭାଷାକୁ ଆଗକୁ ନେବା ପାଇଁ ବିଭାଗ ପକ୍ଷରୁ ବଡ଼ ପ୍ରୟାସ। ଏଥର ବଡ଼ ଧୁମଧାମରେ ପାଳନ ହେବ ଓଡ଼ିଆ ପକ୍ଷ। ଇଂରାଜୀ ନବ ବର୍ଷରେ ଯେଭଳି ଆମେ ପ୍ରିୟଜନଙ୍କୁ ଭେଟୁଛେ ଶୁଭେଚ୍ଛା ଜଣାଉଛେ ଭଲ ଭାବେ ପାଳନ କରୁଛେ । ସେହିଭଳି ଏହି ଥରରୁ ନୂଆ ଭାବେ ଆରମ୍ଭ ହେବ ଓଡ଼ିଆ ପକ୍ଷ ବୋଲି ମନ୍ତ୍ରୀ କହିଛନ୍ତି।

## ଚାଷ ଓ ଚାଷୀଙ୍କ ବାସ୍ତବ ସ୍ଥିତି ଅନୁଧ୍ୟାନ ପାଇଁ ଗଠନ ହେବ ଟାସ୍କଫୋର୍ସ କମିଟି: ଭକ୍ତଚରଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପିସିସି କିଷାନ କଂଗ୍ରେସ ପକ୍ଷରୁ ଆୟୋଜିତ କିଷାନ ଚିନ୍ତନ ବୈଠକରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଛନ୍ତି ଚାଷୀମାନଙ୍କ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ଯେଉଁଭଳି ଭାବରେ ବୈମାତୃକ ମନୋଭାବ ଏବଂ ଅଣଦେଖା କରିଚାଲିଛନ୍ତି ଏହା ଆମ ରାଜ୍ୟର ପ୍ରଗତୀ ପଥରେ ଶୁଭଙ୍କର ନୁହେଁ । ରାଜ୍ୟର ପ୍ରତି ବ୍ଲକ ଓ ଜିଲ୍ଲାସ୍ତରକୁ ଯାଇ ଚାଷ ଓ ଚାଷୀଙ୍କ ବାସ୍ତବ ସ୍ଥିତି ଅନୁଧ୍ୟାନ କରାଯାଇ ରାଜ୍ୟକୁ ଏକ ପ୍ରଗତୀଶିଳ କୃଷି ରାଜ୍ୟରେ ପରିଣତ କରିବାପାଇଁ ଏକ ସଶକ୍ତ କୃଷି ନୀତି କଂଗ୍ରେସ ପକ୍ଷରୁ ପ୍ରଣୟନ କରାଯିବ ସେଥିପାଇଁ ଖୁବ ନିକଟରେ ଏକ ଟାସ୍କଫୋସ କମିଟି ଗଠନ ହେବ । କିଷାନ କଂଗ୍ରେସ ସଂଗଠନକୁ ତୃଣମୁଳ ସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ଅଧିକ କ୍ରୀୟାଶିଳ କରାଯାଇ ସରକାରର ଚାଷୀମାରଣ ନୀତି ବିରୁଦ୍ଧରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି ଶ୍ରୀ ଦାସ କହିଥିଲେ । ପ୍ରଦେଶ କିଷାନ କଂଗ୍ରେସର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଚିନ୍ତନ ବୈଠକରେ ଅଖିଳ ଭାରତ କିଷାନ କଂଗ୍ରେସ ଜାତୀୟ ସଂଯୋଜକ ତଥା ଓଡ଼ିଶା କିଷାନ କଂଗ୍ରେସ ପ୍ରଭାରୀ ଚେରୁକ ଶ୍ରୀନିବାସ ରେଡି କିଷାନ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ଏବଂ ସଂଗଠନ ଜରିଆରେ ମୋଦି ସରକାରର ଚାଷୀଙ୍କ ପ୍ରତି ଉଦାସିନତା ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନାତ୍ମକ କାର୍ଯ୍ୟ ପନ୍ଥା ଗ୍ରହଣ କରିବାକୁ ଉପସ୍ଥିତ କର୍ମକର୍ତାମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଚିନ୍ତନ ବୈଠକରେ ସାନନ୍ଦ ମିଶ୍ର, ସରୋଜ ରଥ, ଦାସରଥି ସାହୁ, ଗୋବିନ୍ଦ ମିଶ୍ର, ନରେନ୍ଦ୍ର ପଣ୍ଡା, ସ୍ୱପ୍ନେଶ୍ୱର ପୃଷ୍ଟି, ଧ୍ରୁବଚରଣ ପରିଡ଼ା, ନୂତନ ତ୍ରିପାଠୀ, ବିପ୍ରବର ସାହୁ, ଗୁଣନିଧି ସାହୁ, ବୃନ୍ଦାବନ ଖଟେଇ, ଶ୍ୟାମସୁନ୍ଦର ସାହୁ, ପଦ୍ମଚରଣ ସାହୁ, ନିରଞ୍ଜନ ବେହେରା ପ୍ରମୁଖ ସମସ୍ତ ଜିଲ୍ଲା କିଷାନ କଂଗ୍ରେସ ସଭାପତି ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା। ‘ଓଡ଼ିଆ ଭାଷା’ ଆମ ସ୍ୱାଭିମାନ, ଆମ ଅସ୍ମିତା। ଆସନ୍ତୁ ଗରିମା ସମ୍ପନ୍ନ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଦିଗରେ ଆମ ମହାପୁରୁଷମାନଙ୍କ ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇବା ସହ ଓଡ଼ିଆ ଭାଷାର ପ୍ରସାର, ସୁରକ୍ଷା ଏବଂ ସମୃଦ୍ଧି ଦିଗରେ ଆମ ସଂକଳ୍ପକୁ ଆହୁରି ଦୃଢ଼ କରିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

## ବ୍ୟାଙ୍କ ମହିଳା କର୍ମଚାରୀଙ୍କ ସମାବେଶ




କଟକ(ଭାସ୍କର ନ୍ୟୁଜ୍): ବର୍ଷ ବର୍ଷ ଧରି ସଂଗ୍ରାମ ଚାଲିଥିଲେ ମଧ୍ୟ ମହିଳା ମାନେ ଏବେ ମଧ୍ୟ ସକଳ ପ୍ରକାର ବୈଷମ୍ୟ ଓ ନିର୍ଯ୍ୟାତନାରୁ ମୁକ୍ତି ପାଇନାହାନ୍ତି। ଭାରତ ବର୍ଷରେ ଏହି ବୈଷମ୍ୟ ଆହୁରି ବେଶୀ। ଲିଙ୍ଗ ଗତ ବୈଷମ୍ୟ ଦୂରୀକରଣ ଓ ମହିଳାଙ୍କୁ ସମ୍ମାନ ଓ ଅଧିକାର ଦେବାପାଇଁ ଲଢେଇ ଚଳାଇଯିବାକୁ ହେବ। କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମହିଳା ଦିବସ ଉପଲକ୍ଷେ ଅନୁଷ୍ଠିତ ସମାବେଶରେ ବକ୍ତା ମାନେ ଏହା କହିଛନ୍ତି। ଏଆଇବିଏ ସହବନ୍ଧିତ କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତିର ସଭାପତି ସୁଭାଷ ବୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ନାରୀନେତ୍ରୀ ସମାଜସେବୀ ଶୈଳ ବେହେରା ସମ୍ମାନିତ ଅତିଥି ଭାବେ ଅଧାପିକା ଡକ୍ଟର ମୀନାକ୍ଷୀ ପଣ୍ଡା ଡକ୍ଟର ସୁଜାତା ସାହାଣୀ, ଶାନ୍ତି ମୈତ୍ରୀ ଆନ୍ଦୋଳନର ନେତା ବିଜୟ ପଢିହାରୀ, ଶ୍ରମିକ ନେତା କିଶୋର ଜେନା, ଉପସଭାପତି ବିପିନ ପାଢ଼ୀ ପ୍ରମୁଖ ବକ୍ତବ୍ୟ ରଖି ଉପୋରକ୍ତ ମନ୍ତବ୍ୟ ଦେଇଥିଲେ। ବ୍ୟାଙ୍କ ମହିଳା କର୍ମଚାରୀ ପ୍ରତିଭା ମହାପାତ୍ର, ରୋଜାଲିନ ସାହୁ,ପ୍ରଭାତି ନାୟକ,ବିଦ୍ୟାଶା ନାୟକ, ଜ୍ୟୋତିର୍ମୟୀ ପାତ୍ର, ଶର୍ମିଷ୍ଠା ତ୍ରିପାଠୀ, ଦେବଯାନୀ ନାୟକ ପ୍ରମୁଖ ମହିଳା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ମହିଳା କର୍ମଚାରୀ ସାଥୀ ମାନଙ୍କୁ ପୁଷ୍ପଗୁଚ୍ଛ ଓ ମୋମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମନ୍ୱୟ ସମିତିର ଆବାହକ ବିଶୁଦ୍ଧ ଚକ୍ର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। କୋଷାଧକ୍ଷ ଦିଲ୍ଲୀପ ମଲ୍ଲିକ, ଏଓ୍ୱିଇଏର ଉପ ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ଶତପଥୀ, ସମ୍ପାଦକ ରାଜେଶ ସାହୁ, ଶ୍ରୀନିବାସ ରାଓ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲାରେ ରାଜା ଚକ୍ରଙ୍କ ସମେତ ୫ ଜଣଙ୍କୁ ଅନ୍ତରୀଣ ସୁରକ୍ଷା

କଟକ(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲା ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲାରେ ଅଭିଯୁକ୍ତ ରାଜା ଚକ୍ରଙ୍କ ସମେତ ୫ ଜଣଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ରାଜା ଚକ୍ର ଓରଫ ସୌମ୍ୟଶଙ୍କର ଚକ୍ର ଓ ତାଙ୍କ ସହଯୋଗୀଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ବିଚାରପତି ଭି. ନରସିଂହ ଉପରୋକ୍ତ ଆଦେଶ ପ୍ରଦାନ କରିଛନ୍ତି । ମାମଲାର ଶୁଣାଣି କରି ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଫଳରେ ସେମାନଙ୍କ ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ମାମଲାର ଶୁଣାଣି କରି ହାଇକୋର୍ଟ ରାଜା ଓ ଅନ୍ୟମାନଙ୍କ ଆବେଦନକୁ ଅନୁମତି ଦେବା ସହ ଶୁଣାଣି ଶେଷ କରିଛନ୍ତି। ହେଲେ ମାମଲାର ରାୟକୁ ହାଇକୋର୍ଟ ସଂରକ୍ଷିତ ରଖିଛନ୍ତି।

## ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା



କଟକ(ଭାସ୍କର ନ୍ୟୁଜ୍): ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଜୀବିକା ନିର୍ବାହରୁ ଉର୍ଦ୍ଧ୍ୱକୁ ଯାଇ ଉଦ୍ୟମୀରେ ପରିଣତ ହେବାକୁ ଆହ୍ୱାନ ଦେଇଛନ୍ତି ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେ । ଆଜି ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଜିଲ୍ଲାରେ ଉପଲବ୍ଧ ବିଭିନ୍ନ ତାଲିମ ଯୋଜନା ମାଧ୍ୟମରେ ମାଗଣା ତାଲିମ ନେଇ ମହିଳାମାନେ ପାଉଥିବା ପ୍ରୋତ୍ସାହନ ରାଶିର ସଠିକ୍ ବିନିଯୋଗ କରି ନିଜର ତଥା ପରିବାରର ଆର୍ଥିକ ବିକାଶରେ ସହାୟକ ହେବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ ଲକ୍ଷପତି ଦିଦି କର୍ମଶାଳା ମାଧ୍ୟମରେ ମହିଳାମାନେ ଆର୍ଥିକ ଭାବେ ସଶକ୍ତ ହେବା ସହ ନିଜ ମଧ୍ୟରେ ଦକ୍ଷତା ବୃଦ୍ଧି କରିପାରିବେ ବୋଲି କହିଥିଲେ । ଜିଲ୍ଲାର ସମସ୍ତ ବ୍ଲକରୁ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ ।

## ଏବେ ବି ବିଜେଡି ତାମିଲ ଛାପରୁ ମୁକ୍ତି ପାଇନାହିଁ : ଅନିଲ ବିଶ୍ୱାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦେଶରେ ଇଣ୍ଡି ମେଣ୍ଟର କିଛି ରାଜନୈତିକ ଦଳ ମାନେ ଡିଲିମିଟେସନକୁ ନେଇ ଅଯଥାରେ ମିଥ୍ୟାପ୍ରଚାର କରୁଛନ୍ତି, ବିବାଦୀୟ ବୟାନ ଦେଇ ଲୋକଙ୍କ ମନରେ ବିଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସୀମାନିର୍ଦ୍ଧାରଣ ପ୍ରକ୍ରିୟା ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବ। ସାରା ଦେଶ ଡିଲିମିଟେସନ ସପକ୍ଷରେ ଥିବାବେଳେ ତାମିଲନାଡୁର ଶାସକ ଦଳ ଡିଏମକେ ଚିରାଚରିତ ବିଭାଜନକାରି ଏଜେଣ୍ଡାକୁ ଆଗକୁ ନେବା ପାଇଁ ଚେଷ୍ଟା କରୁଛନ୍ତି। ଏଥିରେ ବିଜେଡି ମଧ୍ୟ ସାମିଲ ହେବା ପ୍ରମାଣିତ କରୁଛି ଯେ ଏବେ ବି ବିଜୁ ଜନତା ଦଳ ତାମିଲ ଛାପରୁ ମୁକ୍ତି ପାଇନାହିଁ। ୨୦୨୪ ବିଧାନସଭା ନିର୍ବାଚନ ହାରିବା ପରେ ବିଜେଡି କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ମୁହାଁ ହୋଇଛି ବୋଲି ରାଜ୍ୟ ବିଜେପି ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି । ଓଡିଶା ରାଜନୀତିକୁ ତାମିଲକରଣର କରିବାର ଅପଚେଷ୍ଟାର ଜବାବ ଚଳିତ ନିର୍ବାଚନରେ ଓଡିଶାର ଲୋକେ ଦେଇଥିଲେ। ନବୀନ ବାବୁ ବିଧାନସଭା ନଯାଇ ଘରେ ରହି ତାମିଲନାଡୁର ଶାସକଦଳ ଡିଏମକେର ଜଣେ ମନ୍ତ୍ରୀ ଓ ଜଣେ ସାଂସଦଙ୍କୁ ଭେଟିବା ପ୍ରମାଣିତ କରୁଛି ଯେ ନବୀନ ବାବୁ ଏବେ ବି ତାମିଲଛାପରୁ ମୁକ୍ତି ପାଇପାରିନାହାନ୍ତି । ଡିଲିମିଟେସନ କରାଗଲେ ଓଡିଶାର ଲୋକସଭା ଏବଂ ବିଧାନସଭା ଆସନ ସଂଖ୍ୟା ବଢିବ। ଦେଶର ଗୃହମନ୍ତ୍ରୀ ଅମିତ ଶାହ ସ୍ପଷ୍ଟକରିସାରିଛନ୍ତି ଯେ ସମସ୍ତ ରାଜ୍ୟର ଲୋକସଭା ଆସନ ସଂଖ୍ୟା ବଢିବ ପଛେ କାହାର କମିବ ନାହିଁ। ତେଣୁ ଡିଲିମିଟେସନ ବିରୋଧରେ ଅପପ୍ରଚାର କରି କିଛି ରାଜନୈତିକ ଦଳ ଏହାର ବିରୋଧ କରି ଏହାକୁ ରୋକିବା ପାଇଁ ଚେଷ୍ଟା କରୁଛନ୍ତି। ଓଡିଶା ସବୁବେଳେ ଜାତୀୟ ସ୍ରୋତରେ ସାମିଲ ରହିଆସିଛି । ଦେଶରେ ଡିଏମକେ ଭଳି ଦଳମାନେ ସବୁବେଳେ ଜାତୀୟ ସ୍ରୋତର ବିରୋଧରେ ଯାଇଛନ୍ତି। ବିଜେଡି ସେମାନଙ୍କ ସହ ହାତ ମିଳାଇଛି କି, ଏନେଇ ବିଜେଡି ସ୍ପଷ୍ଟିକରଣ ଦେବା ଉଚିତ୍ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

## ରାଜ୍ୟପାଳଙ୍କୁ ଭେଟିଲେ ସିଏଜି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତର ମହାଲେଖା ପରୀକ୍ଷକ ଓ ନିୟନ୍ତ୍ରକ (ସିଏଜି) କେ.ସଞ୍ଜୟ ମୂର୍ତ୍ତି ମଙ୍ଗଳବାର ରାଜ୍ୟପାଳଙ୍କୁ ଭେଟିଛନ୍ତି। ସିଏଜି ଶ୍ରୀ ମୂର୍ତ୍ତି ରାଜଭବନ ଆସି ରାଜ୍ୟପାଳ ହରିବାବୁ କୁମ୍ଭମପାଟିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

## ବାଲି ଚୋରା କାରବାର ଉପରେ ଚଢାଉ ଜୋରଦାର: ୫୨୪ ବାଲି ଗାଡି ଜବତ, ୩୬୦ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଚୋରା ବାଲି, ମୋରମ ଏବଂ ମାଙ୍କଡା ପଥର ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ରାଜ୍ୟ ତମାମ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱାକୁ ଜବତ କରାଯାଉଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଜିଲ୍ଲା ପ୍ରଶାସନ, ଖଣି ବିଭାଗ ଓ ପୋଲିସ ବିଭାଗର ମିଳିତ ସହଯୋଗରେ ଗତ ୭ ତାରିଖରୁ ପୋଲିସ ପକ୍ଷରୁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା। ଆଜି ପର୍ଯ୍ୟନ୍ତ ସାରା ରାଜ୍ୟରେ ବାଲି, ମୋରମ ଏବଂ ମାଙ୍କଡା ପଥର ମାଫିଆଙ୍କ ବିରୋଧରେ ୪୫୬ ଟି ମାମଲା ରୁଜୁ କରାଯାଇଥିବା ବେଳେ ୫୨୪ ଟି ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱାକୁ ଜବତ କରାଯାଇଛି । ଏହା ସହ ୩୬୦ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ୧ ଶହରୁ ଅଧିକ ଲୋକଙ୍କୁ ନୋଟିସ ଦିଆଯାଇଛି ବୋଲି ଡିଜିପି ଶ୍ରୀ ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ଧରପଗଡ଼ ଅଭିଯାନ ଲଗାତାର ଭାବେ ଚାଲିବ ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି । ବାଲି, ମୋରମ ଚୋରା କାରବାର ସମ୍ପର୍କରେ ସ୍ଥାନୀୟ ବ୍ୟକ୍ତିବିଶେଷ ପୋଲିସକୁ ସୂଚନା ମଧ୍ୟ ଦେଇପାରିବେ। ପୋଲିସର ଏହି ଅଭିଯାନ ଯୋଗୁଁ ରାଜ୍ୟରେ ବାଲି, ମୋରମ ଏବଂ ମାଙ୍କଡା ପଥର ମାଫିଆଙ୍କ ଦୌରାତ୍ମ୍ୟ ନିଶ୍ଚିତ ଭାବେ କମିବ ବୋଲି ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ।

ଲକ୍ଷପତି ଦିଦି ଯୋଜନା ଅନ୍ତର୍ଗତ ଜିଲ୍ଲାସ୍ତରୀୟ କର୍ମଶାଳା

## ଲକ୍ଷପତି ଦିଦିଙ୍କ ସଂଖ୍ୟା ୮ ଲକ୍ଷରେ ପହଞ୍ଚିଲା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ଦ୍ଦେଶକ୍ରମେ ଆଜି ସମଗ୍ର ରାଜ୍ୟରେ ଲକ୍ଷପତି ଦିଦି ଯୋଜନା ଉପରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ସମନ୍ୱୟ ଓ ସହଭାଗିତା ମାଧ୍ୟମରେ ବିଭିନ୍ନ ଜୀବନ ଜୀବିକା କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ହିତାଧିକାରୀଙ୍କୁ ସେମାନଙ୍କର ଭୂମିକା ଓ ଦାୟିତ୍ୱ ବିଷୟରେ ସଚେତନ କରାଇବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ । ଜିଲ୍ଲାସ୍ତରୀୟ ଷ୍ଟିଅରିଂ କମିଟିର ସମସ୍ତ ସଦସ୍ୟ, କମ୍ୟୁନିଟି ସପୋର୍ଟ ଷ୍ଟାଫ, ସଫଳ ଲକ୍ଷପତି ଦିଦି, ପ୍ରଭାବଶାଳୀ ବ୍ୟକ୍ତିତ୍ୱ (ଇନଫ୍ଲୁଏନସର) ଏବଂ ବିଭାଗୀୟ ଅଧିକାରୀ ପ୍ରଭୃତିଙ୍କ ସମେତ ପ୍ରାୟ ୪୦୦୦ ଅଂଶଗ୍ରହଣକାରୀଙ୍କ ଉପସ୍ଥିତିରେ ଏଇ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତାଙ୍କ ଭିଡିଓ ବାର୍ତ୍ତାରେ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇ କହିଲେ ଯେ ରାଜ୍ୟ ସରକାରଙ୍କ ଅଗ୍ରଣୀ କାର୍ଯ୍ୟକ୍ରମ ‘ଲକ୍ଷପତି ଦିଦି ଯୋଜନାକୁ ଅଧିକ ସୁଦୃଢ଼ କରିବା ପାଇଁ, ଓଡ଼ିଶା ସରକାର ‘ଲକ୍ଷପତି ଦିଦି ସହାୟିକା ଯୋଜନା’ ଘୋଷଣା କରିଛନ୍ତି, ଯାହା ମାଧ୍ୟମରେ ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସ୍‌ଏସ୍), ଲକ୍ଷପତି ଦିଦି ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବେ। ଯେହେତୁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସ୍‌ଏସ୍) ତୃଣମୂଳ ସ୍ତରରେ ଲକ୍ଷପତି ଦିଦି ଯୋଜନାକୁ ସଫଳ ରୂପେ କାର୍ଯ୍ୟକାରୀ କରି ଅଧିକରୁ ଅଧିକ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି ସୁନିଶ୍ଚିତ କରିବା ପାଇଁ ନିଯୁକ୍ତ ହୋଇଛନ୍ତି, ସେଥିପାଇ ସେମାନଙ୍କ କ୍ଷମତା ବୃଦ୍ଧି ଏବଂ ବୁଝାମଣା ସ୍ତରକୁ ଉନ୍ନତ କରିବା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି ।

ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

## ଆର୍ଥିକବର୍ଷ ଶେଷ ସୁଦ୍ଧା ବଜେଟ୍ ପ୍ରାବଧାନ ଅନୁସାରେ ଖର୍ଚ୍ଚ ବୃଦ୍ଧି ଉପରେ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ଅପରାହ୍ଣରେ ସଚିବସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ଅର୍ଥ ବିଭାଗ ତରଫରୁ ୨୦୨୪-୨୫ ଆର୍ଥିକ ବର୍ଷ ମାର୍ଚ୍ଚ ୬ ତାରିଖ ସୁଦ୍ଧା ବଜେଟ୍ ପ୍ରାବଧାନ ଅନୁସାରେ ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଉପସ୍ଥାପନ କରାଯାଇଥିଲା । ବିଭିନ୍ନ ବିଭାଗ ତରଫରୁ କରାଯାଇଥିବା ଖର୍ଚ୍ଚ ସମୀକ୍ଷା କରାଯିବା ସହିତ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ, ଆଇଜିଓଟି କର୍ମଯୋଗୀ ପ୍ଲାଟଫର୍ମରେ କର୍ମଚାରୀ ତଥା ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ସଂପର୍କରେ ସମୀକ୍ଷା କରାଯାଇଥିଲା । ବୈଠକରୁ ଜଣାଯାଇଛି ଯେ ଗତ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗକୁ ବଜେଟ୍ ଅନୁମୋଦନ ଅନୁସାରେ ଅଧିକ ଅର୍ଥ ଆବଣ୍ଟନ କରାଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ବିଭାଗମାନଙ୍କ ଦ୍ୱାରା ବଜେଟ୍ ପ୍ରାବଧାନ ଅନୁସାରେ ଖର୍ଚ୍ଚ ବୃଦ୍ଧି ନିମନ୍ତେ ପ୍ରଚେଷ୍ଟା କରାଯାଇଥିଲା । ବିଭିନ୍ନ ବିଭାଗ ଦ୍ୱାରା ଚଳିତ ମାର୍ଚ୍ଚ ୬ ତାରିଖ ସୁଦ୍ଧା ଗତ ବର୍ଷ ତୁଳନାରେ ଏହି ସମୟ ମଧ୍ୟରେ ସାମଗ୍ରିକ ଭାବେ ଖର୍ଚ୍ଚ ୧୬.୫ ପ୍ରତିଶତ ଖର୍ଚ୍ଚ ବୃଦ୍ଧିୟ ପାଇଛି । କାର୍ଯ୍ୟକ୍ରମ ବାବଦକୁ ଖର୍ଚ୍ଚ ହାର ଗତବର୍ଷ ତୁଳନାରେ ୧୭.୬ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ବିଭିନ୍ନ ବିଭାଗ ଦ୍ୱାରା ବଜେଟ୍ ମୁତାବକ ଖର୍ଚ୍ଚ ଗତବର୍ଷ ତୁଳନାରେ ଅଧିକ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ସମସ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।



OIPR 10003/13/0131/2425



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



## ଜଟିଳ ହେଉଛି ଦକ୍ଷିଣର ଭାଷା ବିବାଦ

# ସଂସଦରେ କେନ୍ଦ୍ର-ରାଜ୍ୟ ମୁହାଁମୁହିଁ ସ୍ଥିତି

ଦକ୍ଷିଣ ଭାରତରେ ମୁଣ୍ଡ ଟେକିଥିବା ଭାଷା ବିବାଦ କମିବାର ନାମ ଧରୁନାହିଁ, ବରଂ ଦିନକୁ ଦିନ ଏହା ଅଧିକ ଜଟିଳ ହେଉଥିବାର ଲକ୍ଷ୍ୟ କରାଯାଉଛି। ସୋମବାର ସଂସଦର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ଆରମ୍ଭ ହେବା ମାତ୍ରେ ଏହି ପ୍ରସଙ୍ଗକୁ ନେଇ କେନ୍ଦ୍ର ସହ ଡିଏମ୍‌କେର ମୁହାଁମୁହିଁ ସ୍ଥିତି ଦେଖିବାକୁ ମିଳିଛି। ଜାତୀୟ ଶିକ୍ଷା ନୀତି ଓ ତ୍ରିଭାଷୀ ଫର୍ମୁଲାକୁ କେନ୍ଦ୍ର କରି ଦକ୍ଷିଣ ଭାରତୀୟ ସାଂସଦମାନେ ହଙ୍ଗାମା ସୃଷ୍ଟି କରିବା ସହ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆସନ ନିକଟକୁ ଯାଇ ହଙ୍ଗାମା କରିଥିଲେ। ମୁଖ୍ୟତଃ ଦୁଇଟି ପ୍ରସଙ୍ଗକୁ ନେଇ ଏବେ କେନ୍ଦ୍ର ସହ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ବିବାଦ ତୀବ୍ର ହେବାରେ ଲାଗିଛି। ପ୍ରଥମତଃ କେନ୍ଦ୍ର ସରକାର ଲାଗୁ କରିଥିବା ଜାତୀୟ ଶିକ୍ଷାନୀତିରେ ତ୍ରିଭାଷୀ ସୂତ୍ରର ପ୍ରଚଳନକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଦକ୍ଷିଣ ଭାରତର ଅନେକ ନେତା ବିରୋଧ କରୁଛନ୍ତି। ଏହାଦ୍ୱାରା ହିନ୍ଦୀ ଭାଷାକୁ ସେମାନଙ୍କ ଉପରେ ଲଦି ଦିଆଯାଉଛି ବୋଲି ଅଭିଯୋଗ କରିବା ସଙ୍ଗେ ସଙ୍ଗେ କୌଣସି ପରିସ୍ଥିତିରେ ହିନ୍ଦୀକୁ ଦକ୍ଷିଣ ଭାରତବାସୀ ଗ୍ରହଣ କରିବେ ନାହିଁ ବୋଲି ସେମାନେ ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଭାଷାକୁ ନେଇ ଏକରକମ ମୁହାଁମୁହିଁ ସ୍ଥିତିରେ ପହଞ୍ଚିଛନ୍ତି। ଦକ୍ଷିଣ ଭାରତ ବିଶେଷ କରି ତାମିଲନାଡୁରେ ହିନ୍ଦୀ ଭାଷାକୁ ବିରୋଧର ଏହା ପ୍ରଥମ ଘଟଣା ନୁହେଁ। ଅତୀତରେ ତ୍ରିଭାଷୀ ସୂତ୍ର ଜରିଆରେ ହିନ୍ଦୀର ପ୍ରଚଳନ ବିରୋଧରେ ଏକାଧିକବାର ହିଂସାତ୍ମକ ଆନ୍ଦୋଳନ ମୁଣ୍ଡ ଟେକିଥିବାର ଦୃଷ୍ଟାନ୍ତ ରହିଛି। ଦକ୍ଷିଣ ଭାରତୀୟ ଭାଷା ଗୁଡ଼ିକ ମଧ୍ୟରେ ତାମିଲ ଯେ ଏକ ସମୃଦ୍ଧ ତଥା ଐତିହ୍ୟ ସମ୍ପନ୍ନ ଶାସ୍ତ୍ରୀୟ ଭାଷା, ଏଥିରେ ସନ୍ଦେହର ଅବକାଶ ନାହିଁ। ମାତ୍ର ଏହାର ଅର୍ଥ ନୁହେଁ ଯେ ଭାରତରେ ରାଜଭାଷାର ମାନ୍ୟତା ଲାଭ କରିଥିବା 'ହିନ୍ଦୀ'କୁ ବିରୋଧ କରି ବିଦେଶୀ ଇଂରାଜୀ ଭାଷାର ପ୍ରଚଳନକୁ ପ୍ରୋତ୍ସାହନ ଦେବା। ସଂସ୍କୃତକୁ ତାମିଲନାଡୁ ଓ ଅନ୍ୟ ଦକ୍ଷିଣ ଭାରତ ରାଜ୍ୟରେ ଏକ 'ମୃତଭାଷା' ରୂପେ ବିବେଚନା କରାଯିବା ମଧ୍ୟ ଦୁର୍ଭାଗ୍ୟଜନକ ମନେହୁଏ। ମୁଖ୍ୟତଃ ଚାରୋଟି ଦକ୍ଷିଣ ଭାରତୀୟ ଭାଷା ଯଥା- ତାମିଲ, ତେଲୁଗୁ, ମାଲାୟାଲମ୍ ଓ କନ୍ନଡ ଭାଷାଭାଷୀ ଲୋକ ଏବେ ଦେଶର ବିଭିନ୍ନ ରାଜ୍ୟରେ ବସବାସ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବେଶ୍ ପ୍ରତିଷ୍ଠା ଓ ସୁଖ୍ୟାତି ଅର୍ଜନ କରିଛନ୍ତି। ସେମାନେ ଇଂରାଜୀ ସହିତ ହିନ୍ଦୀକୁ ଗ୍ରହଣ କରିନେଇ ସେଥିରେ ବାର୍ତ୍ତାଳାପ କରିଥାନ୍ତି। ମୋଟାମୋଟି ଭାବରେ ଆଜିକାଲି ଭାରତର ଏକ ବିସ୍ତୃତ ଅଞ୍ଚଳରେ ଉଭୟ ଇଂରାଜୀ ଓ ହିନ୍ଦୀର ପ୍ରଚଳନ ଥିବା ସ୍ଥଳେ ଦକ୍ଷିଣ ଭାରତର ମୁଷ୍ଟିମେୟ ରାଜନେତା ହିନ୍ଦୀ ଭାଷା ବିରୋଧରେ ଯୁଦ୍ଧ ଡାକରା ଦେବା କୌଣସି ପରିସ୍ଥିତିରେ ସ୍ପୃହଣୀୟ ବା ଗ୍ରହଣୀୟ ନୁହେଁ। ହିନ୍ଦୀର ପ୍ରଚଳନକୁ ଯଦି ସେମାନଙ୍କର ଏତେ ବିରୋଧ, ତେବେ ଲୋକପ୍ରିୟ ହିନ୍ଦୀ ଚଳଚ୍ଚିତ୍ର ଗୁଡ଼ିକ ଉପଭୋଗ କରିବାକୁ ଏତେ ଆଗ୍ରହର କାରଣ ମଧ୍ୟ ବୁଝି ହେଉନାହିଁ। ଅନ୍ୟ ଏକ ବଡ଼ ପ୍ରସଙ୍ଗ ନେଇ ବିଭିନ୍ନ ଦକ୍ଷିଣ ଭାରତୀୟ ରାଜ୍ୟ ବିଶେଷ କରି ତାମିଲନାଡୁ ସହ କେନ୍ଦ୍ରର ଲଢ଼େଇ ଆରମ୍ଭ ହୋଇଯାଇଛି। ଜନସଂଖ୍ୟା ଆଧାରରେ ନିର୍ବାଚନ ମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ତୀବ୍ର ବିରୋଧ କରି ଏହାଦ୍ୱାରା ସଂସଦରେ ତାମିଲନାଡୁର ଆସନ ସଂଖ୍ୟା ହ୍ରାସ ପାଇବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। ଜନସଂଖ୍ୟା ଏବଂ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣକୁ ନେଇ ଷ୍ଟାଲିନ୍ ଦେଇଥିବା କେତେକ ମନ୍ତବ୍ୟ ଏବେ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ନବବିବାହିତ ଦମ୍ପତି ଏବେ ଶୀଘ୍ର ଶୀଘ୍ର ସନ୍ତାନ ଜନ୍ମ କରନ୍ତୁ, ନଚେତ୍ ଲୋକସଭା ଆସନ ସଂଖ୍ୟା ହ୍ରାସ ପାଇବ ବୋଲି ସେ ବିଚିତ୍ର ମତ ରଖିଛନ୍ତି। ତାମିଲନାଡୁବାସୀ ଆଉ ପରିବାର ନିୟନ୍ତ୍ରଣ ନକରି ଏଣିକି ଏକାଧିକ ସନ୍ତାନ ଜନ୍ମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଷ୍ଟାଲିନ୍ ଆହୁରି ଦର୍ଶାଇଛନ୍ତି, 'ପୂର୍ବରୁ ଅଧିକ ସନ୍ତାନ ଜନ୍ମ କରିବା ପୂର୍ବରୁ ଶହେଥର ଚିନ୍ତା କରିବାକୁ ଆମେ ଲୋକଙ୍କୁ କହୁଥିଲୁ। ମାତ୍ର ବର୍ତ୍ତମାନ ପରିସ୍ଥିତି ବଦଳି ଯାଇଛି ଏବଂ ଆମକୁ କହିବାକୁ ପଡୁଛି ଶୀଘ୍ର ଶୀଘ୍ର ସନ୍ତାନ ଜନ୍ମ କର।' ତେବେ ଷ୍ଟାଲିନ୍ ଭୁଲିଯିବା ଉଚିତ୍ ନୁହେଁ ଯେ ଜାତୀୟ ଜନଗଣନା ପରେ ଲୋକସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକର ପୁନଃ ସୀମା ନିର୍ଦ୍ଧାରଣ ଏକ ସାମ୍ବିଧାନିକ ବ୍ୟବସ୍ଥା ଏବଂ ଏଥିରେ କିଛି ଅସ୍ୱାଭାବିକତା ନାହିଁ। ତେଣୁ ଏହାକୁ ବିରୋଧ କରିବାର କୌଣସି ଅର୍ଥ ନାହିଁ। ବରଂ ସମଗ୍ର ଦେଶରେ ଯେପରି ବିନା ବାଛ ବିଚାରରେ ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ କରାଯାଏ, ସେଥିପ୍ରତି ଅଧିକ ଧ୍ୟାନ ଦିଆଯିବା ଆବଶ୍ୟକ। କେନ୍ଦ୍ର ସରକାର କାଳ ବିଳମ୍ବ ନକରି ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ସହ ଆଲୋଚନା କରି ସେମାନଙ୍କ ମଧ୍ୟରୁ ସନ୍ଦେହ ଦୂର କରିବା ବିଜ୍ଞତାର କାର୍ଯ୍ୟ ହେବ।

# ସୁଲଳିତ ସଂଗୀତର ସ୍ୱର 'ଛି'ରେ ନନି...'



ଡ. ନିରଞ୍ଜନ ସାହୁ
ପୂର୍ବତନ ବରିଷ୍ଠ ଅଧିକାରୀ
(ଭାରତୀୟ ପ୍ରଶାସନିକ ସେବା)
ମୋ: ୯୪୩୮୪୮୨୯୧୧

ଲୋକପ୍ରିୟତାର ଆଧାର କ'ଣ ? ଏପରି ପ୍ରଶ୍ନର ଉତ୍ତର ଖୋଜିବା କାଠିକର ପାଠ। ଜଣେ ଜଣେ ରାଜନେତା ଗୋଟିଏ ଗୋଟିଏ ସମୟରେ ବେଶ୍ ଲୋକପ୍ରିୟ ହୋଇଉଠନ୍ତି। ସେମାନଙ୍କ ନାଁରେ ଭୋଟ୍ ମିଳେ - ସେମାନଙ୍କ ପ୍ରଶସ୍ତି କରାଯାଏ-ପୁଣି କେତେବେଳେ ସେଇ ଚମକ ହଟିଯାଏ। ଆକସ୍ମିକ ଭାବରେ ସେମିତି ବି ଗୋଟାଏ ଗୋଟାଏ ବହି ଭାରି ନାଁ କମାଏ। ତା'ର ଲକ୍ଷ ଲକ୍ଷ କପି ବିକ୍ରୀ ହୁଏ ପୁଣି ନୂତନ ସଂସ୍କରଣ ହୁଏ - ଅଥଚ ସେଇ ଏକା ଲେଖକଙ୍କର ଆଉ ଗୋଟିଏ ବହି ଯେ ହିଟ୍ ହେବ, ସେ କଥା କହି ହୁଏନାହିଁ। ଆଗରୁ ଗୋଟିଏ ଗୀତ କେତେ ଲୋକପ୍ରିୟ ତା'ର ଆଧାର ଥିଲା କେତେ ରେକର୍ଡ଼ ତା'ର ବିକ୍ରୀ ହୋଇଛି। ଅବଶ୍ୟ ଗଣମାଧ୍ୟମ ଆସିଲା ପରେ ରାତାରାତି ଗୋଟିଏ ଗୋଟିଏ ଗୀତ ବେଶ୍ ଚହଳ ପକାଉଛି - ଦିନ କେଇଟା ଭିତରେ ବ୍ୟାପିଯାଉଛି ଚାରିଆଡ଼େ।

ଏଇ କେତେ ଦିନ ହେଲାଣି ସେମିତି ଗୋଟିଏ ଓଡ଼ିଆ ଗୀତର ସୁର ଛାଇ ହୋଇଯାଇଛି ଗଣମାଧ୍ୟମର ଚାରିଆଡ଼େ। ନିଜ ରାଜ୍ୟର ସୀମା ଡେଇଁ ଅନ୍ୟ ଭାଷାରେ ସେଇ ସୁମଧୁର ସୁରର ଲହର ଛୁଟିଛି ସବୁଠି। ଏବେ ଗୀତଟି ନ ଖୋଲି କହିଲେ ବି ଆପଣ ଜାଣିପାରୁଥିବେ ସେଇଟି କ'ଣ - ଆପଣ ମନେମନେ ଗୁଣୁଗୁଣୁ ହୋଇ ଗୀତର ସୁର ଧରିବେଣି। 'ଛି ଛି ଛିରେ ନନୀ ଛି' - ଏଇ ଗୀତର ତାଳେ ତାଳେ ଆଜି ବିଧାନସଭା ଠାରୁ ରାଜ୍ୟସଭା ଯାଏ ସବୁଠି ରାଜୁତି।

କୋରାପୁଟର ଜୟପୁରରେ ଥିଲେ ଜଣେ କବି - ନାଁ ତାଙ୍କର ସତ୍ୟ ବହିଦାର। ପେଷାରେ ଆଇନଜୀବୀ କିନ୍ତୁ ହୃଦୟରେ ଗୀତିକବିତାର ସ୍ରଷ୍ଟା ଜଣେ। ଏତେ ପ୍ରସିଦ୍ଧି ତାଙ୍କର ନଥିଲା। ଜଣେ ଆକାଂକ୍ଷୀ ସଂଗୀତକାର ଭାବରେ ତାଙ୍କର ସଂଗୀତଟି ନେଇ ସୀତାରାମ ଅଗ୍ରୱାଲଙ୍କ ନିକଟରେ ସେ ପହଞ୍ଚିଥିଲେ ଆଜକୁ ପ୍ରାୟ ତିରିଶ ବର୍ଷ ତଳେ - ସୀତାରାମଙ୍କ ଷ୍ଟୁଡ଼ିଓରେ ସେଇ ଗୀତର ରେକର୍ଡ଼ିଂ ହୋଇଥିଲା ୧୯୯୫ ମସିହାରେ କଟକରେ। ତା'ର ପ୍ରାୟ ଦଶବର୍ଷ ପରେ ସମ୍ଭବତଃ ୨୦୦୫ ମସିହାରେ ସେଇ ଗୀତଟିକୁ ଗୋଟିଏ ରେକର୍ଡ଼ ଡ୍ୟାନ୍ସ ଭାବରେ ପ୍ରସାରିତ କରିବାକୁ ତା'ର ନାଟ୍ୟ ରୂପଟିଏ ଭିଡ଼ିଓ କରାଯାଇଥିଲା। ସେଇ ଭିଡ଼ିଓ କିଛିଦିନ ବାଜିଲା ପରେ ଅନେକ ଭିଡ଼ିଓ ଭିତରେ ଗୋଟିଏ ହୋଇ ରହିଯାଇଥିଲା। ମାତ୍ର ଦୁଇହଜାର ପଚିଶ ଆସୁଆସୁ କ'ଣ ମନ୍ତ୍ରଶକ୍ତି କାମ କଲା ଯେ ପିଲାଠାରୁ ବୁଢ଼ା ଯାଏ ସମସ୍ତେ ଯେମିତି ତା'ର ସମ୍ମୋହନର ଯାଦୁରେ ପଡ଼ିଗଲେ। ଏବେ ତା'ର ଲୋକପ୍ରିୟତା ଆକାଶଛୁଆଁ।

ଏକ ଜଙ୍ଗଲୀ ଆଦିବାସୀ ପ୍ରେକ୍ଷାପଟରେ ନାଟ୍ୟରୂପ ଦିଆଯାଇଛି ଗୀତଟିକୁ। ବିଭୁତି ଭୂଷଣ ବିଶ୍ୱାଳ ନାମକ ଯୁବକ ଜଣେ ସେଇ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଗୀତଟିର କଥାବସ୍ତୁ ଭିତରେ ଭରି ରହିଛି ଏକ ପ୍ରତ୍ୟାଖ୍ୟାତ ପ୍ରେମିକର ବେଦନା। ଆଦିବାସୀ ଯୁବକ ଜଣକ ଭଲ ପାଉଥିଲେ ଜଣେ ଗରିବ କନ୍ୟାକୁ ଏବଂ ତାଙ୍କ ପାଇଁ ସେ ତାଙ୍କର ସମସ୍ତ ସାମର୍ଥ୍ୟ ଦେଇ ଗଢ଼େଇଥିଲେ ବିଭିନ୍ନ ଅଳଙ୍କାର - ହାତର ବାହୁଟି ଠାରୁ ପାଦର ପାଉଁଜି ଯାଏ ପରିବ୍ୟାପ୍ତ ସେ ଆଭୂଷଣ। ସେଇମିତି ସାଇ ଭାଇ ବନ୍ଧୁବାନ୍ଧବଙ୍କୁ ଭୋଜିରେ ଆପ୍ୟାୟିତ କରିବା ପାଇଁ ଜଙ୍ଗଲୀ ମୁଲକରେ ପ୍ରଚଳିତ ପ୍ରଥା ଅନୁସାରେ ବ୍ୟବସ୍ଥା କରିଥିଲେ ଛେଳି ମେଣ୍ଢା ଆଦି। ହେଲେ ନିଜର ଚାଷଘରକୁ କିଛି ଦିନ ପାଇଁ ଯାଇ ଫେରିଲା ବେଳକୁ ସେ ଦେଖୁଛନ୍ତି, ତାଙ୍କର ବାକ୍‌ଦତ୍ତା ତରୁଣୀଟି ଅନ୍ୟର ହାତ ଧରିଛି - ଏଥିରେ ବ୍ୟଥିତ ଭଗ୍ନ ମନୋରଥ ପ୍ରେମିକଙ୍କର ହୃଦୟରେ ଯେଉଁ ଶୋକର ଉଚ୍ଛ୍ୱାସ ଫୁଟି ଉଠିଛି ତାହାହିଁ କବିତାକୁ କରିଛି ଏତେ ପ୍ରାଣବନ୍ତ। ପ୍ରେମିକ ଅନୁଭବ କରୁଛି ଯେ ତା'ର ପ୍ରେମିକା ତାକୁ ପ୍ରତାରିତ କରିଛି - ଯାହା ପାଇଁ ସେ ନିଜର ହୃଦୟ ଅର୍ପଣ କରିଦେଇଥିଲା, ତା'ର ଆକସ୍ମିକ ପରିବର୍ତ୍ତନକୁ ସେ ସ୍ୱାଭାବିକ ଭାବରେ ଗ୍ରହଣ କରିପାରୁନାହିଁ ଏବଂ ଏଇ ପ୍ରତାରଣାର ବ୍ୟଞ୍ଜନା ଫୁଟିଉଠିଛି ହୃଦୟର ଭାଷାରେ - ପ୍ରେମିକାଟି ଯେ ପ୍ରେମ ବଜାରର ଜଣେ ହିସାବଖୋର ନାୟିକା ତାହା ସେ କହୁଛି ତାଚ୍ଛଲ୍ୟରେ - ପଇସାର ଲୋଭରେ ସମର୍ପଣ କରିଥିବା ମନଠାରୁ ଦୂରେଇ ଯିବା କ'ଣ ସମ୍ଭବ ? ସେଇ କାରୁଣ୍ୟର ଉଚ୍ଚତମ ସୋପାନରେ ପହଞ୍ଚିଛି ଅଭିନୟ ଓ ସଂଗୀତର ଯୁଗଳବନ୍ଦୀ ଏବଂ ଏହା ଛୁଇଁଛି ଲୋକପ୍ରିୟତାର ଶିଖର। ମନେପଡ଼ିଯାଉଛି ପିଲାଦିନେ ପଢ଼ିଥିବା କଥା- Our Sweetest songs are those which tell us of the saddest thought.

ଏଇ ଗୀତଟି କେତେ କୋଟି ଥର ବାଜିଥିବାର ଦାବି କରୁଛନ୍ତି କେହି କେହି ଉତ୍ସାହୀ ସଂଗୀତପ୍ରେମୀ। ଅବଶ୍ୟ ଆଜକାଲି ସେଗୁଡ଼ିକର ସଂଖ୍ୟା ଖୋଜିବା ବିଶେଷ କଷ୍ଟସାଧ୍ୟ ନୁହେଁ। ବିଜ୍ଞାନର ଅଗ୍ରଗତି ଫଳରେ ତାହା ସମ୍ଭବ ହୋଇଛି - ଏଇ ସଂଗୀତମୟ ଅଭିନୟଟି ହଠାତ୍ ଲୋକପ୍ରିୟ ହେବା ପଛରେ ବର୍ତ୍ତମାନ ସମୟରେ ପ୍ରେମିକ ପ୍ରେମିକାଙ୍କ ଭିତରେ ଘଟୁଥିବା ସମ୍ପର୍କର ଫାଟ ଏକ ବିଶେଷ କାରଣ ବୋଲି କୁହାଯାଉଛି।

## କଥା ନିରବଧି

ଏକ ପତ୍ନୀବ୍ରତର ଯୁଗ ଆଜି ଆଉ ନାହିଁ କହିଲେ ଚଳେ। ଅଧିକ ଶିକ୍ଷିତ ଓ ରୋଜଗାରକ୍ଷମ ହେଲାପରେ ଝିଅମାନେ ବିବାହ ବଜାରକୁ ନିୟନ୍ତ୍ରଣରେ ରଖିଛନ୍ତି। ଯଦି କୌଣସି ବର ଧରି ନେଇଥାଏ ଯେ ତା'ର ବିବାହ ତା'ର ପ୍ରେମିକା ସହିତ ନିଶ୍ଚିତ ହେବ ତାହା ଭ୍ରମାତ୍ମକ। ଗୋଟିଏ ଗୋଟିଏ ଝିଅ ପାଇଁ ଏକାଧିକ ପୁଅଙ୍କ ଭିତରେ ଚାଲିଛି କସରତ। କାହା ପାଖରେ ଅଧିକ ପଇସା ବା ପ୍ରତିପତ୍ତି ତାହା ହିଁ ବିଚାର୍ଯ୍ୟ। କ୍ରମାଗତ କିଛି ବର୍ଷ ଧରି ସମାଜରେ ପୁତ୍ରମନସ୍କତା ହେତୁ ଝିଅ ସଂଖ୍ୟା କମିଯାଇଛି। ଏଣେ ଝିଅମାନେ ହୋଇଛନ୍ତି ଉଗ୍ର ଆଧୁନିକା। ତେଣୁ ପୁଅମାନଙ୍କୁ କୌଶଳରେ ଠକିବା ହୋଇଛି ଏକ ସାଧାରଣ ଘଟଣା। କେଉଁଠି ପୁଅଟିଏ ଝିଅର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋକୁ ପ୍ରଚାରିତ କଲାଣି ତ କେବେ ଝିଅଟିଏ ନିଜ କଥାକୁ ମୁହୂର୍ତ୍ତରେ ଭୁଲିଯାଉଛି ଏବଂ ନୂଆ ସାଥୀକୁ ଆପଣେଇ ନେଉଛି। ଯାହା ପାଖରେ ବଡ଼ ଚାକିରି ବା ବିଳାସମୟ ଜୀବନ ଯାପନର ସମ୍ଭାବନା ତାଙ୍କର ରାଣୀ ହେବାକୁ ବ୍ୟାକୁଳା ଆଜିର ଆଧୁନିକା ନାରୀ। ଏଭଳି ସମୟରେ ପ୍ରତାରଣାଗ୍ରସ୍ତ ଯୁବସମାଜର ମଗଜକୁ ଛୁଇଁ ଯାଇଛି ଗୀତର ମାର୍ମିକ ସୁର ଓ ତା'ର ମଞ୍ଜି କଥାଟିମାନ। ତାହା ହିଁ ତାକୁ ହଠାତ୍ ଆଣିଦେଇଛି ପ୍ରଶସ୍ତି ଓ ପ୍ରଶଂସା।

କାଳର ଗତି ବିଚିତ୍ର - ଏତେ ଆନନ୍ଦକୁ ଅନୁଭବ କରିବାକୁ ଗୀତିକାର ସତ୍ୟ ବହିଦାର ଆଜି ବଞ୍ଚି ନାହାନ୍ତି। ମନେ ପଡ଼ିଯାଉଛି କବି ଭବଭୂତିଙ୍କର 'ଉତ୍ତର ରାମ ଚରିତ' ରଚନା ପରର କଥା। କବିଙ୍କର ଏହି ଲେଖାଟି ଲୋକପ୍ରିୟ ହେବ ବୋଲି ତାଙ୍କର ଧାରଣା ଥିଲା - ମାତ୍ର ରାମାୟଣର ପରିବର୍ଦ୍ଧିତ କଥାବସ୍ତୁ ସେ କାଳରେ ଲୋକଙ୍କୁ ସେତେ ଗ୍ରହଣଯୋଗ୍ୟ ହୋଇନଥିଲା। ରାବଣର ନିଧନ ଓ ସୀତାଙ୍କ ପ୍ରତ୍ୟାବର୍ତ୍ତନ ପରେ ଆଉ କ'ଣ ବା ବାକୀ ରହିଲା ବୋଲି ଥିଲା ପ୍ରଶ୍ନ ସାହିତ୍ୟ ରସିକମାନଙ୍କର ! ମାତ୍ର ସେଥିରେ ନିରୁତ୍ସାହିତ ନହୋଇ ଭବଭୂତି କହିଥିଲେ- "କାଳ ନିରବଧି ବିପୁଳା ଚ ପୃଥ୍ୱୀ" - ଅର୍ଥାତ୍ ପୃଥିବୀ ଯେପରି ବିଶାଳ ସମୟ ସେହିପରି ଅନନ୍ତ - କେହି ଜାଣନ୍ତି ନାହିଁ କେବେ ତାଙ୍କର ରଚନା ଶ୍ରେଷ୍ଠ ଭାବରେ ବିବେଚିତ ହେବ ମାତ୍ର ତାଙ୍କର ଆଶାଥିଲା ଦିନେ ନା ଦିନେ ତାହା ହିଁ ହେବ, ଯାହା ହୋଇଥିଲା ଅନେକ ଦିନ ପରେ। ଗୀତିକାରଙ୍କ ଜୀବନାବସାନ ପରେ ଏଇ ଗୀତଟି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଛି, ଯେମିତି କିଛି ବର୍ଷ ତଳେ ଗୋଟିଏ ଗୀତ 'କୋଲାଭରି ଡି' ଲୋକପ୍ରିୟ ହୋଇଥିଲା।

ଚଳିତ ଗୀତର ପୃଷ୍ଠଭୂମି ସହିତ ଆଧୁନିକ ଯୁଗପିଢ଼ିଙ୍କ ମାନସିକ ସଂଯୋଜନା ହୁଏତ ଏହାକୁ ଏତେ ଲୋକପ୍ରିୟ କରାଇଛି। ସାହିତ୍ୟରେ ଯୁଗଯୁଗରୁ କୁହାଯାଇଛି ମିଳନାତ୍ମକ ରଚନା ଠାରୁ ବିୟୋଗାନ୍ତକ ସୃଷ୍ଟିଗୁଡ଼ିକ ଅଧିକ ଲୋକପ୍ରିୟ। ଜୀବନରେ ବୋଧହୁଏ ସୁଖଠାରୁ ଦୁଃଖର ବ୍ୟାପ୍ତି ଅଧିକ - ସୁଖପ୍ରାପ୍ତି ମଣିଷର ଲକ୍ଷ୍ୟ ଏହା ଅସ୍ୱୀକାର କରାଯାଇପାରିବ ନାହିଁ ମାତ୍ର ମନରେ ଘଟୁଥିବା ଅଦ୍ଭୁତ ରସାୟନ ମଧ୍ୟ କ୍ଷେତ୍ର ପ୍ରସ୍ତୁତ କରେ ଯେତେବେଳେ ମଣିଷ ଏକ କାଳ୍ପନିକ ଦୁଃଖ ପଛରେ ପଡ଼େ - ଆଉ ସେଇ କାଳ୍ପନିକ ଦୁଃଖ ଭିତରେ ନିଜର ସ୍ଥିତିକୁ ପରଖେ-ଯନ୍ତ୍ରଣାର ଅନୁଭବକୁ ପରେ ଯେମିତି ସୁଖଦ ସ୍ମୃତିରେ ରୂପାନ୍ତରିତ କରାଯାଏ ଏହା ହୁଏତ ସେହିପରି ଏକ ମନସ୍ତାତ୍ତ୍ୱିକ ନିବେଦନ !

କବି ସିନା ମରିଯାଏ - କବିତା ହୁଏ ଅମର, କବିକୁ ସେ ଅମରତ୍ୱ ପ୍ରଦାନ କରେ - ତାହା ପ୍ରମାଣିତ ହୋଇଛି ପୁନର୍ବାର।

# ସରକାରୀ ସେବାକୁ ଡିଜିଟାଲ ବରଦାନ

ରାଜେଶ୍ ରାୟ
ଅଧ୍ୟାପକ, ଜୟପୁର
ମୋ : ୬୩୭୧୫୫୫୯୪୦

ପୂର୍ବରୁ ସରକାରୀ ସେବା ପାଇବା ସାତ ସପନ ଥିଲା। ବିଶେଷ କରି ରାଜସ୍ୱ ବିଭାଗ ଅଧୀନରେ ଥିବା ବିଭିନ୍ନ ସେବା ପାଇଁ ସାଧାରଣ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାର ଜଣେ ଜ୍ୱଳନ୍ତ ଭୁକ୍ତଭୋଗି ହେଉଛି ମୁଁ ନିଜେ। ମୋର ମନେ ପଡୁଛି ସେ ସମୟର କଥା। ବାସସ୍ଥାନ ପ୍ରମାଣପତ୍ର ଖଣ୍ଡେ ପାଇବା ପାଇଁ ମୁଁ ୮ ମାସ କାଳ ତହସିଲ ଓ ରାଜସ୍ୱ ନୀରିକ୍ଷକଙ୍କ ଦ୍ୱାରକୁ ଦୌଡ଼ିଛି ତଥାପି ବି ନିରାଶ ହେବାକୁ ପଡ଼ିଛି, କାରଣ ପଚାରିଲେ ଗୋଟିଏ ମାତ୍ର ଉତ୍ତର ମିଳୁଥିଲା 'ତମର ପ୍ରମାଣପତ୍ର ହେଇଯାଇଛି ଯେ କିନ୍ତୁ ସାର୍ ଏବେ ନାହାନ୍ତି, ଫିଲ୍ଡ କାମରେ ବ୍ୟସ୍ତ ଅଛନ୍ତି। ପରବର୍ତ୍ତୀ ସମୟରେ ସେ ପ୍ରମାଣପତ୍ରରେ ଦସ୍ତଖତ କଲେ ଯାଇ ତମକୁ ପ୍ରମାଣପତ୍ର ଦିଆଯିବ'। ଏ ଘଟଣା କେବଳ ମୋ ସହ ଘଟିନି ବରଂ ମୋ ଆଖି ସାମ୍ନାରେ ବୟସର ଅପରାହ୍ନରେ ଥିବା ବୃଦ୍ଧବୃଦ୍ଧାଙ୍କ ସହ ମଧ୍ୟ ହୋଇଛି। ସେହି ସବୁ ଚିତ୍ର ଦେଖିଲେ ହୃଦୟକୁ ଭାରି ବାଧେ ଏବଂ ମନକହେ ଏ କାଗଜପତ୍ର କାମଗୁଡିକ କ'ଣ ସରଳୀକରଣ କରାଯାଇ ପାରନ୍ତା ନାହିଁ ? ଯାହାଦ୍ୱାରା ସହଜରେ ଲୋକମାନେ ସମସ୍ତ ସରକାରୀ ସେବାଗୁଡ଼ିକ ପାଇପାରନ୍ତେ। ଆଜି ଯେତେବେଳେ ଖବର ପାଇଲି ଯେ ସରକାର ଏ କ୍ଷେତ୍ରରେ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଛନ୍ତି ମତେ ବହୁତ୍ ଖୁସି ଲାଗିଲା। ଏବେ ସରକାରଙ୍କ ସେବାସବୁ ହାତ ପାହାନ୍ତାରେ ମିଳିବ ! ଏସବୁ ସମ୍ଭବ ହୋଇପାରିଛି ବର୍ତ୍ତମାନର ଅତ୍ୟାଧୁନିକ ଜ୍ଞାନକୌଶଳ ଯୁଗରେ ବିକଶିତ ହୋଇଥିବା ଡିଜିଟାଲ ପ୍ରକ୍ରିୟାର ପ୍ରଭାବରେ। ଓଡ଼ିଶା ସରକାର ଏବେ ହ୍ୱାଟ୍ସଆପ୍ ମାଧ୍ୟମରେ ସମସ୍ତ ସରକାରୀ ସୁବିଧାଗୁଡ଼ିକୁ ଉପଲବ୍ଧ କରିବା ପାଇଁ ଏକ ଉଦ୍ୟମର ଅୟମାରମ୍ଭ କରିଛନ୍ତି। ଓଡ଼ିଶା ସରକାର ଓ ମେଟା ଇଣ୍ଡିଆ ମିଳିତ ଭାବେ ଏକ ୟୁନିଫାଏଡ଼ ହ୍ୱାଟ୍ସଆପ୍ ଚାଟବଟ୍‌ର ଶୁଭାରମ୍ଭ କରି ୪୨୯ରୁ ଊର୍ଦ୍ଧ୍ୱ ବିଭିନ୍ନ ସରକାରୀ ସେବାକୁ ଜନତାଙ୍କ ପାଖରେ ଉପଲବ୍ଧ କରାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହାଦ୍ୱାରା ରାଜ୍ୟର ୪୫ ନିୟୁତ ଲୋକ ଉପକୃତ ହେବେ। ଏହି ଚାଟବଟ୍ ସାହାଯ୍ୟରେ ନାଗରିକମାନେ ଗୋଟିଏ ହ୍ୱାଟ୍ସଆପ୍ ନମ୍ବର ଜରିଆରେ ଜନ୍ମ, ମୃତ୍ୟୁ, ଆୟ, ଆଇନଗତ ଉତ୍ତରାଧିକାରୀ ଓ ବାସସ୍ଥାନ ପ୍ରମାଣପତ୍ର ପାଇବା ସଙ୍ଗେ ସଙ୍ଗେ ଡ୍ରାଇଭିଂ ଓ ସାର୍ ଲାଇସେନ୍ସ ପାଇଁ ମଧ୍ୟ ଆବେଦନ କରିପାରିବେ। ଏଥିସହ ଜାତୀୟ ପରିବାର ମଙ୍ଗଳ ଯୋଜନା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ ସେବା ମଧ୍ୟ ପାଇପାରିବେ। ପୂର୍ବରୁ ଏହି ସେବା ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ ରାଜ୍ୟ ପ୍ରଣୟନ କରିଛନ୍ତି। ଏବେ ଓଡ଼ିଶା ଏହି ତାଲିକାରେ ତୃତୀୟ ସ୍ଥାନ ଅକ୍ତିଆର କରିଛି। ଓଡ଼ିଶା ସରକାରଙ୍କ ତରଫରୁ ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ (ସିଏମ୍‌ଜିଆଇ) ମେଟା ଇଣ୍ଡିଆ ସହ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି। ୟୁନିଫାଏଡ ହ୍ୱାଟ୍ସଆପ୍ ସେବା ସଫଳ ଭାବେ କାର୍ଯ୍ୟକାରୀ ହେବାପରେ ନାଗରିକମାନେ ଟେକ୍ସଟ୍ କିମ୍ବା ଭଏସ୍ ମାଧ୍ୟମରେ ସେଥିରେ ପ୍ରବେଶ କରିପାରିବେ ଏବଂ କମ୍ ଅବଧି ମଧ୍ୟରେ ସମସ୍ତ ସୁବିଧାର ଲାଭ ପାଇପାରିବେ ଯାହାକି ସରକାରଙ୍କ ମୂଳଲକ୍ଷ୍ୟ। ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ ପରି ବିକଶିତ ରାଷ୍ଟ୍ରମାନେ ଡିଜିଟାଲ ମାଧ୍ୟମକୁ ବିକାଶର ଏକ ସଶକ୍ତ ପରିପନ୍ଥୀ ରୂପେ ଗ୍ରହଣ କରି ଉନ୍ନତମାନର ସେବା ଯୋଗାଉଛନ୍ତି। ସେହି କ୍ଷେତ୍ରରେ ଭାରତ ମଧ୍ୟ ନିଜର ଦକ୍ଷତାକୁ ପ୍ରଦର୍ଶନ କରି ଡିଜିଟାଲ ପୃଷ୍ଠଭୂମିରେ ବିକାଶର ଭିନ୍ନ ଏକ ଚିତ୍ର ଆଙ୍କିବାକୁ ପ୍ରୟାସ ଜାରି ରଖିଛି। ଦେଖିବାକୁ ବାକି ରହିଲା ଏହି ପ୍ରୟାସ କେତେଦୂର ସଫଳତାର ଶିଖରକୁ ଛୁଉଁଛି।

# ରଙ୍ଗମୟ ଦୋଳ ଯାତ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ: ୯୯୩୭୬୯୧୪୭୫

ପ୍ରାଚୀନ କାଳରୁ ଭାରତୀୟ ବିଦ୍ୱାନମାନେ ଛଅଗୋଟି ଋତୁକୁ ସ୍ୱୀକୃତି ଦେଇଛନ୍ତି। ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ କବି କଣ୍ଠରେ ଜୟ ଜୟକାର ଯୁଗେ ଯୁଗେ ରହିଛି। ଆମ୍ବ ବଉଳର ସୁଗନ୍ଧରେ କୋଇଲିର କୁହୁତାନ, ରଙ୍ଗ ବେରଙ୍ଗ ପୁଷ୍ପ ସମ୍ଭାରରେ ଭ୍ରମର ଗୁଞ୍ଜନ, ବସନ୍ତର ମୃଦୁ ମଳୟ ପ୍ରବାହ ଜଗତକୁ କରେ ସ୍ୱପ୍ନ ବିଭୋର। ରଙ୍ଗମୟ ଜୀବନରେ ବହୁ ପର୍ବପର୍ବାଣି ଓ ଯାତ୍ରା ବା ଯାତ ଆମ୍ଭେ ପାଳନକରୁ। ଝୁଲଣ ଯାତ, ମକର ଯାତ, ପଣାଯାତ, ରଥଯାତ, ଚଇତି ଯାତ, ଚନ୍ଦନ ଯାତ, ଏହି ଯାତ ମଧ୍ୟରୁ ଦୋଳ ଯାତ ଋତୁରାଜ ବସନ୍ତର ମଧ୍ୟ ଭାଗରେ ପାଳନ ହୁଏ। ବର୍ଣ୍ଣାଢ଼୍ୟ ପରିପାଟିରେ ସୁଶୋଭିତ ନାନା ବର୍ଣ୍ଣ ଓ ବାସର ମହକରେ ଦୋଳ ମେଲଣ ବା ଦୋଳ ଯାତ ଉତ୍ସବ ସହର ଠାରୁ ଆରମ୍ଭ କରି ପଲ୍ଲୀର ଦାଣ୍ଡକୁ ରଙ୍ଗାୟିତ କରି ଜନଜୀବନକୁ ପୁଲକିତ, ମହକିତ କରିଥାଏ। ଫାଲଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣିମାର ପାଞ୍ଚଦିନ, ସାତଦିନ ଓ ଦଶ ଦିନରେ ହେଉଥିବା ଉତ୍ସବକୁ ଯଥାକ୍ରମେ ପଞ୍ଚଦୋଳ, ସପ୍ତଦୋଳ, ଦଶଦୋଳ କୁହାଯାଇଥାଏ।

ଶ୍ରୀରାଧା କୃଷ୍ଣ ଓ ଗୋପୀମାନଙ୍କର ନୈସର୍ଗିକ ପ୍ରେମ ଓ ଲୀଳାମୟ କୃଷ୍ଣଙ୍କ ଶୃଙ୍ଗାର ରସକୁ ରସାୟିତ କରିବା ପାଇଁ ରଙ୍ଗମୟ ଦୋଳ ଉତ୍ସବର ପରିକଳ୍ପନା। ରାଧାଙ୍କ ରୋଗ ଉପଶମ ବ୍ରହ୍ମ ଦୈତ୍ୟଙ୍କୁ ବନ୍ଦି କରିବା ଏକ ନାଟକୀୟ ପରିକଳ୍ପନା। ଚନ୍ଦ୍ରସେଣା ଓ ଗୋପାଳ ପୁଅ ବିମାନରେ ରାଧା କୃଷ୍ଣଙ୍କୁ ବସାଇ କାନ୍ଧରେ ବୋହିବା ଉପାଖ୍ୟାନ ଏକ କାରଣ, ଅନ୍ୟ ଦିଗଟି ହେଉଛି ଦ୍ୱାପର ଯୁଗରେ କୃଷ୍ଣ ମେତ୍ର ନାମକ ରାକ୍ଷସକୁ ବିନାଶ କରି ବୃନ୍ଦାବନର ପୂର୍ବଶ୍ରୀ, ଶାନ୍ତି ଫେରାଇ ଆଣିଥିଲେ। ବୃନ୍ଦାବନବାସୀ ସେହି ସ୍ମୃତିରେ ଦୋଳବିମାନରେ କୃଷ୍ଣଙ୍କୁ ବସାଇ ନଗର ପରିକ୍ରମା କରିଥିଲେ। ସେହି ଦିନରୁ ଦୋଳ ଉତ୍ସବର ସୃଷ୍ଟି ଓ ସମାଜରେ ତାହାର ପ୍ରଚାର ଓ ପ୍ରସାର ଘଟିଅଛି।

ରାଧା କୃଷ୍ଣଙ୍କର ବସନ୍ତ ରାସୋତ୍ସବ ବା ଦୋଳଯାତ୍ରାରେ ଅନ୍ୟ ଦେବଦେବୀମାନେ ମଧ୍ୟ ବିମାନରେ ଦୋଳ ମଣ୍ଡପକୁ ଆସିଥାନ୍ତି, ବୃନ୍ଦାବନର ଯମୁନା କୂଳରେ ଗୋପାଙ୍ଗନାମାନେ ରାଧାକୃଷ୍ଣଙ୍କୁ କୁଞ୍ଜ ମଧ୍ୟରେ ଲତାଦୋଳିରେ ବସାଇ 'ଚାଚେରୀ' ଖେଳିଥିଲେ। ସେମାନଙ୍କ ମନ ପ୍ରାଣରେ ଅସରନ୍ତି ପୁଲକ, ଉଦ୍ଦୀପନା ନେଇ 'ଝୁଲାଅ ଗୋ ଝୁଲଣ ଦୋଳି' ଗୀତ ଗାଇ ଦୋଳିକୁ ଝୁଲାଉଥିଲେ।



ଦୋଳ ବିମାନକୁ କାରୁକାର୍ଯ୍ୟ ନୂତନ ବସ୍ତ୍ରାଦିରେ ନାନାଜାତି ଫୁଲ ମାଳରେ ଦୋଳି ସଦୃଶ ମଣ୍ଡନ କରାଯାଏ। ଉଦ୍ଦିଷ୍ଟ ଦେବଦେବୀମାନଙ୍କ ଚଳନ୍ତି ପ୍ରତିମା ଖଟୁଲିରେ ରଖି ବିମାନରେ ସ୍ଥାପନ କରାଯାଏ। ଘଣ୍ଟ ଘଣ୍ଟା, ଖୋଳ, କରତାଳ, ମୃଦଙ୍ଗ, ଭେରିତୁରୀ, କାହାଳୀ ଓ ଟମକ ଇତ୍ୟାଦି ବଜାଇ ଆଲଟ ଚାମର ପରେ ଏକ ସ୍ୱତନ୍ତ୍ର ପଟୁଆରରେ ଦେବଦେବୀଙ୍କୁ ଦୋଳ ମଣ୍ଡପକୁ ନେଇଥାନ୍ତି। ସାକର, ଚଣା, ଆମ୍ବ, ମିଷ୍ଟ ପଦାର୍ଥ ଆଦି ଭୋଗ ଲାଗି ଦେବାପରେ ଧୂପ ଦୀପ ଦେଇ ଦୋଳକୁ ଝୁଲାଯାଏ। ବିମାନରେ ଉପବିଷ୍ଟ ଦେବତାମାନେ ଗ୍ରାମ ଦାଣ୍ଡରେ ଯାତ୍ରା କରି, ପ୍ରତି ଦ୍ୱାରରେ ଲୋକମାନଙ୍କ ଠାରୁ ଭୋଗ ଓ ନୈବେଦ୍ୟ ଗ୍ରହଣ କରିଥାଆନ୍ତି। ଏହି ଭୋଗଖିଆରୁ ଜଣାପଡ଼େ ଯେ, ଦେବତା ଓ ମଣିଷ ମଧ୍ୟରେ ଘନିଷ୍ଠ ସମ୍ପର୍କ ବିଦ୍ୟମାନ। ମଣିଷ ସିନା ଦେବତା ପାଖକୁ ଯାଏ, ଦେବତା ମଧ୍ୟ ମଣିଷ ପାଖକୁ ଆସେ। ଦେବତା ଓ ମନୁଷ୍ୟର ମିଳନ ଦୋଳ ଉତ୍ସବରୁ ମିଳେ।

ଶ୍ରୀଜଗନ୍ନାଥ ମନ୍ଦିରରେ ଦୋଳୋତ୍ସବ ଯଥା ରୀତିରେ ପାଳିତ ହୁଏ। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ନୀଳକଣ୍ଠ ଓ କପାଳମୋଚନ ଇତ୍ୟାଦି ପଞ୍ଚଦେବଙ୍କ ଗହଣରେ ଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ଯାଇଥାଆନ୍ତି। ଶ୍ରୀ ଗୋବିନ୍ଦ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଶ୍ରୀମନ୍ଦିର ଦୋଳ ମଣ୍ଡପରେ ଦୋଳବିମାନରେ ୭ଥର କରି ଏକୋଇଶ ବାର ବୁଲାଯାଏ। ଚତୁର୍ଦ୍ଦଶୀ ରାତିରେ ବହ୍ନି ଉତ୍ସବ ପାଳିତ ହୁଏ। ଏହି ଦୋଳ ଉତ୍ସବ ଫଲଗୁ ଉତ୍ସବ ଭାବେ ପାଳନ କରାଯାଏ।

ଦୋଳଯାତ୍ରାର ଫଗୁଖେଳ ଏକ ବିଶେଷ ଆକର୍ଷଣ। ଦୋଳ ବିମାନରେ ଥିବା ଦେବଦେବୀଙ୍କୁ ପ୍ରଥମେ ଫଗୁ ବା ଅବିର ପ୍ରଦାନ କରାଯାଏ, ତା'ପରେ ସମସ୍ତେ ଫଗୁ ଦେହରେ ବୋଳି ହୋଇ ରାଧାକୃଷ୍ଣଙ୍କ ନାମରେ ଆନନ୍ଦ ବିଭୋର ହୋଇଉଠନ୍ତି। ସନ୍ଧ୍ୟା ଆରତୀ ପରେ ପଞ୍ଜିକାରମାନେ ଦୋଳ ମଣ୍ଡପରେ ନୂତନ ବର୍ଷର ପଞ୍ଜିକା ପଠନ କରି ଆଗାମୀ ବର୍ଷର ଶୁଭାଶୁଭ ଲୋକମାନଙ୍କୁ ଶୁଣାଇଥାନ୍ତି।

ଫଗୁ ଜୀବନକୁ କରେ ରଙ୍ଗମୟ, ରଙ୍ଗାୟତ ଜୀବନରେ ବହୁଗୁଣ ନେଇ ବହୁ ରଙ୍ଗନେଇ ସୃଷ୍ଟି ହୁଏ ଅନେକ ରଙ୍ଗ। ଧଳାରଙ୍ଗ ଶାନ୍ତି ଓ କ୍ଷମାର ପ୍ରତୀକ ଦେବାବେଳେ ନାଲି ରଙ୍ଗ ଏକ ନୂତନ ସୂର୍ଯ୍ୟର ଆଭାସ୍, ପ୍ରେମ, ପ୍ରେରଣାର ସୌଭାଗ୍ୟ ସନ୍ତକ ହୋଇଥାଏ। ଗୋଲାପି ରଙ୍ଗ ବିଶ୍ୱ ଭାତୃତ୍ୱକୁ ବାନ୍ଧି ଅବସାଦରୁ ମୁକ୍ତ କରିଥାଏ। ହଳଦୀ ରଙ୍ଗ ଅତି ସୁଖଦାୟୀ ଓ ମଣିଷର ମସ୍ତିଷ୍କକୁ ଅଧିକ ସକ୍ରିୟ କରିଥାଏ। ସବୁଜ ରଙ୍ଗ ଉନ୍ନତ ସ୍ୱାସ୍ଥ୍ୟ ଓ ଆଖିକୁ ଆରାମ ଦେଇଥାଏ। ନୀଳ ରଙ୍ଗ ଅନନ୍ତ ଆକାଶ ଓ ସାଗରର ପ୍ରତୀକ ଭାବେ ଶକ୍ତିର ମହତ୍ୱକୁ ପ୍ରତିପାଦିତ କରେ। ସ୍ୱପ୍ନର ରଙ୍ଗ ସୁନେଲି ଆଧ୍ୟାତ୍ମିକ ଜଗତ ବା ସୂର୍ଯ୍ୟଙ୍କ ଶକ୍ତି ସମ୍ବନ୍ଧିତ ହୋଇଥାଏ। ବାଇଗଣି ରଙ୍ଗ ବିଜୟର ବାର୍ତ୍ତାବହ। ରହସ୍ୟମୟ ରଙ୍ଗ ହୋଇଛି କଳା, ସେ ହେଉଛି ଶ୍ରୀଜଗନ୍ନାଥଙ୍କ ଆଖିର ରହସ୍ୟ, କଳା ଟୋପା ପିନ୍ଧିଲେ ସମସ୍ତଙ୍କ କୁଦୃଷ୍ଟିରୁ ଆମେ ରକ୍ଷା ପାଇଥାଉ।

ରଙ୍ଗମୟ ଜୀବନରେ ରଙ୍ଗର ଆବଶ୍ୟକତା ଓ ହୋଲିର ରଙ୍ଗ ଅନେକ ଲୋକଙ୍କ ପାଇଁ ସ୍ୱତନ୍ତ୍ରତା ରଖିଥାଏ। ରାସାୟନିକ ତଥା ଉତ୍କଟ ବିଷାକ୍ତ ରଙ୍ଗ ମଣିଷର ସଂସ୍ପର୍ଶରେ ଆସିଲେ ଶରୀର ବା ଚର୍ମର କ୍ଷତି ସାଧନ କରିଥାଏ। ତେଣୁ ଅସୁସ୍ଥ ବା ଚିକିତ୍ସା ହେଉଥିବା ଲୋକଙ୍କୁ ଅବିର ଖେଳ ଠାରୁ ଦୂରେଇ ରଖିବା ଉଚିତ୍।

ଦୋଳ ଉତ୍ସବ ହିନ୍ଦୁ ସମାଜରେ ପାଳନ ହେଲେ ମଧ୍ୟ ଗୋପାଳ ସମ୍ପ୍ରଦାୟର ଏକ ପ୍ରଧାନ ଉତ୍ସବ। ବିଶେଷକରି ଗୋପାଳମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳଗୋବିନ୍ଦଙ୍କୁ ପୂଜା କରନ୍ତି। ଅଣ୍ଟାରେ କାଛଟା ବାନ୍ଧି, ହାତରେ ଲମ୍ବା ବାଡି ଧରି ମୁଣ୍ଡରେ ଜାମୁଡାଳ ଖୋସି ଖେଳ ଖେଳନ୍ତି। ବଂଶୀ ଓ ଶିଙ୍ଗା ନାଦ କରି, ଗୀତରେ ବାଡ଼ି ଖେଳ ପ୍ରଦର୍ଶନ କରନ୍ତି। ଏହି ପର୍ବ ସହୃଦୟତା ଓ ଭାତୃତ୍ୱର ବନ୍ଧନକୁ ନିବିଡ଼ କରେ। ଦୋଳ ଉତ୍ସବ ମଣିଷ ସମାଜରେ ଜାହ୍ନବୀର ଧାରା ସୃଷ୍ଟି କରି ସମାଜକୁ ରଙ୍ଗମୟ କରେ।

# ପରିବେଶ : ଆଜିର ଦାୟିତ୍ୱ, କାଲିର ଭବିଷ୍ୟତ



ସରିତା ସିଂ ମହାନ୍ତି
ଢେଙ୍କାନାଳ
ମୋ: ୭୦୦୮୧୭୩୪୮୭

ଆଲବର୍ଟ ଆଇନଷ୍ଟାଇନଙ୍କ ମତରେ - ମୋ ପାଖରେ ଯାହା ନାହିଁ ତାହା ସବୁ ଅଛି ପରିବେଶ ପାଖରେ। ପରିବେଶ ଅନ୍ତର୍ଗତ ବାୟୁ, ଜଳ, ଆକାଶ, ଜମି, ଜୀବଜନ୍ତୁ, ବନସ୍ପତି, ବୃକ୍ଷଲତା ଉପରେ କେବଳ ମନୁଷ୍ୟ ନୁହଁ ସମଗ୍ର ପ୍ରାଣୀଜଗତ ନିର୍ଭରଶୀଳ। ପ୍ରକୃତିଦତ୍ତ ଏକ ସୁନ୍ଦର ଉପହାର ପରିବେଶ। ଆମକୁ ସୁସ୍ଥ ଭାବରେ ବଞ୍ଚିବା ପାଇଁ ଯାହା ଦରକାର ସେ ସବୁ ଆମେ ପରିବେଶରୁ ପାଇଥାଉ, କିନ୍ତୁ ଦୁଃଖର ବିଷୟ ବର୍ତ୍ତମାନ ପରିବେଶ ଯେଉଁ ଭଳି ଭାବରେ ପ୍ରଦୂଷିତ ହେବାରେ ଲାଗିଛି , ଖୁବ୍‌ଶୀଘ୍ର ପ୍ରାଣୀଜଗତର ବିନାଶ ମଧ୍ୟ ପରିଲକ୍ଷିତ ହେଉଛି। ତେଣୁ ସୁନ୍ଦର, ସବୁଜ, ଶସ୍ୟଶ୍ୟାମଳ ପ୍ରକୃତିକୁ ସୁରକ୍ଷିତ ରଖିବାକୁ ହେଲେ ବର୍ତ୍ତମାନ ଠାରୁ ଆମ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ହେବ।

ପରିବେଶର ସୁରକ୍ଷା ନିମନ୍ତେ ପଦକ୍ଷେପ ନେବା ଆଗରୁ ଆମକୁ ପ୍ରଥମେ ପ୍ରଦୂଷଣର କାରଣ ଗୁଡିକୁ ଜାଣିବା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ପ୍ରକୃତରେ ପରିବେଶ କାହିଁକି ନଷ୍ଟ ହେଉଛି। ବିଗତ କିଛିବର୍ଷ ହେଲା ଏହା ଉପରେ ଅନେକ ପ୍ରଶ୍ନୋତ୍ତର କହିବା, ଶୁଣିବା ଓ ଲେଖିବା ହୋଇଗଲାଣି। କିନ୍ତୁ ଯେତେବେଳେ ପ୍ରକୃତରେ କିଛି କରିବାର ସମୟ ଆସିଛି ଆମେ ମୂର୍ଖ ବନିଯାଉଛୁ। ଏବେ ନୁହଁ ତ ପୁଣି କେବେ ? ଇନ୍ଦିରା ପଏଣ୍ଟ ପରି କନ୍ୟାକୁମାରୀ ସମୁଦ୍ରଗର୍ଭରେ ଲୀନ ହେବାପରେ, ନା ସରସ୍ୱତୀ ନଦୀ ପରି ଗଙ୍ଗା ନଦୀ କାଳ୍ପନିକ ହେବା ପରେ, ନା କରୋନା ମହାମାରୀ ପରି ଆଉ ଏକ ଭୟଙ୍କର ମହାମାରୀର ଶିକାର ହେବାପରେ ? ଅତୀତକୁ ଫେରିହେବନି କିନ୍ତୁ ସମୃଦ୍ଧ ପ୍ରକୃତିର ଅବଦାନ ବିଷୟରେ ପରପିଢ଼ିକୁ ଅବଗତ କରାଇବାକୁ ହେଲେ ଆମକୁ ଜାଗରଣ ନୁହଁ କର୍ମ କରିବାକୁ ହେବ।

ଶିକ୍ଷା ଭଳି ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାର ଆରମ୍ଭ ଘରୁ ହିଁ ହୋଇଥାଏ। ସୁନ୍ଦର ଘର ବନେଇବା, ସାଜସଜ୍ଜା ପୂର୍ଣ୍ଣ ରଖିବା ସମସ୍ତଙ୍କର ଇଚ୍ଛା। କିନ୍ତୁ ନୀତି ପ୍ରତିଦିନ ନିଜ ଘରୁ ବାହାରୁଥିବା ଆବର୍ଜନାକୁ ନେଇ ଆମେ ସଚେତନ ନୁହଁ। ଘରୁ ବାହାରୁଥିବା ଆବର୍ଜନା ଏଠିସେଠି ନ ଫୋପାଡି ପୁନଃଚକ୍ର କିମ୍ବା କମ୍ପୋଷ୍ଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ତେବେ ଅଧା ପ୍ରଦୂଷଣର ସମାଧାନ ଆପେ ହୋଇଯିବ। ଗ୍ରୀଷ୍ମ ଋତୁରେ କିଛି ରାଜ୍ୟରେ ତାପମାତ୍ରା ୫୦ ଡ଼ିଗ୍ରୀରେ ପହଞ୍ଚିଲାଣି। ଯଦି ଏହା ଆଗକୁ ଆଉ ୫ ରୁ ୭ ଡିଗ୍ରୀ ମଧ୍ୟ ବଢିଯାଏ ତେବେ ଏ. ସି କିମ୍ବା ଫ୍ରିଜ କ'ଣ ଆମକୁ ରୌଦ୍ରତାପରୁ ରକ୍ଷା କରିପାରିବ ? ଏସବୁର ବହୁଳ ବ୍ୟବହାର ମଧ୍ୟ ଆମ ପରିବେଶ ପାଇଁ ଅତ୍ୟନ୍ତ ହାନିକାରକ। ଏହାର ବ୍ୟବହାର ଦୈନନ୍ଦିନ ଜୀବନରେ ଯେତେ କମ୍ ବ୍ୟବହାର ହୋଇପାରିବ ପ୍ରକୃତିର ସମସ୍ତ ଋତୁର ସୌନ୍ଦର୍ଯ୍ୟ ସହ ଆମ ପୁରୁଣା ସ୍ମୃତିକୁ ଅନୁଭବ କରିପାରିବା । ନିଜର ଫାଇଦା ନିମନ୍ତେ ଗଢ଼ିଉଠିଥିବା ମନୁଷ୍ୟକୃତ ଶିଳ୍ପାନୁଷ୍ଠାନ ଯୋଗୁଁ କେତେ ଯେ ଗଛ, ଜଙ୍ଗଲ ପାହାଡ, ନଦୀ ବଳି ପଡ଼ିଛନ୍ତି ତାହାର କୌଣସି ହିସାବ ନାହିଁ। ପ୍ରକୃତି ଆମ ପାଇଁ ଅନେକ କିଛି ସାଇତି ରଖିଛି। ଶିଳ୍ପ କାରଖାନାରୁ ନିର୍ଗତ ଧୂଆଁ, ବିଷାକ୍ତ ଗ୍ୟାସ ଓ ପାଉଁଶର ନକାରାତ୍ମକ ପ୍ରଭାବକୁ ମନିଟରିଂ କରି ନିୟନ୍ତ୍ରିତ କରାଯାଇପାରିବ। କିନ୍ତୁ ଏସବୁ ବିଷୟ କେବଳ କାଗଜ କଲମ କିମ୍ବା ଆଲୋଚନା ପର୍ଯ୍ୟନ୍ତ ସୀମିତ ରହିଯାଉଛି । ପରିବେଶକୁ ସୁରକ୍ଷିତ ରଖିବାର ଅନେକ ଅଭିନବ ଉପାୟ ଅଛି ଯାହା ଆମକୁ କାର୍ଯ୍ୟକାରୀ କରିବାକୁ ହେବ।

ଯେ ପର୍ଯ୍ୟନ୍ତ ଆମେ ହୃଦୟଙ୍ଗମ କରିନାହୁଁ ଯେ ପରିବେଶ ସୁରକ୍ଷା କେବଳ ସରକାରଙ୍କ କାମ ନୁହଁ, ସମସ୍ତ ନାଗରିକର ମଧ୍ୟ କର୍ତ୍ତବ୍ୟ, ସେପର୍ଯ୍ୟନ୍ତ ଆମେ ଏ ଦିଗରେ ସଫଳତା ପାଇପାରିବା ନାହିଁ। ଆମକୁ ଆମ ଜୀବନଶୈଳୀରେ ଛୋଟ ଛୋଟ ପରିବର୍ତ୍ତନ ଆଣିବାକୁ ହେବ ଯଥା ବିଦ୍ୟୁତ୍ ଓ ପାଣିର ବ୍ୟହରରେ ନିୟନ୍ତ୍ରଣ, ଯଥା ସମ୍ଭବ ପଦଯାତ୍ରା ଓ ସାଇକେଲର ବ୍ୟବହାର ଏବଂ ଆବର୍ଜନାର ପ୍ରକୃତ ଉପଚାର। ଛୋଟ ସିନା ପରିଣାମ ମହାନ୍ ହେବା ସହ ପରବର୍ତ୍ତୀ ପିଢି ନିମନ୍ତେ ଏକ ସୁସ୍ଥ ପରିବେଶ ଗଠନ କରିପାରିବା। ତେଣୁ ସଂକଳ୍ପବଦ୍ଧ ହୋଇ ଆମେ ସମସ୍ତେ ଗଛ ଲଗାଇବା, ନିଜ ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା, ପରିବେଶ ସୁରକ୍ଷାକୁ ନେଇ ଜନ ଜାଗରଣ ଆଣିବା। ଦେଶର ସୈନିକ ସୀମାରେ ୨୪ ଘଣ୍ଟା -୫୦ ଡିଗ୍ରୀରେ ଦେଶକୁ ଶତ୍ରୁ କବଳରୁ ସୁରକ୍ଷା ନିମନ୍ତେ ଜାଗ୍ରତ ପ୍ରହରୀ ସାଜିରହିଛନ୍ତି, ଆଉ ଆମେ ଦେଶ ଭିତରେ ପରିବେଶର ସ୍ୱଚ୍ଛତାର ଦାୟିତ୍ୱ ନେବା। କାହିଁକି ନା ପରିବେଶ ପାଇଁ ଆମେ, ଆଉ ଆମ ପାଇଁ ପରିବେଶ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କୃଷି ଜିଲ୍ଲା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ପୃଷ୍ଟିଶସ୍ୟ ଖଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୂଖ୍ୟ ଅତିଥି ଭାବେ ପାଞ୍ଚପିଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ଯୋଗଦେଇ ଖାଦ୍ୟ ମେଳାକୁ ଉଦ୍‌ଘାଟନ କରିଥିଲେ । ମହିଳା ଗୋଷ୍ଠି ମେଳାରେ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ମେଳାକୁ ବୁଲି ଖାଦ୍ୟର ମାନ ପରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରଞ୍ଜିଆ ସିଡିପିଓ ମଞ୍ଜୁଳା ବେହେରା, ବ୍ଲକ କୃଷି ଜିଲ୍ଲା ଅଧିକାରୀ ବିଶ୍ୱମ୍ଭର ନାୟକ, ସାଂସଦଙ୍କ ପ୍ରତିନିଧି ଆଶିଷ ରଞ୍ଜନ ମହାନ୍ତ, ଜ୍ୟୋତି ଶଙ୍କର ଦାସ ଯୋଗ ଦେଇଥିଲେ । ମିଲେଟ ମିଶନର ସଂଯାଜକ ରଜତ କୁମାର ପାତ୍ର କାର୍ଯ୍ୟକ୍ରମର ସଂଯାଜନା କରିଥିଲେ। କରଞ୍ଜିଆ ବ୍ଲକର ୧୦ରୁ ଅଧିକ ସୟୋଙ୍ଗ ସହାୟକ ଗୋଷ୍ଠୀ ର ମହିଳା ମାନେ ମାଣ୍ଡିଆରେ ତିଆରି ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଷ୍ଟଲ ଲଗାଇଥିଲେ।

## ସମବାୟ ବ୍ୟାଙ୍କ ନୀତିକୁ ବିରୋଧ, ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା

ଆସିକା(ଭାସ୍କର ନ୍ୟୁଜ): ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ୧୨ବ୍ଲକର ମୋଟ ୧୯୨ଜଣ କାର୍ଯ୍ୟରତ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ଗତ ଅକ୍ଟୋବର ୪ ତାରିଖରୁ ବିଭିନ୍ନ ଦାବି ନେଇ ଆସିକା ସମବାୟ ବ୍ୟାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦେଇଥିଲେ। ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣରତ ଥିଲେ ପରବର୍ତୀ ସମୟରେ ଗତ ୧୦ଦିନ ହେବ ପୁଣି ଆସିକା ସମବାୟ ବ୍ୟାଙ୍କ ସମ୍ମୁଖରେ ବସିଛନ୍ତି। ସେମାନଙ୍କ ଅଭିଯୋଗ, ଗ୍ରାମାଞ୍ଚଳର ତୃଣମୂଳସ୍ତରରେ ଲୋକମଙ୍କର ସାମାଜିକ ଓ ଆର୍ଥିକ ସ୍ତରରେ ଉନ୍ନତି ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ତଥା କାର୍ଯ୍ୟକ୍ରମକୁ ସ୍ୱଚ୍ଛତା ସହ କମ୍ପ୍ୟୁଟର ମାଧ୍ୟମରେ ସମିତି କର୍ମଚାରୀମାନେ ସମ୍ପାଦନ କରୁଛନ୍ତି । ହେଲେ କେନ୍ଦ୍ର ଓ ରାଜ୍ୟ ସରକାର



ଅନ୍ୟ କର୍ମଚାରୀଙ୍କ ତୁଳନାରେ ସେମାନଙ୍କୁ ସ୍ୱଳ୍ପ ଦରମା ପ୍ରଦାନ କରୁଛନ୍ତି। ଫଳରେ ସେମାନେ ଦୁର୍ବିସହ ଜୀବନ ଯାପନ କରୁଛନ୍ତି । ତ୍ରିସ୍ତରୀୟ ସମବାୟ ବ୍ୟବସ୍ଥାରେ ତୃଣମୂଳସ୍ତରରେ ପ୍ରାଥମିକ କୃଷି ସମବାୟ ସମିତିଗୁଡିକ ରହିଥିବା ବେଳେ ମଧ୍ୟବର୍ତ୍ତୀ ସ୍ତରରେ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଓ ଶୀର୍ଷସ୍ତରରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ରହିଛି। କେନ୍ଦ୍ର ସମବାୟ ବ୍ୟାଙ୍କ୍‌ଗୁଡିକ ମହାଜନ ସଦୃଶ୍ୟ କାର୍ଯ୍ୟ କରନ୍ତି ଯଥା ସମିତି ଗୁଡିକ କୃଷକଙ୍କୁ ତତ୍କାଳ ସୁଧ ରିହାତି ତଥା ବିନା ସୁଧରେ ଋଣ ପ୍ରଦାନ ବେଳେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ୍ ସମିତିଠାରୁ ସୁଧ ଶୋଷଣ କରନ୍ତି ଏବଂ ସମିତିର ପ୍ରାପ୍ୟଗୁଡିକ ପ୍ରଦାନରେ ଅହେତୁକ ବିଳମ୍ବ କରିଥାନ୍ତି। ଏପରିକି କର୍ମଚାରୀଙ୍କ ଦରମା ପ୍ରଦାନରେ ମଧ୍ୟ ବାଧକ ସାଜନ୍ତି ଓ ସମିତିର କର୍ମଚାରୀଙ୍କୁ ପଦୋନ୍ନତି ଦେବାରେ ଚାଲଟୁଳ ନୀତି ଅବଲମ୍ବନ କରନ୍ତି ଓ ସମିତିର ସମ୍ବଳକୁ (ଅଂଶଧନ ଏବଂ ସୁଧ ସହାୟତା) ବ୍ୟାକ୍ ନିଜ ଇଛା ମୁତାବକ ଶୋଷଣ କରୁଥିବା ଯୋଗୁଁ ବାଧ୍ୟ ହୋଇ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ପଡୁଛି । ଏହାଦ୍ୱାରା କୃଷି ଓ କୃଷକର ଯେଉଁ କ୍ଷତି ହେବ ସେଥିପାଇଁ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ଧାରଣାରେ ବସିଥିବା କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଧାରଣାରେ କର୍ମଚାରୀ ସଂଘର ସଭାପତି ଶିବରାମ ମହାନ୍ତ୍ରଡ, ଉପ ସଭାପତି ଅଶୋକ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପାତ୍ର, ଯୁଗ୍ମ ସମ୍ପାଦକ କାହ୍ନୁଚରଣ ସ୍ୱାଇଁ, କୋଷାଧକ୍ଷ ଏ ସତ୍ୟନାରାୟଣ ରେଡ୍ଡୀ ଅରୁଣ ବେହେରା, କୃଷ୍ଣଚନ୍ଦ୍ର ଗୌଡ଼, ସୁଧାଂଶୁ ବିଷୋୟୀ, ସୋମନାଥ ମଲ୍ଲିକ, ରଞ୍ଜନ କୁମାର ବିଷୋୟୀ, ପ୍ରକାଶ ବାରିକ, ସିମାଞ୍ଚଳ ସାହୁ ଓ ପ୍ରଭାକର ମହାରଣା ସମେତ ବହୁ କର୍ମୀ ଉପସ୍ଥିତ ଅଛନ୍ତି।

## ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ପିପିଏଲ୍ କର୍ପୋରେଟ ମୁଖ୍ୟ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଫସ୍ଫେଟସ୍ ଲିମିଟେଡ୍(ପିପିଏଲ) ର କର୍ପୋରେଟ ବ୍ୟାପାର ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର ଓଡ଼ିଶାର ମହାମହିମ ରାଜ୍ୟପାଳ ଡ଼ଃ.ହରିବାବୁ କମ୍ଭମପାଟିଙ୍କୁ ଗତ ସୋମବାରସୌଜନ୍ୟମୂଳ ସାକ୍ଷାତ କରିଥିଲେ । ଏହି ଅବସରରେ ରାଜ୍ୟପାକ ଡ଼ଃ. କମ୍ଭମପତି ପିପିଏଲ ସାର କାରଖାନାର ଉତ୍ପାଦନ, ପରିଚାଳନା, ଏହାର ପରିବେଶ ସୁରକ୍ଷା ଓ ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କରେ ସବିଶେଷ ତଥ୍ୟ ଶ୍ରୀ ମିଶ୍ରଙ୍କ ଠାରୁ ଅବଗତ ହୋଇଥିଲେ । ଶିଳ୍ପର ଉନ୍ନତିକରଣ, ଶିଳ୍ପର ଅଭିବୃଦ୍ଧି ଏବଂ ଆନୁସଙ୍ଗିକ ସୁବିଧା ସୁଯୋଗର ଉନ୍ନତି ନିମନ୍ତେ ରାଜ୍ୟପାଳ ଦିଗଦର୍ଶନ ଦେଇଥିବା ପିପିଏଲ୍ କର୍ପୋରେଟ ବ୍ୟାପାର ମୁଖ୍ୟ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

## ପାରାଦୀପ ବନ୍ଦର ପୋତାଶ୍ରୟରୁ ଛୁଆ କୁମ୍ଭୀର ଉଦ୍ଧାର: ମା' ସହ ଏକାଧିକ ଥିବା ଆଶଙ୍କା



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ପୋତାଶ୍ରୟ (ଜେଟ୍ଟୀ) ମଧ୍ୟରୁ ଏକ ଛୋଟ କୁମ୍ଭୀର ଛୁଆ ଉଦ୍ଧାର ହେବା ଘଟଣା ସାଧାରଣରେ ଆତଙ୍କ ଖେଳାଇ ଦେଇଛି । ଏହିପରି ଏକ ଘଟଣା କ୍ରମରେ ମଙ୍ଗଳବାର ଦିନ କଷ୍ଟମ୍ସ ଜେଟି ନିକଟରୁ ଏକ କୁମ୍ଭୀର ଛୁଆ ଉଦ୍ଧାର କରିଛି କୁଜଙ୍ଗ ବନ ବିଭାଗ ଏବଂ ଆଖପାଖରେ ମାଆ କୁମ୍ଭୀର ଥିବା ଆଶଙ୍କା କରୁଛନ୍ତି ଲୋକେ । ସୂଚନା ଅନୁଯାୟୀ ମଙ୍ଗଳବାର ସକାଳ ସମୟରେ ପାରାଦୀପ ବନ୍ଦରର କଷ୍ଟମ୍ସ ଜେଟ୍ଟୀ ନିକଟରେ ଏକ କୁମ୍ଭୀର ଛୁଆ ବୁଲୁଥିବା ଦେଖି ବନ୍ଦରରେ କାର୍ଯ୍ୟରତ କର୍ମଚାରୀ ରାଜନଗର ବନଖଣ୍ଡ ଏକ କୁଜଙ୍ଗ ବନବିଭାଗ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ । ଖବର ପାଇବା ପରେ କୁଜଙ୍ଗ ବନବିଭାଗ ଟିମ ପାରାଦୀପ ରେ ପହଞ୍ଚିବା ସହିତ କୁମ୍ଭୀର ଛୁଆକୁ ଉଦ୍ଧାର କରିଛନ୍ତି । ତେବେ ବନ୍ଦର ଜେଟ୍ଟୀରେ ବଉଳା କୁମ୍ଭୀର ଛୁଆ ଉଦ୍ଧାର ପରେ ମା କୁମ୍ଭୀର ସହିତ ଏକାଧିକ କୁମ୍ଭୀର ରହିଥିବା ଆଶଙ୍କା କରୁଛନ୍ତି ବନ୍ଦରରେ କାର୍ଯ୍ୟରତ କର୍ମଚାରୀ ଓ ବନବିଭାଗ । ଅନ୍ୟପକ୍ଷରେ ସମୁଦ୍ର ଲୁଣି ପାଣିରେ କୁମ୍ଭୀର ରହିବା ଘଟଣା ଆଶ୍ଚର୍ଯ୍ୟ କରିଥିବା ବେଳେ ଏହା କିପରି ବନ୍ଦର ପୋତାଶ୍ରୟ ମଧ୍ୟକୁ ଆସିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏଭଳି ଘଟଣା ପାରାଦୀପ ବନ୍ଦରରେ ପ୍ରଥମ ବୋଲି କୁହାଯାଉଛି । ସେହିପରି ପାରାଦୀପ ସମୁଦ୍ର ବେଳାଭୂମିକୁ ଦୈନିକ ବହୁ ପର୍ଯ୍ୟଟକ ବୁଲିବାକୁ ଏବଂ ସମୁଦ୍ର କୂଳରେ ଗାଧୋଉଥିବା ବେଳେ ଏବେ କୁମ୍ଭୀର ପ୍ରବେଶ ସାଧାରଣରେ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରାଯାଉଛି ।

## ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରେ ଅବ୍ୟବସ୍ଥା



ଭୁବନ(ଭାସ୍କର ନ୍ୟୁଜ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦେଶର ଅଗ୍ରଣୀ ବ୍ୟାଙ୍କ ଭାବେ ପ୍ରତିଷ୍ଠା ଲାଭ କରିଥିବା ବେଳେ ଏସବିଆଇ ଭୁବନ ଶାଖାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ପୂର୍ବରୁ ଏହି ବ୍ୟାଙ୍କଟି କାଳୀ ବଜାରରେ ଥିବାବେଳେ କାଳୀ ବଜାର ଓ ନୂଆବଜାର ବସଷ୍ଟାଣ୍ଡରେ ଦୁଇଟି ଏଟିଏମ କାଉଣ୍ଟର ଥିଲା । ପ୍ରାୟ ଦୁଇ ବର୍ଷ ହେଲା ବ୍ୟାଙ୍କ କାଳୀ ବଜାରରୁ ଏନ୍‌ଏସି ଅଫିସ ପଛପଟକୁ ସ୍ଥାନାନ୍ତର ହେବା ପରେ ନୂଆ ବଜାର ଓ କାଳୀବଜାର ଏଟିଏମ କାଉଣ୍ଟର ବନ୍ଦ ହୋଇଗଲା । ପରବର୍ତ୍ତୀ ସମୟରେ ଗୋଡ଼ି ପୋଖରୀଛକ ଓ ନୂଆ ଭୁବନ କ୍ଷୁଦ୍ର ଜଳସେଚନ ଅଫିସ ସମ୍ମୁଖକୁ ଏଟିଏମ କାଉଣ୍ଟର ଉଠିଗଲା । ନୂଆ ବଜାର ଓ କାଳୀବଜାର ଭୁବନର ମୁଖ୍ୟ ବ୍ୟବସାୟିକ ପେଣ୍ଠ ସ୍ଥଳୀ ହୋଇଥିବା ବେଳେ ଏହି ଅଞ୍ଚଳରେ ଏସବିଆଇର ଏଟିଏମ ନରହିବା ଏବଂ ଛୁଟିଦିନରେ ଏଟିଏମରେ ଆଦୌ ପଇସା ନରହିବା ଫଳରେ ମାର୍କେଟିଂ ପାଇଁ ଆସୁଥିବା ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଡ଼ି ପୋଖରୀ ଛକରେ ଥିବା ଏଟିଏମ କାଉଣ୍ଟରକୁ ଯିବା ପାଇଁ ପାହାଚ ନ ଥିବାରୁ ଘୋଷରାରେ ଗୋଡ ଖସି ଅନେକ ଲୋକ ଆହତ ହେଉଛନ୍ତି । ତାଛଡା ଗୋଡ଼ି ପୋଖରୀ ଛକରେ ଅଧିକାଂଶ ସମୟରେ ରାସ୍ତା ଜାମ ରହୁଛି ଓ ଏଟିଏମ ସମ୍ମୁଖରେ ଗାଡ଼ି ପାର୍କିଂ ପାଇଁ ଜାଗା ନଥିବାରୁ ସମସ୍ୟା ଉପୁଜୁଛି । ଏହି ଏଟିଏମ କାଉଣ୍ଟରକୁ ନୂଆ ବଜାର (ବସଷ୍ଟାଣ୍ଡ)କୁ ସ୍ଥାନାନ୍ତର କରିବା ପାଇଁ ଦାବି ହୋଇଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଜନ ସାଧାରଣରେ ଦାବି ହୋଇଛି ।

## ୧୮୫ ମଇଁଷି ଜବତ: ୬ ଅଟକ

ବାରିପଦା(ଭାସ୍କର ନ୍ୟୁଜ): ଦିନକୁ ଦିନ ଗାଈ ଗୋରୁ, ମଇଁଷି ଚାଲାଣ ବଢୁଥିବା ବେଳେ ସକ୍ରିୟ ହେଉଛନ୍ତି ମାଫିଆ ଏବଂ ବିଭିନ୍ନ ସମୟରେ ମାଫିଆ ଆକ୍ରମଣର ଶିକାର ହେଉଛନ୍ତି ନିରୀହ ଜନତା । ଭାରତ ଏକ ହିନ୍ଦୁବହୁଳ ରାଷ୍ଟ୍ର ହୋଇଥିବାରୁ ବେଆଇନ ଗୋଚାଲାଣ ଓ ଗୋହତ୍ୟା ନିଷେଧ ପାଇଁ ହିନ୍ଦୁ ସଙ୍ଗଠନ ଦାବି କରିଆସୁଛନ୍ତି। ଗୋ ଚାଲାଣ ହେଉ କି ମଇଁଷି ଚାଲାଣ କମିବା ଦେଖିବାକୁ ମିଳୁନାହିଁ । ଦିନକୁ ଦିନ ଗୋମାତା ଓ ମଇଁଷିଙ୍କ ପ୍ରତି ଅତ୍ୟାଚାର ବଢ଼ି ଚାଲିଛି । ମୟୂରଭଞ୍ଜ ଜିଲ୍ଲା ମୋରଡା, ରାସଗୋବିନ୍ଦପୁର ଓ ଶୁଳିଆପଦା ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ହୋଇ ପଡୋଶୀ ପଶ୍ଚିମବଙ୍ଗକୁ ହେଉଛି ମଇଁଷି ଓ ଗୋଚାଲାଣ । ବିଳମ୍ବିତ ରାତିରେ ମୋରଡା ଥାନା ଅନ୍ତର୍ଗତ ଖୁଣ୍ଟୁଣିଆ ହୋଇ ମଇଁଷି ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଲୋକେ ମୋରଡା ଥାନା ଅଧିକାରୀ ସୁମିତ ସୋରେନଙ୍କୁ ଖବର ଦେଇଥିଲେ । ଖବର ପାଇ ମୋରଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୧୮୫ ମଇଁଷିକୁ ଜବତ କରିଛି । ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ସମସ୍ତ ମଇଁଷି ଭଦ୍ରକ ଚାନ୍ଦବାଲିରୁ ଆସୁଥିଲା । ଦିନବେଳେ ନିଛାଟିଆ ସ୍ଥାନରେ ସମସ୍ତ ମଇଁଷିକୁ ରଖୁଥିବା ବେଳେ ରାତିରେ ସମସ୍ତ ମଇଁଷିକୁ ଚଲାଇ ଚଲାଇ ମୋରଡା ଥାନା ଅଞ୍ଚଳ ହୋଇ ପାରି କରୁଥିବା ଖବର ପାଇ ମୋରଡା ପୋଲିସ ଚଢାଉ କରି ଥାନାକୁ ଆଣିଛି । ତେବେ ମଇଁଷିକୁ ଘୋଡାଇ ନେଉଥିବା ବ୍ୟକ୍ତି କହିଛନ୍ତି ଯେ ବିଭିନ୍ନ ଥାନାରେ ଟଙ୍କା ଦେଇ ଆଣୁ ।

## ୬ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ, ବେପାରି କୋର୍ଟଚାଲାଣ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ଅବକାରୀ ବିଭାଗ ମାଡି ବସିଲା ଧଳାଜହର ବ୍ୟବସାୟୀଙ୍କୁ । ତାଠାରୁ ୬ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଧଳାଜହର ଜବତ ହୋଇଥିବା ବେଳେ ଅବକାରୀ ଥାନାରେ ମାମଲା ରୁଜୁ କରାଯାଇ ସଂପୃକ୍ତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଜାମିନ ନମଞ୍ଜୁର ହେବାରୁ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ଅବକାରୀ ଥାନା ଅଧିକାରୀ ନାରାୟଣ ବେହେରା କୌଣସି ସୂତ୍ରରୁ ଖବର ପାଇଲେ ରେଞ୍ଚ ଛକରେ ଜଣେ ବ୍ୟକ୍ତି ଧଳାଜହର ବ୍ୟବସାୟ କରୁଛି । ଏ ସଂପର୍କରେ ଶ୍ରୀ ବେହେରା ପୁରୀ ଜିଲ୍ଲା ଅବକାରୀ ଅଧିକ୍ଷକ ଜଗଦିଶ ଚନ୍ଦ୍ର ସାମଲଙ୍କୁ ଜଣାଇବା ସହ ସଦଳବଳେ ରେଞ୍ଚ ଛକରେ ଚଢଉ କରିଥିଲେ । ବସନ୍ତ ଜେନା (୪୫) ନାମକ ବ୍ୟକ୍ତିକୁ ଧରିବା ସହ ତା ଠାରୁ ୬୧ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛନ୍ତି । ଯାହାର ଅନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ଅଧିକାରୀ ନାରାୟଣ ବେହେରା ସୂଚନା ଦେଇଛନ୍ତି । ଏନଡିପିଏସ୍ ଆକ୍ଟରେ ପୋଲିସ୍ ମାମଲା ରୁଜୁ କରି ସଂପୃକ୍ତ ଅଭିଯୁକ୍ତ ନିମାପଡା ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ହାଜର କରାଇଥିଲା । କୋର୍ଟ ଅଭିଯୁକ୍ତର ଜାମିନ ନାମଞ୍ଜୁର କରି ଜେଲ୍ ହାଜତକୁ ପଠାଇ ଦେଇଛି ।

## ଦିନକରେ ୪୬ ତାପଜ କୋଇଲା ରେଳ ରେକ ଖଲାସ କରି ପୁନର୍ବାର ପାରାଦୀପ ବନ୍ଦରର ରେକର୍ଡ



ପାରାଦୀପ(ଭାସ୍କର ନ୍ୟୁଜ): ପଣ୍ୟ ପରିଚାଳନା ଓ କାରବାର କ୍ଷେତ୍ରରେ ଦେଶର ଏକ ନମ୍ବର ବୃହତ ବନ୍ଦର ପାରାଦୀପ ବନ୍ଦର ପ୍ରାଧିକାରଣ ତାର ଆନୁସଙ୍ଗିକ ବ୍ୟବସ୍ଥା ଯୋଗୁଁ ଗୋଟିଏ ପରେ ଗୋଟିଏ କୀର୍ତ୍ତିମାନ ସ୍ଥାପନ କରି ଚାଲିଛି । ତେବେ ଗତ ମାର୍ଚ୍ଚ ୧୦ ତାରିଖରେ ଗୋଟିଏ ଦିନରେ ୪୬ ତାପଜ କୋଇଲା ରେଳ ରେକ ଖଲାସ କରି ପାରାଦୀପ ବନ୍ଦର ଗତ ଜାନୁଆରୀ ୧୬ ତାରିଖରେ ତାର ପୂର୍ବ ରେକର୍ଡ ୪୫ ରେକ ଖଲାସ ରେକର୍ଡକୁ ଅତିକ୍ରମ କରି ବିରଳ କୀର୍ତ୍ତିମାନ ସ୍ଥାପନ କରିଛି । ଏହି ସଫଳତା ହାସଲ ପାରାଦୀପ ବନ୍ଦରର ପ୍ରତିବଦ୍ଧତାକୁ ଦର୍ଶାଉଛି ।

### କାର୍ଯ୍ୟ ଶେଷ ହେବାର ବର୍ଷେ ପରେ ବି ମିଳୁନି ପ୍ରାପ୍ୟ

## ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ଗ୍ରାମବାସୀ

କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ଉରାଢ଼ ପଞ୍ଚାୟତ ଅଧିନସ୍ତ ତଣ୍ଡୀକଣା ସପ୍ତର୍ପଣୀ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟକୁ ସେହି ଗ୍ରାମର କେତେକ ବ୍ୟକ୍ତି ମିଳିମିଶି ଶେଷ କରିଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ମହତ ଉଦେଶ୍ୟ ରଖି ସଂଚିତ ରଖିଥିବା କିଛି ଅର୍ଥକୁ ଉପଯୋଗ କରି ଗ୍ରାମ ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟକୁ ଶେଷ କରିଥିଲେ ମଧ୍ୟ ଉପଯୋଗ କରିଥିବା ଅର୍ଥ ରାଶି ଫେରି ପାଇବା ପାଇଁ ବ୍ଲକକୁ ବାରମ୍ବାର ଦୌଡ଼ି ନୟାନ୍ତ ହେଲେଣି ଗ୍ରାମବାସୀ। ପ୍ରାୟ ଏକମାସ ତଳେ କାର୍ଯ୍ୟ କରିବା ପାଇଁ ମୌଖିକ ନିର୍ଦ୍ଦେଶ ଦେଇଥିବା ସହକାରୀ ଯନ୍ତ୍ରୀ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ କରୁଛନ୍ତି। ଏନେଇ ଅଭିଯୋଗ ହେବା ପରେ ସହକାରୀ ଯନ୍ତ୍ରୀ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏମିତିକି ନିଜକୁ ବଞ୍ଚାଇବା ପାଇଁ ଚେୟାରମ୍ୟାନ ନିକଟକୁ ଫାଇଲ ପଠେଇ ଦିଆଯାଉଛି ବୋଲି କହି ଫେରାଇ ଦେଉଛନ୍ତି। ଏଥି ବ୍ୟତୀତ ସ୍କୁଲ କମିଟି ଦ୍ୱାରା କାର୍ଯ୍ୟର ମାନ ନିରୂପଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଏ ନେଇ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାନଯାଏ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବିରୁଦ୍ଧରେ ଭାରତ ଏକତା ମିଶନ ପକ୍ଷରୁ ତହସିଲଦାରଙ୍କୁ ଅଭିଯୋଗ



ନିମାପଡା(ଭାସ୍କର ନ୍ୟୁଜ): ରାଜ୍ୟ ଭିମ୍ ଆର୍ମି, ଭାରତ ଏକତା ମିଶନ ଓଡିଶା ସାମାଜିକ ସଂକଳ୍ପ ସମାବେଶ ଚାଲିଥିବା ବେଳେ ସେଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୨୫୦ କର୍ମକର୍ତ୍ତା ପହଞ୍ଚି ମୁଖ୍ୟ ଅତିଥି ସହ ସମସ୍ତଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଢେଲାପଥର, ପାଣି ବୋତଲ ମାଡ କରିଥିବା ବେଳେ ସାରା ଦେଶରେ ଏହାର ପ୍ରତିବାଦ କରାଯାଇଥିବା ବେଳେ ନିମାପଡା ଜୋନ୍‌ର କର୍ମକର୍ତ୍ତା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଯାହାକୁ ନେଇ ଆଗାମୀ ଦିନରେ ଏକ ବଡଧରଣର ଆନ୍ଦୋଳନ ମୁଣ୍ଡ ଟେକୁଛି । ମିଳିଥିବା ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ବାଣୀବିହାର କନଭୋକେସନ୍ ହଲରେ ଗତ ମାର୍ଚ୍ଚ ୪ରେ ଭାରତ ଏକତ ମିଶନ ସାମାଜିକ ସଂକଳ୍ପ ସମାବେଶ ଚାଲିଥିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୨୫୦ କର୍ମକର୍ତ୍ତା ସେଠାରେ କୌଣସି କାରଣ ନଥାଇ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରି ଢେଲା ପଥର ଓ ପାଣି ବୋତଲ ମାଡ କରିଥିଲେ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିବା ବେଳେ ନିମାପଡା ଭାରତ ଏକତା ମିଶନ, ଓଡିଶା ପକ୍ଷରୁ ତହସିଲଦାର ମନୋଜ ପ୍ରଧାନଙ୍କୁ ଜିଲ୍ଲାପାଳଙ୍କ ଉଦ୍ଦେଶରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆନ୍ଦୋଳନ କରାଯିବ ବୋଲି ନିମାପଡା ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି । ପ୍ରକାଶ ଥାଉକି କାର୍ଯ୍ୟକ୍ରମରେ ସାମାଜିକ ସଂକଳ୍ପ ସମାବେଶର ମୁଖ୍ୟ ଅତିଥି ଆଇନଜୀବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କୁ ମଧ୍ୟ ଦୁର୍ବ୍ୟବହାର କରାଯାଇଛି ।

## ରାଧାମୋହନ ଜିଉଙ୍କ ଦୋଳ ମେଳଣ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ଓଟିଏମ କଲୋନୀ ସ୍ଥିତ ଗୋପବନ୍ଧୁ ଖେଳ ପଡିଆରେ ରାଧାମୋହନ ଜୀଉଙ୍କ ଦୋଳମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଖପାଖ ଅଞ୍ଚଳର ବିଭିନ୍ନ ପ୍ରାନ୍ତରରୁ ଠାକୁର ଶୋଭାଯାତ୍ରା କରି ବିମାନରେ ଆସି ମେଳଣ କରିଥିଲେ । ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ ହେବ ଆୟୋଜିତ ହୋଇ ଆସୁଥିବା ମେଳଣରେ ବହୁ ଶ୍ରଧାଳୁ ଯୋଗ ଦେଇଥିଲେ । ସ୍ଥାନୀୟ ରାଧାମୋହନ ଜୀଉ ନାଟ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ କଳାକାରଙ୍କୁ ନେଇ ୨ଦିନ ବ୍ୟାପି ନାଟକ ମଞ୍ଚସ୍ଥ କରାଯାଇଥିଲା । ହିମାଂଶୁ ଦାସଙ୍କ ନିର୍ଦ୍ଦେଶନାରେ କଳିଯୁଗ ତତେ ଦୁରୁ ଜୁହା' ଓ ସେଇ ଗୋଟିଏ ଭୁଲ ପାଇଁ ନାଟକ ମଞ୍ଚସ୍ଥ ହୋଇଥିଲା । କାର୍ଯ୍ୟକ୍ରମକୁ ଆଇଆଇସି ବିଶ୍ୱ ରଞ୍ଜନ ସାହୁ, କାଉନସିଲର ଦିଲ୍ଲୀପ ସାହୁ, ପ୍ରମୋଦ ଜେନା, ପୂର୍ବତନ କାଉନସିଲର ମନୋଜ ମହାନ୍ତି ପ୍ରମୂଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, କଟକ ଜିଲ୍ଲା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ ସଭାପତି ପ୍ରଫୁଲ ମହାନ୍ତି, କାଉନସିଲର ଆଶୁତୋଷ ଦାସ ପ୍ରମୁଖ ରାଧାମୋହନଜିୟୁ ପରିଷଦ କର୍ମକର୍ତ୍ତାଙ୍କ ଓଡ଼ିଶାର କଳା ଓ ସଂସ୍କୃତିର ସୁରକ୍ଷା ପାଇଁ ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ସନ୍ତୋଷ ସେନାପତି, ଅଭୟ ସ୍ୱାଇଁ, ଅର୍ଜୁନ ପଣ୍ଡା, କୁଞ୍ଜ ବିହାରୀ ଦାସ, ବିଶ୍ୱଜିତ ଭଞ୍ଜ, ଶଶାଙ୍କ ରାଉତ, ସଜିତ ବିଶ୍ୱାଳ, ଅମିତ କୁମାର ବେଉରାଙ୍କ ସମେତ ସଂଗଠନର କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଦୁଇ ମହିଳା ୱାରେଣ୍ଟି କୋର୍ଟଚାଲାଣ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ରତନପୁରରୁ ଦୁଇଜଣ ମହିଳା ୱାରେଣ୍ଟିକୁ ଗିରଫ କରି କୋର୍ଟଚାଲାଣ କରିଛି ନିଆଳି ପୋଲିସ। ମହିଳାଦ୍ୱୟ ହେଲେ ରତନପୁରର କଲ୍ୟାଣୀ ବେହେରା (୪୫) ଓ ସୁକାନ୍ତି ବେହେରା (୪୭)। ସେମାନଙ୍କ ନାମରେ କୋର୍ଟ ୱାରେଣ୍ଟି କରିଥିବା ବେଳେ ସେମାନେ ଯାମିନୀ ହୋଇନଥିଲେ। କୌଣସି ସୂତ୍ରରୁ ନିଆଳି ଥାନା ପୋଲିସ ତାଙ୍କ ଘରୁ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ବିଜୟ କୁମାର ମଳିକ ସୂଚନା ଦେଇଛନ୍ତି।

## ସୁରକ୍ଷା ସପ୍ତାହ ଉଦ୍‌ଯାପିତ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ସ୍ଥାନୀୟ ଇମ୍ଫା ଶିଳ୍ପାନୁଷ୍ଠାନରେ ଆୟୋଜିତ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟର ରାଜ୍ୟ ସୁରକ୍ଷା ବିଭାଗ ଉପ ନିର୍ଦ୍ଦେଶକ ଡ. ମଳୟ କୁମାର ପ୍ରଧାନ, କଟକ ଶାଖା ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ସହ ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇ ଶିଳ୍ପାନୁଷ୍ଠାନରେ ସୁରକ୍ଷା ପ୍ରତି ଉଭୟ ପରିଚାଳନା ବିଭାଗ, କର୍ମକଚାରୀ ଓ ଶ୍ରମିକ ଯତ୍ନବାନ ହୋବପାଇଁ ପରାମର୍ଶ ଦେଇଥିଲେ । ଇମ୍ଫା ଉପସଭାପତି ବିନୟ ଅଗ୍ରୱାଲା କାରଖାନାର ବାର୍ଷିକ ସୁରକ୍ଷା ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, କର୍ମଚାରୀ ଓ ପରିବାର ସଦସ୍ୟଙ୍କୁ ସୁରକ୍ଷା ଦିଗରେ ଆଦର୍ଶମୂଳକ କାର୍ଯ୍ୟପାଇଁ ପୁରସ୍କୃତ କରାଯାଇଥିଲା । ସ୍ଥାନୀୟ କଳାକାରଙ୍କଦ୍ୱାରା ସୁରକ୍ଷା ସମ୍ପର୍କିତ ଏକ ଲଘୁ ନାଟକ ପରିବେଷଣ କରାଯାଇଥିଲା । ମାନବ ସମ୍ବଳ ଅଧିକାରୀ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୩ ଟ୍ରାକ୍ଟର ଜବତ: ୨ ଚାଳକ ଗିରଫ, ଜଣେ ଫେରାର



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଦେବୀନଦୀ ପାର୍ଶ୍ୱ ତାଳଦା ନିକଟରେ ଦିନରାତି ଚୋରା ବାଲି ଚାଲାଣ ଚାଲୁଥିବା ବେଳେ ମଙ୍ଗଳବାର ପୂର୍ବାହ୍ନରେ ପାଟ୍ରୋଲିଂ ସମୟରେ ୩ଟି ଟ୍ରାକ୍ଟର ଗାଡି ଜବତ କରିଛି ଅସ୍ତରଙ୍ଗ ଥାନା ପୋଲିସ । ବାଲି ଚାଲାଣ ଗାଡ଼ିକୁ କାଗଜପତ୍ର ଯାଞ୍ଚ ପାଇଁ ଗାଡିକୁ ଜବତ କରି ଅସ୍ତରଙ୍ଗ ପୁଲିସ ଥାନାରେ ଅଟକ ରଖିଛି। ଜରିମାନା ପୈଠ ନ କଲେ ଗାଡିକୁ ଅଦାଲତ ଚାଲାଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ କିଛିଦିନ ହେବ ଦେବୀନଦୀ ପାର୍ଶ୍ୱ ଅସ୍ତରଙ୍ଗ ତହସିଲ ଅଧୀନ ତାଳଦା ନିକଟରୁ ବାଲିମାଫିଆ ବେଆଇନ ବାଲି ଚୋରାଚାଲାଣ କରୁଛନ୍ତି। ଏମିତିକି ରାତି ହେଉ କି ଦିନ ପ୍ରଶାସନ ଆଖିରେ ଧୂଳି ଦେଇ ଟ୍ରକ, ହାଇୱା, ଟ୍ରାକ୍ଟର ମାଧ୍ୟମରେ ବାଲି ଚାଲାଣ କରୁଛନ୍ତି। ଯାହାକି ଅସ୍ତରଙ୍ଗ ତହସିଲରେ ବ୍ୟାପକ ବାଲି ଲଘୁଖଣିଜ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ପୋଲିସ ଡିଜିଙ୍କ ନିର୍ଦ୍ଦେଶ ପରେ ଆଦ୍ବନ ମୋଡ଼ରେ ଅସ୍ତରଙ୍ଗ ପୁଲିସ ପାଟ୍ରୋଲିଂ ସମୟରେ ବିଶେଷ ସୂତ୍ରରୁ ଖବର ପାଇଁ ଅସ୍ତରଙ୍ଗ ଥାନା ସବ୍‌ଇନିସ୍‌ପେକ୍ଟର ଅନ୍ନପୂର୍ଣ୍ଣା ମଲ୍ଲିକ ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ନିକଟରୁ ବେଆଇନି ବାଲି ଚାଲାଣ କରୁଥିବା ଟ୍ରାକ୍ଟର ଗାଡି ଓଡି ୦୫ ବିଡି ୬୭୧୬ ବାଲି ଗାଡିକୁ ଧରିଥିବା ବେଳେ ଚାଳକ ଶିଖି ବାବୁଲା (୫୫)ଅଟକ ରଖିଥିଲେ। ସେହିପରି ଏଏସଆଇ ପ୍ରଶାନ୍ତ ବିଶ୍ୱାଳ କୁହୁଡି ଛକରେ ବାଲି ବୋଝେଇ ଟ୍ରାକ୍ଟର ଓଡି ୧୩କ୍ୟୁ ୩୯୬୦କୁ ଅଟକ ରଖିବା ସହ ଚାଳକ ବିକ୍ରମ ସାହୁ (୨୮)କୁ ଅଟକ ରଖିଥିଲେ। ଅନ୍ୟ ଏକ ଟ୍ରାକ୍ଟର ଓଡି ୨୧ପି ୮୩୧୬ ବାଲି ବୋଝେଇ ଗାଡି ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଛି। ପୋଲିସ ୩ ବେଆଇନ ବାଲି ଚାଲାଣ କରୁଥିବା ଟ୍ରାକ୍ଟରକୁ ଜବତ କରିବା ସହ ଚାଳକ ବିକ୍ରମ ଓ ଶିଖି ବାବୁଲାକୁ କୋର୍ଟଚାଲାଣ କରିଥିବା ବେଳେ ଥାନା କେଶ ନମ୍ବର ୩୮/୨୫, ୩୯/୨୫ଓ ୪୦/୨୫ ମାମଲା ରୁଜୁ କରିଛି ପୋଲିସ। କିନ୍ତୁ ଏଠାରେ ପ୍ରଶ୍ନ ଖଣିଜ ବିଭାଗ ତଥା ପ୍ରଶାସନ ବଡ଼ ଗାଡିକୁ ଛାଡି ଲୋକଦେଖାଣିଆ ୩ଟି ଟ୍ରାକ୍ଟରକୁ ଜବତ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଖଣି ବିଭାଗ ଅଧିକାରୀ ସମୀର ମିଶ୍ର କହିଛନ୍ତି ଷ୍ଟାଫ କମ୍ ଥିବାରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇପାରୁନି, ଆଗକୁ ଏହି ବାଲି ଚାଲାଣ ଉପରେ ନଜର ରହିଛି ବଡ଼ ଧରଣର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ।

## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କିଟ୍‌ର ପ୍ରତିଷ୍ଠାତା ସଭ୍ୟ ତଥା ଅନୁଷ୍ଠାନର ସଭାପତି ଡଃ. ଚିତ୍ତ ରଞ୍ଜନ ମିଶ୍ରଙ୍କ ସମେତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଣଶିକ୍ଷକ କର୍ମଚାରୀଙ୍କ ସମେତ ସମସ୍ତେ ଉପସ୍ଥିତ ରହି ପିଲାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡଃ. ମିଶ୍ର ପିଲାମାନଙ୍କୁ ଆଗକୁ କିପରି ଶୃଙ୍ଖଳିତ ଜୀବନ ସେମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହେବା ସହ ରାଷ୍ଟ୍ରଗଠନରେ ସହାୟକ ହେବ ତତ୍ ସହିତ କିଟ୍ ସବୁବେଳେ ତୁମମାନଙ୍କ ପଛରେ ରହିଛି ଓ ରହିବ ମଧ୍ୟ ବୋଲି ମତ ରଖିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀମାନେ ମଧ୍ୟ ଭିନ୍ନ ଭିନ୍ନ ମତ ରଖିବା ସହ ଛାତ୍ରଛାତ୍ରୀମାନେ ସେମାନଙ୍କ ଦୁଇ ବର୍ଷର ଅନୁଭୂତିକୁ ବଖାଣି ଭାବ ବିହ୍ୱଳ ହୋଇ ପଡ଼ିଥିଲେ। କିଟ୍ ଚେୟାରମ୍ୟାନ, ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭକରି ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସବୁଠୁ ବଡ ସହଯୋଗୀ ସହ ପିଲାମାନଙ୍କୁ ପୁତ୍ରକନ୍ୟାଭଳି ଦେଖନ୍ତି କହି କିଛି ଛାତ୍ର ମଧ୍ୟ କାନ୍ଦି ପକାଇଥିଲେ। ଶେଷରେ ଆଗାମୀ ଛାତ୍ରଛାତ୍ରୀଙ୍କ ପ୍ରେରଣାର ଉତ୍ସ ପାଲଟିଥିବା ଜେଇଇ(ମେନ୍) ପରୀକ୍ଷାରେ ଶ୍ରେଷ୍ଠ ତାଲିକାରେ ସ୍ଥାନିତ ୧୧ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ ସହିତ ସାଇନ୍ସ ଅଲିମ୍ପିଆଡ ଫାଉଣ୍ଡେସନ(ଏସ୍‌ଓଏଫ୍) ତରଫରୁ ପରିଚାଳିତ ବିଭିନ୍ନ ବିଭାଗରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ମଧ୍ୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଡଃ. ମିଶ୍ର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ନିରନ୍ତର ଉଦ୍ୟମ ଦ୍ୱାରା ତାହା ଆଜି ସମ୍ଭବ ହୋଇପାରିଛି ବୋଲି କହିଥିଲେ। କିଟ୍ ପରି ବିଦ୍ୟାଳୟରେ ଉପଲବ୍ଧ ଶିକ୍ଷା ଭିତ୍ତିଭୂମୀ, ପରିଚାଳନା ସମିତି, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଣଶିକ୍ଷକ କର୍ମଚାରୀଙ୍କ ସମେତ ଛାତ୍ରାବାସରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ନିଷ୍ଠାଗତ ଉଦ୍ୟମରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଜି ଓଡ଼ିଶା ଶିକ୍ଷାଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିବାରୁ ଏବଂ ଏପରି ଏକ ଅନୁଷ୍ଠାନରେ ନିଜକୁ ସାମିଲ୍ କରିଥିବାରୁ ସମସ୍ତ ଛାତ୍ରଛାତ୍ରୀ ନିଜକୁ ଧନ୍ୟ ମନେ କରନ୍ତି; ଏକଥା ଆଜି ଛାତ୍ରଛାତ୍ରୀମାନେ ମତବ୍ୟକ୍ତ କରି ଅଭିଭୂତ ହୋଇଥିଲେ। ଏଥିରେ ସାମିଲ ସମସ୍ତଙ୍କୁ ଅଧ୍ୟକ୍ଷ ଶ୍ରେୟ ପ୍ରଦାନ ସହ ସଭା ଭଙ୍ଗ ହୋଇଥିଲା।

## ବାରିପଦାରେ ଲକ୍ଷପତି ଦିଦି ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା



ବାରିପଦା(ଭାସ୍କର ନ୍ୟୁଜ): ବାରିପଦାର ଛଉ ପଡିଆଠାରେ ଜିଲ୍ଲା ପ୍ରଶାସନ ତରଫରୁ ଓଡିଶା ଜୀବିକା ମିଶନ, ମୟୁରଭଞ୍ଜ ଆନୁକୂଲ୍ୟରେ ଲକ୍ଷପତି ଦିଦି ସମ୍ପର୍କିତ ଏକ ଦିନିକିଆ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଏହି ଉପଲକ୍ଷେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସଞ୍ଜୟ ଯୋଗଦେଇ ଅନ୍ୟାନ୍ୟ ନିମନ୍ତିତ ପଦାଧିକାରୀଙ୍କ ସହିତ କର୍ମଶାଳାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଓଡିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ନବୀନ ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଲକ୍ଷପତି ଦିଦି ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ପ୍ରତିପାଦନ କରିବାକୁ ଯାଇ କହିଥିଲେ ଯେ ଏହା ଦିନଦୟାଲ ଅନ୍ତର୍ଦ୍ଧ୍ୟ ଯୋଜନା -ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅନ୍ତର୍ଗତ ଭାରତ ସରକାର ଓ ଓଡିଶା ସରକାରଙ୍କ ଏକ ମିଳିତ ଫ୍ଲାଗସିପ କାର୍ଯ୍ୟକ୍ରମ। ସେହିପରି ଡିପିସି ଏମଏସ ନିରଞ୍ଜନ ପଣ୍ଡା ଏହି ଯୋଜନାରେ ଲକ୍ଷପତି ହେବାର ମେକାନିଜିମ ସମ୍ପର୍କରେ ବିଶଦ ଭାବେ ଉଲ୍ଲେଖ କରିଥିଲେ । ଏହାର ମୂଳ ଲକ୍ଷ୍ୟ ହେଉଛି ଗ୍ରାମୀଣ ମା'ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ କାର୍ଯ୍ୟ କ୍ଷେତ୍ରରେ ସମସ୍ତ ପ୍ରକାର ସମର୍ଥନ ଯୋଗାଇ ଦେଇ ସେମାନଙ୍କ ଭିତରେ ଥିବା ଲୁକ୍କାୟିତ ଦକ୍ଷତାକୁ ପରିପ୍ରକାଶ କରିବା । ଯଦ୍ୱାରା ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତାରେ ଉନ୍ନତି ଆସିବା ସହ ଜୀବନ ଧାରଣ ମାନ ଉନ୍ନତ ହେବ ଏବଂ ସେମାନେ ସ୍ୱାବଲମ୍ବୀ ଓ ସଶକ୍ତ ହେବେ । ଏହି ଯୋଜନାରେ ମା'ମାନଙ୍କୁ ଆର୍ଥିକ ସହଯୋଗ ପ୍ରଦାନ, ଉଦ୍ୟୋଗୀକରଣ ପାଇଁ ତାଲିମ ପ୍ରଦାନ ଏବଂ ଉତ୍ପାଦିକା ସାମଗ୍ରୀର ବିକ୍ରୟ ପାଇଁ ବାଣିଜ୍ୟ ମେଳା, ପ୍ରଦର୍ଶନୀ ଇତ୍ୟାଦି ଦ୍ୱାରା ଉତ୍ତମ ବଜାର ସଂଯୋଗର ବ୍ୟବସ୍ଥା କରାଯାଇଛି। ଯେଉଁ ପରିବାରର ଆୟ ବର୍ଷକୁ ୧ଲକ୍ଷ ବା ତଦୁର୍ଦ୍ଧ ହେବ ସେଇ ପରିବାରର ମା' ଲକ୍ଷପତି ଦିଦି ଭାବେ ଚିହ୍ନିତ ହେବେ। ଓଡିଶାରେ ଚଳିତ ବର୍ଷ ୧୯ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ଏବଂ ଆମ ଜିଲ୍ଲାରେ ସମୁଦାୟ ୧ଲକ୍ଷ ଲକ୍ଷପତି ଦିଦି ତିଆରି ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏବେ ପର୍ଯ୍ୟନ୍ତ ୪୬ ହଜାର ମା' ଲକ୍ଷପତି ଦିଦି ହୋଇସାରିଲେଣି । ଜିଲ୍ଲାପାଳ ଅଭିଭାଷଣରେ କହିଥିଲେ ଯେ ଯଦିଓ ଏହି ଯୋଜନାରେ ଆମର ମୂଳ ଲକ୍ଷ୍ୟ ମା'ମାନଙ୍କୁ ଲକ୍ଷପତି ବନେଇବା, ମାତ୍ର ଆମର ଅନ୍ତର୍ନିହିତ ମୂଲ୍ୟବାନ ଲକ୍ଷ୍ୟ ହେଉଛି, ମା'ମାନଙ୍କ ଆର୍ଥିକ ସ୍ୱଚ୍ଛଳତାରେ ଉନ୍ନତି ହେଲେ ସେମାନଙ୍କ ପିଲାମାନେ ପାଠ ପଢି ବଡ ମଣିଷ ହେବେ। ମଞ୍ଚାସୀନ ଅନ୍ୟାନ୍ୟ ଅଧିକାରୀ ମଧ୍ୟ ଯୋଜନା ସମ୍ପର୍କରେ ମତାମତ ରଖିବା ସହିତ ଲକ୍ଷପତି ଦିଦି ବନିବା ପାଇଁ ନିଜ ନିଜ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ଯୋଜନାରେ ଅଧିକ ଆୟ କରିଥିବା ପ୍ରତି ବ୍ଲକରୁ ୨ଜଣ ଲକ୍ଷପତି ଦିଦିଙ୍କୁ ଏବଂ ୩ଟି ବ୍ୟାଙ୍କ ଯେଉଁମାନେ ଲକ୍ଷପତି ଦିଦି ବନେଇବାରେ ଆବଶ୍ୟକୀୟ ଆର୍ଥିକ ସହଯୋଗ କରିଥିଲେ ଉକ୍ତ ବ୍ୟାଙ୍କ ଗୁଡିକୁ ପୁରସ୍କୃତ କରାଯାଇଥିଲା। ଏତଦ ବ୍ୟତୀତ ଖୁଣ୍ଟା, ମୋରଡା ଓ ବଡ଼ସାହି ବ୍ଲକରେ ଅଧିକ ସଂଖ୍ୟକ ଲକ୍ଷପତି ଦିଦି ଚିହ୍ନିତ ହୋଇଥିବାରୁ ଏହି ୩ଟି ବ୍ଲକକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଡାକ୍ତର କହ୍ନତରୁ ସ୍ୱାଇଁ,ଡ଼ିଡ଼ିଏମ, ନାବାର୍ଡ ସ୍ମାରକ ମହାନ୍ତି, ଏଲଡିଏମ, ସୂର୍ଯ୍ୟ ନାରାୟଣ ମହାନ୍ତି ଜିଏମ, ଡିଆଇସି, ଅଜୟ କୁମାର ମହାନ୍ତ, ସମାଖୁଣ୍ଟା କେଭିକେର ବରିଷ୍ଠ ବିଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ, ଡେପୁଟି ସିଇଓ, ଓରମାସ ବିମାନ ମଲ, ଡିଏସଡବ୍ଲୁଓ ନିହାରିକା ମହାନ୍ତି ଏବଂ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିବା ବେଳେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷିମିତ୍ର, ବ୍ୟାଙ୍କ ମିତ୍ର, ପ୍ରାଣୀମିତ୍ର, ସ୍ୱୟଂସହାୟିକା ଗୋଷ୍ଠୀ, କମ୍ୟୁନିଟି ସପୋର୍ଟ ଷ୍ଟାଫ, ଏମବିକେ, ପିଆରପି -ସି ଏମ, ସଫଳ ଲକ୍ଷ ପତି ଦିଦି ମାନେ ଅଂଶଗ୍ରହଣ କରିଥିଲେ। ବାରିପଦା ଉପ ଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା ଅତି ସୁନ୍ଦର ଭାବେ ମଞ୍ଚ ପରିଚାଳନା କରି ସମସ୍ତଙ୍କୁ ବିମୁଗ୍ଧ କରିଥିଲେ। ଜୀବିକା ମିଶନ ମଧୁସ୍ମିତା ଭୂୟାଁ, ପିଏମ, ପିଇ କ୍ଷେତ୍ର ମୋହନ ସେଠୀ, ସୁନୀଲ ମଲ୍ଲିକ, ଆୟୁସୀ ମହାନ୍ତି, ଡିଟିଇ, ମେଘା ଭାର୍ଗବ ୱାଇପି ଓ ଜିଲ୍ଲା ପରିଷଦର ବିଭାଗ ଅଧିକାରୀ ବିଶ୍ୱରଂଜନ ଦାସ ଏବଂ ବାସନ୍ତୀ ସୋରେନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






କୋରାପୁଟ, (ଭାସ୍କର ନ୍ୟୁଜ) : ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ (କୋଟସ୍) କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଓଡିଶା ଏବଂ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଉଦ୍ୟମରେ କୋଟସ୍ ସଭାଗୃହରେ 'ଆଦିବାସୀ ସଂସ୍କୃତିର ସଂରକ୍ଷଣ ମାଧ୍ୟମରେ ଜନଜାତୀ ବିକାଶ-ସମସାମୟିକ ପ୍ରସଙ୍ଗ ଏବଂ ଆଲୋଚନା' ଶୀର୍ଷକ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଏବଂ ଜିଲ୍ଲାପାଳ ଭି କୀର୍ତି ଭାସନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ସଂସ୍କୃତ ଭାଷା ବିଦ୍ୟାଳୟ ଡିନ୍ ପ୍ରଫେସର ଏନ. ସି ପଣ୍ଡା, ସମାଜ ବିଜ୍ଞାନ ବିଭାଗ ସହଯୋଗୀ ପ୍ରଫେସର ଡ. କପିଳ ଖେମୁଣ୍ଡୁ, କୋଟସ୍ ନିର୍ଦ୍ଦେଶକ ଡ. ପି.ସି.ମହାପାତ୍ର, କୋଟସ୍ ସହଯୋଗୀ ପ୍ରଫେସର ଡ. ଅଶୋକ କୁମାର ନନ୍ଦ ପ୍ରମୁଖ ଉଦ୍ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ରନ ମହୁରିଆଙ୍କ ଦ୍ୱାରା ଗାନ କରାଯାଇଥିବା ଦେଶିଆ ଗୀତ ସହିତ ଉଦ୍ଘାଟନୀ ଅଧିବେଶନ ଆରମ୍ଭ ହୋଇଥିଲା । ଡ. ସୌରଭ ଗୁପ୍ତା ମଞ୍ଚ ପରିଚାଳନା କରିଥିଲେ । ଉଦ୍ଯାପନୀ ଉତ୍ସବରେ ପ୍ରଫେସର ଏସ.କେ ପାଲିତା, କୋଟସ୍ ପ୍ରଫେସର ଜଗବନ୍ଧୁ ସାମଲ, ପ୍ରଫେସର ମୀନକେତନ ବେହେରା, ପ୍ରଫେସର ରବିନାରାୟଣ ପାତ୍ର, ଅବସରପ୍ରାପ୍ତ ପ୍ରଫେସର ସତ୍ୟନାରାୟଣ ରଥ ପ୍ରମୁଖ ଯୋଗଦେଇ ଜନଜାତୀଙ୍କ ସଂସ୍କୃତିର ସଂରକ୍ଷଣ ସଂପର୍କରେ ଆଲୋକପାତ କରିଥିଲେ । ନରେନ୍ଦ୍ର କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୮୫ଜଣ ଗବେଷକ କର୍ମଶାଳାରେ ଯୋଗଦେଇଥିଲେ । ବିଭିନ୍ନ ବୈଷୟିକ ଅଧିବେଶନ ସନ୍ଦର୍ଭ ଉପସ୍ଥାପନ କରାଯାଇଥିଲା ।

## ଚୁଆପାଣି ଭରଷାରେ କୁଦୁରୁସାହିବାସୀ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ବର୍ଷସାରା ପାଣି ଚିନ୍ତା । ଖରା ହେଉ କି ବର୍ଷା, ପାଣି ପାଇଁ ବହୁ ସମସ୍ୟାରେ ପଡୁଛନ୍ତି ଗ୍ରାମବାସୀ । ବହୁଥର ଅଭିଯୋଗ କରାଯାଇଥିଲେ ହେଁ ଏଥିପାଇଁ ଜିଲା ପ୍ରଶାସନ ହାତଟେକି ଦେଇଛି । ଫଳରେ କୌଣସି ଉପାୟ ନପାଇ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ତାରତଖମଣ ଗ୍ରାମର କୁଦୁରୁସାହିବାସୀ ଛିଟିଙ୍ଗା ନାଳରୁ ଚୁଆ କରି ଦୂଷିତ ପାଣି ବ୍ୟବହାର କରୁଛନ୍ତି । ତାରତଖମଣ କୁଦୁରୁସାହିରେ ୮ପରିବାର ୫୦ରୁ ଉର୍ଦ୍ଧ୍ୱ ଆଦିବାସୀ ଲୋକେ ବସବାସ କରୁଛନ୍ତି । ସାହିରେ ୧୯୮୧ ମସିହାରେ ଏକ ନଳକୂପ ଖୋଳା ଯାଇଥିଲା । ମାତ୍ର ତାହା ଆଉ କାମରେ ଆସୁନି । ଏହାକୁ ମରାମତି କରିବାକୁ ଉଦ୍ୟମ କରାଯାଇଥିଲେ ହେଁ ଜମା ପାଣି ନ ବାହାରିବା ଯୋଗୁଁ ପାଇପ୍ ସହିତ ନଳକୂପ ତାଡିହୋଇ ପଦାରେ ପଡିଛି । ଗ୍ରୀଷ୍ମ ପ୍ରଭାବରେ ପାଣି ସଂଗ୍ରହ କରିବାକୁ ମହିଳାମାନେ ବାଲଟି, ଗରା ଆଦି ପାତ୍ର ଧରି ନାଳ ଚୁଆରୁ ପାଣି ଆଣି ରୋଷେଇବାସ, ଖାଇବା ପିଇବାରେ ବ୍ୟବହାର କରୁଛନ୍ତି । ଦୂଷିତ ପାଣି ବ୍ୟବହାର କରିବା ଦ୍ୱାରା ଛୋଟ ପିଲା ଏବଂ ଲୋକେ ସଂକ୍ରାମକ ରୋଗରେ ପଡୁଛନ୍ତି । ଖରାଦିନେ ଯାହା ତାହା ଚଳିଯାଉଥିବାବେଳେ ବର୍ଷାଦିନେ ଜଳ ସଂଙ୍କଟ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି କୁଦୁରୁସାହିବାସୀ । ନାଳରେ ପାଣି ପ୍ରଭାବିତ ହେଲେ ଅଧ କିଲୋମିଟର ରେଲୱେ ଗୋଳାପୋଲ ଅତିକ୍ରମ କରି ତାରତଖମଣ ଗ୍ରାମର ନଳକୂପରୁ ମହିଳାମାନେ ପାଣି ଆଣିବାକୁ ଯାଉଥିବା ଅଭିଯୋଗ କରିଛନ୍ତି । ତେବେ ତିନିବର୍ଷ ତଳେ ପାଣି ସମସ୍ୟା ନେଇ ଅଭିଯୋଗ ପରେ ସଦର ବ୍ଲକ ପ୍ରଶାସନ ପକ୍ଷରୁ ସାହିରେ ନଳକୂପ ଖନନ ପାଇଁ ନିର୍ଦ୍ଦେଶ ଆସିଥିଲା । ମାତ୍ର ବୋରୱେଲ ଗାଡି ସାହିକୁ ଯାଇପରିବ ନାହିଁ କହି ବାହାନାରେ ଅନ୍ୟ ସାହିରେ ନଳକୂପ ଖନନ କରାଯାଇଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବର୍ତ୍ତମାନ ଗାଡି ବିଲ ଦେଇ ସାହିକୁ ପସି ପାରିବ ବୋଲି ଜନସାଧାରଣ କହିଛନ୍ତି । ଏହାବ୍ୟତିତ ଯାତାୟତ ପାଇଁ ଦିର୍ଘ ବର୍ଷରୁ ଯାତାୟତର ସୁବିଧା ନାହିଁ । ମାଟି ମୁଠେ ପଡୁନଥିବାରୁ ବର୍ଷାଦିନେ ଚଲା ରାସ୍ତା ବ୍ୟବହାର କରିବା କଷ୍ଟକର ହେଉଛି । ରୋଗୀ କିମ୍ବା ଗର୍ଭବତୀ ମହିଳାଙ୍କୁ ମେଡିକାଲ ନେବାକୁ ୧୦୮ ଡାକିଲେ ରାସ୍ତା ନଥିବାରୁ ଅଧବାଟ ପର୍ଯ୍ୟନ୍ତ ଖଟିଆରେ ବୋହି ନେବାକୁ ପଡୁଛି । ସାହିକୁ ପଶିପାରୁନାହିଁ । ଡିମିରିଡିହା ରେଲୱେ ଫାଟକ ବିଲ ରାସ୍ତା ଦେଇ ଅଧବାଟରେ ରହୁଛି । ଏହାଛଡା ଗାଁ ଗାଁରେ ସୌରଚାଳିତ ଲାଇଟ ଲାଗୁଥିବାବେଳେ ଏଠାରେ ଆଲୋକିକରଣର ସୁବିଧା ନାହିଁ । ସଂନ୍ଧ୍ୟା ହେଲେ ଚାରିଆଡ କିଟିମିଟି ଅନ୍ଧାର ହୋଇ ରହୁଥିବାରୁ ସରୀସୃପ, ବନ୍ୟଜନ୍ତୁଙ୍କ ଭୟରେ ଲୋକେ ଘରୁ ପଦାକୁ ବାହାରିବାକୁ ଭୟ କରୁଛନ୍ତି । ତୁରନ୍ତ ଏକ ନଳକୂପ ଖନନ କରିବା ସହିତ ରାସ୍ତା ଓ ଆଲୋକିକରଣ ସୁବିଧା କରିବାକୁ ଦାବି କରିଛନ୍ତି ।

## ୱାଟରସେଡ୍ ଯାତ୍ରା ଅନୁଷ୍ଠିତ

ନୂଆପଡ଼ା, (ଭାସ୍କର ନ୍ୟୁଜ୍ ) : ଖଡ଼ିଆଳ ବ୍ଲକ ସରଧାପୁର୍ ଗ୍ରାମ ଠାରେ ଜାକଜମକର ସହ ୱାଟରସେଡ ଯାତ୍ରା ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜଳ ବିଭାଜିକା ଖଡ଼ିଆଳ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ପଞ୍ଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲାପରିଷଦ ଉପାଧକ୍ଷା ଦୀପିକା ଦୀପ, ଜିଲ୍ଲାପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ଚିତ୍ତରଞ୍ଜନ ବେହେରା, ତନୟା ଶବର ସ୍ଥାନୀୟ ସରପଞ୍ଚ ଉମେଶ କୈବର୍ତ୍ତ ଯୋଗଦେଇଥିଲେ । ସଭା ପ୍ରାରମ୍ଭରେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ପାତ୍ର ଏହି କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ବିଶଦ ଆଲୋକପାତ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜଳ ବିଭାଜିକା ଏପିଡି ଚିନ୍ତାମଣି ବେହେରା, ଏପିଡି ଦେବବ୍ରତ ବିଶ୍ୱାଳ, ଏପିଡି ସ୍ୱୟଂପ୍ରଭା ସିଂ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସୁପରିଚାଳିତ କରିଥିଲେ । ଏହି ଅବସରରେ ମୃତ୍ତିକା ସଂରକ୍ଷଣ ସପଥ ପାଠ, ବୃକ୍ଷରୋପଣ, ଶ୍ରମଦାନ, ଭୁମିପୂଜନ, କୃଷକ ମାନଙ୍କୁ ସମ୍ବର୍ଦ୍ଧନା, ଜଳ ବିଭାଜିକା ଉପରେ ନାଟକ ପ୍ରଦର୍ଶନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃଷି ଉଦ୍ୟାନ କୃଷି, ପଶୁ ସମ୍ପଦ ତଥା ମୃତ୍ତିକା ସଂରକ୍ଷଣ ବିଭାଗ ଷ୍ଟଲ ଗୁଡିକ ପ୍ରଦର୍ଶିତ ହେବା ସହ ସଚେତନ ରଥ ପରିକ୍ରମା କରିବା ସହ ପାଲା, ଘୁମୁରା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅନ୍ୟ ମାନଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର ବେନକାର, ବିଶ୍ୱମ୍ଭର ଗଉଡ, ସୁଶିଲ କୁମାର ମୁଣ୍ଡ, ମହମ୍ମଦ ରଫିକ୍ ଅଜିତ ଦଣ୍ଡସେନା ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ରମ ସଫଳ ରୂପାୟନ ଦେଇଥିଲେ । ଏହି ଅବସରରେ ଶହଶହ ହିତାଧିକାରୀଙ୍କ ସହ ଜନ ସାଧାରଣ ଯୋଗଦେଇ ଜଳ ବିଭାଜିକାର ଅନୁପ୍ରାଣିତ ହୋଇ ଅନେକ ନୂଆ ଯୋଜନା ବାବଦରେ ଜାଣିବାକୁ ପାଇଥିବା ଜନ ସାଧାରଣ ମତବ୍ୟକ୍ତ କରିଥିଲେ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଶାକର୍ମୀଙ୍କ ଧାରଣା



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ଆଶା କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏଥିସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ୬ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସ୍ମାରକ ପତ୍ରରେ ମାସିକ ଭତା ୧୮ହଜାର ଟଙ୍କା, ସ୍ଥାୟୀ ନିଯୁକ୍ତି, ଅବସରକାଳୀନ ପେନ୍ସନ୍, ମେଡିକାଲରେ କାର୍ଯ୍ୟରତ ଆଶାକର୍ମୀଙ୍କ ପାଇଁ ଆଶା ଗୃହ, ସ୍ୱାସ୍ଥ୍ୟ ବୀମା ସହ ସାମାଜିକ ସୁରକ୍ଷା ପ୍ରଦାନ ଭଳି ଦାବି ଏହି ଦାବିପତ୍ରରେ ଉଲ୍ଲେଖ ରହିଛି । ଦାବି ପୂରଣ ନେଇ ସରକାର ଗୁରୁତ୍ୱ ନଦେଲେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ଆନ୍ଦୋଳନ କରାଯିବ । ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଆଶା କର୍ମଚାରୀ ସଂଘ ସଭାପତି ଚେତାବନୀ ଦେଇଛନ୍ତି ।

## ଏଟିଏମ୍‌ରେ ଟଙ୍କା ନାହିଁ, ହନ୍ତସନ୍ତ ଲୋକେ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଗ୍ରାହକଙ୍କୁ ବ୍ୟାଙ୍କଗୁଡିକ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି । କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ମାଲକାନଗିରି ସହରରେ । ସହରରେ ଥିବା ବିଭିନ୍ନ ବ୍ୟାଙ୍କର ୧୪ଟି ଏଟିଏମ୍‌ରେ ଗତ କିଛିଦିନ ହେଲା ଟଙ୍କା ନ ଥିବା ସହ ଏସ୍‌ବିଆଇର ୫ ଏଟିଏମ୍ ପ୍ରାୟ ୨ ମାସ ହେଲା ଅଚଳ ହୋଇପଡି ଥିବାରୁ ସହରବାସୀ ଟଙ୍କା ଉଠାଣରେ ନାନା ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି । ଜିଲ୍ଲାର ଗଣପର୍ବ ବଡ଼ଯାତ୍ରା ଚାଲିଥିବା ବେଳେ ଗତ ୨ଦିନ ହେଲା ସହରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି । ଗ୍ରାହକଙ୍କ ଆକାଉଣ୍ଟରେ ଟଙ୍କା ଥାଇ ମଧ ତାହା କାର୍ଯ୍ୟରେ ଲାଗିପାରୁ ନାହିଁ । ଅନେକ ସମୟରେ ନେଟୱାର୍କ ସମସ୍ୟା ଯୋଗୁଁ ଲୋକେ ଅନ୍‌ଲାଇନ ପେମେଣ୍ଟରେ ଅର୍ଥ ପଇଠ କରିପାରୁ ନ ଥିବା ବେଳେ ଏଟିଏମ୍ ଅଚଳ ପାଇଁ ନାନା ସମସ୍ୟା ଭୋଗୁଛନ୍ତି । ବିଭିନ୍ନ ବ୍ୟାଙ୍କର ପ୍ରାୟ ଏଟିଏମ୍ ଅଚଳ ହୋଇପଡିଥିବାରୁ ଗ୍ରାହକ ଓ ଜନସାଧାରଣ ଟଙ୍କା ପାଇଁ ହଟହଟା ହେଉଛନ୍ତି । ଡିଏନ୍‌କେ ଦୁର୍ଗାମଣ୍ଡପ ନିକଟରେ ଥିବା ଏସ୍‌ବିଆଇର ଦୁଇଟି ଏଟିଏମ୍ ମେଶିନ ବାରମ୍ବାର ଖରାପ ହେଉଥିଲେ ମଧ ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ନଜର ପଡୁନାହିଁ । ସେହିପରି ଏସ୍‌ପି ଓ ଜିଲ୍ଲାପାଳଙ୍କ ଅଫିସ ଓ ଏସ୍‌ବିଆଇ ନିକଟରେ ଥିବା ତିନୋଟି ଯାକ ଏଟିଏମ୍ ଖରାପ ଥିବାରୁ ଲୋକମାନେ ଟଙ୍କା ଉଠାଇ ନ ପାରି ହଇରାଣ ହୋଇଥିଲେ । ଏଠାରେ ଏସ୍‌ବିଆଇ, ପଞ୍ଜାବ, ଆଇସିଆଇସିଆଇ, ଏଚଡିଏଫ୍‌ସି, ଆକ୍‌ସିସ୍, କାନାଡା ସହ ଅନ୍ୟାନ୍ୟ ବ୍ୟାଙ୍କର ୧୪ ଏଟିଏମ୍ ରହିଛି । ହେଲେ କୌଣସି ଟାରୁ ଠିକ୍ ଭାବେ ଟଙ୍କା ବାହାରୁ ନାହିଁ ।

## ଏକଲବ୍ୟ ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ




ବେଲପାହାଡ଼, (ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ସ୍ଥିତ ଟିଆରଏଲ କ୍ରୋସାକି ପକ୍ଷରୁ ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ଉଚ୍ଚ ବିଦ୍ୟାଳୟରେ ଏକଲବ୍ୟ ମେଧା ଅନ୍ୱେଷଣ ପରୀକ୍ଷା ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଅନୁଷ୍ଠିତ ହୋଇଯାଇଛି । ଏହି ପରୀକ୍ଷା ପାଇଁ ବ୍ଲକର ୧୨ ଗୋଟି ବିଦ୍ୟାଳୟରୁ ମୋଟ ୧୮ ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ । ପରୀକ୍ଷାରେ ସାହିତ୍ୟ, ଇଂରାଜୀ, ଗଣିତ, ବିଜ୍ଞାନ ଓ ସାଧାରଣ ଜ୍ଞାନ ବିଷୟର ପ୍ରଶ୍ନ ରହିଥିଲା । ଟିଆର୍‌ଏଲ କ୍ରୋସାକି କର୍ତ୍ତୃପକ୍ଷ ପ୍ରତିବର୍ଷ ଲଖନପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ଅଧ୍ୟୟନରତ ତଫସିଲ ଭୁକ୍ତ ଜାତି ଓ ଜନଜାତି ଆର୍ଥିକ ଅନଗ୍ରସର ଛାତ୍ରମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ମୂଳକ ଲିଖିତ ପରୀକ୍ଷା 'ଏକଲବ୍ୟ ମେଧା ଅନ୍ୱେଷଣ' ମାଧ୍ୟମରେ ଛାତ୍ର ମନୋନୟନ କରିଥାଏ । ଏହି ମନୋନୀତ ଛାତ୍ରମାନଙ୍କୁ ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ଉଚ୍ଚ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣାରେ ପଢ଼ିବା ସହିତ ବିଦ୍ୟାଳୟର ଛାତ୍ରାବାସରେ ରହିବା ପାଇଁ ସୁବିଧା ଯୋଗାଇ ଦିଆଯାଇଥାଏ । ସେମାନଙ୍କ ଛାତ୍ରାବାସରେ ରହଣି, ଖାଦ୍ୟପେୟ, ବହି, ଖାତା, ପୋଷାକ ସମେତ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ କମ୍ପାନୀ କର୍ତ୍ତୃପକ୍ଷ ବହନ କରିଥାଏ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପଟନାୟକଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ତେଜରାମ ସା, ପ୍ରଭାତ ସାହୁ, ଦିଲୀପ ସାହୁ, ସୁରେଶ ପଧାନ, ଶିକ୍ଷୟିତ୍ରୀ ପଲ୍ଲବୀ ମଲ୍ଲିକ, କୁସୁମାଞ୍ଜଳି ସାହୁ ପରୀକ୍ଷା ପରିଚାଳନା କରିଥିଲେ । ଟିଆରଏଲ କ୍ରୋସାକି ସାମାଜିକ ଦାୟିତ୍ୱ ବିଭାଗ ଅଧିକାରୀ ଦୀପକ ସାହୁ ଓ କାର୍ଯ୍ୟକର୍ତ୍ତା ବ୍ରଜବନ୍ଧୁ ଶତପଥୀ, ଜ୍ୟୋତିର୍ମୟୀ ପଟ୍ଟନାୟକ ସହଯୋଗ କରିଥିଲେ ।

## ନୂତନ ଅପରାଧିକ ଆଇନର ସଚେତନତା କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍ ) : ପଟ୍ଟାମୁଣ୍ଡାଇ ପ୍ରେକ୍ଷ୍ୟାଳୟ ପରିସରରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ଦ୍ୱାରା ନୂତନ ଅପରାଧିକ ଆଇନର ସଚେତନତା କାର୍ଯ୍ୟକାରିତା କାର୍ଯ୍ୟକର୍ମ ଅନୁଷ୍ଠିତ ହେଇଯାଇଛି । ଉକ୍ତ କାର୍ଯ୍ୟକର୍ମରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ନିର୍ବାହୀ ଅଧିକାରୀ ପ୍ରଫୁଲ କୁମାର ବିଶ୍ୱାଳ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ସବ ଇନିସ୍‌ପେକ୍ଟର ରତିକାନ୍ତ ନାୟକ ପଟ୍ଟାମୁଣ୍ଡାଇ ପୌରପରିଷଦର କାଉନ୍‌ସିଲର । ପଟ୍ଟାମୁଣ୍ଡାଇ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସାମ୍ବାଦିକବନ୍ଧୁ, ବୁଦ୍ଧିଜୀବୀ, ଶିକ୍ଷ୍ୟାବିତ, ସଚେତନ ନାଗରିକ ଉପସ୍ଥିତ ଥିଲେ । ଆଦର୍ଶ ଥାନ ଅଧିକାରିଣୀ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସାଧାରଣ ଜନତା ଓ ପୋଲିସଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା କରି ଥାନାକୁ ଆସୁଥିବା ପ୍ରତ୍ୟକ ସାଧାରଣ ଜନତାଙ୍କୁ କିପରି ଉଚିତ ନ୍ୟାୟ ଦିଆଯାଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଶେଷରେ ରତିକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ ।




## ବ୍ଲକର ୫ କର୍ମଚାରୀଙ୍କର ସାତମାସ ଦରମା ବନ୍ଦ

କଣାସ, (ଭାସ୍କର ନ୍ୟୁଜ୍ ) : କଣାସ ବ୍ଲକରେ କାର୍ଯ୍ୟ କରୁଥିବା ୫ ଜଣ କର୍ମଚାରୀଙ୍କର ସାତମାସ ହେଲା ଦରମା ମିଳିନଥିବାରୁ ସେମାନେ ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । କଣାସ ବ୍ଲକରେ ନୂତନ ଭାବେ ଯୋଗଦେଇଥିବା ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ନିକଟରେ କର୍ମଚାରୀମାନେ ଅଭିଯୋଗ କରିଥିବା ଜଣାପଡିଛି । ଖବର ନେବାରେ ଜଣାପଡିଛି କଣାସ ବ୍ଲକର ପୂର୍ବତନ ବିଡିଓ ନାରାୟଣ ସାହୁ ରାଜନୈତିକ ଛକାପଞ୍ଝା ଯୋଗୁଁ କଣାସ ବ୍ଲକର ୨୮ ଗ୍ରାମପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କୌଣସି କାର୍ଯ୍ୟ କରାଯାଇନଥିବାରୁ ଏହି ଯୋଜନା କଣାସ ବ୍ଲକରେ କାର୍ଯ୍ୟକରୁଥିବା ଏପିଓ, ଏସିପି, ଏନଆରଜିଏସ ଆସିଷ୍ଟାଣ୍ଡ ଦୁଇଜଣ, ଏନ୍‌ଆରଜିଏସ ଇଇଓଙ୍କ ସମେତ ୫ ଜଣଙ୍କ ଦରମା ସାତ ମାସ ହେଲା ପିଡି ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିବାରୁ ଦରମା ବନ୍ଦ ରହିଛି । ପୂର୍ବତନ ବିଡିଓ ରାଜନୈତିକ ଛକାପଞ୍ଝାରେ କାର୍ଯ୍ୟବନ୍ଦ କରିଥିବାବେଳେ ୫ ଜଣ ନିରୀହ କର୍ମଚାରୀମାନଙ୍କ ଦରମା ବନ୍ଦ ହୋଇଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଉକ୍ତ କର୍ମଚାରୀମାନେ ଦରମା ଦେବା ପାଇଁ ନୂତନ ବିଡିଓଙ୍କୁ ଲିଖିତ ଭାବେ ଦେବା ପରେ ନୂତନ ବିଡିଓ ଶ୍ରୀ ସ୍ୱାଇଁ ପିଡିଙ୍କୁ ଦରମା ଦେବାକୁ ଅନୁରୋଧ କରିଥିବା ଜଣାପଡିଛି ।

## ଉତ୍କଳ ଦିବସ ପାଇଁ ପ୍ରସ୍ତୁତି ବୈଠକ



ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ରାଇଘର ଡିଏନ୍‌କେ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରତିବର୍ଷ ଭଳି ଓଡ଼ିଶାର ଗର୍ବ ଗୌରବ ତଥା ସ୍ୱାଭିମାନର ସ୍ୱାକ୍ଷର ବହନ କରୁଥିବା 'ଉତ୍କଳ ଦିବସ'କୁ ମହା ଆଡ଼ମ୍ବରରେ ପାଳନ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଇଘର ଅଞ୍ଚଳର ବହୁ ଶିକ୍ଷକ, ଉତ୍କଳପ୍ରେମୀ ଜନସାଧାରଣ ଉପସ୍ଥିତ ରହି ଉକ୍ତ ଦିବସ ପାଳନ ନିମନ୍ତେ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରିଥିବା ଜଣାପଡିଛି । ସ୍ଥାନୀୟ ଅଞ୍ଚଳ ଲୋକମାନଙ୍କର ଉତ୍ସାହ ଓ ସହଯୋଗକୁ ପାଥେୟ କରି ରାଇଘର ମାଟିରେ ଏହି କାର୍ଯ୍ୟକ୍ରମ ଅବସରରେ କଳା ସଂସ୍କୃତି ସାହିତ୍ୟ ଓ ସଭ୍ୟତାକୁ ଜାଗରଣ କରିବା ନିମନ୍ତେ କବିତା ପାଠୋତ୍ସବ, ଅନ୍ତାକ୍ଷରି ସାଧାରଣ ସଭା ଓ ନାଟକ ପରିବେଷଣ କରାଯିବା ଧାର୍ଯ୍ୟ ହୋଇଛି । କାର୍ଯ୍ୟକ୍ରମକୁ ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଛି । ଏହି କମିଟିର ନୂତନ କର୍ମକର୍ତ୍ତା ଭାବେ ସଭାପତି-ଆଇନଜୀବୀ କିରଣ ପଟ୍ଟନାୟକ, ଉପ ସଭାପତି-ଶିକ୍ଷକ କିରଣ ମହାପାତ୍ର, ସମ୍ପାଦକ - ରାଇଘର କଲେଜ ଅଧକ୍ଷ ପରୀକ୍ଷିତ ସାହୁ, ସହ ସମ୍ପାଦକ-ଶିକ୍ଷକ ପ୍ରଦୀପ୍ତ ମଲ୍ଲିକ କୋଷାଧକ୍ଷ-ଶିକ୍ଷକ ଗୌତମ ରାଉତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ବୈଠକରେ ଗୁଚାଗୁଡା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଭିରାମ ଲେଙ୍କା ଓରଫ ଶ୍ରୀମାନ ଅଖାଡୁଆ ଓ ଶିକ୍ଷକ ତଥା କବି ସଂଗ୍ରାମ କିଶୋର ପରିଡା, ଅଭିନେତା ତଥା ରନ୍‌ମଞ୍ଜରୀ ଆର୍ଟ ଗ୍ରୁପ ପ୍ରଯୋଜକ ଧନଞ୍ଜୟ ମଲ୍ଲ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ସମାଜସେବୀ ସଂଗ୍ରାମ ନାୟକ, ଶିକ୍ଷକ ପ୍ରଣବ ଦାଶ, ବଂଶୀଧର ଜେନା, ସଂଗଠକ ପ୍ରକାଶ ସାମଲ, ଶିକ୍ଷକ ବିଶ୍ୱେଶ୍ୱର ପଢ଼ିଆରୀ, ଶିକ୍ଷକ ରବୀନ୍ଦ୍ର ନନ୍ଦୀ, ସାମ୍ବାଦିକ ଅମୀୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

## କଳସୀ ମଣ୍ଡେଇ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ସଦରମହକୁମା ଠାରେ ଥିବା କଳସୀ ଗୁଡ଼ି ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଚଳିତବର୍ଷ ମଣ୍ଡେଇ ଯାତ୍ରା ନିମନ୍ତେ ୧୧ତାରିଖ ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସାତପାଲିର ଗାଉଟିଆ କମଳ ସିଂ ରାଜପୁତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଦେବେନ୍ଦ୍ର ମିଶ୍ରଙ୍କୁ ସଭାପତି ଭାବେ, ବସନ୍ତ ଡଙ୍ଗିରି ଓ ଚନ୍ଦନ ସତନାମିଙ୍କୁ ଉପସଭାପତି ଭାବେ ସମ୍ପାଦକ ଭାବେ ଭୀଷ୍ମ ନାୟକ ଶହ ସମ୍ପାଦକ ଭାବେ ପ୍ରସାନ୍ତ କୁମାର ରାଇଙ୍କୁ କୋଷାଧକ୍ଷ ଭାବେ ସାଇ କ୍ରିଷ୍ଣାଙ୍କୁ ମୋନୋନିତ କରାଯାଇଥିଲା । । ଏହି ଅବସରରେ ରାଇଘର ବ୍ଲକର ସାତପାଲିର ଗ୍ରାମ ମୁଖ୍ୟ ସିଆନ ତଥା ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ । ଆସନ୍ତା ୧ ତାରିଖ ମଙ୍ଗଳବାର ଦିନ କଳସ ସ୍ଥାପନ ସହ ସପ୍ତାହ ପର୍ଯ୍ୟନ୍ତ ମାଆଙ୍କ ଗ୍ରାମ ପରିକର୍ମା କାର୍ଯ୍ୟକ୍ରମ ରହିଛି । ୮ତାରିଖ ଦିନ କଳସୀଗୁଡ଼ି ଠାକୁରାଣୀଙ୍କ ପୀଠରେ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

## ଜିଲ୍ଲା କଂଗ୍ରେସର ବିକ୍ଷୋଭ



କୋରାପୁଟ, (ଭାସ୍କର ନ୍ୟୁଜ) : ରାଜ୍ୟରେ ମହିଳାଙ୍କ ପ୍ରତି ବଢୁଥିବା ନିର୍ଯ୍ୟାତନା ଓ ଅତ୍ୟାଚାର ବିରୋଧରେ କୋରପୁଟ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଗଣଧାରଣା ଦିଆଯାଇଛି । ଜିଲ୍ଲା ସଭାପତି ଶଶି ଭୂଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନରେ ମହିଳା ଓ ପୁରୁଷ କଂଗ୍ରେସ କର୍ମୀମାନେ ଯୋଗଦେଇଥିଲେ । ପ୍ରଦେଶ ମହିଳା କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ମୀନାକ୍ଷୀ ବାହିନୀପତି ଯୋଗଦେଇ ରାଜ୍ୟରେ ନାରୀ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା କାରଣରୁ କଂଗ୍ରେସ ଏହାର ପ୍ରତିବାଦରେ ଗଣଧାରଣା ଦେଇଥିବା କହିଥିଲେ । ମହିଳାଙ୍କ ସହିତ ସର୍ବଦା କଂଗ୍ରେସ ରହିଛି ଏବଂ ରହିଥିବ ବୋଲି ମଧ୍ୟ କହିଥିଲେ । ୧୭୦୦ମହିଳା ନିଖୋଜ ଥିବା ଘଟଣାକୁ ସରକାର ହାଲୁକା ଭାବେ ନେଉଛନ୍ତି ବୋଲି ଶ୍ରୀମତୀ ବାହିନୀପତି କହିଥିଲେ । ସ୍କୁଲ ଛାତ୍ରୀ ପ୍ରସବ, ନାବାଳିକା ଗଣଦୁଷ୍କର୍ମ ମାମଲାକୁ ନିନ୍ଦା କରିବା ସହ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ଦାବି କରିଥିଲେ । ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତିଭାସନଙ୍କ ଜରିଆରେ ତାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରଭାରୀ ଅଜିତ ଦାସ, ପୂର୍ବତନ ସାଂସଦ ଜୟରାମ ପାଙ୍ଗି, ରୁପକ ତୁରୁକ, ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, କଂଗ୍ରେସ ନେତା ସୁଧୀର ଷଡଙ୍ଗୀ ପ୍ରମୁଖଙ୍କ ସହ ଶତାଧିକ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

## ଜୀବେଦୟା ସଚେତନତା ଅଭିଯାନ




କେନ୍ଦୁଝର, (ଭାସ୍କର ନ୍ୟୁଜ) : ସୋମବାର ଦିନ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ, ଜିଲ୍ଲା ପ୍ରାଣୀ ସଂପଦ ବିଭାଗ ଓ ପ୍ରଗତୀ ଫାଉଣ୍ଡେସନ ମଇଦାନକେଲର ମିଳିତ ସହଯୋଗରେ ମଇଦାନକେଲଠାରେ ଖରା ଦିନେ ଗୋରୁ ଗାଇମାନଙ୍କ ଯତ୍ନ ଓ ସୁରକ୍ଷା ସଚେତନତା ଅଭିଯାନ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାକୁ ପ୍ରଗତୀ ଫାଉଣ୍ଡେସନର ସଭାପତି ମନୋଜ କୁମାର ମହାନ୍ତ ସଭାପତିତ୍ୱ କରିଥିଲେ । ପ୍ରାଣୀ ସଂପଦ ବିଭାଗର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଚନ୍ଦ୍ରଶେଖର ରଥ ଓ ସହଯୋଗୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରସନ୍ନ କୁମାର ମୁଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦୁଝର ଜିଲ୍ଲାରେ ପ୍ରାଣୀ ସଂପଦ ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ସହଯୋଗରେ ଗ୍ରୀଷ୍ମ ଋତୁରେ ଗୋରୁଗାଇ ମାନଙ୍କ ଯତ୍ନ ସଚେତନତା ଜାରି ରହିଛି । ଏହି ପରିପ୍ରେକ୍ଷୀରେ ପ୍ରାଣୀଧନ ନିରୀକ୍ଷକ ଅଭୟ କୁମାର ସାହୁ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ଖରାଦିନେ ଗୋରୁଗାଇ, ଛେଳିମେଣ୍ଢା, କୁକୁଡା ଓ ପକ୍ଷୀମାନଙ୍କ ଯତ୍ନ ସୁରକ୍ଷା ବିଷୟରେ ବୁଝାଇଥିଲେ । ଖରା ବଢିବା ପୂର୍ବରୁ ଗୋରୁଗାଇମାନଙ୍କୁ ଘରକୁ ଫେରାଇ ଆଣିବା, ସେମାନଙ୍କୁ ସୁଷମ ଦାନା ଜାତୀୟ ଖାଦ୍ୟ କମ୍ ଦେଇ ସବୁଜ ଘାସ ଖୁଆଇବା, ଘରେ ସେମାନଙ୍କ ପାଇଁ ତୋରାଣୀ ପାଣିର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ । କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସଂପାଦକ ତଥା ଜୀବେଦୟା ଅଭିଯାନର ଆବାହକ ଭକ୍ତବତ୍ସଳ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ମଣିଷ ଜଣେ ଉନ୍ନତ ପ୍ରାଣୀ । ତା'ର ବିବେକ ଅଛି କଥା କହୁଛି । କଥା କହିପାରୁ ନଥିବା ପ୍ରାଣୀମାନଙ୍କର ବି ଜୀବନ ଅଛି । ଖରାରେ ସେମାନଙ୍କୁ ତୃଷା ଲାଗେ ଏବଂ ଗ୍ରୀଷ୍ମର ଉତ୍ତାପରେ କଷ୍ଟ ପାଇଥାନ୍ତି । ଗୋରୁଗାଇ, ଛେଳିମେଣ୍ଢା, ମଇଁଷି, କୁକୁର ଓ ସମସ୍ତ ପକ୍ଷୀ ମାନଙ୍କ ପାଇଁ ବାହାରେ ପାଣି କୁଣ୍ଡରେ ପାଣି ରଖିବା, ଗଛରେ ଠେକି ବାନ୍ଧି ସେଥିରେ ପାଣି ଦେବା ମଣିଷ ସମାଜର ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି । ଗ୍ରାମାଞ୍ଚଳରେ ଓ ସହରାଞ୍ଚଳରେ ବୁଲା ଗୋରୁଗାଇମାନଙ୍କ ପାଇଁ ପାଣି କୁଣ୍ଡ ସ୍ଥାପନ ଓ ଜଳଦାନ ପାଇଁ ବୁଝାଇଥିଲେ । ଚାଷୀ କୃପାସିନ୍ଧୁ ସିଂ, ରଞ୍ଜୁଲତା ମହାନ୍ତ, ପ୍ରାଣୀମିତ୍ର ସୁମତୀ ମୁଣ୍ଡାରୀ ଓ ପଦ୍ମିନୀ ମହାନ୍ତ, ଦୀପାଞ୍ଜଳୀ ସିଂ, ଚାଷୀ ଦୀନବନ୍ଧୁ ମହାନ୍ତ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଜୀବେଦୟା ଅଭିଯାନ ସଦସ୍ୟ ରୁଦ୍ରନାରାୟଣ ଲୋହାର ଖରାଦିନେ ପଶୁପକ୍ଷୀମାନଙ୍କୁ ଓ ବୁଲା ଗୋରୁଗାଇ ମାନଙ୍କୁ ଜଳ ଦାନ ପାଇଁ ଆହ୍ୱାନ ଦେଇଥିଲେ । ବୁଲା ଗୋରୁଗାଇ ମାନଙ୍କୁ ଜଳ ଦାନ କରୁଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର ହୋଇଥିଲା । ଶେଷରେ ପ୍ରଗତୀ ଫାଉଣ୍ଡେସନ ର ସଦସ୍ୟ ସୁଶାନ୍ତ ମହାନ୍ତ ଅତିଥି ଓ ଅଂଶଗ୍ରହଣକାରୀ ଚାଷୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମଇଦାନକେଲ ପଂଚାୟତର ୧୦ଟି ରାଜସ୍ୱ ଗ୍ରାମରୁ ୭୮ ଜଣ ଭାଷୀ ଭାଗ ନେଇଥିଲେ ।

## ଗଞ୍ଜେଇର ମୂଳୋତ୍ପାଟନ ପାଇଁ ପୋଲିସ ତତ୍ପର



କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : ଦିନକୁ ଦିନ କନ୍ଧମାଳ ବୌଦ୍ଧ ଅଞ୍ଚଳରୁ ପ୍ରତିଦିନ ଗଞ୍ଜେଇ ଚୋରା ଚାଲାଣ ହେଉଛି । କାହିଁକି ନା ଗଞ୍ଜେଇ ମାଫିଆ ମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନାହିଁ । ଏହିମାନଙ୍କ ଘର, ଜମିବାଡ଼ି, ଗାଡି ଗୁଡିକର ଜବତ ହୋଇଥିଲେ ଗଂଜେଇ ବେପାର ହ୍ରାସ ହୋଇପାରିଥାନ୍ତା । କନ୍ଧମାଳ ଜିଲ୍ଲା ପୋଲିସ ୪ଟି ଥାନା ଅଞ୍ଚଳରେ ଏକ କାଳୀନ ଚଢ଼ାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି । ପ୍ରାୟ ୮ ହଜାର ୨୮୫ କେଜି ଗଞ୍ଜେଇ ଜବତ କରିଛି ପୋଲିସ । ଯାହା ସୂଚନା ରହିଛି କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଚୋରା ଚାଲାଣ ରୋକିବାକୁ ଡିଜିପି ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁଯାୟୀ, କନ୍ଧମାଳ ଏସ୍‌ପି ହରିଶ ବି. ସି. ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ । ଗୋଛାପଡ଼ା ଥାନା ଅନ୍ତର୍ଗତ କଟ୍ରିଙ୍ଗିଆ ପଞ୍ଚାୟତର ବୁଡ଼େନିପଙ୍ଗା ଜଙ୍ଗଲରୁ ୩୬୭୫ କେଜି ଗଂଜେଇ ଜବତ କରିବା ସହ ଗୋଛାପଡା ଥାନରେ ୬୮/୨୫ରେ ଏକ ମାମଲା ରଜୁ କରି ତଦନ୍ତ ଚଳାଇଛି । ଫୁଲବାଣୀ ସଦର ଥାନା ଅନ୍ତର୍ଗତ ବିଲାବାଡ଼ି ପଞ୍ଚାୟତର ସୁଦ୍ରୁକୁମ୍ପା ଅଞ୍ଚଳର ନିକିନଣ୍ଡା ଜଙ୍ଗଲରୁ ୧୪୪୦ କେଜି ଗଂଜେଇ ଜବତ କରିବା ସହ ସଦର ଥାନାରେ ୫୩/୨୫ରେ ଏକ ମାମଲା ରଜୁ କରି ତଦନ୍ତ ଚଳାଇଛି । ସେହିପରି ତୁମିଦୀବନ୍ଧର କୋଟଗଡ ପଞ୍ଚାୟତର ବାନିମିଳା ଜଙ୍ଗଲରୁ ୬୧୫ କେଜି ଗଂଜେଇ ଜବତ କରିବା ସହ ୩୭/୨୫ରେ ଏକ ମାମଲା ରଜୁ କରି ତଦନ୍ତ ଚଳାଇଛି । ସେହିପରି ବ୍ରାହ୍ମଣୀ ଗାଁ ଥାନା ଅନ୍ତର୍ଗତ ରାଜାନଗ୍ରହ ଜଙ୍ଗଲ ଅଞ୍ଚଳର ପଡିକିଆ ନିକଟରୁ ୨୫୫୫ କେଜି ଜବତ କରବା ସହ ବ୍ରାହ୍ମଣି ଗାଁ ଥାନରେ ୨୭/୨୫ରେ ଏକ ମାମଲା ରଜୁ କରି ତଦନ୍ତ ଚଳାଇଛି । ଉପରୋକ୍ତ ସମସ୍ତ ମାମଲାର ତଦନ୍ତ ଜାରି ରହିଛି ଏବଂ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି । ସୂଚନା ଯୋଗ୍ୟ ଯେ, ନିଶା ବେପାରୀ ମାନେ ଜଙ୍ଗଲ ମଧ୍ୟରେ ଥିବା ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ଗାତ ଖୋଳି ଏହି ଗଞ୍ଜେଇ ରଖି ଚୋରା ଚାଲାଣ କରୁଛନ୍ତି । ଏ ସମ୍ପର୍କରେ ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା । ଗଞ୍ଜେଇ ଚାଷ ବିରୋଧରେ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଥିବା ବେଳେ ଏହାକୁ ମୂଳପୋଛ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଉଛି । ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ସମୟ ସୀମା ମଧ୍ୟରେ ଗଞ୍ଜେଇ ଚାଷର ସଂପୂର୍ଣ୍ଣ ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରିବାକୁ ଡିଜିପି ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅାଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଖାନନଗରସ୍ଥିତ ସିଦ୍ଧ ମହିମା ଆଶ୍ରମରେ ସିଦ୍ଧ ମନୋହର ବାବା ଓ ତାରକ ଚନ୍ଦ୍ର ବାବାଙ୍କ ପୀଠରେ ଫଗୁଦଶମୀ ତିଥିରେ ଗତକାଲି ବାର୍ଷିକ ମହିମା ମେଳା ଆନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବ୍ରାହ୍ମ ମୁହୂର୍ତ୍ତରୁ ଧୂନିମନ୍ଦିରରେ ଅଗ୍ନି ସ୍ଥାପନ ଏବଂ ଅଖଣ୍ଡ ବତୀ ପ୍ରଜ୍ୱଳନ କରାଯାଇ ମହାପ୍ରଭୁଙ୍କୁ ବାଲ୍ୟଲୀଳା ଅର୍ପଣ କରାଯାଇଥିଲା । ପରେ ସାଧୁ ଭିକ୍ଷା ସହିତ ବ୍ରହ୍ମ ଧୂନୀରେ ଘୃତାହୁତି ପ୍ରଦାନ କରାଯାଇ ଅଖଣ୍ଡ ଝାଡ଼ ପ୍ରଜ୍ୱଳନ କରାଯାଇଥିଲା । ଏହି ଅବସରରେ ବ୍ରହ୍ମ ଅବଧୂତ କିଶୋର ଚନ୍ଦ୍ରବାବାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମହିମା ମେଳାରେ ସାଧୁବାବା କାଶିନାଥ ଦାସ, ତରଣୀ ଦାସ, ଅନାଦି ଦାସ, ସଚ୍ଚିଦାନନ୍ଦ ଦାସ, ପ୍ରବୀଣ ଦାସ, ଦିବାକର ଦାସ ଓ ବୈରାଗୀମାନେ ଧର୍ମାଲୋଚନା କରିଥିଲେ । ଆଜି ପୂର୍ବାହ୍ନରେ ପୂର୍ଣ୍ଣାହୁତି ପରେ ନଗର ଭ୍ରମଣ କରାଯାଇଥିଲା ।

### ଟାୟାର ଗୋଦାମରେ ଅଗ୍ନିକାଣ୍ଡ

## ଜଳିଗଲା ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଟାୟାର

ବଡ଼ଚଣା (ଭାସ୍କର ନ୍ୟୁଜ୍) : ଗତକାଲି ରାତି ୧୧ ଘଟିକା ସମୟରେ ଚଣ୍ଡିଖୋଲ ଛକ ଫାଣ୍ଡି ନିକଟରେ ଥିବା ଏକ ପୁରୁଣା ଟାୟାର ଗୋଦାମରେ ଅଗ୍ନିକାଣ୍ଡ ଘଟି ୧୨ ଲକ୍ଷ ଟଙ୍କାର ଗଚ୍ଛିତ ଥିବା ପୁରୁଣା ଟାୟାର ପୋଡ଼ି ଯାଇଥିବା ଜଣାଯାଇଛି । ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ଚଣ୍ଡିଖୋଲ ଓ ରସୁଲପୁର ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ୫ ଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କଲା ପରେ ନିଆଁକୁ ଆୟତ କରିଥିଲେ । ଘଟଣାରୁ ପ୍ରକାଶ ଚଣ୍ଡିଖୋଲ ଛକ ଫାଣ୍ଡି ନିକଟରେ ଥିବା ଏକ ଖୋଲା ଜାଗାରେ ଏମ୍. ଡି ମହମ୍ମଦ, ଏମ୍. ଡି ଆଶିକ, ଏମ୍. ଡି ସଯାଦ ମିଳିତ ଭାବେ ୩ଜଣ ଏକ ପୁରୁଣା ରିଶୋଲିଂ ଟାୟାର ବ୍ୟବସାୟ କରୁଥିଲେ । ହଠାତ୍ ସେଥିରେ ଅଗ୍ନିକାଣ୍ଡ ଘଟି ଟାୟାର ଗୁଡ଼ିକ ଜଳି ଯାଇଥିଲା । କୌଣସି ଦୁର୍ବୃତ୍ତ ଏଥିରେ ନିଆଁ ଲଗାଇ ଦେଇଥିବାର ସନ୍ଦେହ କରାଯାଉଛି । ପ୍ରକାଶ ଥାଉକି ଚଣ୍ଡିଖୋଲ ଛକର ବିଭିନ୍ନ ସ୍ଥାନରେ ଗଚ୍ଛିତ ଥିବା ଟାୟାର ଗୋଦାମରେ ଅଗ୍ନି ନିର୍ବାପକ ମେସିନ ନଥିବାରୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଟାୟାର ପୋଡ଼ି ନଷ୍ଟ ହେଉଛି ବୋଲି ଅଗ୍ନି ଶ୍ରମ ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ମତପ୍ରକାଶ କରିଛନ୍ତି ।

## ଆଦିବାସୀ ଚେତନା ସଂଘ ପକ୍ଷରୁ ରାଲି ଓ ଗଣଧାରଣା



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ମଙ୍ଗଳବାର ପରଜଙ୍ଗ ବ୍ଲକ ଓ କାମାକ୍ଷାନଗର ବ୍ଲକର ଆଦିବାସୀ ଚେତନା ସଂଘର ଶତାଧିକ ମହିଳା ଓ ପୁରୁଷ ରାଲି ଓ ଗଣଧାରଣାରେ ଯୋଗ ଦେଇଥିବା ଜଣାପଡିଛି । ଉଭୟ ବ୍ଲକର ଆଦିବାସୀ ଚେତନା ସଙ୍ଘର ଆୟୋଜନରେ ଆଦିବାସୀ ନେତା ତଥା ସଭାପତି ଲାଲ ମୋହନ ମୁର୍ମୁଙ୍କ ନେତୃତ୍ୱରେ ବିଭିନ୍ନ ସମସ୍ୟା ଓ ମୌଳିକ ଅଧିକାର ଯଥା ଜଙ୍ଗଲ ଜମି ପଟ୍ଟା, ଘରଡିହ ପଟ୍ଟା, ବିଶୁଦ୍ଧ ଜଳ ଯୋଗାଣ, ଆବାସ ଘର, ରାସନ କାର୍ଡ, ସମସ୍ତ ଆଦିବାସୀ ବସ୍ତିକୁ ରାସ୍ତା ନିର୍ମାଣ, ଜାମୁନାଲି ବସ୍ତିକୁ ରାଜସ୍ୱ ଗ୍ରାମର ମାନ୍ୟତା, ଚଞ୍ଚକତା କରି ପାଇଥିବା ଜମି ପଟ୍ଟାକୁ ଖାରଜ, ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ମୁକ୍ତ, ଆଦିବାସୀ ବସ୍ତିକୁ ବିଦ୍ୟୁତକରଣ ଆଦି ଅନେକ ସମସ୍ୟାକୁ ନେଇ ଦାବି ରଖିଥିଲେ । ପରଜଙ୍ଗସ୍ଥିତ ହାଟ ପଡିଆରୁ ଶାନ୍ତି ଶୃଙ୍ଖଳାର ସହ ଆସି ପ୍ରଥମେ ତହସିଲ କାର୍ଯ୍ୟାଳୟ ଫାଟକ ନିକଟରେ ପହଞ୍ଚି ନୂତନ ଭାବେ ଯୋଗଦାନ କରିଥିବା ତହସିଲଦାର ସୁଦେବ କୁମାର ପୃଷ୍ଟିଙ୍କୁ ତହସିଲ ସମସ୍ୟା ସମ୍ପର୍କିତ ଦାବିପତ୍ର ପ୍ରଦାନ କରି ତାଙ୍କର ଚାରି ଜଣିଆ ଟିମ୍ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ଓ କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ରଙ୍କ ଉପସ୍ଥିତରେ ସମସ୍ୟା ସମ୍ବନ୍ଧୀୟ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ପରେ ତହସିଲ ଠାରୁ ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ଯାଇ ବ୍ଲକ ଫାଟକ ସମ୍ମୁଖରେ ଏକ ସାଧାରଣ ସଭାକରି ବ୍ଲକ ସମସ୍ୟା ସମ୍ବନ୍ଧୀୟ ଏକ ଦାବିପତ୍ର ବିଡ଼ିଓଙ୍କ ଅନୁପସ୍ଥିତରେ ଆକାଉଣ୍ଟସ ଅଧିକାରୀ କୁମୁଦ ଚନ୍ଦ୍ର ଲେଙ୍କାଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ସମସ୍ୟା ସମ୍ବନ୍ଧରେ ପାଞ୍ଚ ଜଣିଆ ପ୍ରତିନିଧି ସହ ଏସ୍‌ଡିପିଓ ଶ୍ରୀ ମିଶ୍ରଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା ଏବଂ ଆନ୍ଦୋଳନରୁ ଓହରିଥିଲେ । ଆଦିବାସୀ ନେତା ସାକିରାଲ ଘେସରା, ଗଙ୍ଗା ପୂର୍ତ୍ତି, ଶୋଭାନ ମାରାଣ୍ଡିଙ୍କ ସମେତ ସମସ୍ତ ସଂଘ ସଦସ୍ୟ ଶୃଙ୍ଖଳାର ସହ ସହଯୋଗ କରିଥିଲାବେଳେ, ଏହି କାର୍ଯ୍ୟକ୍ରମକୁ ଏସ୍‌ଡିପିଓ ଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ଏସ୍‌ଆଇ ଶକ୍ତି ପ୍ରସାଦ ସାହୁ, ରଣଜିତ ପ୍ରଧାନ, ଏଏସ୍‌ଆଇ ପି କେ ସାହୁଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଶୃଙ୍ଖଳା ଦାୟିତ୍ୱ ନିର୍ବାହ କରିଥିଲେ ।

### ଶ୍ରୀଶ୍ରୀରାଧାଗୋବିନ୍ଦ ଦେବଙ୍କ ବାର୍ଷିକ ଉତ୍ସବ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପଥରଗଞ୍ଜ ଗ୍ରାମର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବଙ୍କ ବାର୍ଷିକ ଉତ୍ସବ ପରମ୍ପରା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ଗ୍ରାମର ସମସ୍ତଙ୍କ ଦ୍ୱାରରେ ଶୁଭ କଳସି ସାଙ୍ଗକୁ ମନ୍ଦିର ବେଢ଼ା ପରିସରରେ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା ଏବଂ ବୈଦିକ ବ୍ରାହ୍ମଣଙ୍କ ଘୃତ ଯଜ୍ଞ ସାଙ୍ଗକୁ ମନ୍ତ୍ର ଧ୍ୱନୀରେ ପରିବେଶ ପ୍ରକମ୍ପିତ ହୋଇଥିଲା । ଏହି ଉତ୍ସବରେ ଗ୍ରାମର ଆବାଳ ବୃଦ୍ଧ ସମସ୍ତେ ସହଯୋଗ କରିଥିଲେ । ଏଥିରେ ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ ।

### ରାସ୍ତା ନଥିବାରୁ ଆସିଲାନି ଆମ୍ବୁଲାନ୍ସ

## ଗର୍ଭବତୀଙ୍କୁ ନଦୀପାର କରାଇଲେ ଆଶାକର୍ମୀ ଓ ବନ୍ଧୁପରିଜନ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁଣି ସାମ୍ନାକୁ ଆସିଲା ଜନନୀ ଯନ୍ତ୍ରଣାର କରୁଣ ଚିତ୍ର । ଗ୍ରାମକୁ ରାସ୍ତା ନଥିବାରୁ ପହଞ୍ଚି ପାରିଲା ନାହିଁ ଆମ୍ବୁଲାନ୍ସ । ଶେଷରେ କଷ୍ଟରେ ଜର୍ଜରିତ ହେଉଥିବା ମହିଳାଙ୍କୁ ଧରି ନଦୀ ଭଳି ଏକ ଜୋର (ନାଳ)ପାର କରାଇଲେ ବନ୍ଧୁ ପରିଜନ ଓ ଆଶା କର୍ମୀ । ଏଭଳି କରୁଣ ଚିତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ମାଣ୍ଡୁକି ପଞ୍ଚାୟତ ଅନ୍ତର୍ଗତ କାଳିଆନାଳ ନିକଟରେ । ଏପରି ଦୃଶ୍ୟ ଆସିବା ପରେ ରାଜ୍ୟରେ ବିକାଶ କେତେ ହୋଇଛି ତାହା ସ୍ପଷ୍ଟ ବାରି ହୋଇଛି । ଖବର ମୁତାବକ ଅସ୍ତରଙ୍ଗ ବ୍ଲକ ଅଧୀନ ମାଣ୍ଡୁକି ପଞ୍ଚାୟତ ୫ନମ୍ବର ୱାର୍ଡର କବିନ୍ଦ୍ର କାଣ୍ଡିଙ୍କ ପତ୍ନୀ ଇତିଶ୍ରୀ ଭୋଇ ପ୍ରସବ ବେଦନାରେ ଛଟପଟ ହେଉଥିବା ବେଳେ ଶନିବାର ଦିନ ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ଆମ୍ବୁଲାନ୍ସ ଆସିଥିଲା ସତ କିନ୍ତୁ ଉକ୍ତ ଗ୍ରାମକୁ ପକ୍କାରାସ୍ତା ନଥିବାରୁ କାଳିଆନାଳ ପାଣିର ଜୋର (ନାଳ) ଥିବାରୁ ଆମ୍ବୁଲାନ୍ସ ଉକ୍ତ ସ୍ଥାନକୁ ପାରହୋଇ ପହଞ୍ଚି ପାରିଲା ନାହିଁ । ଦୀର୍ଘବର୍ଷ ହେବ ଏକ କାଠ ପକାଇ ଯାତାୟାତ କରୁଥିବା ବେଳେ ପ୍ରସବ ଯନ୍ତ୍ରଣା ହେବାରୁ



କବିନ୍ଦ୍ରଙ୍କ ପରିବାର ଲୋକେ ଓ ଆଶା କର୍ମୀ କବିତା ରଥ ପ୍ରସବ ବେଦନାରେ ଛଟପଟ ହେଉଥିବା ଗର୍ଭବତୀ ମହିଳାଙ୍କୁ କାଳିଆ ନାଳ ଜୋର ଅବା ନାଳ ପାଣିରେ ପଶି ବିପଦପୂର୍ଣ୍ଣ ଭାବେ ବୋହି ନେଇ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇ ଥିଲେ । ଏହା ପରେ ତାଙ୍କୁ ଅସ୍ତରଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତରଥିବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିଲା । ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ରାସ୍ତା ନଥିବାରୁ ଖରାଦିନେ ନଦୀ ପାରହୋଇ ରୋଗୀଙ୍କୁ ଡାକ୍ତରଖାନା ନେବାକୁ ପଡୁଛି, ତେବେ ବର୍ଷା ଋତୁରେ ଏଠି ଲୋକେ କିପରି ସ୍ୱାସ୍ଥ୍ୟସେବା ପାଇପାରୁଥିବେ ତାହା ବେଶ୍ ଅନୁମେୟ କରି ହେଉଛି । ତେବେ ଏହି ଦୁର୍ଦ୍ଦଶା କେବଳ ଆଜିର ନୁହେଁ, ଏମିତି ଅନେକ ଥର ଏଭଳି ଚିତ୍ର ସାମ୍ନାକୁ ବିଭିନ୍ନ ସ୍ଥାନରୁ ଆସିଛି । ଏଠାରେ ସରକାରୀ ଯୋଜନା ପହଞ୍ଚି ପାରୁନଥିବାରୁ ଅନେକ ସମୟରେ କଷ୍ଟ ହୁଏ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବାକୁ । ଏ ନେଇ ମାଣ୍ଡୁକି ପଞ୍ଚାୟତ ସରପଞ୍ଚ ଅସ୍ତରଙ୍ଗ ବ୍ଲକ ପ୍ରଶାସନକୁ ଏକ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ କିନ୍ତୁ ବ୍ଲକ ପ୍ରଶାସନ ସେତୁ ପାଇଁ ତତ୍ପରତା ପ୍ରକାଶ କରୁନଥିବା ସରପଞ୍ଚ ପ୍ରତିନିଧି ସୂଚନା ଦେଇଛନ୍ତି । ଖାଲି ଦେଖିବାକୁ ଅପେକ୍ଷା ଗ୍ରାମରେ କେବେ ହେଉଛି ପକ୍କା ରାସ୍ତା ଓ କେବେ ହାତ ପାହାନ୍ତାରେ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି ଗ୍ରାମବାସୀ ।

## ଜେଏସ୍‌ଡବ୍ଲ୍ୟୁ ନିର୍ଦ୍ଦେଶକ ଅନିଲ କୁମାର ଶ୍ରେଷ୍ଠ ସିଇଓ ଭାବେ ସମ୍ବର୍ଦ୍ଧିତ



ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ଓ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲର ପୂର୍ବକାଳୀନ ନିର୍ଦ୍ଦେଶକ ତଥା ସଭାପତି ଅନିଲ କୁମାର ସିଂଙ୍କୁ ସମ୍ମାନଜନକ ଶ୍ରେଷ୍ଠ ସିଇଓ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ଭୁବନେଶ୍ୱରରେ ଆୟୋଜିତ ତୃତୀୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ସମ୍ମିଳନୀରେ ମହାମହିମ ରାଜ୍ୟପାଳ ହରିବାବୁ କମ୍ଭମପତି ଯୋଗଦେଇ ଅନିଲ ସିଂଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅର୍ଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟିରେ ନାଲ୍‌କୋର ପୂର୍ବତନ ସିଏମ୍‌ଡି ଟି. କେ. ଚାନ୍ଦ ଓ ଜଣେ ଶିଳ୍ପ ବିଶେଷଜ୍ଞ ଏହି ସମ୍ମାନଜନକ ପୁରସ୍କାର ପାଇଁ ଶ୍ରୀ ସିଂଙ୍କୁ ଚୟନ କରିଥିଲେ । ଜେଏସ୍‌ଡବ୍ଲ୍ୟୁ ଗ୍ରୁପ ବଜାରରେ ୨୪ ବିଲିୟନ ଆମେରିକୀୟ ଡଲାର ପୁଞ୍ଜି ବିନିଯୋଗ କରିଥିବା ବେଳେ ଇସ୍ପାତ, ସିମେଣ୍ଟ, ପେଣ୍ଟ, ବି ଟୁ ବି, ଇ କମର୍ସ, ପ୍ରତିରକ୍ଷା, ଗ୍ରୀନ ମୋବିଲିଟି ଏବଂ କ୍ରୀଡ଼ା କ୍ଷେତ୍ରରେ ଅବଦାନ ଭାରତୀୟ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିସହିତ ଭାରତ ବାହାରେ ଆମେରିକା, ୟୁରୋପ, ଆଫ୍ରିକା ଭଳି ଦେଶରେ ବ୍ୟାପକ କର୍ମନିଯୁକ୍ତି ସୃଷ୍ଟି କରିବା ସହିତ ବିଶ୍ୱର ୪୦ ହଜାର ଲୋକଙ୍କୁ ସିଧାସଳଖ ନିଯୁକ୍ତି ପ୍ରଦାନ କରିପାରିଛି । ଏହି ସମ୍ମାନଜନକ ପୁରସ୍କାର ପାଇଁ ଅନିଲ ସିଂ ଙ୍କୁ ପାରାଦୀପ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି ।

ପାରାଦ୍ୱୀପ (ଭାସ୍କର ନ୍ୟୁଜ୍): ଜେଏସ୍‌ଡବ୍ଲ୍ୟୁ ଗ୍ରୁପ ନିଜର କାର୍ଯ୍ୟଦକ୍ଷତା, ବୃହତ ପୁଞ୍ଜି ନିବେଶ ଓ ବୈଷୟିକ ଜ୍ଞାନ କୌଶଳ ସହାୟତା ପାଇଁ ଦେଶର ଶିଳ୍ପ ଜଗତରେ ଉତ୍କର୍ଷତାର ଆଗଧାଡିରେ ରହିଛି । ଏହାର ବିବିଧ ଉତ୍ପାଦ, ଅତ୍ୟାଧୁନିକ ଉତ୍ପାଦନ ସୁବିଧା ସହିତ ସ୍ଥାୟୀ ଅଭିବୃଦ୍ଧି ପାଇଁ ପ୍ରତିବଦ୍ଧତା ରହିଛି । ଏହି କମ୍ପାନୀ ଓଡ଼ିଶାରେ ଇସ୍ପାତ, ସିମେଣ୍ଟ, ଶକ୍ତି, ଖଣି, ଓ ଭିତ୍ତିଭୂମି କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ରାଜ୍ୟ ଅର୍ଥନୀତି ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଏଥିସହିତ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ରାଜ୍ୟରେ ମହିଳାମାନଙ୍କୁ ସଶକ୍ତ ଓ ସ୍ଥାନୀୟ ଗୋଷ୍ଠୀ ସ୍ୱାବଲମ୍ବୀ କରିବାରେ ପ୍ରୟାସ ଜାରି ରଖିଛି । ଓଡ଼ିଶା ପ୍ରତି ଜେଏସ୍‌ଡବ୍ଲ୍ୟୁର ଏହି ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରି

## ଚିକିଟି ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର

ଚିକିଟି (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲାର ଏହି ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଏଠାକାର ଭାରପ୍ରାପ୍ତ ବିଡ଼ିଓ ଲକ୍ଷ୍ମନ ଚରଣ ସୋରେନଙ୍କ ଅଧକ୍ଷତାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇ ଥିବାବେଳେ ମୁଖ୍ୟରୂପେ ଚିକିଟି ବ୍ଲକ ଅଧକ୍ଷ ଆପନ୍ନା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମନୋଜ କୁମାର ପାଢ଼ୀ, ଜିଲ୍ଲା ସାମାଜିକ ସହ ଅଧିକାରୀ ସସ୍ମିତା କୁମାରୀ ସାହୁ, ସମନ୍ୱିତ ମହିଳା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ପାଣିଗ୍ରାହି, ଅତିରିକ୍ତ ତହସିଲଦାର ସାସ୍ୱତୀ ଷଡ଼ଙ୍ଗୀ,



ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତ୍ରିନାଥ ମଲିକ, ସହକାରୀ ଶିକ୍ଷକ ରଞ୍ଜନ କୁମାର ବ୍ରହ୍ମା, ପୌର ପରିଷଦର ଅଧ୍ୟକ୍ଷା ଦୀପା କୁମାରୀ ସାହୁ ପ୍ରମୁଖ ମଞ୍ଚାସୀନ ହୋଇ ପ୍ରାପ୍ତ ଲାଭ କରିଥିବା ଦିବ୍ୟାଙ୍ଗମାନଙ୍କୁ ଉତ୍ସାହିତ କରିଥିଲେ । ସେଭଳି ଏଠାରେ ବିଭିନ୍ନ ବିଭାଗର କାଉଣ୍ଟର ଖୋଲାଯାଇ ସମସ୍ତ ସୁବିଧା ପ୍ରଦାନ କରିବା ସକାଶେ ଅଧିକାରୀମାନେ ଯୋଗଦାନ କରିଥିବା ବେଳେ ୫୩ଜଣ ଦୃଷ୍ଟିହୀନ, ଅସ୍ଥିଶଲ୍ୟର ୮୫ଜଣ ବାସିନ୍ଦା, ଆୟ, ଜାତିଗତ ପ୍ରମାଣ ପତ୍ର, ବସପାସ୍ ସକାଶେ ୪୪, ଟ୍ରେନ ପାସ୍ ସକାଶେ ୫୨, ଦକ୍ଷତା ବିକାଶର ୨ ଡିଆରଆଇ ଲୋନ ୪୩, ଶ୍ରବଣ ବାଧିତ ୯୩ ଜଣ ଦିବ୍ୟାଙ୍ଗଙ୍କ ନାମ ପଞ୍ଜିକରଣ କରାଯାଇ ସେମାନଙ୍କ ସମସ୍ତ ସୁବିଧା କରାଯାଇଛି ବୋଲି ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ଜଗଦେବ ଚୌଧୁରୀ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ସକାଶେ ବ୍ଲକର ସମସ୍ତ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ସାମାଜିକ କର୍ମୀ ରୂପେ ଦେବଦତ୍ତ ପଣ୍ଡା, ଚିକୁ ପଣ୍ଡା, ଦିଲୀପ କୁମାର ସାହୁ, ଡମ୍ବୁରୁ ପଣ୍ଡାଙ୍କ ସମେତ ଅଙ୍ଗନାୱାଡ଼ି କର୍ମୀଙ୍କ ସହ ବିଆରଟି ତାରା ପ୍ରସାଦ ପ୍ରଧାନ, ମନୋଜ କୁମାର ମହାରଣା, ତ୍ରିନାଥ ସାହୁ ପ୍ରମୁଖ ଯୋଗଦାନ କରିଥିଲେ ।

## ରଘୁନାଥପୁରରେ ବୁଣାକାର ସଚେତନତା ଶିବିର

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରାଜ୍ୟରେ ବୁଣାକାରମାନଙ୍କ ପାଇଁ ଚାଲିଥିବା ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା ମାଧ୍ୟମରେ ରଘୁନାଥପୁର ବ୍ଲକ ଜଗନ୍ନାଥପୁର ତନ୍ତୁବାୟ ସମିତି ପକ୍ଷରୁ ସ୍ଥାନୀୟ ମଦନ ମୋହନ ମଠ ପ୍ରାଙ୍ଗଣରେ ସମିତିର ସଭାପତି ସୁରେନ୍ଦ୍ର ନାଥ ବେହେରାଙ୍କ ପୌରୋହିତ୍ୟରେ ମଙ୍ଗଳବାର ଏକ ବୁଣାକାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ବୟନ ଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ସୁନ୍ଦର ମଗାନ ଯୋଗଦେଇ ଗ୍ରାମାଞ୍ଚଳରେ ଥିବା ବୁଣାକାର ପରିବାରଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ର ସରକାର ଅନେକ ଯୋଜନା ପ୍ରସ୍ତୁତ କରିଛନ୍ତି ଏହାର ସୁଯୋଗ ଉଠାଇବା ପାଇଁ ସେ ଉପସ୍ଥିତ ବୁଣାକାରମାନଙ୍କୁ ସଚେତନ କରିଥିଲେ । ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଓଡ଼ିଶା ବୟନଶିଳ୍ପ ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରଘୁନାଥପୁର ଶାଖା ପରିଚାଳକ ଅଜୟ କୁମାର ରାଉତ, ଅତିରିକ୍ତ ବିଡିଓ ଜ୍ଞାନଦା ନାୟକ, କଟକ ବୟନ ଶିଳ୍ପ ନିରୀକ୍ଷକ ଶାନ୍ତି ଲତା ମାଝି,କଟକ ବୟନଶିଳ୍ପ



ସୁପର ଭାଇଜର ସୁନିଲଲାଲ ମଣ୍ଡଳ ପ୍ରମୁଖ ଯୋଗଦେଇ ଭାରତ ସରକାର ଓ ରାଜ୍ୟ ସରକାର ବୁଣାକାର ପରିବାରଙ୍କ ପାଇଁ ପ୍ରସ୍ତୁତ କରିଥିବା ଯୋଜନା ଗୁଡ଼ିକୁ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି ଯୋଜନା ଗୁଡ଼ିକ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ସାମିଲ କରାଯାଇ ପ୍ରତ୍ୟେକ ବୁଣାକାର ପରିବାରଙ୍କୁ ପକ୍କା ଘର ଯୋଗାଇଦେବା ସହ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ଇନଭର୍ଟର, ବ୍ୟାଙ୍କ ଋଣରେ ସୁଧର ରିହାତି, ୬୦ ବର୍ଷ ମାନଙ୍କୁ ୨ହଜାର ଭତ୍ତା, ଦିବ୍ୟାଙ୍ଗ ଓ ଅଧିକ ବୟସ୍କମାନଙ୍କୁ ୨୫୦୦ ଭତ୍ତା ଦେବାର ବ୍ୟବସ୍ଥା ସହ ଆହୁରି ଅନେକ ସୁବିଧା ଉପରେ ଉପସ୍ଥିତ ବୁଣାକାରମାନଙ୍କୁ ଅତିଥିମାନେ ଅବଗତ କରାଇଥିଲେ । ଏଥିରେ ୧୨ ଗୋଟି ତନ୍ତୁ ସମବାୟ ସମିତି ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ସଂଯୋଜନା ଓ ଅତିଥି ପରିଚୟ କରିଥିଲେ ବିଜୟ କୁମାର ନନ୍ଦି, ଧନ୍ୟବାଦ ଦେଇଥିଲେ ମନୋରଞ୍ଜନ ନାଥ ।

## ପାରାଦୀପ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବାର୍ଷିକ ସଂପାନ

ପାରାଦୀପ(ଭାସ୍କର ନ୍ୟୁଜ୍) : ପାରାଦୀପ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଜନମଙ୍ଗଳ, ସମ୍ବଳ ଓ ସାମର୍ଥ୍ୟ: ସମାନତା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର୍ ଡକ୍ଟର ଜ୍ଞାନରଞ୍ଜନ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଉପରୋକ୍ତ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ସସ୍ମିତା ଶତପଥୀ ପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ଡକ୍ଟର ମମତା ଖଣ୍ଡାୟତ ରାୟ ଅତିଥିମାନଙ୍କର ପରିଚୟ ଦେଇଥିଲେ । ବିଭାଗର ଅଧାପିକା ମିସ୍ ତପସ୍ୱିନୀ ବେହେରା ଉଦ୍ଦିଷ୍ଟ ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ । ଶେଷରେ ଅଧାପିକା କେ.ଟି. ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।




## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ଜଳସାଥି ସଂଘ



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଜଳସାଥି ମହାସଙ୍ଘ ପକ୍ଷରୁ ୨୦ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ୨୦୧୯ରେ ରାଜ୍ୟରେ ଜଳ ଯୋଗାଣ ପରିଚାଳନାରେ ପ୍ରୋତ୍ସାହିତ କରିବା ପାଇଁ ୫-ଟି ଅଧୀନରେ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଜଳସାଥି ପଦକ୍ଷେପ ଆରମ୍ଭ କରାଯାଇଥିଲା । ରାଜ୍ୟର କର୍ପୋରେସନ୍, ୪୫ ମ୍ୟୁନିସିପାଲିଟି ଏବଂ ୫୯ ଏନ୍‌ଏସିରେ ୮୬୦ ଜଳସାଥି ନିୟୋଜିତ ହୋଇଛନ୍ତି । ଦାବିଗୁଡିକ ମଧ୍ୟରେ ନିୟମିତ ବେତନ ଏବଂ ସାମାଜିକ ନିରାପତ୍ତାର ସୁବିଧା, ସର୍ବନିମ୍ନ ବେତନ, ବାର୍ଷିକ ବୋନସ୍ ପ୍ରଦାନ, ସମସ୍ତଙ୍କୁ ବୀମାଭୁକ୍ତ କରିବା, ୟୁନିଫର୍ମ, ଜୋତା, ଛତା, ଗ୍ଲୋଭସ୍ ଏବଂ ଦୁଇ ଚକିଆ ଯାନ ଯୋଗାଇବା, ସଂଗୃହିତ ବିଲ୍ ଦେୟ ଜମା କରିବାରେ ସାହାଯ୍ୟ କରିବାକୁ ସେମାନଙ୍କ ଆକାଉଣ୍ଟରେ ସର୍ବନିମ୍ନ ଲକ୍ଷ ଟଙ୍କାର ଏକ ବ୍ୟାଙ୍କ ଓଭରଡ୍ରାଫ୍ଟ ସୁବିଧା ପ୍ରଦାନ, ସମସ୍ତ ଜଳସାଥିଙ୍କୁ ପାମଟପ୍ ଉପକରଣ ଦେବା, ପ୍ରୋଭିଡେଣ୍ଟ୍ ପାଣ୍ଠି ଏବଂ ଗ୍ରାଚ୍ୟୁଇଟି ପ୍ରଦାନ, ସର୍ବନିମ୍ନ ମାସିକ କ୍ଷେତ୍ର ଭତ୍ତା, ଖାଦ୍ୟ, ମୋବାଇଲ୍ ଭତ୍ତା ପ୍ରଦାନ, ମୃତ୍ୟୁକାଳୀନ ସହାୟତା ବାବଦରେ ୧୦ଲକ୍ଷ ଟଙ୍କା କ୍ଷତିପୂରଣ, ବୈଷୟିକ ତାଲିମ ଦେବା ଆଦି ରହିଛି ।

## ମିଳିଲା ଚୋରି ସୋଲାର ସାମଗ୍ରୀ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବଜ୍ରକୋଟ ପଞ୍ଚାୟତ କଣ୍ଡାବଣିଆ ଗ୍ରାମର କୃଷ୍ଣଚନ୍ଦ୍ର ଜେନାଙ୍କ ଧାନବିଲରୁ ସୋଲାର ସାମଗ୍ରୀ ଗତକାଲି ରାତିରେ କୌଣସି ଦୁର୍ବୃତ୍ତ ସମସ୍ତ ସୋଲାର ସାମଗ୍ରୀକୁ ଚୋରୀ କରି ନେଇଯାଇଥିଲା । ଶ୍ରୀ ଜେନାଙ୍କ କାଣ୍ଡଶର ମୌଜାରେ ଥିବା ପାଞ୍ଚ ଏକର ଜମିରେ ଧାନ ଫସଲ କରିଛନ୍ତି । ଧାନ ଜମିରେ ବନ୍ୟଜନ୍ତୁ, ମାଙ୍କଡ଼, ଘୁଷୁରୀ ଓ ବାରହାଙ୍କ ପାଦୁର୍ଭାବରୁ ଫସଲକୁ ରକ୍ଷା କରିବା ନିମନ୍ତେ ସୋଲାର ସିଷ୍ଟମ କରାଯାଇଥିଲା । କିନ୍ତୁ କୌଣସି ଦୁର୍ବୃତ୍ତ ଗତ ୯ତାରିଖ ରାତିରେ ସମସ୍ତ ସୋଲାର ସାମଗ୍ରୀ ନେଇଯାଇଥିଲା । ଏ ସଂକ୍ରାନ୍ତରେ କୃଷ୍ଣଚନ୍ଦ୍ର ଜେନା ମାଲୁଦ ଫାଣ୍ଡିରେ ଜଣାଇ ଥିଲେ । ପୋଲିସ ଏ ସଂକ୍ରାନ୍ତରେ କେସ୍ ରୁଜୁ କରି ତଦନ୍ତ କରିଥିଲା । ପୋଲିସ ତଦାରଖ କରିବା ପରେ ଆଜି ରାତିରେ ଚୋରି ହୋଇଥିବା ସମସ୍ତ ସୋଲାର ଶ୍ରୀ ଜେନାଙ୍କ ଧାନ ବିଲରେ ପଡିଥିବା ଦେଖିବାକୁ ମିଳିଥିଲା ।



## ରାଶିଫଳ

ବୁଧବାର, ୧୨ ମାର୍ଚ୍ଚ ୨୦୨୫



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ । ଆପଣ ସାମାଜିକସ୍ତରରେ ସମ୍ମାନ ପାଇବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ । ନୂତନ କାମ ପାଇବେ ।



**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆଇନଗତ ପ୍ରତିବନ୍ଧକ ସାମ୍ନା କରି ପାରନ୍ତି, ବ୍ୟସ୍ତ ହୁଅନାହିଁ । ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ ।



**ମିଥୁନ:** ଭ୍ରମଣ ଲାଭଦାୟକ ହେବ । ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ । ଟଙ୍କା ପାଇବା ସହଜ ହେବ । ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ ।



**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ । ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ । ଯାତ୍ରା ଚିତ୍ତାକର୍ଷକ ହେବ । ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି । ରୋଜଗାର ବୃଦ୍ଧି ପାଇବ । ଚାକିରିରେ ପଦୋନ୍ନତି ସମ୍ଭବ ।



**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ । ଆପଣ ଉତ୍ସାହଜନକ ସୂଚନା ପାଇବେ । ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ । ଅନାବଶ୍ୟକ ଖର୍ଚ୍ଚ ହେବ । ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ । ଚାକିରିରେ ଶାନ୍ତି ରହିବ ।



**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା । ଅଂଶୀଦାରମାନଙ୍କ ସହଯୋଗ ମିଳିବ । ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ । ପ୍ରଗତିର ରାସ୍ତା ପକ୍କା ହେବ । ରୋଜଗାର ବୃଦ୍ଧି ପାଇବ । ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ । ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ । ଶାରୀରିକ ଆରାମ ମିଳିବ ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ । ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇପାରିବ । ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ । ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଲଜ୍ଜିତ ହୁଅନ୍ତୁ ନାହିଁ । ଶତ୍ରୁମାନେ ପରାସ୍ତ ହେବେ ।



**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ । ଉତ୍ସାହର ଅଭାବ ରହିବ । ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ଼ ଅଧିକ ହେବ । ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ । ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆୟରେ ନିଶ୍ଚିତତା ରହିବ ।



**ମକର:** ଲାଭ ସୁଯୋଗ ଆସିବ । ଅଫିସରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ । ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ । ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ । ଆଇନଗତ ପ୍ରତିବନ୍ଧକ ହଟାଯିବ ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀମାନେ ଖୁସି ହେବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଆୟର ନୂତନ ମାଧ୍ୟମ ମିଳିବ । ରୋଜଗାର ସହଜ ହେବ । ଘର ବାହାରେ ସୁଖ ମିଳିବ ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ । ସତସଙ୍ଗର ଲାଭ ହେବ । ତୀର୍ଥଯାତ୍ରା ଯୋଜନା କରାଯିବ । ଅନାବଶ୍ୟକ ଖର୍ଚ୍ଚ ହେବ । ସରକାରୀ ସହାୟତା ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ବିରୋଧୀମାନେ ସକ୍ରିୟ ରହିବେ । ପୁଂଜି ବିନିଯୋଗ ଶୁଭ ହେବ ।ଚାକିରୀର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର




ନୂଆପଡା(ଭାସ୍କର ନ୍ୟୁଜ): ବୋଡ଼େନ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ନୂଆପଡା ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୨୯ ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି। ଏହି ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ , ଖରିଆର ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମାର୍ଶିରାଣୀ ପୂର୍ତ୍ତି,ବ୍ଲକ୍ ଅଧକ୍ଷା ପ୍ରେମଶିଳା ନାଗ ,ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକସାଧିକାରୀ ଡଃ ଉମାକାନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ବିଡ଼ିଓ ସୁଶାନ୍ତ କୁମାର ରଣା, ତହସିଲଦାର ସରିତା ଗୁପ୍ତା , ଡେପୁଟୀ କଲେକ୍ଟର ହେମନ୍ତ ପୁଟା , ଶେଖ୍ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ।ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶିବିରରେ ଅଭିଯୋଗକାରୀଙ୍କ ପାଇଁ ସ୍ୱତନ୍ତ୍ର ବସିବାଜାଗା, ଛାୟା ଓ ପିଇବା ପାଣି ସୁବିଧା ହୋଇଥିଲା ।ସଭାରେ ଉପନିର୍ଦ୍ଦେଶକ ହସ୍ତଶିଳ୍ପ ପୁଷ୍ପରଂଜନ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର,, ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ସମିର ମୁଦୁଲି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିୟାରସିଂ , ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର୍ ବେଉରା, ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଜିଲ୍ଲା ପଂଚାୟତ ଅଧିକାରୀ ଲଛମନ ଓରାମ, ଜିଲ୍ଲା ନିଯୋଜନ ଅଧିକାରୀ ବିନୋଦ ଲାକ୍ରା,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆନନ୍ଦ ହେମ୍ବ୍ରମ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡଃ ଆଲୋକ କୁମାର ନାୟକ, ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ସଂଯୋଜନ ବିଭାଗ ପରିମଳ ସାମଲ, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ,ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



## ଅନ୍ୱେଷା ହଷ୍ଟେଲରେ ଭିଡିଓ ଭାଇରାଲ୍ ଘଟଣା

# ସହକାରୀ ପରିଚାଳିକା ଓ ୩ ଆଟେଣ୍ଡାଣ୍ଟ ନିଲମ୍ବିତ



ଗୁଣୁପୁର, (ଭାସ୍କର ନ୍ୟୁଜ୍ ) : ଗୁଣପୁର ତହସିଲ କାର୍ଯ୍ୟାଳୟ ନିକଟ ଅନ୍ୱେଷା ହଷ୍ଟେଲ ଛାତ୍ରମାନଙ୍କୁ ସହପାଠୀଙ୍କ ମରଣାନ୍ତକ ଆକ୍ରମଣର ଭିଡିଓ ଭାଇରାଲ୍ ଘଟଣାରେ ଆକ୍ସନ ମୁଡକୁ ଆସିଛି ଜିଲ୍ଲା ପ୍ରଶାସନ। ରାୟଗଡା ଜିଲ୍ଲାପାଳ ପରିଚାଳନାଗତ ତୃଟି, ଦାୟିତ୍ୱରେ ଚରମ ଅବହେଳାକୁ ନେଇ ଗୁଣପୁର ତହସିଲ କାର୍ଯ୍ୟାଳୟ ନିକଟ ଅନ୍ୱେଷା ହଷ୍ଟେଲ ସହକାରୀ ପରିଚାଳିକା ଦାୟିତ୍ୱରେ ଥିବା ଲବା ସେବାଶ୍ରମର ପ୍ରଧାନଶିକ୍ଷୟିତ୍ରୀ ରଶ୍ମୀତା ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ସେହିପରି କୁକ୍ କମ ଆଟେଣ୍ଡାଣ୍ଟ ୩ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି ।ଏଥିସହ ଘଟଣାରେ ସଂପୃକ୍ତ ଥିବା ୯ ଜଣ ଛାତ୍ରଙ୍କ ନାମରେ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ଗୁଣୁପୁର ଥାନାରେ ଏତଲା ଦିଆଯାଇଛି। ହଷ୍ଟେଲ୍ ରେ ଯେଉଁମାନେ ବିଶୃଙ୍ଖଳା କରୁଛନ୍ତି ସେମାନଙ୍କୁ ୧ ମାସ ପାଇଁ ହଷ୍ଟେଲ ମନା ହୋଇଥିବା ନେଇ ସୂଚନା ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କଁଅରା ଲୋମହର୍ଷଣକାରୀ ଆକ୍ରମଣ ଭିଡିଓ ଭାଇରଲ ପରେ ହଷ୍ଟେଲ୍‌ରେ ଗୋଟିଏ ପରେ ଗୋଟିଏ ଅବ୍ୟବସ୍ଥା ଲୋକ ଲୋକଲୋଚନକୁ ଆସିଥିଲା। ଏହି ଘଟଣାକୁ ନେଇ ଆହତ ଛାତ୍ରଙ୍କ ଅଭିଭାବକମାନେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଥିଲେ। ସୋମବାର ଦିନ ଗୁଣୁପୁର ଉପଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଭାବକମାନେ ହଷ୍ଟେଲ ରେ ବିଶୃଙ୍ଖଳା କରୁଥିବା ଛାତ୍ରମାନଙ୍କୁ ବହିଷ୍କାର କରିବା, ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ କାର୍ଯ୍ୟରୁ ବାହାର କରିବା ନେଇ ଦାବିପତ୍ର ପ୍ରଦାନ କରିଥିଲେ। ଭିଡିଓ ଭାଇରଲ୍ ହେବା ପରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସିମା ରାଓ ହଷ୍ଟେଲ ପରିସରକୁ ଯାଇ ତଦନ୍ତ କରି ଫେରିଥିଲେ। ମରଣାନ୍ତକ ଆକ୍ରମଣ ଘଟଣାଟି ୪ ତାରିଖରେ ଘଟିଥିଲା। ୭ ତାରିଖ ଦିନ ଭିଡିଓ ଭାଇରାଲ୍ ହୋଇଥିଲା। ତେବେ ଏହି ଘଟଣାକୁ ନେଇ କାର୍ଯ୍ୟାନୁଷ୍ଠାନ ହୋଇଥିବା ନେଇ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କଁଅର ସୂଚନା ଦେବା ସହ ଆଗାମି ଦିନରେ ହଷ୍ଟେଲ ପରିସରରେ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିକ୍ରିୟା ପ୍ରକାଶ କରିଥିଲେ ।

## ରାମ ନାୟକ ସାଂସଦଙ୍କ ପୌର ପରିଷଦର ପ୍ରତିନିଧି



ଉମରକୋଟ(ଭାସ୍କର ନ୍ୟୁଜ) : ବରିଷ୍ଠ ଆଇନଜୀବୀ ତଥା ବିଜେପିର ବରିଷ୍ଠ କର୍ମକର୍ତ୍ତା ରାମକୃଷ୍ଣ ନାୟକଙ୍କୁ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି ଉମରକୋଟ ପୌର ପରିଷଦ ପାଇ ନିଜର ପ୍ରତିନିଧି ଭାବରେ ମନୋନୀତ କରିଛନ୍ତି। ସାଂସଦ ଶ୍ରୀ ମାଝି ଉମରକୋଟ ପୌର ନିର୍ବାହୀ ଅଧିକାରୀଙ୍କୁ ଲେଖିଥିବା ଚିଠିରେ ମୋର ଅନୁପସ୍ଥିତିରେ ପୌର ପରିଷଦର ଯେକୌଣସି ସଭା କିମ୍ବା ଯେକୌଣସି କାର୍ଯ୍ୟରେ ମୋ ଅନୁପସ୍ଥିତି ରେ ମୋ ପ୍ରତିନିଧି ଭାବେ ରାମ ନାୟକ ଉପସ୍ଥିତ ରହିବେ ବୋଲି ଉଲ୍ଲେଖ କରିଛନ୍ତି। ସହର ର ପରିମଳ, ସହରର ଉନ୍ନତି ଓ ସ୍ଥାନୀୟ ଜନସାଧାରଣ ଙ୍କ ଯେ କୌଣସି ସମସ୍ୟାକୁ ମୁଁ ସୂଚାରୁ ରୁପେ ତୁଲାଇବା ପାଇଁ ଚେଷ୍ଟା କରିବି ବୋଲି ରାମ ନାୟକ ନିଜ ପ୍ରତିକ୍ରିୟାରେ କହିବା ସହ ଗୁରୁ ଦାୟିତ୍ୱ ଦେଇଥିବାରୁ ସାଂସଦ ବଳଭଦ୍ର ମାଝିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଯୁଗ୍ମ ଜନଶୁଣାଣି ଶିବିର



ରାଇଘର(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ ସମ୍ମିଳନୀ କକ୍ଷଠାରେ ବ୍ଲକ ସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଯୁଗ୍ମ ଜନଶୁଣାଣି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୭ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ଏହି ମଧ୍ୟରୁ ୧୭ଗୋଟି ଗୋଷ୍ଠୀ ଗତ ସମସ୍ୟା ରହିଥିବା ବେଳେ ୧୦ ଗୋଟି ବ୍ୟକ୍ତି ଗତ ଆପତ୍ତି ଅଭିଯୋଗ ରହିଥିଲା ବେଳେ ଦୁଇ ଗୋଟି ସମସ୍ୟା ର ତ୍ୱରିତ ସମାଧାନ ଶିବିରରେ ସମାଧାନ କରାଯାଇଥିଲା। ଆପତ୍ତି ଅଭିଯୋଗ ଗୁଡ଼ିକୁ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ଶୁଣାଣି କରି ଏହାର ତୁରନ୍ତ ପଦକ୍ଷେପ ଗ୍ରହଣ କରି ସମାଧାନ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସହ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ସହ ରାଇଘର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ, ସ୍ଥାନୀୟ ତହସିଲଦାର, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର,ରାଇଘର ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀଙ୍କ ସହ ସମସ୍ତ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। । କୁନ୍ଦେଇ ଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଏକଲବ୍ୟ ବିଦ୍ୟାଳୟ କାର୍ଯ୍ୟ ତଦାରଖ କରିବା ସହ ହାଟ ଭରାଣ୍ଡି, ଯୋଡ଼ିଙ୍ଗା ବିଦ୍ୟାଳୟ ଗସ୍ତ କରି ଛାତ୍ର ଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିବା ଦେଖିବାକୁ ମିଳିଥିଲା।

# ଜଳୁଛି ବନ୍ୟାଞ୍ଚଳ, ବନ ବିଭାଗ ପାଖରେ ସୂଚନା ନାହିଁ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ପୋଟ୍ରେଲ ଛକ ଠାରୁ କିଛି ଦୂରରେ ଥିବା କୁପୁଲିଗୁଡା ଗ୍ରାମକୁ ଲାଗି ରହିଥିବା ଶାଗୁଆନ ଜଙ୍ଗଲରେ ଆଜି ଦିନ ତମାମ ନିଆଁ ଲାଗି ଜଳୁଥିବା ବେଳେ ଏହାର ଆଲୋକ ଓ ଧୂଆଁ ବହୁ ଦୂର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥିଲା। ହେଲେ ଆଜି ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଏ ସମ୍ପର୍କରେ ବନ ବିଭାଗ ପାଖରେ କୌଣସି ସୂଚନା ନାହିଁ। ଅପରାହ୍ନ ପ୍ରାୟ ୧ଘଣ୍ଟିକା ପର୍ଯ୍ୟନ୍ତ ଘଟଣା ସ୍ଥଳରେ ନିଆଁକୁ ଆୟତ୍ତ କରିବା ପାଇଁ ବନ ବିଭାଗର କେବଳ ଦୁଇଜଣ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ଏହି କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ଉକ୍ତ ଜଙ୍ଗଲରେ ଜଳୁଥିବା ନିଆଁର ପ୍ରଭାବରେ ସେହି ଜଙ୍ଗଲରେ ଥିବା ବହୁ ମୂଲ୍ୟବାନ ଶାଗୁଆନ ଗଛ ସମେତ ଅନ୍ୟାନ୍ୟ ଗଛ ଗୁଡିକର ମୂଳ ଅଧାଅଧି ପୋଡି ଯାଇଥିବା ଦେଖିବାକୁ ମିଳିଛି। ଏହି ପାହାଡ଼ରେ ଲାଗିଥିବା ନିଆଁର ପ୍ରଭାବରେ ଉକ୍ତ ଜଙ୍ଗଲଟି ସବୁଜ ଦେଖାଯିବା ବଦଳରେ କଳା ରଙ୍ଗର ପାହାଡ଼ ପାଲଟିଥିବା ଦେଖିବାକୁ ମିଳିଛି। ସୂଚନା ଥାଉକି ଗତ ଶନିବାର ଦିନ ଏହି ଅଞ୍ଚଳର ତଥା ତେନ୍ତୁଳିଗୁଡା ଗ୍ରାମ ନିକଟ ବାଲିମେଳା-ମାଲକାନଗିରି ମୁଖ୍ୟ ରାସ୍ତା ପାର୍ଶ୍ୱ ଜଙ୍ଗଲରେ ନିଆଁ ଲାଗି ବହୁ ଜଙ୍ଗଲ ପୋଡି ଯାଇଥିଲା, ସେହିପରି ଗତ ଫେବୃଆରୀ ମାସ ୨୮ ତାରିଖରେ ଏମଭି-୩୫ ଗ୍ରାମ ଛକ ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଶାଗୁଆନ ଜଙ୍ଗଲରେ ନିଆଁ ଲାଗି ବହୁ ଜଙ୍ଗଲ ପୋଡି ନଷ୍ଟ ହୋଇଥିଲା। ସେହିପରି ଗତ ଫେବୃଆରୀ ମାସ ୧୭ ତାରିଖରେ ପୋଟ୍ରେଲ ପଞ୍ଚାୟତ ଅଧିନସ୍ଥ କ୍ରସର ନିକଟରେ ଥିବା ପାହାଡ଼ରେ ନିଆଁ ଲାଗି ବହୁ ଜଙ୍ଗଲ ଓ ମୂଲ୍ୟବାନ ଗଛ କ୍ଷତିଗ୍ରସ୍ତ ହୋଇଥିଲା। କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ବିଭିନ୍ନ ଜଙ୍ଗଲରେ ପ୍ରତିଦିନ ନିଆଁ ଲାଗୁଥିବାବେଳେ ଏହାକୁ ରୋକିବାରେ ବନ ବିଭାଗ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ଲୋକେ ମତବ୍ୟକ୍ତ କରିଛନ୍ତି। ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ପ୍ରତିଦିନ କେଉଁଠି ନା କେଉଁଠି ନିଆଁ ଲାଗୁଥିବା ଯୋଗୁ ଉକ୍ତ ଜଙ୍ଗଲ ନିଆଁର ତାତି ଓ ସେଥିରୁ ବାହାରୁଥିବା ପ୍ରବଳ ଧୂଁଆର ପ୍ରଭାବରେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ପ୍ରକାଶ କରିଛନ୍ତି। ବିଭିନ୍ନ ଜଙ୍ଗଲ ଦାୟିତ୍ୱରେ ଥିବା କର୍ମଚାରୀମାନେ ନିଜ ଦାୟିତ୍ୱ ଠିକ ଭାବେ ତୁଲାଉ ନଥିବାରୁ ଓ ଏ ନେଇ ଅଞ୍ଚଳବାସୀଙ୍କୁ ବନ ବିଭାଗ ପକ୍ଷରୁ ସଚେତନ କରାଯାଉ ନଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଓଡ଼ିଆପେଣ୍ଟ ପଞ୍ଚାୟତ ଗୃହରେ ଆଜି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବଂଶୀଧର ମାଣ୍ଡିଙ୍ଗା ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିପିଓ ସୁଧୀର ବେହେରା ଯୋଗ ଦେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ଏମ.ପବନ କୁମାର,ଯୋଗାଣ ଅଧିକାରୀ ଆଦିତ୍ୟ ପ୍ରସାଦ ନାୟକ,ଏପିଓ ଯୁନେସ ଶବର ଓ ଜୋନ୍-୨ ଜିଲ୍ଲାପରିଷଦ ସଭ୍ୟା ପିଙ୍କି ହିମେରିକା ଯୋଗ ଦେଇଥିଲେ। ପଞ୍ଚାୟତରେ ଥିବା ୩ ଟି ସ୍ଥାନରେ ସୁରକ୍ଷା ପାଚେରୀ, ୨ଟି ସ୍ଥାନରେ ସୌର ଜଳ ଯୋଗାଣ ବ୍ୟବସ୍ଥା, ୫ଟି ସ୍ଥାନରେ ସିସି ରାସ୍ତା ନିର୍ମାଣ, ତିନୋଟି ସ୍ଥାନରେ ଡ୍ରେନ୍ ନିର୍ମାଣ, ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ରରେ ପାଚେରୀ ନିର୍ମାଣ, ତାଳକାଇପଦର୍ ପ୍ରାଥମିକ ବିଦ୍ୟାଳୟରେ ରୋଷେଇ ଘର, ଚାଷ ପାଇଁ ତିନୋଟି ସ୍ଥାନରେ ଚେକ୍ ଡ୍ୟାମ୍, କ୍ଷେତ ଚ୍ୟାନେଲ ପାଞ୍ଚଟି, କମ୍ୟୁନିଟି ହଲ୍, ପିଲାଙ୍କ ପାଇଁ ପାର୍କ, ଯୁବକମାନଙ୍କ ପାଇଁ ଖେଳ ପଡିଆ,ହନୁମାନ ମନ୍ଦିର ପାଇଁ ମଣ୍ଡପ ନିର୍ମାଣ, ଦୁଇଟି ସ୍ଥାନରେ ପେଭର ବ୍ଲକରେ ରାସ୍ତା ନିର୍ମାଣ ଓ ବିଧବା ମହିଳାଙ୍କୁ ଭତ୍ତା ପ୍ରଦାନ ଭଳି ଅଭିଯୋଗ ହୋଇଥିବାବେଳେ ବିରିଗୁଡ଼ା ଗ୍ରାମବାସୀ ଖଣି ପାହାଡ ତଳେ ଥାଇ ବି କୌଣସି ସୁବିଧା ପାଉନଥିବା ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଥିଲା। ଏଥିରେ ଉଠା ଜଳ ସେଚନ, ପ୍ରାଣୀ ଚିକିତ୍ସା ବିଭାଗ,ସମନ୍ୱିତ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଓଡିଶା ଜୀବିକା ମିଶନ ଅଧିକାରୀମାନେ ଯୋଗ ଦେଇଥିଲେ। ଆଜି ଆସିଥିବା ପ୍ରତ୍ୟେକ ଅଭିଯୋଗ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଜିପିଓ ଶ୍ରୀଯୁକ୍ତ ବେହେରା କହିଥିଲେ।ଏହି କାର୍ଯ୍ୟକ୍ରମକୁ ପିଇଓ ଉର୍ବଶୀ ତୁରୁକ ପରିଚାଳନା କରିଥିବା ବେଳେ ଏଡିଓ ସୁରେଶ ଚେଟୀ ସହଯୋଗ କରିଥିଲେ।

## ମାଟିର ମହୋତ୍ସବ ଉଦ୍‌ଘାଟିତ

କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ମାଟିର ମହୋତ୍ସବର ପ୍ରଥମ ଦିନ ସୋମବାର ଉଦ୍‌ଘାଟିତ ହୋଇଛି। ସୋମବାର ଦିନ ସକାଳେ ମଡେଲ ଯାତ୍ରା ପରେ ସନ୍ଧ୍ୟାରେ ପ୍ରଥମ ଦିନର ଉଦ୍ଘାଟନୀ ସଭାରେ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ତଥା ମହୋତ୍ସବ କମିଟି ଚେୟାରମ୍ୟାନ ସମ୍ମାନିତ ଅତିଥି ଭାବେ ସମାଜସେବୀ ଶିବାଜି ମହାନ୍ତି ଗିରିରାଜ ସିଂହ ମାଝି ନାରୀନେତ୍ରୀ ନିରୁପମା ମାଝି ବେଦବ୍ୟାସ ବାଗ ବାରୀୟମ ସିଂ ସାଲୁଜା ବିରଞ୍ଚି ଦାସ ସଞ୍ଜୟ ଗାନ୍ଧୀ ପିଙ୍କି ଖର୍ସେଲ ପୁଷ୍ପକେତୁ ବେହେରା ମଞ୍ଚାସୀନ ଥିଲେ । ସଭାକୁ ମହୋତ୍ସବ କମିଟି ସଭାପତି ବ୍ରଜ ଶ୍ୟାମ ଗୁରୁ ସମ୍ପାଦକ ମନୋଜ ଦାସ ମଞ୍ଚାସୀନ ଥିବା ବେଳେ ଡକ୍ଟର ଫଣିଦମ୍ ଦେଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।




# ମନରେଗା ଯୋଜନା କାର୍ଯ୍ୟକାରୀତାରେ ନୂଆପଡ଼ା ଜିଲ୍ଲା ପ୍ରଥମ



ନୂଆପଡ଼ା(ଭାସ୍କର ନ୍ୟୁଜ) : ମନରେଗା ଯୋଜନାରେ ଦୈନିକ ୬୦,୦୦୦ ରୁ ଉର୍ଦ୍ଧ୍ୱ ଶ୍ରମିକ ନିୟୋଜନ କରି ଓଡ଼ିଶାର ସମସ୍ତ ଜିଲ୍ଲା ମଧ୍ୟରେ ନୂଆପଡ଼ା ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରିଛି । ଶ୍ରମିକ ମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇବାରେ ଥିବା ମାନଦଣ୍ଡରେ ସମଗ୍ର ରାଜ୍ୟରେ ନୂଆପଡ଼ା ଜିଲ୍ଲାର ସ୍ଥିତି ମଜଭୁତ ରହିଛି । ବର୍ତ୍ତମାନ ୯୧,୩୦୪ ଆକ୍ଟିଭ ଜବ୍ କାର୍ଡରେ ଶ୍ରମିକ ମାନଙ୍କୁ କାମ ଯୋଗାଇ ଦିଆ ଯାଉଛି। ମନରେଗା ଯୋଜନାରେ ୧,୮୭,୭୪୩ ଜଣ ପଞ୍ଜୀକୃତ ଶ୍ରମିକ ଅନେକ ଦିନଧରି କାମ କରିଛନ୍ତି। ମାର୍ଚ୍ଚ ୦୮ ତାରିଖରେ ୫୯,୫୪୯ ଜଣ ଏବଂ ୧୦ ତାରିଖରେ ୬୦,୦୧୩ ଜଣ ଶ୍ରମିକ କାର୍ଯ୍ୟରତ ଅଛନ୍ତି। ଦୈନିକ ସର୍ବାଧିକ ଶ୍ରମିକମାନଙ୍କୁ କାମ ଯୋଗାଇ ଦେବାରେ ନୂଆପଡା ଜିଲ୍ଲା ପ୍ରଥମ ସ୍ଥାନରେ, ସୁନ୍ଦରଗଡ଼ ଦ୍ୱିତୀୟ ରେ ଏବଂ ମୟୂରଭଞ୍ଜ ଜିଲ୍ଲା ତୃତୀୟ ସ୍ଥାନରେ ରହିଛି ।ଜିଲ୍ଲାରେ ବହୁ ଶ୍ରମିକ ପରିବାର ୧୦୦ ଦିନର, ୨୦୦ ଦିନର ଏବଂ ୩୦୦ ଦିନର କାମ ସମ୍ପୂର୍ଣ୍ଣ କରିଛନ୍ତି। ଆଧାର ଲିଙ୍କ ଏକାଉଣ୍ଟ ଜରିଆରେ ମଜୁରୀ ପ୍ରଦାନ କ୍ଷେତ୍ରରେ ମଧ୍ୟ ଜିଲ୍ଲା ଆଗରେ ଅଛି । କାମ କରିବାର ୭ ଦିନ ଭିତରେ ଠିକ୍ ସମୟ ସୀମା ମଧ୍ୟରେ ଶ୍ରମିକମାନଙ୍କୁ ମଜୁରୀ ଯୋଗାଇ ଦେବା ଏବଂ ମନରେଗା ଏରିଆ ଅଫିସ୍ ଆପ୍‌ର ବ୍ୟବହାର ଅଧିକାରୀ ମାନଙ୍କ ଦ୍ୱାରା କରିବାରେ ସମଗ୍ର ରାଜ୍ୟରେ ନୂଆପଡ଼ା ଜିଲ୍ଲା ଆଗରେ ରହିଛି। ମନରେଗା ଯୋଜନାରେ ପ୍ରଥମ ସ୍ଥାନ ବଜାୟ ରଖିବା ସହିତ ବିଭିନ୍ନ ମାନଦଣ୍ଡରେ ଜିଲ୍ଲାର ଉତ୍ତମ ପ୍ରଦର୍ଶନ ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଯୋଜନାରେ ସମ୍ପୃକ୍ତ ସମସ୍ତ ଜନ ପ୍ରତିନିଧି, ବିଭାଗୀୟ ଅଧିକାରୀ ଏବଂ ମନରେଗା ଶ୍ରମିକମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ସମସ୍ତଙ୍କ ଆନ୍ତରିକ ସହଯୋଗ ଫଳରେ ନୂଆପଡ଼ା ଜିଲ୍ଲା ପ୍ରବାସୀ ଶ୍ରମିକ ମୁକ୍ତ ଜିଲ୍ଲାରେ ରୂପାନ୍ତରିତ ହୋଇ ପାରିବ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଛନ୍ତି ।

## ଦଳବେଡା ବାଳିକା ଉଚ୍ଚବିଦ୍ୟାଳୟରେ ମାର୍ଗଦର୍ଶିକା କାର୍ଯ୍ୟକ୍ରମ



ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଳବେଡା ଗ୍ରାମପଞ୍ଚାୟତ ସଦର ମହକୁମାରେ ଅବସ୍ଥିତ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚବିଦ୍ୟାଳୟର ସଭା ଗୃହଠାରେ ପ୍ରଧାନ ଶିକ୍ଷକ ହୃଷିକେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନରେ ଅଧ୍ୟୟନ କରିଥିବା ତଥା ବର୍ତ୍ତମାନ ଦଶମ ଶ୍ରେଣୀରେ ଅଧ୍ୟୟନ ସାରି ବୋର୍ଡ ପରୀକ୍ଷା ଦେଇ ଥିବା ସମସ୍ତ ଛାତ୍ରୀମାନଙ୍କୁ ଭବିଷ୍ୟତରେ ଅଧ୍ୟୟନସହ କିପରି ରୋଜଗାରକ୍ଷମ ହୋଇପାରିବେ ତାହା ଉପରେ ଏକ ମାର୍ଗଦର୍ଶିକା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ଗୋଷ୍ଠିସ୍ୱାସ୍ଥ୍ୟର ଆୟୁଷ ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଜୟଶ୍ରୀ ସାମଲ , ଶିକ୍ଷକ ମନକୁମାର ମାଳୀ, ବିଜ୍ଞାନ ଶିକ୍ଷକ ଦେବେନ୍ଦ୍ର ନାଥ ନାୟକ , ବିଜ୍ଞାନ ଶିକ୍ଷୟତ୍ରୀ ଶାଶ୍ୱତୀ ପଣ୍ଡା , କ୍ରୀଡା ଶିକ୍ଷକ କୁମାର ବାଘ ସହକରୀ ଶିକ୍ଷକ ଛଚିନ୍ଦ୍ର ସାହୁ ,ଶିକ୍ଷୟତ୍ରୀ କୁନି ଧରୁଆ , ଶିକ୍ଷକ ସୁରେଶ ଚନ୍ଦ୍ର ପଣ୍ଡା , ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରୀ ମାନଙ୍କୁ ମାଟ୍ରିକ ପରେ କଣ ପଢିବେ , କେଉଁଠି ପଢିବେ , କିପରି ଆବେଦନ କରିବେ ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗରେ ଥିବା ବିଦ୍ୟାଳୟରେ ମାଗଣାରେ ପାଠ ପଢି ପାରିବେ। ଆଇଟିଆଇ ମଧ୍ୟ ବିଭିନ୍ନ ଟ୍ରେଡ ଯେପରି ୱେଲ୍ଡିଂ, ଇଲେକ୍ଟ୍ରିକାଲ, ସିଲେଇରେ ପଢିପାରିବେ । ଯୁକ୍ତଦୁଇ ପରେ ଏଏନଏମ , ଜିଏନଏମ , ପଢି ପାରିବେ । ଯୁକ୍ତ ତିନି ପରେ ଡାକ୍ତରୀ, ଇଞ୍ଜିନିୟରିଂ, ଓକିଲାତି ଆଦି ପାଠ ପଢିପାରିବେ ।

# ଡଙ୍ଗରଗୁଡ଼ା ସ୍ମାର୍ଟ ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ






ଉମରକୋଟ(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର, ଜିଲ୍ଲା ଆର୍ଥିକ ସହର ଏହି ବ୍ୟସ୍ତ ଜୀବନ ମଧ୍ୟରେ ଅବସର ବିନୋଦନ କିମ୍ବା ନିଜ ପରିବାର ସହ ସମୟ ବିତାଇବା ପାଇଁ ହାତ ଗଣତି ଦୁଇ ଚାରିଟା ପାର୍କ ଛାଡିଦେଲେ ଆଉ କିଛି ନାହିଁ। ଏଥି ପାଇଁ ତତ୍କାଳୀନ ବିଧାୟକ ତଥା ବର୍ତ୍ତମାନର ଓଡିଶା ସରକାର ଙ୍କ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସହର ଉପଖଣ୍ଡରେ ଥିବା ଡ଼ଙ୍ଗରୀଗୁଡା ଲଣ୍ଡା ପାହାଡ଼କୁ ନେଇ ଏକ ସ୍ମାର୍ଟ ପାର୍କ ପରିକଳ୍ପନା କରିଥିଲେ। କିନ୍ତୁ କିଛି କାରଣ ବଶତଃ ହୋଇ ପାରିନଥିଲା ଯାହା ଏବେ ପୂରଣ ହେବାକୁ ଯାଉଛି ଡ଼ଙ୍ଗରୀଗୁଡା ସ୍ମାର୍ଟ ପାର୍କ ନାମରେ। ପ୍ରାଥମିକ ସ୍ତରରେ ବିଧାୟକ ନିଜ ପାଣ୍ଠି ରୁ ତିରିଶ ଲକ୍ଷ ଟଙ୍କା ଦେଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ।ପ୍ରାୟ ୬ କୋଟି ଟଙ୍କାର ଡିପିଆର୍ ପ୍ରସ୍ତୁତ ହୋଇଛି ଗୋଟିଏ ମାଷ୍ଟର ପ୍ଲାନକୁ ମଞ୍ଜୁରି ମିଳିଛି ଯାହା ଫଳରେ କାମ ଆରମ୍ଭ ହୋଇଛି। ଆଗାମୀ ଦିନରେ ଉମରକୋଟ ବାସୀ ଏକ ସ୍ମାର୍ଟ ପାର୍କ ର ମଜା ନେଇ ପାରିବେ ଏଥି ପାଇଁ ସ୍ଥାନୀୟ ବାସିନ୍ଦା ଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ନବରଙ୍ଗପୁର ଆଡୁ ଉମରକୋଟ ଆସିବା ରାସ୍ତାରେ ସହର ଆରମ୍ଭରେ ଡ଼ଙ୍ଗରୀଗୁଡା ୩୯ ନମ୍ବର ରାଜ୍ୟ ରାଜପଥ କଡରେ ଡ଼ଙ୍ଗରୀଗୁଡା ପାହାଡ଼। ଦିନେ ଖଣି ମାଫିଆ ଓ ଜମି ମାଫିଆ ଙ୍କ କବ୍ଜା ରେ ଥିଲା ସାତ ରୁ ଆଠ ଏକର ର ପାହାଡ଼। ଜବର ଦଖଲ ଯୋଗୁଁ ପରିସୀମା ମାତ୍ର ପାଞ୍ଚ ଏକର ରହିଛି। ଏହି ପାହାଡକୁ ଏବେ ସ୍ମାର୍ଟ ପାର୍କ ର ରୂପ ଦିଆଯାଉଛି। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟ କାମ ଜୋରସୋର ରେ ଚାଲିଛି। କାମ ଆରମ୍ଭ ହେବା ଦେଖି ସହରବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଉମରକୋଟରେ ଏକ ସ୍ମାର୍ଟ ପାର୍କର ଆବଶ୍ୟକ ଥିଲା ଡ଼ଙ୍ଗରୀଗୁଡା ରେ। ଏହା ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଛି। ପ୍ରାଥମିକ ପର୍ଯ୍ୟାୟରେ ତିରିଶି ଲକ୍ଷ ଟଙ୍କା ପାହାଚ, ୱାଚ ଟାୱାର, କାଫେ ନିର୍ମାଣ କରାଯିବ। ଏହା ସହ ପ୍ରାୟ ଏଗାର କୋଟି ଟଙ୍କାର ଡିପିଆର୍ ପ୍ରସ୍ତୁତ ହୋଇଛି, ଅର୍ବାନ ଓ ପର୍ଯ୍ୟଟନ ବିଭାଗ ସହ ଆଲୋଚନା ହୋଇଛି ।ଏହି ପାର୍କ ନିର୍ମାଣ ହେବା ପରେ ଉମରକୋଟ ର ସୌନ୍ଦର୍ଯ୍ୟ ବୃଦ୍ଧି ସହ ଲୋକଙ୍କୁ ମନୋରଞ୍ଜନ ପାଇଁ ସ୍ଥାନ ମିଳିବ ଓ କିଛି ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିବ ବୋଲି ଉମରକୋଟ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରକାଶ କରିଛନ୍ତି। ସ୍ମାର୍ଟ ପାର୍କ କେବଳ ମନ୍ତ୍ରୀଙ୍କ ପ୍ରୟାସ ଯୋଗୁଁ ସମ୍ଭବ ହୋଇ ପାରିଛି ବୋଲି ସହର ବାସୀ ଧନ୍ୟବାଦ ଦେଇଛନ୍ତି।

# ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ



ରାୟଗଡ଼ା/କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ) : ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଅଖିଳ ଭାରତୀୟ ଆଶା କର୍ମଚାରୀ ମହାସଂଘ ଏବଂ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘର ନିଷ୍ପତ୍ତି କ୍ରମେ ସାରା ଦେଶର ସମସ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଜରିଆରେ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀ , କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ , ମୁଖ୍ୟମନ୍ତ୍ରୀ ଓଡ଼ିଶା ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଓଡ଼ିଶାଙ୍କୁ ପ୍ରଦାନ କରାଯିବା ଅବସରରେ ଆଜି ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘର ରାୟଗଡ଼ା ଜିଲ୍ଲା ସମ୍ପାଦିକା ଗୀତାଞ୍ଜଳୀ ହାଁଆଲ ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ତମାଳ ସାହୁକାରଙ୍କ ନେତୃତ୍ୱରେ ଗାନ୍ଧୀ ପାର୍କ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହରର ମୁଖ୍ୟ ରାସ୍ତା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଡେପୁଟି କଲେକ୍ଟର ନାରାୟଣ ମିଶ୍ରଙ୍କୁ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲ ମୋହନ ରାଉତ ରାୟଙ୍କୁ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୂର ସଂଘ ର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ ଏବଂ ଆଶା କର୍ମୀ ସଂଘର ରାଜ୍ୟ ଉପସଭାନେତ୍ରୀ ମମତା ବିଶ୍ୱାଳ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପୁଷ୍ପାଞ୍ଜଳି ବେହୁରା , ଆନନ୍ଦ ରାଓଙ୍କ ସହ ସମସ୍ତ ବ୍ଲକର ନେତୃବୃନ୍ଦ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୧ ଟି ବ୍ଲକରୁ ୨ ହଜାର ଉର୍ଦ୍ଧ୍ୱ ଆଶା କର୍ମୀ ଯୋଗଦେଇଥିଲେ। ଆଶାକର୍ମୀଙ୍କ ଦାବିଗୁଡ଼ିକ ମଧ୍ୟରେ ସର୍ବନିମ୍ନ ୧୮,୦୦୦/- ଆଶା ଆଶା ଫାସିଲେଟର ମାନଙ୍କୁ ୨୪,୦୦୦/- ଏବଂ ବିଟିଟି ସଂଯୋଜକଙ୍କୁ ମାସିକ ୩୦,୦୦୦ /- ଟଙ୍କା ସର୍ବନିମ୍ନ ଦରମା ନିଶ୍ଚିତ ପ୍ରଦାନ କରାଯାଉ। ଆଶା କର୍ମୀ, ଆଶା ସଙ୍ଗିନୀ, ଆଶା ଫାସିଲେଟର, ବିଟିଟି ସଂଯୋଜକଙ୍କୁ ଇପିଏଫ୍ ଏବଂ ଇଏସ୍ଆଇ ଅନ୍ତର୍ଗତ କରାଯାଇ ସାମାଜିକ ସୁରକ୍ଷା ଅନ୍ତର୍ଗତ ପେନ୍ସନ୍ ପ୍ରଦାନକୁ ସୁନିଶ୍ଚିତ କରାଯାଉ। ଦୁର୍ଘଟଣା କିମ୍ବା ମୃତ୍ୟୁହେଲେ ସର୍ବନିମ୍ନ ୦୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଉ। ସେବାନିବୃତ୍ତ ସମୟରେ ଆଶା କର୍ମୀ, ଆଶା ସଙ୍ଗିନୀ, ଆଶା ଫାସିଲେଟର, ବିଟିଟି ସଂଯୋଜକଙ୍କୁ ଏକକାଳୀନ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉ ।ଅଭିଜ୍ଞ ଆଶା କର୍ମୀ ମାନଙ୍କୁ, ଟୀକାକରଣ ତାଲିମ ପ୍ରଦାନ କରାଯାଉ। ସମସ୍ତ ବନ୍ଧନ ମୁକ୍ତ କରାଯାଇ ଯୋଗ୍ୟ, ଅନୁଭବୀ ଓ ଉଚ୍ଚ ଶିକ୍ଷିତ ଆଶା କର୍ମୀଙ୍କୁ ଏଏନ୍ଏମ୍ ଏବଂ ଆଶା ଫାସିଲେଟର ଇତ୍ୟାଦି ପଦରେ ପଦୋନ୍ନତି କରିବାର ବ୍ୟବସ୍ଥା କରାଯାଉ। ଆଶାକର୍ମୀଙ୍କୁ ବର୍ଷକୁ ସର୍ବନିମ୍ନ ଦୁଇଥର ୟୁନିଫର୍ମ ପ୍ରଦାନ କରାଯିବା ଉଚିତ କିମ୍ବା ଡ୍ରେସ କୋଡର ଉଚିତ ଦେୟ ପ୍ରଦାନ କରାଯାଉ। ଡାକ୍ତରଖାନାରେ ବିଶ୍ରାମଗୃହ ସହିତ ସମସ୍ତ ଗ୍ରାମରେ ଆଶା କେନ୍ଦ୍ର ନିର୍ମାଣ / ବ୍ୟବସ୍ଥା କରାଯାଉ ।ଯାତ୍ରା ବ୍ୟୟ/ ଭତ୍ତା ପ୍ରଦାନ କରାଯିବା ସହିତ ପ୍ରତି ମାସ ଶେଷରେ ଆଶାମାନଙ୍କ ଦ୍ୱାରା କରାଯାଉଥିବା ସମସ୍ତ କାର୍ଯ୍ୟର ପ୍ରୋତ୍ସାହନ ରାଶି (ଇନସେଣ୍ଟିଭ ) ମାସ ଶେଷରେ ପ୍ରଦାନ କରାଯିବା ଉଚିତ ବ୍ୟବସ୍ଥା ହେଉ। ଅସଂଗଠିତ ଶ୍ରମିକମାନଙ୍କ ପାଇଁ ପ୍ରଯୁଜ୍ୟ "ପ୍ରଧାନ ମନ୍ତ୍ରୀ ଶ୍ରମଯୋଗୀ ମାନଧନ" ର ହିତାକାରୀଙ୍କ ପ୍ରବେଶ ବୟସ ଯାହା ବର୍ତ୍ତମାନ ୧୮ ରୁ ୪୦ ରହିଛି, ତାହାକୁ ସଂଶୋଧନ କରାଯାଇ ୧୮ ରୁ ୬୦ କରାଯାଉ ଯାହା ଦ୍ୱାରା ଆଶା କର୍ମୀମାନେ ମଧ୍ୟ ଶ୍ରମଯୋଗୀ ମାନଧନ ସୁବିଧା ପାଇପାରିବେ।

# ପ୍ରବାସୀ ଶ୍ରମିକ ସଚେତନତା ଶିବିର



ନୂଆପଡ଼ା(ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍ କରଙ୍ଗାମାଲ ପଞ୍ଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡ଼ିଓ ସୁଶାନ୍ତ କୁମାର ରଣା, ତହସିଲଦାର ସରିତା ଗୁପ୍ତା, ସ୍ଥାନୀୟ ସରପଞ୍ଚ ରାମଲାଲ ପଣ୍ଡା, ଭୋକାଲ୍ ସରପଞ୍ଚ ଠାକୁର ବାଗ, ବାବେବିର ସରପଞ୍ଚ ଯୁଗେଶ୍ୱର ପାଣ୍ଡେ, ଲର୍କା ସରପଞ୍ଚ ଜୟଶ୍ରୀ ପଟେଲ୍ ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ । ଏହି ପଞ୍ଚାୟତର ୩ ଗୋଟି ପରିବାର ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩୦୦ ଦିନରୁ ଅଧିକ ଶ୍ରମ ଦାନ କରି ଲକ୍ଷପତି ହୋଇଥିବାରୁ ସେମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଉପଢୌକନ ପୁଷ୍ପ ଗୁଚ୍ଛ ଓ କୋଦାଳ ଦେଇ କରତାଳି ମଧ୍ୟରେ ସମ୍ବର୍ଦ୍ଧିତ କରଯାଇଥିଲା । ଲେଶୁନପାଲି ଗାଁର ୧୩ ଜଣ ଆଦିବାସୀ ପରିବାରଙ୍କୁ ସେମାନେ କ୍ଷେତ ସଜାଇ ଥିବା ଜଙ୍ଗଲ ଜମିର ପଟ୍ଟା ବଣ୍ଟନ କରାଯାଇଥିଲା। ଶେଷରେ ସରପଞ୍ଚ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ଏବଂ ଶହ ଶହ ସଂଖ୍ୟାରେ ମହିଳା ତଥା ଜନ ସାଧାରଣ ଯୋଗ ଦେଇଥିଲେ। ପୂର୍ବରୁ ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଡୋଟୋ ଗାଁର ନବଜାତକ ଶିଶୁ କନ୍ୟା ଯୁଗେଶ୍ୱରୀ , ପିତାମାତା ନିରଞ୍ଜନ ବାଗ ଓ ଝରଣା ବାଗ ଘରକୁ ଜିଲ୍ଲାପାଳ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ସହିତ ଯାଇ ନବ ଜାତକକୁ କୋଳରେ ଧରି ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କନ୍ୟାର ବାପା ମା'ଙ୍କୁ ଉପହାର ପ୍ରଦାନ କରି ସେମାନଙ୍କ ଦ୍ୱାରା ନୂତନ ବୃକ୍ଷରୋପଣ କରାଇଥିଲେ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଦୁଇ ଜଣ ଗର୍ଭବତୀ ମହିଳା ଦୀପାଞ୍ଜଳି ବାଗ ଏବଂ ଜାହ୍ନବୀ ବାଗଙ୍କୁ ଏହି ସମାରୋହରେ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ। ଆଜିର ଏହି ନିଆରା କାର୍ଯ୍ୟକ୍ରମ ପାଇଁ ଡୋଟୋ ଗାଁ ଆନନ୍ଦ ମୁଖର ହୋଇ ଉଠିଥିଲା । ଏହାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ପ୍ରୋଗ୍ରମ୍ ଅଫିସର୍ ନମିତା ପାଢ଼ୀ, ବୋଡ଼େନ ସିଡିପିଓ ପ୍ରମୁଖ ଅୟୋଜନ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






କଣ୍ଟାବାଞ୍ଜି (ଭାସ୍କର ନ୍ୟୁଜ୍) : କଣ୍ଟାବାଞ୍ଜି ମାଟିର ମହୋତ୍ସବ ର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏହି ଅବସର ରେ ଅପରାହ୍ନ ରେ କାର୍ଯ୍ୟ କରି ସଭାପତି ବିରଞ୍ଚି ନାରାୟଣ ଦାଶ ଙ୍କ ସଂଯୋଜନା ରେ କଣ୍ଟାବାଞ୍ଜି ର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଲୋଚନା ହୋଇଥିଲା । ଆଲୋଚକ ଭାବେ ଯୁଗଳ କିଶୋର ଷଡଙ୍ଗୀ ବିଷ୍ଣୁ ପ୍ରସାଦ ଶର୍ମା ମୋହନ ଲାଲ ଶର୍ମା ସରପଞ୍ଚ ଜଳନ୍ଧର ମହାକୁଡ ବରିଷ୍ଠ ସାମ୍ବାଦିକ ରାଜୀବ ସାଗରିଆ ଶିବାଜି ମହାନ୍ତି ବ୍ରଜେଶ ମିଉଲ ରମେଶ ମହାନନ୍ଦ ସାମିଲ ଥିଲେ । ସନ୍ଧ୍ୟା ର ସାଂସ୍କୃତିକ ସଭା ରେ କମିଟି ସଭାପତି ବ୍ରଜ ଶ୍ୟାମ ଗୁରୁ ଙ୍କ ସଭାପତିତ୍ୟରେ ମୁରିବହାଲ ବ୍ଲକ୍ ଚ୍ୟାର୍ମେନ୍ ହରିବନ୍ଧୁ ମେହେର ବଙ୍ଗୋମୁଣ୍ଡାରେ ବ୍ଲକ୍ ଉପାଧକ୍ଷ ରଞ୍ଜୁବଳ ବେହେରା କଣ୍ଟାବାଞ୍ଜି ତହସିଲଦାର ବିଶ୍ୱନାଥ ଖାଲକୋ ଏନ୍ ଏ ସି ଇ ଓ ନାରାୟଣ ଦଣ୍ଡସେନା ସାମାଜିକ କର୍ମୀ ଗିରିରାଜ ମାଝି ଶ୍ରୀବତ୍ସ ବେହେରା ଯୁଗଳ କିଶୋର ଷଡଙ୍ଗୀ ପୁରନ୍ଦର ବାଗ ରଶ୍ମି ରଂଜନ ପଟେଲ୍ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ୍ ଥିଲେ । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାକୁ ଉଦ୍ଘୋଷକ ଭାବେ ସୁଶିଲ ପୋଡ ଓ ପ୍ରାଚୀ ପାଣିଗ୍ରାହୀ ସଞ୍ଚାଳନ କରିଥିଲେ ।

## ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ ଉତ୍କଳ ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି । ଜୟଦେବ ସମାରୋହର ଦ୍ୱିତୀୟ ଦିବସ ସନ୍ଧ୍ୟାରେ ଉତ୍କଳ ମଣ୍ଡପ ଠାରେ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ବରିଷ୍ଠ ଭାରତୀୟ ରାଜସ୍ୱ ଅଧିକାରୀ ତଥା ଅବସରପ୍ରାପ୍ତ ମୁଖ୍ୟ ଆୟକର ଆୟୁକ୍ତ, ମନୋରଞ୍ଜନ ପାଣିଗ୍ରାହୀ ବିଶିଷ୍ଟ ଅତିଥି ଭାବେ ଯୋଗଦାନ ଦେଇ ଥିଲି । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଅନୁଜାତାରିଣୀ ମିଶ୍ର, କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କୃତ ବିଶିଷ୍ଟ ଓଡ଼ିଶୀ କଣ୍ଠ ଶିଳ୍ପୀ, ଗୁରୁ ଓ ସଂସ୍କୃତି ଗବେଷକ ପ୍ରଫେସର ରାମହରି ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ. ଗୁରୁ ନିମାକାନ୍ତ ରାଉତରାୟ. ଏବଂ ଏହି ଉତ୍ସବକୁ ପୌରହିତ୍ୟ କରିଥିଲେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଡଃ ବିଜୟ କୁମାର ଜେନା । ଆଜି ଦ୍ୱିତୀୟ ଦିବସରେ ସଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ରୁ ଏକକ ସୀତାର ବାଦନ, ଗୁରୁ ଭୀମସେନ ମହାରଣା ପରିବେଷଣ କରିଥିଲେ । ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବୃନ୍ଦ ଓଡିଶୀ କଣ୍ଠ ସଙ୍ଗୀତ. ରାଗ ବସନ୍ତ ନାଟ୍ୟଙ୍ଗ । ଚାଁହା ଚାଁହା ବନ୍ଧୁ ନିପମୂଳକୁ ପରିବେଷଣ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ ନିର୍ଦ୍ଦେଶନା ଦେଇ ଥିଲେ ଗୁରୁ ଭାରତୀ ଜେନା ଓ ଗୁରୁ ପ୍ରଦୀପ କୁମାର ଦାସ । ପରେ ପରେ ବୃନ୍ଦ ତବଲା ବାଦନ– ଗୁରୁ ବିନୋଦ ବିହାରୀ ରାଉତଙ୍କ ନିର୍ଦ୍ଦେଶନାରେ ମହାବିଦ୍ୟାଳୟର ଛାତ୍ର ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ତବଲା ର ନାଦ ରେ ଉତ୍କଳ ମଣ୍ଡପ ପ୍ରକମ୍ପିତ ହୋଇଥିଲା ମଞ୍ଚ ପରିଚାଳନା କରିଥିଲେ ମୃତ୍ୟୁଞ୍ଜୟ ରଥ ।

## କନ୍ଧମାଳ, ଗଜପତି ଜିଲ୍ଲାରୁ ୧୦ ହଜାର ୩୦୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): କନ୍ଧମାଳ ଏବଂ ଗଜପତି ଜିଲ୍ଲା ପୋଲିସ ମଙ୍ଗଳବାର ୫ ଟି ଥାନା ଅଂଚଳରେ ଚଢ଼ାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି । ପ୍ରାୟ ୧୦ ହଜାର ୩୦୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବାରେ ପୋଲିସ ସକ୍ଷମ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଗଞ୍ଜେଇ ଚୋରା ଚାଲାଣ ରୋକିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିବା ବେଳେ ସେହି ଅନୁଯାୟୀ, ରାଜ୍ୟର ବିଭିନ୍ନ ଜିଲ୍ଲାର ଏସପି ମାନେ ଏହାକୁ କାର୍ଯ୍ୟକାରୀ କରୁଛନ୍ତି । ଏହି କ୍ରମରେ ଆଜି କନ୍ଧମାଳ ଏବଂ ଗଜପତି ଜିଲ୍ଲାର ଏସପି ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ । କନ୍ଧମାଳ ଜିଲ୍ଲାର ଗୋଛାପଡା ଥାନା ପୋଲିସ କାର୍ଟିଙ୍ଗିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୁଡେଣିପଙ୍କ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢାଉ କରି ଘଟଣାସ୍ଥଳରୁ ୩୬୭୫ କେଜି, ଫୁଲବାଣୀ ସଦର ଥାନା ଅନ୍ତର୍ଗତ ବିଲବାଡି ଗ୍ରାମ ପଞ୍ଚାୟତ ନିକିନିଣ୍ଡା ଗ୍ରାମ ଜଙ୍ଗଲରୁ ୧୪୪୦ କେଜି, ତୁମୁଡିବନ୍ଧ ଥାନା କୁର୍ଥାଗୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାନିମିଲା ଜଙ୍ଗଲରୁ ୬୧୫ କେଜି, ବ୍ରାହ୍ମଣୀଗାଁ ଥାନା ପଡ଼ିକିଆ ନିକଟସ୍ଥ ରାଜନଗର ଜଙ୍ଗଲରୁ ୨୫୫୫ କେଜି ଗଞ୍ଜେଇ ଜବତ କରାଯାଇଛି । ସେହିପରି ଏକ ବିଶ୍ୱସ୍ତ ସୂଚନା ଆଧାରରେ ଗଜପତି ଜିଲ୍ଲାର ଆର. ଉଦୟଗିରି ଥାନା ପୋଲିସ ସୀମା ରିଧିମା ଗାଁ ନିକଟରେ ଚଢାଉ କରି ୨୦ କୁଇଂଟାଲ ୨୦ କେଜି ୨୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଥିଲା । ଏହି ସମସ୍ତ ଘଟଣାରେ ପୋଲିସ ତଦନ୍ତ କରୁଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ସୂଚନା ଯୋଗ୍ୟ ଯେ, ନିଶା ବେପାରୀ ମାନେ ଜଙ୍ଗଲ ମଧ୍ୟରେ ଥିବା ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ଗାତ ଖୋଳି ଏହି ଗଞ୍ଜେଇ ରଖି ଚୋରା ଚାଲାଣ କରୁଛନ୍ତି । ଏ ସମ୍ପର୍କରେ ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା । ଉଲ୍ଲେଖଯୋଗ୍ୟ ଯେ,ଗଞ୍ଜେଇ ଚାଷ ବିରୁଦ୍ଧରେ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଥିବା ବେଳେ ଏହାକୁ ମୂଳପୋଛ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଉଛି । ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ସମୟ ସୀମା ମଧ୍ୟରେ ଗଞ୍ଜେଇ ଚାଷର ସଂପୂର୍ଣ୍ଣ ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରିବାକୁ ଡିଜିପି ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଆଳି (ଭାସ୍କର ନ୍ୟୁଜ): ଆଳି ନାଗରିକ ମଞ୍ଚ ଆନୁକୂଲ୍ୟରେ ଆଳି ତହସିଲ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ଆଳି ବାର୍ ଆସୋସିଏସନ୍ ସଭା ଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରା ଯାଇଛି । ଉକ୍ତ ସଭାରେ ଆଳି ଅଞ୍ଚଳର ବିଭିନ୍ନ ମହିଳା ସଂଗଠନ ର ମହିଳା ସଦସ୍ୟା, ଆଶା କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଳି ନାଗରିକ ମଞ୍ଚ, ଆଳି ର ସଭାପତି ଧନେଶ୍ୱର ରାଉତ୍ ସଭାପତିତ୍ୱ କରିଥିଲେ, ଆଳି ନାଗରିକ ମଞ୍ଚ ର ଆଇନ୍ ପରାମର୍ଶ ଦାତା ଶରତ ଚନ୍ଦ୍ର ମହାନ୍ତି, ସମ୍ପାଦକ ଅକ୍ଷୟ କୁମାର ମଲିକ , କାର୍ଯ୍ୟକାରୀ ସଭାପତି ଦଶରଥ ମଲିକ, ନିଶା ନିବାରଣ ଆଳି ବ୍ଲକ୍ ସଭାପତି ଲକ୍ଷ୍ମୀଧର ଦିକ୍ଷୀତ, ଆଳି ନାଗରିକ ମଞ୍ଚର ସକ୍ରିୟ ସଦସ୍ୟା କବୟିତ୍ରୀ ସନିଭା ମିଶ୍ର ଦାଶ, ମଞ୍ଜୁଲତା ସାମଲ, ସରୋଜିନୀ ରାଉତ ମହାନ୍ତି (ରଶ୍ମୀ), ପ୍ରଭାତୀ ସାହୁ,ଆଇନ୍ ଛାତ୍ରୀ ରାଜେଶ୍ୱରି ପାଣ୍ଡବ, ଦୀପ୍ତିମୟୀ ବାରିକ, ସଡ଼କ ବନ୍ଧୁ ସୁଶାନ୍ତ କୁମାର ତରାଇ, ଶ୍ରମିକ ନେତ୍ରୀ ସୂହାନା ବେଗମ ନାରୀ ମର୍ଯ୍ୟାଦା ରକ୍ଷା ନେଇ ନାରୀ ମାନଙ୍କ ଭୂମିକା ଦିଗରେ ସାର ଗର୍ଭାକ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଆଳି ନାଗରିକ ମଞ୍ଚ ର ଯୁଗ୍ମ ସମ୍ପାଦକ ସହଦେବ ସିଂହ ନାରୀ ମର୍ଯ୍ୟାଦା ରକ୍ଷା ପାଇଁ ଆଇନ୍ କାନୁନ୍ ପରାମର୍ଶ ଓ ଯୋଗାଯୋଗ କରିବା ପାଇଁ ସୂଚନା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ସଭା ସାଙ୍ଗ ଘୋଷଣା କରିଥିଲେ ।

**AFFIDAVIT**

By virtue of an affidavit sworn before Notary Public, Bhubaneswar dated 10.03.2025, I Basanta Kumar Behera, Address: At- Badagorada, Po- Kesharpur, Ps- Sarankul, Dist- Nayagarh, Odisha, Pin-752079 declare that I have changed my son's name from Balaram Behera to Ritesh Behera. Henceforth he shall be known as Ritesh Behera for all purposes.

**Sd/- Basanta Kumar Behera**

## ୨୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୪ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ । ସେ ୨୪ତାରିଖ ଅପରାହ୍ନ ୧ଟା ୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରୁ କଣ୍ଟିଲୋ ନୀଳମାଧବ ଯାଇ ଠାକୁରଙ୍କୁ ଦର୍ଶନ କରିବେ । ସେଠାରୁ ଫେରି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଧ୍ୟାରେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି । ୨୫ତାରିଖରେ ଶ୍ରୀମତୀ ମୁର୍ମୁ ରେଭେନ୍ସା ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ଉତ୍ସବରେ ଯୋଗଦେବେ । ସେହିଦିନ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଧ୍ୟାରେ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି ।

**AFFIDAVIT**

By virtue of an affidavit sworn before Executive Magistrate, Khordha dated 07.03.2025, I Pujanjali Sethi, Address: village- Gayabandha, Po- Damanbhumi, PS- Jankia, Dist- Khordha, Odisha, Pin-752020, declare that I have changed my name from Madhusmita Sethi to Pujanjali Sethi. Henceforth I shall be known as Pujanjali Sethi for all purposes

**Sd/- Pujanjali Sethi**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଲୋଚନା ପାଇଁ...

ଚିଠିରେ ଉଲ୍ଲେଖ କରିଛନ୍ତି ଯେ ନିର୍ବାଚନ ପ୍ରକ୍ରିୟାର ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରୁଥିବା ସମ୍ବିଧାନ ଏବଂ ସାମ୍ବିଧାନିକ ଢାଞ୍ଚା ଅନୁଯାୟୀ କମିଶନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ୨୮ଟି ହିତାଧିକାରୀଙ୍କ ମଧ୍ୟରୁ ରାଜନୈତିକ ଦଳଗୁଡ଼ିକ ପ୍ରମୁଖ ହିତାଧିକାରୀ । କମିଶନ ଆହୁରି କହିଛନ୍ତି ଯେ ଭାରତର ପ୍ରତିନିଧି ଆଇନ ୧୯୫୦ ଓ ୧୯୫୧, ମତଦାତା ପଞ୍ଜିକରଣ ନିୟମ ୧୯୬୦, ନିର୍ବାଚନ ନିୟମ ୧୯୬୧, ସୁପ୍ରିମକୋର୍ଟର ଆଦେଶଗୁଡ଼ିକ ଏବଂ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରକାଶିତ ନିର୍ଦ୍ଦେଶ, ଯାହା ଏକ ବିକେନ୍ଦ୍ରିକୃତ, ସୁଦୃଢ ଏବଂ ସ୍ୱଚ୍ଛ ଆଇନଗତ ଢାଞ୍ଚା ନିର୍ମାଣ କରିଛି । ଯାହା ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାକୁ ନିଶ୍ଚିତ କରିଥାଏ ।

### ମରିସସ୍ ରାଷ୍ଟ୍ରପତିଙ୍କୁ...

ସମ୍ମାନର ବିଷୟ ବୋଲି ମୋଦୀ ଉଲ୍ଲେଖ କରିଥିଲେ । ସ୍ୱତନ୍ତ୍ର ଅଭିବ୍ୟକ୍ତି ସ୍ୱରୂପ ପ୍ରଧାନମନ୍ତ୍ରୀ ମୋଦୀ ଓ ମରିସସ୍ ରାଷ୍ଟ୍ରପତି ଗୋକୁଲ ଏବଂ ପ୍ରଥମ ମହିଳା ବୃନ୍ଦା ଗୋକୁଲଙ୍କୁ ଓସିଆଇ କାର୍ଡ ହସ୍ତାନ୍ତର କରିଥିଲେ । ରାଜଭବନରେ ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ଆୟୁର୍ବେଦ ଉଦ୍ୟାନ ମଧ୍ୟ ମୋଦୀ ବୁଲି ଦେଖିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆୟୁର୍ବେଦ ସମେତ ପାରମ୍ପରିକ ଚିକିତ୍ସା ପଦ୍ଧତିର ଲାଭକୁ ଆଗେଇ ନେବାରେ ମରିସସ୍ ଭାରତର ଏକ ପ୍ରମୁଖ ସହଯୋଗୀ । ଏହି ଅବସରରେ ମୋଦୀଙ୍କ ସମ୍ମାନରେ ରାଷ୍ଟ୍ରପତି ଗୋକୁଲ ଏକ ରାଜକୀୟ ମଧ୍ୟାହ୍ନ ଭୋଜନର ଆୟୋଜନ କରିଥିଲେ ।

### ୭ବର୍ଷ ଜେଲ...

ଭାରତର ରାଷ୍ଟ୍ରୀୟ ସୁରକ୍ଷା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପାଇଁ ବିପଦ ଥିବା ଯେ କୌଣସି ବିଦେଶୀ ନାଗରିକଙ୍କ ପ୍ରବେଶ ଉପରେ କଟକଣା ଲଗାଉଛି । ଏହାସହ ସବୁ ବିଦେଶୀଙ୍କ ଆଗମନର ପଞ୍ଜିକରଣ ଓ ସେମାନଙ୍କ ଯାତ୍ରା, ନାମ ପରିବର୍ତ୍ତନ ଓ ସଂରକ୍ଷିତ ବା ପ୍ରତିବନ୍ଧିତ ଅଞ୍ଚଳରେ ସେମାନଙ୍କ ପ୍ରବେଶ ଉପରେ ବ୍ୟାନ୍‌କୁ ଏହି ବିଲ ବାଧ୍ୟତାମୂଳକ କରୁଛି । ଏହି ବିଲ୍‌ରେ ନିୟମ ଉଲ୍ଲଂଘନ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା ରହିଛି । ଅବୈଧ ପାସପୋର୍ଟ ଓ ବିନା ଭିସାରେ ଭାରତରେ ବେଆଇନ ଭାବେ ପ୍ରବେଶ କଲେ ୫ ବର୍ଷ ଯାଏ ଜେଲ ଓ ୫ଲକ୍ଷ ଟଙ୍କାର ଜରିମାନା ବ୍ୟବସ୍ଥା ରହିଛି । ଜାଲ ଦସ୍ତାବିଜ ବ୍ୟବହାରକାରୀଙ୍କୁ ୭ବର୍ଷ ଜେଲ ଓ ୧ ଲକ୍ଷ ଟଙ୍କାରୁ ୧୦ଲକ୍ଷ ଟଙ୍କାଯାଏ ଜରିମାନା ଲାଗୁର ବ୍ୟବସ୍ଥା କରାଯାଇଛି ।

### ୨ ଗୋରୁ ମାଫିଆ...

ହସ୍ପିଟାଲ ସୂତ୍ରରୁ ସୂଚନା ଦିଆଯାଇଛି । ମାଫିଆଙ୍କଠାରୁ ୪ଟି ଗୁଳି, ୨ଟି ଦେଶୀ ପିସ୍ତଲ, ଏକ ହୁଣ୍ଡାଇ ଆଲକାଜାର୍ ଜବତ କରାଯାଇଛି । ଗୁରୁତର ହୋଇଥିବା ଦୁଇ ଅଭିଯୁକ୍ତ ପଶ୍ଚିମବଙ୍ଗ ହାଓ୍ୱଡ଼ା ଜିଲ୍ଲାର ବୋଲି ସୂଚନା ଦିଆଯାଇଛି । ସେମାନେ ଏକ ଟ୍ରକ୍‌ରେ ୩୦ରୁ ଅଧିକ ଗାଇ ଓ ଷଣ୍ଢ ନେଇ ଯାଉଥିବାବେଳେ ପୋଲିସ ଏହି ଚଢାଉ କରିଥିଲା । ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ନେଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଟ୍ରକ୍‌ରେ ଥିବା ଗୋରୁମାନଙ୍କୁ ଅତି ଦୟନୀୟ ଭାବେ ଚାଲାଣ କରାଯାଉଥିଲା । ବରଗଡ଼ ଓ ସୋନପୁର ଜିଲ୍ଲାରୁ ଗୋରୁଙ୍କୁ ପଶ୍ଚିମବଙ୍ଗ ନିଆଯାଉଥିଲା । ଟ୍ରକଟିକୁ ଏପରି ପାଲରେ ଘୋଡ଼େଇ ଦିଆଯାଇଥିଲା ଯେ ଯେପରିକି କେହି ଚାଲାଣର ଟେର୍ ପାଇବେନି । ପୋଲିସ ୩୦ ଗୋରୁଙ୍କୁ ଉଦ୍ଧାର କରିବା ସହ ଡ୍ରାଇଭର ଓ ଗୋ ଚାଲାଣକାରୀଙ୍କୁ ଗିରଫ କରିଛି । ସୂଚନାଯୋଗ୍ୟ ଯେ ରାଜ୍ୟରେ ଗୋ ଚାଲାଣକୁ ରୋକିବା ପାଇଁ ସରକାର ଏବେ ଠୋସ୍ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି । ପୋଲିସ ମହାନିର୍ଦ୍ଦେଶକ ଏହି କ୍ରମରେ ସମସ୍ତ ଥାନାକୁ ମଧ୍ୟ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

### ଗ୍ରାହକ ହନ୍ତସନ୍ତ...

ହୋଇ ଫେରୁଛନ୍ତି । ଅନ୍ୟ ବ୍ୟାଙ୍କ ଏଟିଏମକୁ ଗଲେ ବି ସେଠାରେ ଲମ୍ବା ଲାଇନ ଲାଗିଛି । ଖାଲି ଓଡ଼ିଶା ନୁହେଁ, ସାରା ଦେଶରେ ଏଭଳି ଅବସ୍ଥା ଲାଗି ରହିଛି । ଏସବିଆଇ ସହ ଆଇସିଆଇସିଆଇ ଓ ଆକ୍ସିସ ବ୍ୟାଙ୍କର ଏଟିଏମ୍ ମଧ୍ୟ ପ୍ରଭାବିତ ହୋଇଛି । ଷ୍ଟେଟବ୍ୟାଙ୍କର ୧୪,୦୦୦ ଏଟିଏମ୍‌ରେ ଟଙ୍କା ନାହିଁ । ସାରା ଦେଶରେ ୩୮,୦୦୦ ଏଟିଏମରେ ଟଙ୍କା ନଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ଏସଜିଏସ୍ ଟ୍ରାଞ୍ଜାକ୍ସନ ନାମକ କମ୍ପାନୀ ଷ୍ଟେଟବ୍ୟାଙ୍କର ୧୪,୦୦୦, ଆକ୍ସିସ ବ୍ୟାଙ୍କର ୫,୦୦୦ ଓ ଅନ୍ୟାନ୍ୟ ବ୍ୟାଙ୍କର ପ୍ରାୟ ୨୦,୦୦୦ ଏଟିଏମରେ ଟଙ୍କା ପହଞ୍ଚାଇବା କାମ କରୁଥିଲା । ତେବେ ଏହି କମ୍ପାନୀ ହଠାତ ଦେବାଳିଆ ହେବାରୁ ବ୍ୟାଙ୍କରୁ ଆଉ ସଂସ୍ଥା ପାଖକୁ ଟଙ୍କା ଯାଉନାହିଁ । ଫଳରେ ଏଟିଏମ୍ ସବୁ ଟଙ୍କାଶୂନ୍ୟ ହୋଇପଡ଼ିଛି ।

### ଟ୍ରେନ୍ ହାଇଜାକ୍...

ଦେଇଛନ୍ତି ଆତଙ୍କବାଦୀ । ଏହି ଟ୍ରେନ୍‌ର ୯ଟି ବଗିରେ ୪୦୦ ଯାତ୍ରୀ ରହିଥିଲେ । ବନ୍ଧକ ଯାତ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇଥିବା ୬ ସେନା ଅଧିକାରୀଙ୍କୁ ନିର୍ଦ୍ଦୟ ଭାବେ ହତ୍ୟା କରିଛନ୍ତି ଆତଙ୍କୀ । ଜଣେ ରେଳ ଅଧିକାରୀ କହିଛନ୍ତି ଯେ ଜାଫର ଏକ୍ସପ୍ରେସ ପାକିସ୍ତାନର ଦକ୍ଷିଣ-ପଶ୍ଚିମ ବେଲୁଚିସ୍ତାନ ପ୍ରଦେଶର କ୍ୱେଟାରୁ ଖାଇବର ପଖତୁନଖ୍ୱାର ପେଶାୱାରକୁ ଯାତ୍ରା କରୁଥିବାବେଳେ ଏହି ଅପହରଣ ହୋଇଛି । ବନ୍ଧକଙ୍କ ମଧ୍ୟରେ ଅନେକ ପାକିସ୍ତାନ ସେନାର ଯବାନ ରହିଛନ୍ତି । ବିଏଲ୍ଏ ବେଲୁଚିସ୍ତାନକୁ ସ୍ୱାଧୀନ କରିବାକୁ ଚାହୁଁଛି । ପାକିସ୍ତାନ ସରକାରଙ୍କୁ ବିଏଲ୍ଏ ପକ୍ଷରୁ ନରସଂହାର ଧମକ ଦିଆଯିବା ସହ ସ୍ୱତନ୍ତ୍ର ବେଲୁଚିସ୍ତାନ ଗଠନ ପ୍ରକ୍ରିୟା ଉପରେ ମୋହର ମାରିବାକୁ ଦାବି କରାଯାଇଛି । ସ୍ଥିତି ଅତ୍ୟନ୍ତ ଭୟଙ୍କର ଥିବାରୁ ବେଲୁଚିସ୍ତାନ ସରକାର ଜରୁରିକାଳୀନ ସ୍ଥିତି ଘୋଷଣା କରିଛନ୍ତି । ଅପହରଣ ଯୋଗୁ ଟ୍ରେନ୍‌ଟି ରେଳ ଧାରଣା ଉପରେ ଠିଆହୋଇ ରହିଛି । ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ମଧ୍ୟ ଗୁଳି ବିନିମୟ ଜାରି ରହିଛି । ଟ୍ରେନ୍ ଅପହରଣ ପୂର୍ବରୁ ଆତଙ୍କବାଦୀମାନେ ବେଲାନ ଜିଲ୍ଲା ମୁସକାଫ ଦେଇ ଯାଇଥିବା ରେଳ ଧାରଣାକୁ ବିସ୍ଫୋରଣ କରି ଉଡାଇ ଦେଇଥିଲେ । ଫଳରେ ଟ୍ରେନ୍‌ଟି ଅଟକି ରହିଥିଲା । ବିଏଲଏ ପକ୍ଷରୁ କୁହାଯାଇଛି ଯେ ବନ୍ଧକ ରହିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସେନା କର୍ମଚାରୀ ଓ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିର ସଦସ୍ୟ ରହିଛନ୍ତି । ପୋଲିସ, ଏଟିଏଏଫ ଏବଂ ଆଇଏସଆଇ ସଦସ୍ୟ ମଧ୍ୟ ପଣବନ୍ଦୀ ରହିଛନ୍ତି । ତେବେ ଆତଙ୍କବାଦୀମାନେ ଟ୍ରେନ୍‌ରେ ଥିବା ମହିଳା ଓ ଶିଶୁମାନଙ୍କୁ ମୁକ୍ତ କରି ଦେଇଛନ୍ତି । ତେବେ ଆତଙ୍କୀ ୧୮୨ରୁ ଅଧିକ ଯାତ୍ରୀଙ୍କୁ ବନ୍ଧକ ରଖିଥିବା ସୂଚନା ମିଳିଛି ।

### ଗୃହରେ ହାତାହାତି...

ଭକ୍ତଦାସଙ୍କ ଅନୁରୋଧ ପରେ ସମସ୍ତ କଂଗ୍ରେସ ବିଧାୟକ ଧାରଣାରୁ ଉଠିଥିବା ସୂଚନା ମିଳିଛି । ସେହିପରି ବିଜେଡି ବିଧାୟକ ଅରୁଣ ସାହୁ ତାରାଙ୍କ ଉପରୁ ସସ୍‌ପେଣ୍ଡ ଉଠାଇବା ପାଇଁ ଦାବି କରିଛନ୍ତି । ଏ ନେଇ ସେମାନେ ବାଚସ୍ପତିଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ତାରାପ୍ରସାଦ କହିଛନ୍ତି ଯେ ବାଚସ୍ପତି ନିରପେକ୍ଷ ନୁହନ୍ତି । ବିରୋଧୀଙ୍କୁ କହିବାକୁ ସୁଯୋଗ ଦେଉନାହାନ୍ତି । ବିଧାନସଭାରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି । ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ ପକ୍ଷରୁ ଦିଆଯାଇଥିବା ମନ୍ତବ୍ୟକୁ ବିରୋଧ କରି ବିଜେଡି ବିଧାୟକମାନେ ହାତରେ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ଆସି ନାରାବାଜି କରିଥିଲେ । ସେହିପରି ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ପ୍ରସଙ୍ଗରେ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ନାରାବାଜି କରିଥିଲେ । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ବାରମ୍ବାର ଚଢୁଥିବା ଏବଂ ସୁରକ୍ଷାକର୍ମୀ ତାଙ୍କୁ ଅଟକାଉଥିବା ଦେଖିବାକୁ ମିଳିଥିଲା । ବାଚସ୍ପତି ସୁରମା ପାଢୀ ସେମାନଙ୍କୁ ନିଜ ଆସନକୁ ଯାଇ ଗୃହକାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରୁଥିଲେ । ତେବେ ହଟ୍ଟଗୋଳ ସତ୍ତ୍ୱେ ବାଚସ୍ପତି ଗୃହକାର୍ଯ୍ୟ ଜାରି ରଖିଥିଲେ । ବାଚସ୍ପତି ଜଣକ ପରେ ଜଣେ ବିଧାୟକଙ୍କୁ କହିବାକୁ ଡାକିଥିଲେ । ଇରାଶିଷ ଆଚାର୍ଯ୍ୟ, ଜଲେନ ମୁର୍ମୁ, ଅଶୋକ ମହାନ୍ତି, ସଞ୍ଜଲି ମୁର୍ମୁ, ଦୁର୍ଗାପ୍ରସନ୍ନ ନାୟକ, ଭାସ୍କର ମଢେଇ ଓ ଅନ୍ୟ ବିଧାୟକମାନେ ବାଚସ୍ପତିଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରିଥିବା ଯୋଗୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ତେବେ ହଟ୍ଟଗୋଳ ନ କମିବାରୁ ବାଚସ୍ପତି ଅପରାହ୍ନ ୪ଟା ଯାଏ ଗୃହକୁ ମୁଲତବୀ ରଖିଥିଲେ ।

## ୬ ହାଇୱା, ଟ୍ରାକ୍ଟର ଜବତ, ଜଣେ ଗିରଫ




ନିଆଳି (ଭାସ୍କର ନ୍ୟୁଜ): ନିଆଳି ଥାନା ପୋଲିସ ଓ ମାଇନ୍ସ ବିଭାଗର ମିଳିତ ଚଢ଼ାଉରେ ଚୋରା ବାଲି ନେଇ ଯାଉଥିବା ୬ଟି ହାଇୱାକୁ ଜବତ କରିଛନ୍ତି । ସେହିଭଳି ଉକ୍ତ ଥାନା ଅଧିନସ୍ତ ଦେବୀକାନ୍ଦଳ ଦୀପାଞ୍ଚଳ କସର୍ଦା ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ଏକ ଟ୍ରାକ୍ଟରକୁ ଜବତ କରିଛନ୍ତି । ହାଇୱା ଗୁଡିକ ନିଆଳି ଥାନାରେ ଅଟକ ଥିବା ବେଳେ ପୁରୀ ଜିଲ୍ଲା ଗୋପ ଥାନା ଅଧିନସ୍ତ ନୟାହାଟ ତ୍ରିଲୋଚନ ଦାଶ (୪୫) କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏହି ବ୍ୟକ୍ତି ଜଣକ ହାଇୱା ଡ୍ରାଇଭର ଅଟନ୍ତି । ଏ ନେଇ ନିଆଳି ଥାନାରେ ୯୦/୨୦୨୫ ରେ ନିଆଳି ଥାନା ଆଇ ଆଇ ସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି ।

## ବନ୍ଦ ହେବାକୁ ବସିଲାଣି ରାଜ୍ୟରେ ଥିବା ଖାଉଟି ଅଦାଲତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଚରମ ଅବହେଳା ଓ ଉଦାସୀନତା ଯୋଗ କଟକ ଠାରେ ଥିବା ରାଜ୍ୟ ଖାଉଟି ଆୟୋଗ ସହିତ ରାଜ୍ୟରେ ୩୦ଟି ଜିଲ୍ଲାରେ ଥିବା ୩୧ ଟି ଜିଲ୍ଲା ସ୍ତରୀୟ ଖାଉଟି ଅଦାଲତ ବର୍ତ୍ତମାନ ବନ୍ଦ ହେବାକୁ ବସିଲାଣି । ଅସାଧୁ ବ୍ୟବସାୟୀ ଓ ସେବା ଯୋଗାଣକାରୀ ସଂସ୍ଥା ଦ୍ୱାରା ଠକାମୀର ଶୀକାର ହୋଇ ଖାଉଟି ଅଦାଲତ ଗୁଡିକର ସହାୟତା ପାଇ ଆସୁଥିବା ଖାଉଟି ମାନଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି । ଖବର ଅନୁସାରେ କଟକ ଠାରେ ଥିବା ରାଜ୍ୟ ଖାଉଟି ଆୟୋଗରେ ଗତ ପ୍ରାୟ ୩ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି ଅଧକ୍ଷ ପଦ ଖାଲି ଥିଲେ ମଧ୍ୟ ଏହା ପୂରଣ କରିବା ନିମନ୍ତେ ସରକାର ଉଦାସିନ ।ଦୀର୍ଘ ଦିନ ହେବ ବରିଷ୍ଠ ସହାୟକ ଓ ଷ୍ଟେନୋ ପଦବୀ ଗୁଡିକ ଖାଲି ରହିଥିଲେ ମଧ୍ୟ ଏଗୁଡିକ ପୂରଣ କରାଯାଉ ନାହି ।ଫଳରେ ହଜାର ହଜାର ଖାଉଟି ମାମଲା ଠିକ୍ ସମୟରେ ବିଚାର ନ ହୋଇ ପଡିରହିଛି ।ରାଜ୍ୟରେ ଥିବା ୩୧ ଟି ଖାଉଟି ଅଦାଲତରେ ବର୍ତମାନ ସଭାପତି ପଦବୀ ସହ କର୍ମଚାରୀ ଅଭାବ ସମସ୍ୟାକୁ ଦ୍ୱିଗୁଣିତ କରୁଛି ।ଏହିକ୍ରମରେ ରାଜ୍ୟର ଏକ ପ୍ରମୁଖ ଜିଲ୍ଲା ଖାଉଟି ଅଦାଲତ ଭାବେ ଭୁବନେଶ୍ୱର ଠାରେ କାର୍ଯ୍ୟ କରୁଥିବା ଖୋର୍ଦ୍ଧା ଜିଲ୍ଲା ଖାଉଟି ଅଦାଲତରେ ମାସକୁ ପ୍ରାୟ ୪୦ ରୁ ୫୦ ଟି ଖାଉଟି ମାମଲା ପଞ୍ଜୀକୃତହେଉଥିବା ବେଳେ ବର୍ତମାନ ସୁଧା ପ୍ରୟ ୩୦୦୦ରୁ ଅଧିକ ମାମଲା ବିଚାର ନ ହୋଇ ପଡି ରହିଛି ।୨୦୨୨ ମସିହାରୁ ସଭ୍ୟପଦ ଖାଲିଥିବା ହେତୁ ସଭାପତି କିମ୍ବା ସଭ୍ୟଙ୍କ ମଧ୍ୟରୁ ଜଣେ କେହି ଛୁଟିରେ ରହିଲେ ଅଦାଲତ କାର୍ଯ୍ୟ ବନ୍ଦ ରହୁଛି । ଏହି କାରଣରୁ ଗତ ଡିସେମ୍ବର ଓ ଜାନୁୟାରୀ ମାସରେ ପ୍ରାୟ ୨୦ ଦିନରୁ ଅଧିକ ବିଚାର କାର୍ଯ୍ୟ ବନ୍ଦ ରହିଥିଲା ।ଦିର୍ଘ ଦିନ ହେବ ବରିଷ୍ଠ ସହାୟକ ,କନିଷ୍ଠ ସହାୟକ ଏବଂ ବେଞ୍ଚ କ୍ଲର୍କ ପଦବୀପୂରଣ ପାଇ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହି ।ଅଭିଜ୍ଞ କର୍ମଚାରୀଙ୍କ ଅଭାବରୁ କୋର୍ଟ ଏବଂ ଅଫିସ୍ କାର୍ଯ୍ୟ ବ୍ୟାଘାତ ହେଉଛି । ରାଜ୍ୟର ପ୍ରାୟ ସବୁ ଅଦାଲତରେ ଏପରି ଅବସ୍ଥା ହେତୁ ସମସ୍ୟା ମାନ ବିଚାର ହୋଇପାରୁ ନାହି । ଭାରତର ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ରାୟ 'ଖାଉଟି କମିସନ ଗୁଡିକରେ କୌଣସି ପଦ ପଦବୀ ଖାଲି ରହିବ ନାହିଁ' ର ଖୋଲା ଉଲଙ୍ଘନ କରିବା ସହିତ ସରକାର ଖାଉଟି ମାନଙ୍କୁ ଠିକ୍ ସମୟରେ ନ୍ୟାୟ ଦେବାରେ ଅସମର୍ଥ ।ଅନ୍ୟ ଏକ ବଡ ସମସ୍ୟା ହେଲା ଏଠାରେ କାର୍ଯ୍ୟ କରୁଥିବା ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ।ସେମାନେ ସେମାନଙ୍କ ପଦୋନ୍ନତି ଏବଂ ବେତନରେ ଥିବା ଅସଂଗତି ସଂମ୍ପନ୍ଧରେ ବିଭାଗୀୟ ଅଧିକାରୀ ଙ୍କ ନିକଟରେ ଗତ ୨୦୧୪ ମସିହାରୁ ଅଭିଯୋଗ କରି ଆସୁଥିଲେ ମଧ୍ୟ ସମସ୍ୟାର ସମାଧାନ ନିମନ୍ତେ ବିଭାଗ ତରଫରୁ କୌଣସି ସଠିକ୍ ପଦକ୍ଷେପ ନିଆଯାଇନାହି । ପଦୋନ୍ନତି ଓ ନ୍ୟାର୍ଯ୍ୟ ବେତନ ଅପେକ୍ଷାରେ ବହୁ କର୍ମଚାରୀ ଅବସର ନେବା ସହ କିଛି ଆରପାରିକୁ ଯାଇସାରିଲେଣି ।କିନ୍ତୁ ପରିତାପର ବିଷୟ ଯେଉ ଅଧିକାରୀ ଏହି ଦାୟିତ୍ୱରେ ଥିଲେ ସେମାନେ ୩ ଗୋଟି ପଦୋନ୍ନତି ପାଇ ଦୀର୍ଘ ଦିନ ଧରି ସେହିଠାରେ ଅଛନ୍ତି ।ଏହା କଣ ଗୋଟେ ଜନକଲ୍ୟାଣ ସରକାରଙ୍କ ନୀତି ?ଠିକ୍ ସମୟରେ ସମସ୍ତ ପଦ ପୂଣ ସହ ସମସ୍ତ ସମସ୍ୟାର ସମାଧାନ କରାଗଲେ ରାଜ୍ୟର ଖାଉଟି ସମସ୍ୟାର ସମାଧାନ ହୋଇପାରନ୍ତା ।ଆସନ୍ତା ମାର୍ଚ୍ଚ ୧୫ ତାରିଖରେ ପୂର୍ବ ବର୍ଷ ମାନଙ୍କ ପରି ଏବର୍ଷ ମଧ୍ୟ ରାଜ୍ୟସରକାରଙ୍କ ତରଫରୁ 'ବିଶ୍ୱ ଖାଉଟି ଅଧାକାର ଦିବସ 'ପାଳନ କରାଯିବ ।

**AFFIDAVIT**

By virtue of an affidavit sworn in the Court of Executive Magistrate bearing e.f.No.151, dated 11.03.2025, I Ingita Behera resident of At- Chakeisiani, Po- Rasulgarh, Ps- Mancheswar, Bhubaneswar, Dist- Khordha declares that I have changed my name from Gita Behera to Ingita Behera. Henceforth I shall be known as Ingita Behera for all purposes.

**Sd/- Ingita Behera**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-236

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ସମ୍ବଲପୁର କୋଚିଙ୍ଗ ଡିପୋରେ ପାୱାର କାର୍ ରେ ସଜ୍ଜିତ KOEL ନିର୍ମିତ DA ସେଟ୍ ଅର୍ଥାତ B-ଚେକ୍, C-ଚେକ୍ ଏବଂ D2ର ବାର୍ଷିକ ସିଡ୍ୟୁଲ୍ ରକ୍ଷଣାବେକ୍ଷଣ ଚୁକ୍ତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,04,93,614.53, **EMD :** ₹ 2,02,500/-, **କାର୍ଯ୍ୟ ଶେଷ ହେବା ଅବଧି :** ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ତିନି ବର୍ଷ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.04.04.2025ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରିଙ୍ଗ କ୍ଷେତ୍ରରେ ଡାକଯୋଗେ/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-1067/P/24-25

AU SMALL FINANCE BANK

**Registered Office:** 19-A Dhuleshwar Garden, Jaipur, Rajasthan, India, 302001.
**www.aubank.in**

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **19 MAR 2025** between **11:00 AM – 3:00 PM** (Time) at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink - https://gold.samil.in)**

**BHADRAK** - 24660001381642 24660001717862 24660001770760 24660002002990 24660002286304 | **BHUBANESWAR** - 24660001419333 24660001733141 24660002410682 | **CUTTACK** - 24660001329062 24660001357828 24660001357878 24660001379366 24660001392541 24660001392621 24660002352170 24660002367212 | **CUTTACK - LINK ROAD** - 24660001307594 24660001307674 24660001334802 24660001357938 24660001821305 24660001821415 24660002416151 24660002525875 | **HINJILICUT** - 24660001380594 | **JAJPUR** - 24660002027143 | **KUAKHIA** - 24660001313522 24660001336478 24660001974136 24660002004746 24660002129071 24660002348018 |

**Note:** The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
**Manager**
**AU Small Finance Bank Limited**

**ଦ.ପୂ. ରେଳପଥ-ଟେଣ୍ଡର**

ଡିଭିଜନାଲ ରେଳ ପରିଚାଳକ/ ଇଞ୍ଜିନିୟରିଂ/ ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ କାର୍ଯ୍ୟ କରୁଛନ୍ତି ଏବଂ ଖୋଲା ଟେଣ୍ଡର ବିରୁଦ୍ଧରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି: କ୍ରମିକ.ନଂ.: ୧; ଟେଣ୍ଡର ନୋଟିସ୍ ନଂ.: ସିକେପି-ସେଣ୍ଟ୍ରାଲ-୨୪-୨୫-୫୬; କାର୍ଯ୍ୟର ନାମ: ୨୪ ମାସ ପାଇଁ ଚକ୍ରଧରପୁର ବସ୍ତିରେ ଲନ୍, ନର୍ସରୀ, ଉଦ୍ୟାନ, ଗଛ ଇତ୍ୟାଦିର ନବୀକରଣ ଏବଂ ରକ୍ଷଣାବେକ୍ଷଣ ସହିତ ଜଡ଼ିତ ଉଦ୍ୟାନ କୃଷିକାର୍ଯ୍ୟ; ଟେଣ୍ଡର ମୂଲ୍ୟ (ଟଙ୍କାରେ): ଟ.୭୫,୯୯,୮୯୭.୦୮; ସର୍ବଶ୍ରେଷ୍ଠ ଟଙ୍କା ଜମା: ଟ.୧,୫୨,୦୦୦.୦୦; ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): ଟ.୦.୦୦; ଖୋଲିବା ତାରିଖ: ୦୪.୦୪.୨୦୨୫ । ଟେଣ୍ଡରଟି ୱେବସାଇଟ୍ https://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କର ଉଛବଷ୍ପଷ-ଓଓଓ ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ IREPS ପୋର୍ଟାଲରେ ପଞ୍ଜୀକୃତ ହେବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । ଟିପ୍ପଣୀ: ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ମାଗଣାରେ ଜାରି କରାଯିବ । (କର୍ତ୍ତୃପକ୍ଷ – ଆରଏଲ୍ଓ୍ୱାଇ.ବିଡ଼ସ ଲେଟର ନଂ. ୨୦୨୦/ସିଇ-ଓ/ସିଟି/୩ଇ/ଜିସିସି/ପଲିସି ତାରିଖ.୧୬.୦୭.୨୦୨୦)

**(PR-1224)**

ଓଡିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାର
**Odisha Rural Development & Marketing Society**
*creating competence and values in rural Odisha*
Panchayati Raj and DW Department, Government of Odisha

ORMAS BHUBANESWAR

CAD-2807

No. 790
File: ORMAS-SD-MISC-0007-2023

Date 11.03.2025

**Corrigendum Notice to the RFP No. 655, dtd. 28.02.2025**

**Selection of Agency for Setting up Project Management Unit (PMU) in ORMAS for implementation of various schemes or projects**

In referring to the RFP No. 655, dated 28.02.2025, and subsequent to the pre-bid meeting held on 06.03.2025 at 11.30 AM in the ORMAS Conference Hall, the queries were clarified and the modifications have been made . The detailed pre-bid clarifications and the Corrigendum Notice can be referred to and downloaded from these websites www.ormas.org / panchayat.odisha.gov.in/ www.tendersodisha.gov.in

Sd/- **Chief Executive Officer, ORMAS**

OIPR 19004/11/0016/2425

**Office of the Notified Area Council, Rambha**

Letter No. 530 /NAC

Date 10.03.2025

C-1835

**Tender Call Notice**

Sealed tender are invited from the intending Agencies/ Contractors/Authorised person for wall painting related to Swachh Survekshan activites in different locations of Rambha NAC area with all taxes, transportation, labour and other charges. The bidder should purchase the tender call notice paper from the office of the E.O NAC Rambha from 11.03.2025 to 25.03.2025 during office hours. The sealed tender call notice should reach the office of the undersigned through the register post/speed post/ directly drop in box on or before 26.03.2025 by 11.30 A.M. The tender call notice will be opened on same day i.e on 26.03.2025 at 12.30P.M . The tender call notice received beyond the stipulated date and time will not be entertained. The bidder or their authorized agents may present at the time of opening of tender call notice. The bidder should have valid GST certificate/PAN No./Supplier authorized license if any. The authority reserves all right to reject any or one tender call notice without assigning any reason there off.

| Sl. No. | Name of the work | Estimated Cost in Rupees(Including GST) | Tender Paper Cost in Rupees | EMD Amount in Rupees |
|---|---|---|---|---|
| 1. | Wall Painting in various locations in Rambha NAC | 9,86,775/-(Nine Lac Eighty six Thousand Seven Hundred Seventy Five Only) | 4000/-(Four Thousand Rupees Only) | 9870/-(Nine Thousand Eight Hundred Seventy Rupees Only) |

Sd/-Executive Officer,
N.A.C Rambha.

OIPR 13114/11/0032/2425

**OFFICE OF THE SUPERINTENDING ENGINEER**
**P.W.D. (B&R) AMBIKPUR CIRCLE AMBIKAPUR**
**Invitation Date :- ...10..03.2025**
**E-PROCUREMENT TENDER NOTICE**

**01. For tender detail please visit http://eproc.cgstate.gov.in**
**02. Concern Division - Surajpur Division**
**03. S.No. 1 to 4 - 'C' Class And Above Contractor**
**04. Bid Submission Due Date - 01.04.2025**

| S. No. | N.I.T.No. | Name of work | P.A.C. in lacks |
|---|---|---|---|
| 1 | 2 | 3 | 4 |
| 1 | 178 | Construction of Higher Secondary School Building at Chandannagar Block Premnagar Distt Surajpur (C.G.) including Electrification Works (First Call) | 119.98 |
| 2 | 179 | Construction of Higher Secondary School Building at Laxmanpur Block Premnagar Distt Surajpur (C.G.) including Electrification works. (First Call) | 119.98 |
| 3 | 180 | Construction of Higher Secondary School Building at Bakalo Block Premnagar Distt Surajpur (C.G.) including Electrification works. (First Call) | 119.98 |
| 4 | 181 | Construction of 50 Bedded Ground Floor and 50 Bedded First Cloor Prisoner Barrack at District Jail Surajpur Distt Surajpur (C.G.) including Electrification Works (First Call) | 116.50 |

G-242505873/ 8

Sd/- Superintending Engineer
P.W.D. Ambikapur Circle Ambikapur



ପ୍ୟାରିସ: ବୈଜ୍ଞାନିକମାନେ ଜଳର ଚତୁର୍ଥ ଅବସ୍ଥା ଆବିଷ୍କାର କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଜଳର କଠିନ, ତରଳ ଏବଂ ଗ୍ୟାସ ରୂପ ଜଣାପଡିଥିଲା, କିନ୍ତୁ ଫ୍ରାନ୍ସର ବୈଜ୍ଞାନିକମାନେ ଏହାର ଚତୁର୍ଥ ରୂପ ପାଇଥିବା ଦାବି କରିଛନ୍ତି । ସେମାନେ ଏହାକୁ ପ୍ଲାଷ୍ଟିକ ବରଫ-୭ମ ନାମ ଦେଇଛନ୍ତି। ଜଳର ଏହି ରୂପ ଅନ୍ୟ ଗ୍ରହରେ ମଧ୍ୟ ରହିପାରେ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଫ୍ରାନ୍ସ ବୈଜ୍ଞାନିକଙ୍କ ଏହି ଆବିଷ୍କାର ଆଶ୍ଚର୍ଯ୍ୟଜନକ ବୋଲି କୁହାଯାଉଛି। ଏହି ପାଣି କିପରି ସୃଷ୍ଟି ହେଲା ତାହା ମଧ୍ୟ ସେମାନେ ବର୍ଣ୍ଣନା କରିଛନ୍ତି। ଫ୍ରାନ୍ସର ଇନଷ୍ଟିଚ୍ୟୁଟ୍ ଇନଷ୍ଟିଚ୍ୟୁଟ୍ ଲାଉ-ଲାଙ୍ଗେଭିନ୍ (ଆଇଏଲ୍ )ର ଗବେଷକମାନେ ଏହି ପାଣି ତିଆରି କରିବା ପାଇଁ ପରୀକ୍ଷଣ କରିଥିଲେ। ଜାଣନ୍ତୁ ଜଳର ଚତୁର୍ଥ ରୂପ ୭ମ ପ୍ଲାଷ୍ଟିକ ବରଫ କ'ଣ ଏବଂ ଏହାକୁ କିପରି ପ୍ରସ୍ତୁତ କରାଯାଇଥିଲା। ଫ୍ରାନ୍ସର ଗବେଷକମାନେ କହିଛନ୍ତି ଯେ ଉଚ୍ଚ ଚାପ ଏବଂ ଉଚ୍ଚ ତାପମାତ୍ରାରେ ଜଳର ନୂତନ ରୂପ ସୃଷ୍ଟି ହୋଇଥିଲା । ଏହାକୁ ତିଆରି କରିବା ପାଇଁ ବୈଜ୍ଞାନିକମାନେ ପାଣିରେ ୬ ଗିଗାପାସ୍କେଲ ଚାପ ପ୍ରୟୋଗ କରିଥିଲେ। ଏହି ଚାପ ପୃଥିବୀର ବାୟୁମଣ୍ଡଳୀୟ ଚାପଠାରୁ ୬୦,୦ ଗୁଣ ଅଧିକ ଥିଲା ।

### ଉତ୍ତର-ପୂର୍ବ ଛାତ୍ର ଏବଂ ଯୁବ ସଂସଦକୁ ଶାହାଙ୍କ ଉଦ୍‌ବୋଧନ

## 'ଉତ୍ତର-ପୂର୍ବ ଭାରତୀୟ ସଂସ୍କୃତିର ଅମୂଲ୍ୟ ରତ୍ନ'



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ନୂଆଦିଲ୍ଲୀରେ ଉତ୍ତର-ପୂର୍ବ ଛାତ୍ର ଏବଂ ଯୁବ ସଂସଦରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆନ୍ତଃରାଜ୍ୟ ଛାତ୍ର ବିନିମୟ ଅଭିଜ୍ଞତା (ଏସ୍‌ଇଆଇଏଲ୍) ଦ୍ୱାରା ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଉତ୍ତର-ପୂର୍ବାଞ୍ଚଳକୁ ଭାରତୀୟ ସଂସ୍କୃତିର ଏକ ଅମୂଲ୍ୟ ରତ୍ନ ବୋଲି ବର୍ଣ୍ଣନା କରିଥିଲେ, ଯାହା ଐତିହ୍ୟରେ ସମୃଦ୍ଧ, ଯାହା ଭାରତର ସାଂସ୍କୃତିକ ଢାଞ୍ଚାକୁ ବୃଦ୍ଧି କରିଥାଏ। ଅମିତ ଶାହ ସ୍ୱୀକାର କରିଥିଲେ ଯେ ଏହାର ଅନେକ ଅନନ୍ୟ ଗୁଣ ସତ୍ତ୍ୱେ, ଉତ୍ତର-ପୂର୍ବ ବିକାଶରେ ପଛରେ ପଡ଼ିଗଲା ଯେତେବେଳେ ବିଦ୍ରୋହ ଏବଂ ବିଚ୍ଛିନ୍ନତାବାଦ ବିଭିନ୍ନ ଭ୍ରମ ଏବଂ ବିବାଦ ସୃଷ୍ଟି କରି ଇନ୍ଧନ ଯୋଗାଇଥିଲେ। ସେ ଦର୍ଶାଇଥିଲେ ଯେ ହିଂସା, ବନ୍ଦ, ନିଶା କାରବାର, ଅବରୋଧ ଏବଂ ଆଞ୍ଚଳିକବାଦ ଏହି ଅଞ୍ଚଳକୁ ଖଣ୍ଡବିଖଣ୍ଡିତ କରିଦେଇଛି, ଯାହା କେବଳ ଉତ୍ତର-ପୂର୍ବ ଏବଂ ଦେଶର ଅବଶିଷ୍ଟ ଭାଗ ମଧ୍ୟରେ ନୁହେଁ, ବରଂ ଏହି ଅଞ୍ଚଳରେ ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ମଧ୍ୟ ବିଭାଜନ ସୃଷ୍ଟି କରିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହ କହିଛନ୍ତି ଯେ ତାଙ୍କ ଦଳ ଯେତେବେଳେ ବି କ୍ଷମତାକୁ ଆସିଛି, ସର୍ବଦା ଉତ୍ତର-ପୂର୍ବାଞ୍ଚଳକୁ ପ୍ରାଥମିକତା ଦେଇଛି। ସେ ଉଲ୍ଲେଖ କରିଥିଲେ ଯେ ପୂର୍ବରୁ, ଏତେ ବଡ଼ ଏବଂ ଅନୁନ୍ନତ ଅଞ୍ଚଳ ପାଇଁ କୌଣସି ଅଲଗା ମନ୍ତ୍ରଣାଳୟ ନଥିଲା, କିନ୍ତୁ ଏହା ଅଟଳ ଜୀଙ୍କ ନେତୃତ୍ୱାଧୀନ ସରକାର ସମୟରେ ସ୍ଥାପିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଉତ୍ତର-ପୂର୍ବାଞ୍ଚଳ ଉପରେ ଗୁରୁତ୍ୱ ଦିଆଯାଇଛି। ସେ କହିଥିଲେ ଯେ ଶାନ୍ତି ବିନା କୌଣସି ଅଞ୍ଚଳର ବିକାଶ ସମ୍ଭବ ନୁହେଁ, କାରଣ ଶାନ୍ତି ହେଉଛି ପ୍ରଗତି ପାଇଁ ଏକ ମୌଳିକ ପୂର୍ବ ସର୍ତ୍ତ। ସେ ଗୁରୁତ୍ୱାରୋପ କରିଥିଲେ ଯେ ମୋଦୀ ସରକାର ଉତ୍ତର-ପୂର୍ବରେ ଶାନ୍ତି ପ୍ରତିଷ୍ଠା ଉପରେ ଧ୍ୟାନ ଦେଇଛନ୍ତି। ମୋଦୀ ସରକାରଙ୍କ ଅଧୀନରେ ମହାକାଶ ପ୍ରଯୁକ୍ତିବିଦ୍ୟାରୁ ଉତ୍ତର-ପୂର୍ବକୁ ମିଳିଥିବା ଗୁରୁତ୍ୱପୂର୍ଣ୍ଣ ଲାଭ ଉପରେ ଶ୍ରୀ ଶାହ ଆଲୋକପାତ କରିଥିଲେ। ଶ୍ରୀ ଶାହ ବିଦ୍ୟାର୍ଥୀ ପରିଷଦକୁ ସାଂଗଠନିକ ଉତ୍ସର୍ଗୀକୃତ ଭାବନା ସୃଷ୍ଟି କରିବାର ଶ୍ରେୟ ଦେଇଛନ୍ତି, ଯାହା କି ଏସ୍‌ଇଆଇଏଲ ପଦକ୍ଷେପକୁ ଏତେ ବର୍ଷ ଧରି ସଫଳତାର ସହ ଜାରି ରଖିବାକୁ ସକ୍ଷମ କରିଛି।

## କେଜରିୱାଲଙ୍କ ବିରୋଧରେ କେସ୍ ରୁଜୁ କରିବାକୁ କୋର୍ଟଙ୍କ ଆଦେଶ



ନୂଆଦିଲ୍ଲୀ: ପୁଣି ଥରେ ଅଡୁଆରେ ପଡିବେ ଆମ ଆଦମୀ ପାର୍ଟି(ଆପ୍)ର ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ। ତାଙ୍କ ବିରୋଧରେ କେସ୍ ରୁଜୁ କରିବାକୁ ଆଦେଶ ଦେଇଛନ୍ତି ଦିଲ୍ଲୀର ଏକ ଅଦାଲତ। ଜନତାଙ୍କ ଅର୍ଥର ଦୁରୁପଯୋଗ ଅଭିଯୋଗରେ କେଜ୍ରିୱାଲ ଓ ଅନ୍ୟ ଆପ୍ ନେତାଙ୍କ ବିରୋଧରେ ଏଫଆଇଆର ରୁଜୁ କରିବାକୁ କୋର୍ଟ ଦିଲ୍ଲୀ ପୋଲିସକୁ ଆଦେଶ ଦେଇଛନ୍ତି। ଏଥିସହ ମାର୍ଚ୍ଚ ୧୮ ତାରିଖ ସୁଦ୍ଧା ରିପୋର୍ଟ ଜମା କରିବାକୁ କହିଛନ୍ତି। ୨୦୧୯ରେ ଦ୍ୱାରକାରେ ବଡ଼ ହୋର୍ଡିଂ ଲଗାଯିବା ନେଇ କେଜ୍ରିୱାଲଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ତାଙ୍କ ସହ ମାଟିଆଲାର ସେ ସମୟର ବିଧାୟକ ଗୁଲାବ ସିଂ ଓ ଦ୍ୱାରକାର କାଉନସିଲର ନୀତିକା ଶର୍ମାଙ୍କ ବିରୋଧରେ ମଧ୍ୟ ଏଫଆଇଆର ରୁଜୁ କରିବାକୁ ଦାବି ହୋଇଥିଲା। ଆଡିସିନାଲ ଚିଫ ମାଜିଷ୍ଟ୍ରେଟ୍ ନେହା ମିତ୍ତଲ ଆବେଦନ ସ୍ୱୀକାର କରି କେଜ୍ରିୱାଲ ଓ ଅନ୍ୟଙ୍କ ବିରୋଧରେ ଏଫଆଇଆର ରୁଜୁ କରିବାକୁ ଆଦେଶ ଦେଇଛନ୍ତି। ଏହା ପୂର୍ବରୁ ଏହି ସବୁ ନେତାଙ୍କ ବିରୋଧରେ ଏଫଆଇଆର ରୁଜୁ କରିବା ପାଇଁ ଦାବି ହୋଇଥିଲେ ହେଁ ସେ ସମୟରେ ମାଜିଷ୍ଟ୍ରେଟ୍ ଆବେଦନ ଖାରଜ କରିଥିଲେ। ଏହା ପରେ ଅଭିଯୋଗକାରୀ ସେସନ କୋର୍ଟରେ ରିଭ୍ୟୁ ପିଟିସନ ଦାୟର କରିଥିଲେ। ସେସନ କୋର୍ଟ ପୁନର୍ବାର ମାମଲାକୁ ନିମ୍ନ କୋର୍ଟକୁ ପଠାଇ ଏଥିରେ ଅପରାଧିକ ମାମଲା କାହିଁକି ହୋଇ ପାରିବ କି ନାହିଁ ପ୍ରଶ୍ନ କରିଥିଲେ। ଏହା ପରେ ମାଜିଷ୍ଟ୍ରେଟ୍ କୋର୍ଟ ପୁନର୍ବାର ମାମଲାର ଶୁଣାଣି କରି କେସ୍ ରୁଜୁ କରିବାକୁ ଆଦେଶ ଦେଇଛନ୍ତି।

## ବାୟୁ ପ୍ରଦୂଷଣରେ ରେକର୍ଡ ଭାଙ୍ଗିଲା ଦିଲ୍ଲୀ



ନୂଆଦିଲ୍ଲୀ: ବାୟୁ ପ୍ରଦୂଷଣରେ ସବୁ ରେକର୍ଡ ଭାଙ୍ଗୁଛି ଦିଲ୍ଲୀ। ବିଶ୍ୱର ପ୍ରଦୂଷିତ ୨୦ ସହର ମଧ୍ୟରୁ ୧୩ଟି ସହର କେବଳ ଭାରତର। ବାୟୁ ଗୁଣବତ୍ତା ସଂସ୍ଥା, ସ୍ୱିଜରଲାଣ୍ଡର କମ୍ପାନୀ ଆଇକ୍ୟୁ ଏୟାର ପକ୍ଷରୁ ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ସହର ଗୁଡିକର ତାଲିକା ପ୍ରକାଶ ପାଇଥିବା ବେଳେ ଏଥିରେ ଆଶ୍ଚର୍ଯ୍ୟଜନକ ଭାବେ ଅଂଶଗ୍ରହଣ କରିଛି ଭାରତ । ଏହି ତାଲିକାରେ ଦିଆଯାଇଥିବା ପ୍ରଦୂଷିତ ୨୦ ସହର ମଧ୍ୟରୁ ଭାରତର ୧୩ଟି ସହର ସ୍ଥାନ ପାଇଛି । ଆସାମର ବିର୍ନିହାଟ ସହର ଏହି ତାଲିକାରେ ଏକ ନମ୍ବର ସ୍ଥାନରେ ରହିଛି । ତେବେ ଦିଲ୍ଲୀ ବିଶ୍ୱର ସବୁଠାରୁ ଅଧିକ ପ୍ରଦୂଷିତ ରାଜଧାନୀ ଭାବେ ରେକର୍ଡ କରିଛି। ରିପୋର୍ଟ ଅନୁସାରେ, ୨୦୨୪ ତୁଳନାରେ ଭାରତରେ ପ୍ରଦୂଷଣର ମାତ୍ରା ହ୍ରାସ ପାଇଛି । ୨୦୨୩ରେ ଭାରତ ପ୍ରଦୂଷିତ ରାଷ୍ଟ୍ରମାନଙ୍କରେ ୩ୟ ନମ୍ବର ସ୍ଥାନରେ ରହିଥିବା ବେଳେ ବର୍ତ୍ତମାନ ୨ଟା ସ୍ଥାନ ତଳକୁ ଖସି ପଞ୍ଚମ ସ୍ଥାନରେ ରହିଛି । ବିଶ୍ୱର ଶ୍ରେଷ୍ଠ ୨୦ ପ୍ରଦୂଷିତ ସହର ମଧ୍ୟରୁ ୧୩ଟି ଭାରତର ହୋଇଥିବା ବେଳେ ଏଥିରେ ବର୍ନିହାଟ, ଦିଲ୍ଲୀ, ପଞ୍ଜାବର ମୁଲାନପୁର, ଫରିଦାବାଦ, ଲୋନି, ନୂଆଦିଲ୍ଲୀ, ଗୁଡ଼ଗାଓଁ, ଗଙ୍ଗାନଗର, ଗ୍ରେଟର ନୋଏଡା, ଭିୱାଡି, ମୁଜାଫରନଗର, ହନୁମାନଗଡ଼ ଏବଂ ନୋଏଡା ତାଲିକାଭୁକ୍ତ ହୋଇଛି । ମୋଟାମୋଟି ଭାବେ ଦେଖିବାକୁ ଗଲେ, ଭାରତର ୩୫ ପ୍ରତିଶତ ସହରରେ ପିଏମ ୨.୫ କନସେଣ୍ଟ୍ରେସନ ପାର୍ଟିକିଲ ସ୍ତର ଧାର୍ଯ୍ୟ ମାନଠାରୁ ୧୦ ଗୁଣ ଅଧିକ ରହିଛି । ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଧାର୍ଯ୍ୟ ମାନକ ଅନୁଯାୟୀ ୫ ରହିବା ଉଚିତ୍ । ଭାରତରେ ୨୦୨୪ ମସିହାରେ ପ୍ରତି ଘନମିଟରରେ ପିଏମ୍ ୨.୫ ସାନ୍ଦ୍ରତା ୭ ପ୍ରତିଶତ ହ୍ରାସ ପାଇଛି । ଯାହା ୨୦୨୩ ମସିହାରେ ପ୍ରତି ଘନମିଟରରେ ୫୪.୪ ମାଇକ୍ରୋଗ୍ରାମ ତୁଳନାରେ ହାରାହାରି ୫୦.୬ ମାଇକ୍ରୋଗ୍ରାମ ଥିଲା । ହେଲେ ଏହା ସତ୍ତ୍ୱେ ବି ବିଶ୍ୱର ସବୁଠାରୁ ପ୍ରଦୂଷିତ ୧୦ଟି ସହର ମଧ୍ୟରୁ ୬ଟି ଭାରତରେ ଅଛି ।

## ନଡ୍ଡାଙ୍କ ଉପରେ ବର୍ଷିଲେ ଖଡ଼୍‌ଗେ



ନୂଆଦିଲ୍ଲୀ : ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼୍‌ଗେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଏବଂ ଭାରତୀୟ ଜନତା ପାର୍ଟି (ଭାଜପା) ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଉପରେ ପାଲଟା ଆକ୍ରମଣ କରିଛନ୍ତି। ସେ କହିଛନ୍ତି ଯେ ଗୃହର ନେତା, ଯିଏ ବିରୋଧୀ ଦଳଗୁଡ଼ିକୁ ତାଲିମ ପାଇଁ ପରାମର୍ଶ ଦେଉଛନ୍ତି, ତାଙ୍କୁ ହିଁ ଏହାର ଆବଶ୍ୟକତା ଅଛି କାରଣ ତାଙ୍କ ନିଜ ସଦସ୍ୟ ଏବଂ ମନ୍ତ୍ରୀମାନେ ଠିକ ସମୟରେ ଗୃହକୁ ଆସୁନାହାଁନ୍ତି। ଯେତେବେଳେ ରାଜ୍ୟ ସଭାର କାର୍ଯ୍ୟ ଆରମ୍ଭ ହେଲା, ଉପାଧ୍ୟକ୍ଷ ହରିବଂଶ ଗୃହର ଟେବୁଲ ଉପରେ ଆବଶ୍ୟକୀୟ କାଗଜପତ୍ର ରଖୁଥିଲେ। ସମାନ କ୍ରମରେ, ସେ ଜାତୀୟ ଖାଦ୍ୟ ପ୍ରାଦ୍ୟୋଗିକି ଉଦ୍ୟମଶୀଳତା ଏବଂ ପରିଚାଳନା ସଂସ୍ଥାନ ପରିଷଦର ନିର୍ବାଚନ ପାଇଁ ପ୍ରସ୍ତାବ ଉପସ୍ଥାପନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁଙ୍କ ନାମ ଡାକିଥିଲେ, କିନ୍ତୁ ସେ ଗୃହରେ ଉପସ୍ଥିତ ନଥିଲେ। ବିରୋଧୀ ଦଳର ସଦସ୍ୟମାନେ ଏହାକୁ ବିରୋଧ କରିଥିଲେ ଏବଂ କହିଥିଲେ ଯେ ମନ୍ତ୍ରୀଙ୍କ ଅନୁପସ୍ଥିତି ଲଜ୍ଜାର ବିଷୟ। ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି ଯେ ଗୃହର ନେତା ଜେପି ନଡ୍ଡା ସୋମବାର ପରାମର୍ଶ ଦେଇଥିଲେ ଯେ ବିରୋଧୀ ଦଳ ନେତା ଏବଂ ବିରୋଧୀ ଦଳ ସଦସ୍ୟମାନଙ୍କୁ ଗୃହର ନିୟମ ବିଷୟରେ ତାଲିମ ଦିଆଯିବା ଉଚିତ।

## ଆଧ୍ୟାତ୍ମିକ ଗୁରୁ ରବିଶଙ୍କରଙ୍କୁ ଭେଟିଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ତାଙ୍କ ବାସଭବନରେ ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠାତା ଶ୍ରୀଶ୍ରୀ ରବିଶଙ୍କରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରି ରବିଶଙ୍କରଙ୍କ ଆଶୀର୍ବାଦ ଲୋଡିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଛତିଶଗଡର ଆଧ୍ୟାତ୍ମିକ ଓ ସାଂସ୍କୃତିକ ବିଭବର ପ୍ରତୀକ ସ୍ୱରୂପ ଯଶପୁର ଜିଲ୍ଲାରେ ଥିବା ବିଶ୍ୱର ସୁବଠାରୁ ବଡ ପ୍ରାକୃତିକ ଶିବଲିଙ୍ଗ-ମଘେଶ୍ୱର ପାହାଡର ପ୍ରତିକୃତି ଏବଂ ବସ୍ତର ଆର୍ଟ ପକ୍ଷରୁ ନିର୍ମିତ ନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରତିକୃତି ପ୍ରଦାନ କରିଥିଲେ। ଶ୍ରୀ ସାଏ ରବିଶଙ୍କରଙ୍କୁ ଅବଗତ କରାଇଥିଲେ ଯେ, ହଜାର ବର୍ଷ ପୁରୁଣା ସୋମନାଥ ମନ୍ଦିରର ଖଣ୍ଡିତ ହୋଇଥିବା ଶିବଲିଙ୍ଗର ଅବଶେଷକୁ ଆମେ ଆଣିଅଛୁ। ଏହି ଐତିହାସିକ ଶିବ ଲିଙ୍ଗ ଅଗ୍ନିହୋତ୍ରୀ ପରିବାର ଦ୍ୱାରା ସୁରକ୍ଷିତ ରହିଅଛି। ଏହାକୁ ଦେଖିବା ପାଇଁ ସାରା ଦେଶରୁ ହଜାର ହଜାରୁ ଶ୍ରଦ୍ଧାଳୁ ଏଠାରେ ପହଞ୍ଚିଅଛନ୍ତି। ସେମାନେ ଏହି ଶିବ ଲିଙ୍ଗ ଉପରେ ନିଜର ଆସ୍ଥା ମଧ୍ୟ ପ୍ରକଟ କରୁଛନ୍ତି। ପୂର୍ବ କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏବଂ ଶ୍ରୀଶ୍ରୀ ରବିଶଙ୍କରଙ୍କ ମଧ୍ୟରେ ଏକ ଆର୍ଟ ଅଫ୍ ଲିଭିଂର କେନ୍ଦ୍ର ଖୋଲିବା ପାଇଁ ଚୁକ୍ତିନାମା କରିବାକୁ ଚର୍ଚ୍ଚା ହୋଇଥିଲା। ଏହି ଚୁକ୍ତିନାମାର ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ଛତିଶଗଡର ସାମଗ୍ରୀକ କଲ୍ୟାଣ ସହିତ ଗ୍ରାମଗୁଡିକର ବିକାଶ।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ ପ୍ଲାଣ୍ଟ (ଆରଏସପି)ର ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ବିଭାଗ ଅଧୀନରେ କାର୍ଯ୍ୟରତ ଅଧିକାରୀ ସମେତ ନଅ ଜଣ କର୍ମଚାରୀଙ୍କୁ ସେମାନଙ୍କର ଅଭିନବ ପ୍ରୟାସ ନିମନ୍ତେ ଇଡି (ଏଚ ଆର ) ସଚିବାଳୟର ସମାଧାନ ସମ୍ମିଳନୀ କକ୍ଷରେ ମାର୍ଚ୍ଚ ୧୧ ତାରିଖ ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସେଲ ସାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ, ଆଇନ ବିଭାଗର ସିଜିଏମ ଡକ୍ଟର ଚିନ୍ମୟ ସମଜଦାର, ଟାଉନ୍ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି.କେ. ଜୋଜୋ, ମାନବ ସମ୍ବଳ ବିଭାଗର ସିଜିଏମ ଏସ୍.ଏନ୍. ପଣ୍ଡା, ତଥା ଉକ୍ତ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସାବାସ ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନେ ଉପସ୍ଥିତଥିଲେ। ଏହି କାର୍ଯ୍ୟକ୍ରମକୁ ଏଚ ଆର – ଓଡି ବିଭାଗର ଜିଏମ ଏସ୍ ବଡ଼ପଣ୍ଡା, ସଂଯୋଜନା କରିଥିଲେ।

### ସେନ୍‌ସେକ୍ସ ହ୍ରାସ

ମୁମ୍ବାଇ : ଆମେରିକାର ମାନ୍ଦାବସ୍ଥା ଭୟ ମଧ୍ୟରେ ୱାଲ ଷ୍ଟ୍ରିଟ୍ ରାତାରାତି ହ୍ରାସ ପାଇବା ପରେ ଏହାର ପ୍ରଭାବ ଏସୀୟ ବଜାର ଉପରେ ଦେଖିବାକୁ ମିଳିଛି। ମଙ୍ଗଳବାର ବଜାର ଖୋଲିବା ମାତ୍ରେ ବେଞ୍ଚମାର୍କ ଇକ୍ୱିଟି ସୂଚକାଙ୍କ ସେନସେକ୍ସ ଏବଂ ନିଫ୍ଟି ହ୍ରାସ ପାଇଛି। ସମସ୍ତ କ୍ଷେତ୍ରରେ ବିକ୍ରୟ ଚାପ ଦେଖାଯାଇଥିଲା। ବିଏସଇ ସେନସେକ୍ସ ୩୭୫ ପଏଣ୍ଟ କିମ୍ବା ୦.୫୧% ହ୍ରାସ ପାଇ ୭୩,୭୩୯ ରେ ପହଞ୍ଚିଥିଲା, ଯେତେବେଳେ ନିଫ୍ଟି ୫୦ ସକାଳ ୯:୧୮ ସମୟରେ ୧୪୦ ପଏଣ୍ଟ କିମ୍ବା ୦.୬୨% ହ୍ରାସ ପାଇ ୨୨,୩୨୦ ରେ ପହଞ୍ଚିଥିଲା। ଫଳରେ ବିଏସଇରେ ସମସ୍ତ ତାଲିକାଭୁକ୍ତ କମ୍ପାନୀର ବଜାର ପୁଞ୍ଜିକରଣ ୩.୮ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୩୯୦.୦୬ ଲକ୍ଷ କୋଟି ଟଙ୍କା ହୋଇଛି।

## ମହିଳା ବ୍ୟବସାୟଙ୍କୁ ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କର ଗୁରୁତ୍ୱ

Payments Bank

ନୂଆଦିଲ୍ଲୀ: ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ, ଆର୍ଥିକ ଉପଲବ୍ଧତା ବିସ୍ତାର କରିବାରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇଛି। ବିଶେଷ କରି ଚଳିତ ଆନ୍ତର୍ଜାତୀୟ ମହିଳା ଦିବସରେ କମ୍ପାନୀ ବ୍ୟାଙ୍କିଙ୍ଗ ଓ ଅଣସଂଗଠିତ ସମୁଦାୟଗୁଡ଼ିକ ମଧ୍ୟରେ ବ୍ୟବଧାନ ଦୂର କରୁଥିବା ମହିଳା ବ୍ୟବସାୟ ପ୍ରତିନିଧିମାନଙ୍କ (ବିସି) ଉଲ୍ଲେଖନୀୟ କାର୍ଯ୍ୟକୁ ସମ୍ମାନ ଜଣାଇଛି। ବ୍ୟାଙ୍କ ବର୍ତ୍ତମାନ ୧,୦୦,୦୦୦ରୁ ଅଧିକ ମହିଳା ବ୍ୟବସାୟ ପ୍ରତିନିଧିଙ୍କ ସହିତ କାର୍ଯ୍ୟ କରୁଛି। ମହିଳା ବ୍ୟବସାୟ ପ୍ରତିନିଧିମାନେ (ବିସି) ବ୍ୟାଙ୍କିଙ୍ଗ ସେବା ପାଇପାରୁନଥିବା କିମ୍ବା ଏଥିପାଇଁ ସୀମିତ ପହଂଚ ଥିବା ଲୋକମାନଙ୍କୁ ଆକାଉଂଟ ଖୋଲିବା, ଫଣ୍ଡ ଟ୍ରାନ୍ସଫର କରିବା, ବିଲ୍ ପଇଠ କରିବା ଓ ମାଇକ୍ରୋ-ଲୋନ ଉପଲବ୍ଧ କରାଇବା ସମେତ ଡୋରଷ୍ଟେପ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବାରେ ସାହାଯ୍ୟ କରୁଛନ୍ତି। ଏହି ପ୍ରତିନିଧିମାନଙ୍କ ମଧ୍ୟରୁ ୮୦%ରୁ ଅଧିକ ଟିୟର ୩ ସହର ଓ ଛୋଟ ଟାଉନଗୁଡିକରେ କାର୍ଯ୍ୟ କରୁଛନ୍ତି। ବିଗତ ବର୍ଷଗୁଡିକରେ ଏୟାରଟେଲ ପେମେଂଟସ ବ୍ୟାଙ୍କ ୫ ଲକ୍ଷରୁ ଅଧିକ ପଡୋଶୀ ବ୍ୟାଙ୍କିଙ୍ଗ ପଏଂଟ ଅ'ର୍ଭୁକ୍ତ ଥିବା ଏହାର ସର୍ବବୃହତ ବ୍ୟାଙ୍କିଙ୍ଗ ନେଟୱର୍କ ସହ ସୁଦୂର ଗ୍ରାମାଂଚଳଗୁଡିକରେ ବ୍ୟାଙ୍କିଙ୍ଗ ସେବା ପହଂଚାଇଛି। ଏହି ବ୍ୟାଙ୍କିଙ୍ଗ ପଏଂଟଗୁଡିକୁ ବ୍ୟବସାୟ ପ୍ରତିନିଧିମାନେ ପରିଚାଳନା କରୁଛନ୍ତି। ଏ ସମ୍ପର୍କରେ ଏୟାରଟେଲ ପେମେଂଟସ ବ୍ୟାଙ୍କର ସିଓଓ ଗଣେଶ ଅନନ୍ତନାରାୟଣନ କହିଛନ୍ତି, 'ମହିଳାମାନେ ସବୁବେଳେ ଦେଶର ପ୍ରତ୍ୟେକ କୋଣରେ ଆର୍ଥିକ ସେବା ପହଂଚାଇବା ପାଇଁ ଆମର ଲକ୍ଷ୍ୟର କେନ୍ଦ୍ରରେ ରହିଆସିଛନ୍ତି। ଆମର ମହିଳା ବିସି ନେଟୱର୍କ ମାଧ୍ୟମରେ ଆମେ କେବଳ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରୁନାହୁଁ ବରଂ ମହିଳାମାନଙ୍କୁ ସେମାନଙ୍କ ସମୁଦାୟଗୁଡିକରେ ପରିବର୍ତ୍ତନକାରୀରେ ପରିଣତ ହେବା ପାଇଁ ସଶକ୍ତ କରୁଛୁ। ଚଳିତ ଆନ୍ତର୍ଜାତୀୟ ମହିଳା ଦିବରେ ଆମେ ବିଶେଷ କରି ଦୁର୍ଗମ ଅଂଚଳଗୁଡିକରେ ବ୍ୟାଙ୍କିଂ ସେବାର ପହଂଚକୁ ଅଗ୍ରଗାମୀ କରିବା ପାଇଁ ସେମାନଙ୍କର ଅତୁଳନୀୟ ଯୋଗଦାନକୁ ପାଳନ କରୁଛୁ। ଆମେ ଏହି ନେଟୱର୍କକୁ ଆହୁରି ବୃଦ୍ଧି କରିବା ଏବଂ ଅଧିକ ମହିଳାମାନଙ୍କୁ ଆର୍ଥିକ ମୁଖ୍ୟଧାରାରେ ସାମିଲ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଏହି ପ୍ରୟାସଗୁଡିକର ଅଂଶ ଭାବେ ଏୟାରଟେଲ ପେମେଂଟସ ବ୍ୟାଙ୍କ ବ୍ୟବସାୟ ପ୍ରତିନିଧି ଭୂମିକାରେ କାର୍ଯ୍ୟ କରିବା ପାଇଁ ଅଧିକ ମହିଳାଙ୍କୁ ପ୍ରଶିକ୍ଷିତ ଓ ଦକ୍ଷ କରିବା ଜାରି ରଖିବା ପାଇଁ ଯୋଜନା ରଖିଛି।

## ଟାଟା ପାୱାର ପକ୍ଷରୁ ମହିଳାଙ୍କ ପାଇଁ 'ନୂଆ ଆରମ୍ଭ' ଅଭିଯାନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ ଗୁଡିକ ପକ୍ଷରୁ 'ନୂଆ ଆରମ୍ଭ' ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବିଶେଷ ଭାବେ ସେହି ମହିଳାଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ଯେଉଁମାନେ କ୍ୟାରିଅରରୁ ସାମାନ୍ୟ ଅବ୍ୟାହତି ନେଇଥିଲେ ଏବଂ ଏବେ କାର୍ଯ୍ୟକ୍ଷେତ୍ରରେ ପୁନର୍ବାର ପ୍ରବେଶ କରିବାକୁ ଚାହୁଁଛନ୍ତି। ଏହି ପଦକ୍ଷେପ କମ୍ପାନିର କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପାଇଁ ଏକ ସହାୟକ ଏବଂ ଅନ୍ତର୍ଭୁକ୍ତୀକରଣ ପରିବେଶ ସୃଷ୍ଟି କରିବା ପାଇଁ ରହିଥିବା ପ୍ରତିବଦ୍ଧତାର ଏକ ପ୍ରମାଣ। ୨୦୨୫ ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତୀୟ ମହିଳା ଦିବସରେ ଏହି ପଦକ୍ଷେପର ସମାପନ ଘଟିଥିଲା। ଏକ ବିଶେଷ କାର୍ଯ୍ୟକ୍ରମରେ ନିଯୁକ୍ତି ପାଇଥିବା ଏହି ପ୍ରାର୍ଥୀମାନଙ୍କୁ ସଫଳତାର ସହିତ କାର୍ଯ୍ୟକ୍ଷେତ୍ରରେ ସାମିଲ କରାଯାଇଥଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ହାଉସିଂ ଓ ସହରାଂଚଳ ବିକାଶ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାର ପ୍ରମୁଖ ସଚିବ ଆଇଏଏସ୍ ଉଷା ପାଢ଼ୀ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଟିପି ଓଡିଶା ଡିସକମ୍‌ଗୁଡ଼ିକର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉଷା ପାଢ଼ୀ ମହିଳା କର୍ମଚାରୀଙ୍କ ପାଇଁ କାର୍ଯ୍ୟ ଏବଂ ଜୀବନ ମଧ୍ୟରେ ସନ୍ତୁଳନ ଅବଲମ୍ବନ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କାର୍ଯ୍ୟରେ ଯୋଗ ଦେଇଥିବା ନୂଆ ପ୍ରାର୍ଥୀମାନଙ୍କୁ ଦ୍ୱିତୀୟ କ୍ୟାରିଅର୍ ଆରମ୍ଭ କରୁଥିବାରୁ ନିଜର ପ୍ରେରଣା ଏବଂ ଶୁଭେଚ୍ଛା ଜଣାଇଥିଲେ। ଶ୍ରୀମତୀ ପାଢ଼ୀ ଟିପି ଓଡିଶା ଡିସକମ୍ ଗୁଡ଼ିକୁ ଏଭଳି ଏକ ଅନନ୍ୟ ଏବଂ ପ୍ରଶଂସନୀୟ ପଦକ୍ଷେପ ଆରମ୍ଭ କରିଥିବାରୁ ପ୍ରଶଂସା କରିଥିଲେ ଯାହା ମହିଳାଙ୍କୁ ଏକ ବିରତି ପରେ ନିଜ ବୃତିଗତ ଯାତ୍ରା ପୁନଃ ଆରମ୍ଭ କରିବାର ସୁଯୋଗ ପ୍ରଦାନ କରିଛି। ସମାରୋହରେ ଚୟନ କରାଯାଇଥିବା ପ୍ରାର୍ଥୀ ମାନଙ୍କୁ ଉଷା ପାଢ଼ୀ ସେମାନଙ୍କର ଯୋଗଦାନ କିଟ୍ ପ୍ରଦାନ କରିଥିଲେ। 'ନୂଆ ଆରମ୍ଭ' ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ ଗୁଡିକ ଦ୍ୱାରା ବିବିଧତା ଏବଂ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବାର ଏକ ଉଦାହରଣ ଭାବରେ କାର୍ଯ୍ୟ କରୁଛି ଯାହା ମହିଳାମାନଙ୍କୁ କାର୍ଯ୍ୟସ୍ଥଳରେ ସଫଳ ହେବାର ସମାନ ସୁଯୋଗ ପ୍ରଦାନ କରୁଛି। ଏହି ପଦକ୍ଷେପ ଅନ୍ୟ ସଂସ୍ଥାଗୁଡିକୁ ମଧ୍ୟ ପ୍ରେରଣା ଦେବ ବୋଲି ଆଶା କରାଯାଉଛି ଯାହା ମହିଳାମାନଙ୍କୁ ସେମାନଙ୍କ ବୃତିଗତ ଜୀବନକୁ ପୁନର୍ବାର ଆରମ୍ଭ କରିବାରେ ସହାୟକ ହେବ। ଗତ କିଛି ବର୍ଷ ଧରି ଓଡିଶାର ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଟାଟା ପାୱାର ମୁଖ୍ୟ ଭୂମିକା ଗ୍ରହଣ କରିଛି ଯାହା ଏକ ଘରୋଇ ସରକାରୀ ସହଭାଗିତା ଅଧୀନରେ ଏହାର ସମସ୍ତ ଚାରି ଡିସକମ ଯଥା ଟିପି ସେଂଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍, ଟିପି ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍, ଟିପି ସଦର୍ନ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍, ଏବଂ ଟିପି ନର୍ଦନ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ଜରିଆରେ ବିଦ୍ୟୁତ୍ ବିତରଣ କାର୍ଯ୍ୟକୁ ପରିଚାଳନା କରୁଛି।

## ଅଟୋମେସନ୍ ସମାଧାନର ଶୁଭାରମ୍ଭ



ନୂଆଦିଲ୍‌ଲୀ : ଲୌରିଜ୍ ନୁଡ୍‌ସେନ୍‌ଇଲେକ୍ଟ୍ରିକାଲ୍ ଆଣ୍ଡ୍ ଅଟୋମେସନ୍ ପକ୍ଷରୁ ଶକ୍ତି ଦକ୍ଷତାକୁ ବଢ଼ାଇବା ଓ ଖର୍ଚ୍ଚରେ ୮୦ ପ୍ରତିଶତ ହ୍ରାସ ଆଣିବା ଲାଗି ପରବର୍ତୀ ପିଢ଼ିର ସ୍ମାର୍ଟଶକ୍ତି ଓ ଅଟୋମେସନ୍ ସମାଧାନର ଶୁଭାରମ୍ଭ କରାଯାଇଛି। ଭାରତର ଡିକାର୍ବନାଇଜେସନ୍ ଲକ୍ଷ୍ୟ ଅନୁସାରେ ପ୍ରସ୍ତୁତ ଏହି ସମାଧାନଗୁଡ଼ିକ ଶିଳ୍ପ ପ୍ରକ୍ରିୟାରେ ଉନ୍ନତି ଆଣିବା ସହିତ ଦେଶର ଶକ୍ତି ଭିତ୍ତିଭୂମିର ଭବିଷ୍ୟତ ପ୍ରସ୍ତୁତି ବଢ଼ାଇବ। ଅଟୋମେସନ୍, ଶକ୍ତି ପରିଚାଳନା ଓ ସଫ୍ଟୱେର ପରିଚାଳନା ବୁଦ୍ଧିମତା ସହିତ ଉତ୍ପାଦ ନବସୃଜନ ଶିଳ୍ପ, ଓଇଏମ୍, ୟୁଟିଲିଟି ଓ ଭିତିଭୂମି କ୍ଷେତ୍ରର ସଂସ୍ଥାଗୁଡ଼ିକୁ ଶକ୍ତି ଉପଯୋଗିତା ହ୍ରାସକରିବାରେ ସହାୟକ ହେବ। 'ବିକଶିତଭାରତ' ପ୍ରତି ଆମର ପ୍ରତିବଦ୍ଧତାଶିଳ୍ପ ପରିବର୍ତ୍ତନ ଏବଂ ଶକ୍ତି ସ୍ଥିରତା ପାଇଁ ଆମର ଅଭିଯାନରେ ପ୍ରତିଫଳିତ ହୋଇଛି। ଭାରତର ଶକ୍ତି ପରିବର୍ତ୍ତନ ସହିତ ନର୍ଡିକଡିଜାଇନ ଉତ୍କର୍ଷତାକୁ ମିଶ୍ରଣକରି ଆମେ ବ୍ୟାପକ ସମାଧାନ ପ୍ରଦାନ କରୁଛୁ ଯାହା ପରିଚାଳନା ଦକ୍ଷତା, ଉତ୍ପାଦକତା ବୃଦ୍ଧି କରେଏ ବଂ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ରାଷ୍ଟ୍ରର ଦୃଷ୍ଟିକୋଣକୁ ସମର୍ଥନ କରୁଛି। ବୈଷୟିକ ଜ୍ଞାନ କୌଶଳ, ଭାଗିଦାରୀ ଏବଂ ଗବେଷଣା ଓ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପୁଞ୍ଜିନିବେଶ ମାଧ୍ୟମରେ ଆମେ ଭବିଷ୍ୟତର ଶିଳ୍ପ ବ୍ୟବସ୍ଥା ନିର୍ମାଣ କରିବା ସହିତ ଭାରତର ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାକୁ ସୁଦୃଢ଼ କରୁଛୁ ବୋଲି ଲୌରିଜ ନୁଡସେନ ଇଲେକ୍ଟ୍ରିକାଲ୍ ଆଣ୍ଡ ଅଟୋମେସନର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ନରେଶ କୁମାର କହିଛନ୍ତି। କମ୍ପାନିର ଉନ୍ନତ ଉତ୍ପାଦଗୁଡ଼ିକ ମଧ୍ୟରେ ରହିଛି ଭାରିଏବଲ୍ ଫ୍ରିକ୍ୟୁଏନ୍ସିଡ୍ରାଇଭ୍, ପ୍ରୋଗ୍ରାମେବଲ୍ ଲଜିକ୍ କଂଟ୍ରୋଲ୍, ହ୍ୟୁମାନ୍-ମେସିନ୍ ଇଂଟରଫେସ, ଆଇଓଟି ସକ୍ଷମ ଏଜ୍‌ଗେଟ୍‌ୱେ ଓ ସ୍ମାର୍ଟକମ୍ ପ୍ରୋସେସ୍ ସ୍କାଡା ସଫ୍‌ଟୱେର୍। ଭାରତକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା ଏହି ନବସୃଜନ ଗୁଡ଼ିକ ଶିଳ୍ପ ଅଟୋମେସନ୍‌ରେ ଉନ୍ନତି ଆଣିବ, ପରିଚାଳନାକୁ ସଂଗଠିତ କରିବ ଏବଂ ଉତ୍ପାଦକତା ବଢ଼ାଇବ। ଲୌରିଜ୍ ନୁଡ୍‌ସେନ୍ ଭାରତର ଶିଳ୍ପ ଓ ଶକ୍ତି ଭବିଷ୍ୟତରେ ନିବେଶ ଜାରି ରଖିବଏବଂ ଆର ଆଣ୍ଡ ଡି ଓ ମାନୁପାକ୍‌ଚରିଂ ଦକ୍ଷତାକୁ ବଢ଼ାଇବ। ଏହାର କାରଖାନା ତାମିଲନାଡୁ, ମହାରାଷ୍ଟ୍ର ଓ ଗୁଜରାଟରେ ରହିଛି। ଏଥି ସହିତ ୫୫୦ରୁ ଅଧିକସହରରେ ୩୩ରୁ ଅଧିକ କାର୍ଯ୍ୟାଳୟ ରହିଛି।

### ଦ୍ରୁତ ବିକାଶ ପଥରେ ଭାରତରେ ଇ-ଯାନ ଶିଳ୍ପ

ନୂଆଦିଲ୍ଲୀ : ଭାରତରେ ଇଲେକ୍ଟ୍ରିକ ଯାନ (ଇଭି) ବଜାର ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହି ଶିଳ୍ପ ଅଟୋମୋବାଇଲ କ୍ଷେତ୍ରକୁ ନୂଆ ରୂପ ଦେବ । ପ୍ରଦୂଷଣ ନିୟନ୍ତ୍ରଣ, ତୈଳ ଦର ବୃଦ୍ଧି ଏବଂ ସରକାରଙ୍କ ପ୍ରୋତ୍ସାହନ ଯୋଜନା ଏହି ପରିବର୍ତ୍ତନକୁ ପ୍ରୋତ୍ସାହିତ କରୁଛି । ୨୦୧୬ରେ ଭାରତରେ ଇଭି ଯାତ୍ରୀବାହୀ ଯାନର ଅଂଶ ମାତ୍ର ୦.୦୩% ଥିବାବେଳେ ୨୦୨୩ରେ ଏହା ୧.୩% ଏବଂ ୨୦୨୪ରେ ୨% ରେ ପହଂଚିଛି। ୨୦୨୫ ସୁଦ୍ଧା ଏହା ୪% ଏବଂ ୨୦୩୦ ସୁଦ୍ଧା ଏକ ତୃତୀୟାଂଶ ଯାତ୍ରୀବାହୀ ଯାନ ହେବ ବୋଲି ଆକଳନ କରାଯାଇଛି । ୧୫୦% କମ୍ପାଉଣ୍ଡ ବାର୍ଷିକ ଅଭିବୃଦ୍ଧି ହାର (ସିଏଜିଆର) ଏହି କ୍ଷେତ୍ରର ଉନ୍ନତିକୁ ସୂଚାଉଛି। ଜେଏସଡବ୍ଲୁ ଏମଜି ମୋଟର ଇଣ୍ଡିଆ ଇଭି ବଜାରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ୨୦୨୪ରେ କମ୍ପାନୀର ବିକ୍ରି ୯୮% ବୃଦ୍ଧି ପାଇ ୨୯,୦୩୫ ୟୁନିଟରେ ପହଂଚିଛି, ଯାହା ଫଳରେ ଏହାର ଇଭି ବଜାର ଅଂଶ ୨୬%କୁ ବୃଦ୍ଧି ପାଇଛି । ସେହିପରି ଟିପିଇଏମ(ଟାଟା ପାସେର ଇଲେକ୍ଟ୍ରିକ ମୋବିଲିଟି)୬୧% ବଜାର ଅଂଶ ସହ ଆଗୁଆ ରହିଥିଲେ ମଧ୍ୟ ଏମଜି ମୋଟର ଭଳି କମ୍ପାନୀ ଦ୍ରୁତ ଗତିରେ ଆଗକୁ ବଢୁଛନ୍ତି । ୨୦୧୪ରେ ଭାରତରେ ଇଲେକ୍ଟ୍ରିକ କାର ବଜାର ୧୧% ବୃଦ୍ଧି ପାଇଛି ଏବଂ ଆଗକୁ ମଧ୍ୟ ଏହି ଗତି ଜାରି ରହିବ ବୋଲି ଆଶା କରାଯାଉଛି । ଇ-ଯାନ ବିକ୍ରିକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ରାଜ୍ୟ ଆରଟିଓ ଶୁଳ୍କ ଛାଡ଼ କରିଛନ୍ତି । ବିଶେଷଜ୍ଞଙ୍କ ମତରେ ୨୦୨୮ ସୁଦ୍ଧା ୫୦ରୁ ଅଧିକ ନୂଆ ଇଭି ମଡେଲ ବଜାରକୁ ଆସିବ, ଯାହା ବାର୍ଷିକ ୨ଲକ୍ଷ ୟୁନିଟ ରୁ ଅଧିକ ବିକ୍ରି କରିପାରିବ।

## ମହାକୁମ୍ଭରେ ଜିଓର ୫ଜି ସ୍ପିଡ୍ ଏୟାରଟେଲ୍ ଅପେକ୍ଷା ଉନ୍ନତ : ଓକଲା ରିପୋର୍ଟ

Jio TRUE 5G

ନୂଆଦିଲ୍ଲୀ: ଭାରତର ସର୍ବବୃହତ ଟେଲିକମ୍ ଅପରେଟର ରିଲାଏନ୍ସ ଜିଓର ୫ଜି ନେଟୱାର୍କ ମହାକୁମ୍ଭମେଳାରେ ଚମତ୍କାର ପ୍ରଦର୍ଶନ କରିଥିଲା। ଓକଲା ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ, ମହାକୁମ୍ଭରେ ରିଲାଏନ୍ସ ଜିଓର ନେଟୱାର୍କ ସ୍ପିଡ୍ କେବଳ ଯେ ସବୁଠାରୁ ଦ୍ରୁତ ଥିଲା ତାହା ନୁହେଁ, ଏହା ୫ଜି ନେଟୱାର୍କ ଉପଲବ୍ଧତାରେ ପ୍ରତିଦ୍ୱନ୍ଦ୍ୱୀ ଭାରତୀ ଏୟାରଟେଲକୁ ମଧ୍ୟ ବହୁ ପଛରେ ପକାଇ ଦେଇଛି। ଓକଲା ତାର ରିପୋର୍ଟରେ ଉଲ୍ଲେଖ କରିଛି ଯେ ମହାକୁମ୍ଭରେ ୫ଜି ନେଟୱାର୍କର ଗତି ୪ଜି ତୁଳନାରେ ପ୍ରାୟ ୯ ଗୁଣ ଅଧିକ ଥିଲା। ସୂଚନାଯୋଗ୍ୟ ଯେ ପ୍ରୟାଗରାଜରେ ମହାକୁମ୍ଭମେଳା ଜାନୁୟାରୀ ଆରମ୍ଭରୁ ଫେବୃଆରୀ ଶେଷ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ୫ଜି ନେଟୱାର୍କ କାର୍ଯ୍ୟଦକ୍ଷତାରେ ଜିଓ ହାରାହାରି ୨୦୧.୮୭ ଏମବିପିଏସ ଡାଉନଲୋଡ୍ ସ୍ପିଡ୍ ସହିତ ସବୁଠାରୁ ଆଗରେ ରହିଥିବା ବେଳେ ଏହା ପଛକୁ ଏୟାରଟେଲ ୧୬୫.୨୩ ଏମବିପିଏସ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲା। ମହାକୁମ୍ଭ ସମୟରେ ରିଲାଏନ୍ସ ଜିଓର ୫ଜି ନେଟୱାର୍କର ହାରାହାରି ଡାଉନଲୋଡ୍ ସ୍ପିଡ୍ ଏୟାରଟେଲ ଅପେକ୍ଷା ପ୍ରାୟ ୩୬ ଏମବିପିଏସ ଅଧିକ ରହିଥିଲା। ଭାରତରେ କେବଳ ଜିଓ ଏବଂ ଏୟାରଟେଲ୍ ୫ଜି ସେବା ପ୍ରଦାନ କରନ୍ତି। ମହାକୁମ୍ଭ କ୍ଷେତ୍ରରେ ୫ଜି ନେଟୱାର୍କ ଉପଲବ୍ଧତା କ୍ଷେତ୍ରରେ ମଧ୍ୟ ଜିଓ ଆଗରେ ଥିଲା, ମେଳା ପରିସରରେ ଜିଓର ୫ଜି ନେଟୱାର୍କର ଉପଲବ୍ଧତା ୮୯.୯% ଥିଲା ଯାହା ଏୟାରଟେଲର ୪୨.୪% ଉପଲବ୍ଧତା ତୁଳନାରେ ଦୁଇଗୁଣରୁ ଅଧିକ ଥିଲା। ଏହାର ଅର୍ଥ ହେଉଛି ଜିଓ ୫ଜି ନେଟୱାର୍କ ଅଧିକ ସଂଖ୍ୟକ ଗ୍ରାହକଙ୍କ ପାଇଁ ଉପଲବ୍ଧ ଥିଲା, ଯାହା ଏହାର ବ୍ୟବହାରକାରୀଙ୍କୁ ଉତ୍ତମ କଭରେଜ୍ ଏବଂ ସଂଯୋଗ ପ୍ରଦାନ କରୁଥିଲା। ମହାକୁମ୍ଭ ସମୟରେ ପ୍ରବଳ ଭିଡ଼ ସତ୍ତ୍ୱେ, ୫ଜି ନେଟୱାର୍କ ୪ଜି ଅପେକ୍ଷା ଭଲ ପ୍ରଦର୍ଶନ କରିଥିଲା। ରିପୋର୍ଟ ଅନୁଯାୟୀ ଜାନୁୟାରୀ ପ୍ରାରମ୍ଭରେ ହାରାହାରି ୫ଜି ଡାଉନଲୋଡ୍ ସ୍ପିଡ୍ ୨୫୯.୬୭ ଏମବିପିଏସ ରହିଥିଲା, ଯାହା ପ୍ରବଳ ଭିଡ଼ ରହିଥିବା ଜାନୁୟାରୀ ୨୬ ତାରିଖରେ ୧୫୧.୦୯ ଏମବିପିଏସକୁ ହ୍ରାସ ପାଇଥିଲା, କିନ୍ତୁ ମେଳା ଶେଷ ସୁଦ୍ଧା ଏହା ପୁଣି ୨୦୬.୮୨ ଏମବିପିଏସକୁ ବୃଦ୍ଧି ପାଇଥିଲା। ଅତ୍ୟଧିକ ଭିଡ଼ ସମୟରେ ମଧ୍ୟ ଇଣ୍ଟରନେଟ ବ୍ରାଉଜିଂ ଏବଂ ଭିଡିଓ ପ୍ଲେବ୍ୟାକ୍‌ରେ କୌଣସି ବିଶେଷ ବିଳମ୍ବ ରହିନଥିଲା ବୋଲି ଓକଲା ଏହାର ରିପୋର୍ଟରେ ପ୍ରକାଶ କରିଛି।



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ପରଜଙ୍ଗ ବଜାର ନିକଟସ୍ଥ ଗଡ଼ପରଜଙ୍ଗ ପ୍ରାଥମିକ ବିଦ୍ୟାଳୟ ପଛ ପାର୍ଶ୍ୱରେ ରହିଥିବା ପଡିଆରେ ରେଡ୍ ନାଇଟ ପରିବାର ଆନୁକୂଲ୍ୟରେ ତଥା ଜେବିଆର ହସ୍ପିଟାଲ ସହଯୋଗରେ ୩ ଦିନ ବ୍ୟାପୀ ହେବାକୁ ଥିବା ରାତ୍ରୀକାଳୀନ ୩୦ ଆର୍ଡ ସର୍କଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ୮ ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳିତ ହେବ ବୋଲି ରେଡ୍ ନାଇଟ ପରିବାର କ୍ଲବ୍ ପକ୍ଷରୁ ସୂଚନା ମିଳିଛି। ଉଦଘାଟନ ଉତ୍ସବରେ ସମାଜ ସେବୀ ତଥା ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଯୁବ ସମାଜ ସେବୀ ସିଦ୍ଧାର୍ଥ ବେହେରା, ମହିମା ଜେନା, ପୁରାତନ ଖେଳାଳୀ ବିଭୂତି ଭୂଷଣ ସାମଲ, ଅନ୍ତର୍ଯ୍ୟାମୀ ସାମଲ ଓରଫ ଅନ୍ତରା, ରୀତିକେଶ,ସିନୁ, ସରୋଜ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ମଞ୍ଚାସୀନ ପଡ଼ିଆ ମଧ୍ୟରେ ପ୍ରବେଶ କରି ଧୂପ ଓ ନଡ଼ିଆ ବାଡେଇ ଉଦଘାଟନୀ ମ୍ୟାଚକୁ ଶୁଭ ଉଦଘାଟନ କରିଥିଲେ। ପ୍ରତ୍ୟେକ ମ୍ୟାଚ୍ ୬ ଓଭର ଖେଳ ପରିଚାଳନା ହେବାକୁ ଥିବା ବେଳେ ପ୍ରଥମ ଦିନରେ ୪ ଟି ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ମ୍ୟାଚ ରେଣ୍ଟାପାଟ କ୍ରିକେଟ କ୍ଲବ୍ ଓ କନ୍ଦରସିଂହା କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ପରମହଂସପୁର ଓ ଗଡସନ୍ଧି, ତୃତୀୟ ମ୍ୟାଚ୍ ହନୁମାନ ସାହି ଓ ମୁଣ୍ଡେଇଲୋ ଓ ୪ର୍ଥ ମ୍ୟାଚ୍ ସରାଙ୍ଗ ଓ କାମାକ୍ଷାନଗର କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଲଟେରୀ ମାଧ୍ୟମରେ ଦର୍ଶାଇ ଦିଆଯାଇଛି । ଅଜିତ୍ ଦଳବେହେରା ଓ ସନ୍ତୋଷ ଲେଙ୍କା ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ସଂଗ୍ରାମ, ଧାରାବିବରଣି କ୍ରିକେଟ ଇଆ ଶିବୁ ପ୍ରଦାନ କରିଥିଲେ ।

## ଆର୍‌ସିବିର ନୂଆ ଜର୍ସି ଲଞ୍ଚ୍




ନୂଆଦିଲ୍ଲୀ: ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସଂସ୍କରଣ ୨୨ ମାର୍ଚ୍ଚରେ ଆୟୋଜିତ ହେବ। ଏଥିନେଇ ସମସ୍ତ ଦଳ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ଏବେ ଧୀରେ ଧୀରେ ଚାମ୍ପିୟନ୍ସ ଟ୍ରଫି ଖେଳୁଥିବା ଖେଳାଳିମାନେ ମଧ୍ୟ ନିଜ ନିଜ ଦଳରେ ଯୋଗଦେବା ଆରମ୍ଭ କଲେଣି। ବିରାଟ କୋହଲି ମଧ୍ୟ କିଛି ଦିନ ମଧ୍ୟରେ ଆରସିବି ଶିବିରରେ ଯୋଗଦେବେ। ଅଧିନାୟକ ରଜତ ପାଟିଦାରଙ୍କ ସମେତ ଅଧିକାଂଶ ଖେଳାଳି ଆରସିବି ଶିବିରରେ ଯୋଗ ଦେଇଛନ୍ତି। ଏହି ସମୟରେ, ଫ୍ରାଞ୍ଚାଇଜ ତାର ନୂତନ ଜର୍ସି ଉନ୍ମୋଚନ କରିଛି। ଆର୍‌ସିବିର ପ୍ରଶଂସକମାନେ ଏହି ନୂତନ ଜର୍ସିକୁ ପସନ୍ଦ କରୁଛନ୍ତି।

# ଟେଷ୍ଟ କ୍ରିକେଟ୍‌ର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବ ଦିବାରାତ୍ର ମ୍ୟାଚ୍

ନୂଆଦିଲ୍ଲୀ: ୨୦୨୭ ମାର୍ଚ୍ଚ ୧୧ରେ ଟେଷ୍ଟ କ୍ରିକେଟ୍‌କୁ ପୂରିବ ୧୫୦ ବର୍ଷ। ଏହି ଅସରରେ ଅଷ୍ଟ୍ରେଲିଆର ମେଲବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ୨୦୨୭ ମାର୍ଚ୍ଚ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ପିଙ୍କ ବଲ୍ ଡେ ନାଇଟ୍ ଟେଷ୍ଟ ଖେଳାଯିବ। ଏହା ନେଇ ମଙ୍ଗଳବାର କ୍ରିକେଟ୍ ଅଷ୍ଟ୍ରେଲିଆ ଘୋଷଣା କରିଛି। ବୋର୍ଡ କହିଛି ଯେ, ଏହି ଐତିହାସିକ ମ୍ୟାଚ୍ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଦିବାରାତ୍ର ଟେଷ୍ଟ ହେବ। ଏହା କୌଣସି ମହାମୁକାବିଲାଠୁ କମ ନୁହେଁ କାରଣ ଦୁଇ ଦେଶ କ୍ରିକେଟ୍‌ରେ ସର୍ବଦା ପରସ୍ପରର ତୀବ୍ର ପ୍ରତିଦ୍ୱନ୍ଦ୍ୱୀ ରହି ଆସିଛନ୍ତି। ୧୮୭୭ରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ଏହା ପରେ



୧୯୭୭ରେ ସେହି ଏମସିଜିରେ ଦୁଇ ଦଳ ମଧ୍ୟରେ ଶତାବ୍ଦୀ ଟେଷ୍ଟ ମ୍ୟାଚ୍ ଆୟୋଜନ କରାଯାଇଥିଲା। ଏହି ଦୁଇ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଜିତି ନେଇଥିଲା। କ୍ରିକେଟ୍ ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଟଡ ଗ୍ରୀନବର୍ଗ କହିଛନ୍ତି, ୧୫୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହେବାକୁ ଥିବା ଏହି ଟେଷ୍ଟ ମ୍ୟାଚ୍ ବେଶ ଆକର୍ଷଣୀୟ ଓ ସ୍ମରଣୀୟ ରହିବ। ସେ କହିଛନ୍ତି, ଏହି ମ୍ୟାଚ୍ ଯେମିତି ଅଧିକରୁ ଅଧିକ ଦର୍ଶକଙ୍କ ଉପସ୍ଥିତିରେ ଖେଳାଯିବ ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଦର୍ଶକଙ୍କୁ ଏହି ମ୍ୟାଚ୍‌ରେ ଭିନ୍ନ ଆନନ୍ଦ ମିଳିବ। ଅଷ୍ଟ୍ରେଲିଆ ନଭେମ୍ବରରେ ଇଂଲଣ୍ଡ ବିପକ୍ଷ ୨୦୨୫-୨୬ ଆସେସ୍ ସିରିଜ୍‌ର ଆୟୋଜକ ରହିଛି। ଉଲ୍ଲେଖନୀୟ ଅଷ୍ଟ୍ରେଲିଆ ଏ ପର୍ଯ୍ୟନ୍ତ ୧୩ ଦିବାରାତ୍ର ଟେଷ୍ଟ ମ୍ୟାଚ୍‌ର ଆୟୋଜନ କରି ସାରିଛି, ଯେଉଁଥିରୁ ୧୨ଟି ମ୍ୟାଚ୍ ଅଷ୍ଟ୍ରେଲିଆ ସପକ୍ଷରେ ଯାଇଛି ଏଥିରୁ ୮ଟି ମ୍ୟାଚ୍ ଆଡିଲେଡ୍‌ରେ ଖେଳାଯାଇଛି। ତେବେ ଅଷ୍ଟ୍ରେଲିଆ ବିପକ୍ଷ ଉକ୍ତ ମ୍ୟାଚ୍‌କୁ ସ୍ମରଣୀୟ କରିବା ପାଇଁ ଇଂଲଣ୍ଡ ପୂରା ଉଦ୍ୟମ କରିବ।

# ଅଧିନାୟକ ପଦକୁ ପ୍ରତ୍ୟାଖାନ କଲେ ରାହୁଲ

ନୂଆଦିଲ୍ଲୀ: ଚାମ୍ପିଅନ୍ସ ଟ୍ରଫିରୁ ଫେରିବା ପରେ କେଏଲ୍ ରାହୁଲ୍ କ୍ୟାପ୍‌ଟେନ୍‌ସିପ୍‌କୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ସୂଚନା ଅନୁସାରେ ରାହୁଲ୍ ଆଇପିଏଲ୍ ୨୦୨୫ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ କ୍ୟାପ୍‌ଟେନ୍‌ସିପ୍ ଅଫରକୁ ମନା କରିଦେଇଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜି ରାହୁଲ୍‌ଙ୍କୁ ଟିମ୍‌ର ନେତୃତ୍ୱ ନେବା ପାଇଁ ପ୍ରସ୍ତାବ ଦେଇଥିଲା, ଯାହାକୁ ସେ ମନା କରିଦେଇଛନ୍ତି। ମିଡିଆ ରିପୋର୍ଟ ଅନୁସାରେ କେଏଲ୍ ରାହୁଲ କ୍ୟାପ୍‌ଟେନ୍‌ସିପ୍ ପ୍ରସ୍ତାବକୁ ମନା କରି ଜଣେ ଖେଳାଳି ଭାବେ ଟିମ୍ ପାଇଁ ଅଧିକ ଯୋଗଦାନ ଦେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। କେଏଲ୍ ରାହୁଲ୍ ଅଧିନାୟକ ହେବା ନେଇ ଅନିଚ୍ଛା ପ୍ରକାଶ କରିବା ପରେ ଅକ୍ଷର ପଟେଲ୍ ଦିଲ୍ଲୀ କ୍ୟାପିଟାଲ୍ସର କ୍ୟାପ୍‌ଟେନ୍



ହୋଇପାରନ୍ତି । ଅଧିନାୟକଙ୍କ ପଦ ପାଇଁ ଏହି ଦୁହିଁଙ୍କୁ ନେଇ ଚର୍ଚ୍ଚା ଥିଲା। ଦିଲ୍ଲୀ କ୍ୟାପିଟାଲ୍ସ କେଏଲ୍ ରାହୁଲ୍‌ଙ୍କୁ ଆଇପିଏଲ୍ ୨୦୨୫ର ମେଗା ଅକ୍ସନରେ ୧୪ କୋଟି ଟଙ୍କାରେ କିଣିଥିଲା। ରାହୁଲ୍‌ଙ୍କ ପାଖରେ ଆଇପିଏଲ୍‌ରେ କ୍ୟାପ୍‌ଟେନ୍‌ସିପ୍ କରିବାର ପୂର୍ବରୁ ଅନୁଭୂତି ରହିଛି । ୨୦୨୦-୨୧ରେ ସେ ପଞ୍ଜାବ କିଙ୍ଗ୍ସ ଓ ୨୦୨୨-୨୪ ଯାଏ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ୍ ପାଇଁ କ୍ୟାପ୍‌ଟେନ୍‌ସିପ୍ କରିସାରିଛନ୍ତି। ରାହୁଲ୍ କ୍ୟାପ୍‌ଟେନ୍ ହେବାକୁ ମନା କରିବା ପରେ ଏବେ ଅକ୍ଷର ପଟେଲ ଟିମ୍‌ର ନେତୃତ୍ୱ ନେବା ଏକ ପ୍ରକାର ନିଶ୍ଚିତ । କିନ୍ତୁ ସମସ୍ୟା ଏହା ଯେ ତାଙ୍କ ପାଖରେ ଆଇପିଏଲ୍‌ରେ ରାହୁଲ୍‌ଙ୍କ ପରି କ୍ୟାପ୍‌ଟେନ୍‌ସିପ୍‌ର ଅଭିଜ୍ଞତା ନାହିଁ । ଜଣେ ଖେଳାଳି ଭାବେ ବଲ୍ ଓ ବ୍ୟାଟରେ ତାଙ୍କ ପ୍ରଦର୍ଶନ ଚମତ୍କାର ରହିଛି।

# ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ଭେଟିଲେ ସଫଳ କ୍ରୀଡ଼ାବିତ୍

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ରାଜ୍ୟ ପୋଲିସର ସଫଳ କ୍ରୀଡ଼ାବିତମାନେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଡିଜିପି ଶ୍ରୀ ଖୁରାନିଆ ପଦକ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତା ନିମନ୍ତେ ଭୂୟସୀ ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ ଯେ, ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ହୋଇଥିବା ୨୪ତମ ସର୍ବଭାରତୀୟ ପୁଲିସ ଜଳକ୍ରୀଡ଼ା ଚାମ୍ପିୟନଶିପ୍ ୨୦୨୪-୨୫ରେ ଓଡ଼ିଶା ପୋଲିସକୁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀମାନେ ବିଭିନ୍ନ



ପ୍ରତିଯୋଗିତାରେ ୫ଟି ସ୍ୱର୍ଣ୍ଣ ପଦକ, ୧ଟି ରୌପ୍ୟ ପଦକ, ୪ଟି କାଂସ୍ୟ ପଦକ ଜିତି ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ଏହା ସହ ତ୍ରିପୁରା ଠାରେ ଆୟୋଜିତ ହୋଇଥିବା ୭୩ ତମ ସର୍ବ ଭାରତୀୟ ପୋଲିସ ଫୁଟବଲ ଚାମ୍ପିୟନଶିପ୍ ରେ ଓଡ଼ିଶା ପୋଲିସ ମହିଳା ଫୁଟବଲ ଟିମ ବ୍ରୋଞ୍ଜ ପଦକ ହାସଲ କରିଥିଲା । ସେହିପରି ପଞ୍ଜାବର ଜଳନ୍ଧର ଠାରେ ଆୟୋଜିତ ହୋଇଥିବା ସର୍ବ ଭାରତୀୟ ପୋଲିସ କବାଡି କ୍ଲଷ୍ଟର ଓଡିଶା ପୋଲିସର ଜିମ୍ନାଷ୍ଟ ସୀତାକାନ୍ତ ଓଝା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଅବସରରେ ଡିଜିପି ସର୍ବଭାରତୀୟ ପୁଲିସ ଜଳକ୍ରୀଡ଼ାରେ ପ୍ରତ୍ୟେକ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୫ ହଜାର ଟଙ୍କା, ରୌପ୍ୟ ପଦକ ବିଜେତାଙ୍କୁ ୩ ହଜାର ଓ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୨ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏହି ପଦକ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି। ଏହି ଉତ୍ସବରେ ପୋଲିସ କମିଶନର ଏସ. ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ସମେତ ଟିମ ମ୍ୟାନେଜର, ପ୍ରଶିକ୍ଷକ ଓ ଖେଳାଳୀମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ

# ରାଇଜିଂ କ୍ଲବ୍ ଚାମ୍ପିଅନ୍

ରାଉରକେଲା (ଭାସ୍କର ନ୍ୟୁଜ୍): ରାଉରକେଲା ସେକ୍ଟର-୨୦ସ୍ଥିତ ରାଇଜିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୬ତମ ସର୍ବଭାରତୀୟ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ ଓ ରାଇଜିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୩ଟି ସେଟ୍ ବିଶିଷ୍ଟ ଏହି ମ୍ୟାଚ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବା ସହ ସିଧାସଳଖ ପ୍ରଥମ ଓ ଦ୍ୱିତୀୟ ସେଟ୍‌ରେ ସ୍ପୋର୍ଟସ ହଷ୍ଟେଲ ଭୁବନେଶ୍ୱରକୁ ୨-୦ ଗୋଲରେ ହରାଇ ରାଇଜିଂ କ୍ଲବ ହରାଇ ଚଳିତ ବର୍ଷ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ପୂର୍ବତନ ବିଧାୟକ ସୁବ୍ରତ ତରାଇ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ପ୍ରତିଯୋଗିତାର ତୃତୀୟ ସ୍ଥାନରେ ଥିବା ଭଦ୍ରକ ଦଳ ଓ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ରାଉରକେଲା ଓପନ ଭଲିବଲ ପ୍ରତିଯୋଗିତାରେ କୁତ୍ରା ଦଳକୁ ଚାମ୍ପିୟନ ଓ ପ୍ରଶାନ୍ତ ସିଂ ମେମୋରିଆଲ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଚାମ୍ପିୟନ ଦଳ ଗ୍ରାସ୍‌ରୁଟ ରାଇଜିଂ କ୍ଲବକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ରାଇଜିଂ କ୍ଲବର ସାଙ୍ଗଠନିକ ସମ୍ପାଦକ ଶିଶିର ସାହୁ ଏହାକୁ ପରିଚାଳନା କରିଥିଲେ। ଦେବୀ ପ୍ରସାଦ ମିଶ୍ର, ଅମର ଦାସ, ମାନସ ନାୟକ, ବିରେନ ପ୍ରଧାନ, ସୁଶାନ୍ତ ସାହୁ, ସୌଭାଗ୍ୟ ମିଶ୍ର, ରାକେଶ ସ୍ୱାଇଁ, ଜୟନ୍ତ ମହାରଣା, ଟୁଟୁ ସ୍ୱାଇଁ, ପପୁ ସାମନ୍ତରାଏ ପ୍ରମୁଖ ସହଯୋଗ କରିଥିଲେ।

## ସମର କପ୍ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଚମ୍ପୁଆ ଇରଫାନ୍ ଏକାଦଶ ଚାମ୍ପିଅନ୍

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଯୋଡ଼ା ପୌରପାଳିକା ଅନ୍ତର୍ଗତ ଟାଟାଷ୍ଟିଲ କେନ୍ଦ୍ରୀୟ ଖେଳ ପଡିଆରେ ଅନୁଷ୍ଠିତ ପ୍ରଥମ ସମର କପ୍ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଯୋଡ଼ା ୟୁଥ୍ ଆସୋସିଏସନ୍ ଓ ଯୋଡ଼ା କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ମାର୍ଚ୍ଚ ୪ ତାରିଖରୁ ଆରମ୍ଭ ହୋଇଥିବା ବେଳେ ରବିବାର ୯ ତାରିଖରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଉଦଯାପିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଚମ୍ପୁଆ ଇରଫାନ ଏକାଦଶ ସହ ଯୋଡ଼ା ଶାସ୍ତ୍ରୀନଗର ୟୁଥ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିତି ଶାସ୍ତ୍ରୀନଗର ୟୁଥ୍ କ୍ଲବ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ୱିକେଟ୍ ହରାଇ ୧୧୧ ରନ ସଂଗ୍ରହ କରିଥିଲା। ଜବାବରେ ଇରଫାନ ଏକାଦଶ ୯.୩୩ ହାରରେ ରନ ସଂଗ୍ରହ କରି ମ୍ୟାଚ ଜିତିବାର ଲକ୍ଷ୍ୟ ନେଇ ଅନ୍ତିମ ଓଭରରେ ବିଜୟର ସ୍ୱାଦ ଚାଖିଥିଲା ଏବଂ ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା। ରୋମାଞ୍ଚକପୂର୍ଣ୍ଣ ଏହି ଟୁର୍ଣ୍ଣାମେଣ୍ଟରେ ଷ୍ଟାଡିଅମ ଭରପୁର




ଦର୍ଶକ ଉପସ୍ଥିତ ରହି ଖେଳ ପ୍ରଦର୍ଶନକୁ ଉପଭୋଗ କରିଥିଲେ। ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ରୂପେ ବଡବିଲ ଏସଡ଼ିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଟାଟାଷ୍ଟିଲ ମୁଖ୍ୟ ରାଜେଶ କୁମାର,ଯୋଡ଼ା ଟ୍ରକ୍ ମାଲିକ ସଂଘ ସମ୍ପାଦକ ସୁଶାନ୍ତ କୁମାର ବାରିକ,ଦୀପକ ଶତପଥୀ, ସାମ୍ବାଦିକ ରମେଶ ମହାପାତ୍ର ଓ ଆସିଫ ଅକବାଲ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ପିଙ୍ଗୁଆ ଚାମ୍ପିଅନ ଇରଫାନ ଏକାଦଶକୁ ନଗଦ ଏକ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସଅପ ଶାସ୍ତ୍ରୀନଗର ୟୁଥ୍ କ୍ଲବ୍ ଦଳକୁ ସମ୍ମାନୀତ ଅତିଥି ଶ୍ରୀ ରାଜେଶ କୁମାର ନଗଦ ୭୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଏଥିସହିତ ମ୍ୟାନ ଅଫ ଦି ମ୍ୟାଚ୍, ମ୍ୟାନ ଅଫ ଦି ସିରିଜ, ଶ୍ରେଷ୍ଠ ବ୍ୟାଟସ ମ୍ୟାନ, ଶ୍ରେଷ୍ଠ ବୋଲର, ଶ୍ରେଷ୍ଠ ଫିଲ୍ଡର, ଶ୍ରେଷ୍ଠ ଶୃଙ୍ଖଳିତ ଦଳ ସହ ଅନ୍ୟ ପୁରସ୍କାର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ଫାଇନାଲ ଖେଳରେ ସୁଶାନ୍ତ ପଣ୍ଡା ଓ ସୌମ୍ୟ ରଞ୍ଜନ ରଣା ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ଶିବୁ ବେହେରା, ମନୋଜ ପାତ୍ର ଓ ଅଜୟ ପାତ୍ର ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଭାଷ୍ୟକାର ଭାବେ ଅରବିନ୍ଦ ସିଂ ଦେଓ ଫାଇନାଲ ଖେଳର ଆଖିଦେଖା ବିବରଣୀ ପ୍ରଦାନ କରି ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ। ଯୋଡ଼ା ୟୁଥ୍ ଆସୋସିଏସନ୍ ଓ ଯୋଡ଼ା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଏହି ଟୁର୍ଣ୍ଣାମେଣ୍ଟର ସୁପରିଚାଳନା କରି ଏହାକୁ ଆକର୍ଷଣୀୟ କରିବାରେ କୌଣସି ତ୍ରୁଟି ରଖିନଥିଲେ ।


## कार्यपालक अभियंता का कार्यालय
## ग्रामीण कार्य विभाग, कार्य प्रमण्डल, राँची

### ई–निविदा आमंत्रण सूचना

PR No. 343433 REO (24-25)D

पत्रांकः–          दिनांक–

ई–निविदा संख्याः–24/2024-25/RWD /EE/RANCHI

| क्र0 सं0 | आईडेन्टी फिकेशन संख्या / पैकेज संख्या | प्रखण्ड | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि / अवधि | टेण्डर कॉल नं0 |
|---|---|---|---|---|---|---|---|
| 1 | RWD/ RANCHI/ 77/2024-25 | बुढ़मू | बुढ़मू मुरूपीरी पथ से मॉडल स्कूल पहानटोली तक पथ निर्माण कार्य। (लं0– 1.005 कि0मी0)। | 1,05,60,400.00 | एक करोड़ पाँच लाख साठ हजार चार सौ रूपये मात्र। | 9 माह | प्रथम |
| 2 | RWD/ RANCHI/ 78/2024-25 | बुढ़मू | उमेडण्डा गाँव में कन्डेर मोड़ से हबरूवा पहाड़ भाया आरीद तक पथ निर्माण कार्य (लं0– 2.575 कि0मी0)। | 2,61,04,000.00 | दो करोड़ एकसठ लाख चार हजार रूपये मात्र। | 12 माह | प्रथम |
| 3 | RWD/ RANCHI/ 79/2024-25 | बुढ़मू | चैनगड़ा हाई स्कूल से पलानी भाया गम्हरिया तक पथ निर्माण कार्य (लं0– 3.890 कि0मी0)। | 3,56,39,800.00 | तीन करोड़ छप्पन लाख उनचालीस हजार आठ सौ रूपये मात्र। | 15 माह | प्रथम |
| 4 | RWD/ RANCHI/ 80/2024-25 | रातू | राँची डाल्टेनगंज मुख्य पथ से देवीमंडप कमड़े के विभिन्न गलियों भाया पत्रकार कॉलोनी रूपा गुप्ता, ममता देवी के घर एवं सत्या यादव के घर के पास आर0सी0सी0 कल्र्भट तक पथ निर्माण कार्य (लं0–2.500 कि0मी0) | 2,91,06,200.00 | दो करोड़ एक्यानबे लाख छः हजार दो सौ रूपये मात्र। | 15 माह | प्रथम |
| 5 | RWD/ RANCHI/ 81/2024-25 | रातू | जोजो नगर चौक से सर्वोदय नगर रोड नं0–1 एवं 2 नावाटोली किड्स हार्ट स्कूल सिमलिया पंचायत के विभिन्न गलियों में पथ निर्माण कार्य (ल0–3.100 कि0मी0) | 3,40,48,500.00 | तीन करोड़ चालीस लाख अड़तालीस हजार पाँच सौ रूपये मात्र। | 15 माह | प्रथम |
| 6 | RWD/ RANCHI/ 82/2024-25 | रातू | दयाल नगर बजरंगबली मंदिर से सरयू नगर एवं गणपति विहार कॉलोनी के विभिन्न गलियों में पथ निर्माण कार्य (ल0–1.805 कि0मी0) | 2,36,17,900.00 | दो करोड़ छत्तीस लाख सत्तरह हजार नौ सौ रूपये मात्र। | 12 माह | प्रथम |
| 7 | RWD/ RANCHI/ 83/2024-25 | नामकुम | एन0एच0–33 टाटा रोड से सरईटोली भाया पिरिटोला तक पथ निर्माण कार्य (ल0–1.800 कि0मी0) | 1,96,57,000.00 | एक करोड़ छियानबे लाख सन्तावन हजार रूपये मात्र। | 9 माह | प्रथम |
| 8 | RWD/ RANCHI/ 84/2024-25 | रातू | मुरचु से कोकरो तक पथ निर्माण कार्य (ल0–2.450 कि0मी0) | 3,42,00,300.00 | तीन करोड़ बियालीस लाख तीन सौ रूपये मात्र। | 15 माह | प्रथम |

1. वेबसाईट में निविदा प्रकाशन की तिथिः–**12.03.2025**
2. ई–निविदा प्राप्ति की अंतिम तिथि एवं समयः–**19.03.2025** अपराह्न 5.00 बजे तक।
3. निविदा खोलने की तिथि एवं समयः–**21.03.2025** अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, राँची

PR 348397 REO(24-25)#D



## कार्यपालक अभियंता का कार्यालय
## ग्रामीण कार्य विभाग, कार्य प्रमण्डल, गोड्डा

### अल्पकालीन ई–निविदा आमंत्रण सूचना

अल्पकालीन ई0–निविदा संख्याः– 11/2024-25/RWD/EE/GODDA          दिनांकः 11-03-2025

कार्य का विवरणः मुख्यमंत्री ग्राम सड़क योजना अन्तर्गत कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्रम सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि / अवधि | टेन्डर कॉल |
|---|---|---|---|---|---|---|
| 1 | RWD/EE/GODDA/ 24/2024-25 | रामनगर से गंगटा बाईपास तक पथ निर्माण कार्य (लं0–2.245 कि0मी0) | 1,56,69,800.00 | एक करोड़ छप्पन लाख उनहत्र हजार आठ सौ रू0 मात्र | 09(नौ) माह | प्रथम |
| 2 | RWD/EE/GODDA/ 25/2024-25 | कनमारा से बुढ़वातरी बाँध तक पथ निर्माण कार्य (लं0–2.400 कि0मी0) | 2,03,82,600.00 | दो करोड़ तीन लाख बेरासी हजार छह सौ रू0 मात्र | 12(बारह) माह | प्रथम |
| 3 | RWD/EE/GODDA/ 26/2024-25 | लक्ष्मीकित्ता से रमला संथाली तक पथ निर्माण कार्य (लं0–1.450 कि0मी0) | 1,46,72,500.00 | एक करोड़ छियालीस लाख बहत्तर हजार पाँच सौ रू0 मात्र | 09(नौ) माह | प्रथम |
| 4 | RWD/EE/GODDA/ 31/2024-25 | ग्राम गंगटाकला पुराना पंचायत भवन से जंगल टोला होते हुए छोटा पुल तक पथ निर्माण कार्य (लं0–2.135 कि0मी0) | 2,09,88,700.00 | दो करोड़ नौ लाख अठासी हजार सात सौ रू0 मात्र | 12(बारह) माह | प्रथम |

1. वेबसाईट में निविदा प्रकाशन की तिथिः– 17.03.2025
2. ई–निविदा प्राप्ति की अंतिम तिथि एवं समयः– 03.04.2025 अपराह्न 5.00 बजे तक।
3. निविदा खोलने की तिथि एवं समयः–05.04..2025 अपराह्न 11.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा।
5. ई–निविदा प्रकोष्ठ का मोबाईल नं0– 9973573276
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जबावदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, गोड्डा

PR 348368 Rural Work Department(24-25)#D



## OFFICE OF EXECUTIVE ENGINEER
## Minor Distribution Division No. 10, Ghatsila, East Singhbhum, Jharkhand– 832303

Email id- mdd10ghatsila@gmail.com

### Very Short Tender Notice (e-Tender Notice)

Very Short E-Tender Ref. No.:
WRD/CC/MDD.NO-10 Ghatsila/ 01F2/2024-25 DATE- 10.03.2025

| | | |
|---|---|---|
| 1. | Name of Work | PROTECTION WORK OF AQUEDUCT AT KM -4.170 OF OR-54/56 EX. KM-115.900 OF CLMC |
| 2. | Estimated cost of work (in INR) | Rs. 23849504.88 |
| 3. | Initial Bid Security ((in INR) | Rs. 477000.00 |
| 4. | Initial Bid Security in the shape of | Initial Bid Security- As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 5. | Cost of Bidding Documents | Rs. 10,000.00 (Rupees ten thousand only) |
| 6. | Time of completion | 12 Months |
| 7. | Date of Publication of Tender on Website | 12.03.2025 (5:00 P.M.) |
| 8. | Start Date of Bidding | 15.03.2025 (10:00 A.M.) |
| 9. | Last Date and time for online Bidding | 25.03.2025 up to 5.00 P.M |
| 10 | Last Date & Time for receipt of Bid Security and other Documents in online form | 27.03.2025 Through e-Tendering Portal www.jharkhandtenders.gov.in - As per SOP issued by Information Technology and E-Governance Department, Govt. of Jharkhand. Vide letter no-120 dated-03.10.2023 |
| 11 | Date & Time for opening of Technical Bid | 29.03.2025 At 3.00 P.M by E-procurement cell office of the Chief Engineer, Swarnrekha Project Chandil Complex Adityapur, Jamshedpur |
| 12 | Name & Address of office inviting Tender | Executive Engineer, Minor Distribution Division No-10, Ghatsila |
| 13 | Contact no. of Procurement officer | 9523424697 |
| 14 | Helpline no. of E- Procurement Cell | 0657-2371765 |

Above information's are only indicative. Detail NIT Published on Tender Portal shall be final and mandatory. Details can be seen on Website http://jharkhandtenders.gov.in

Executive Engineer
Minor Distribution Division No-10,
Ghatsila

PR.NO.348341 Water Resource(24-25):D



## B.I.T. SINDRI
## P.O.-SINDRI INSTITUTE
## DIST; DHANBAD (JHARKHAND) PIN: 828123

### e-tender Notice - RE/BIT/Siem/1/2024-25/men

Reference Number: RE/BIT/Siem/1/2024-25/men Dated :- 09-03-2025
Tender ID: 2025_DHTE_99408_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply of manpower for siemens CoE at B.I.T Sindri Dhanbad and different tSDIs |
| 3 | Document download start date | 12.03.2025 |
| 4 | Document download end date | 27.03.2025 |
| 5 | Bid submission end date | 27.03.2025 |
| 6 | Bid opening date | 28.03.2025 |

Bidders must bid through e-tenders portal.

B.I.T. Sindri, Dhanbad requires the supply of manpower services for siemens CoE at B.I.T Sindri Dhanbad and different tSDIs. Further details can be seen on website:- https://jharkhandtenders.gov.in

Sd/-
Director,
B.I.T., Sindri

PR 348329 Higher Education,Technical Education and Skill Development Department(24-25)#D



## कार्यपालक अभियंता का कार्यालय
## ग्रामीण कार्य विभाग, कार्य प्रमण्डल, गोड्डा

### अति अल्पकालीन ई–पुनर्निविदा आमंत्रण सूचना

अति अल्पकालीन ई0–पुनर्निविदा संख्याः– 21/2024-25/RI/RWD/EE/GODDA
दिनांकः 11-03-2025

कार्य का विवरणः मुख्यमंत्री ग्राम सड़क योजना अन्तर्गत कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्रम सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि / अवधि | टेन्डर कॉल |
|---|---|---|---|---|---|---|
| 1 | RWD/EE/GODDA/ 15/2024-25 | मालप्रतापपुर मेला मैदान से कब्रिस्तान, गंगा नहर पंप होते हुए ताजोकिता तक पथ निर्माण कार्य (लं0 1.750 कि0मी0), प्रखंड–मेहरमा | 3,06,55,500.00 | तीन करोड़ छह लाख पचपन हजार पाँच सौ रू0 मात्र | 15(पन्द्रह) माह | तृतीय |

1. वेबसाईट में निविदा प्रकाशन की तिथि :– 15.03.2025
2. ई–निविदा प्राप्ति की अंतिम तिथि एवं समय :– 25.03.2025 अपराह्न 5.00 बजे तक।
3. निविदा खोलने की तिथि एवं समय :–27.03.2025 अपराह्न 11.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा।
5. ई–निविदा प्रकोष्ठ का मोबाईल नं0– 9973573276
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जबावदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, गोड्डा।

PR.NO.348371 Rural Work Department(24-25):D



## Jharkhand Urja Sancharan Nigam Ltd.

(CIN: U40108JH2013SGC001704)
Regd. Office: 2nd Floor, JUSNL (SLDC) Building, Kusai Colony, Doranda, Ranchi-02
(E-mail:cetjusnl@gmail.com)

### SHORT e-TENDER NOTICE

NIT No. – 550/PR/ JUSNL/ 2024-25

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Design, Engineering, supply, erection, testing & commissioning of line differential protection in under construction 400 kV D/C QM Katia – Patratu Transmission line on turnkey basis. |
| Estimated cost (Rs.) | Rs. 2,14,13,698.00 (including GST) |
| Earnest Money Deposit | Rs. 4,28,500.00 On line mode |
| Completion Period | 45 Days |
| e-Tender fee | Rs. 10,000.00 + 18% GST On line mode. |
| Start Date & Time of Download the Tender Documents | 11.03.2025 at 11:00 AM |
| Start Date and time of upload of BID | 11.03.2025 at 11:00 AM |
| End date and time of upload of BID | 21.03.2025 upto 04:00 PM |
| BID Opening date for technical part | 24.03.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनीशिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager, C&M (NWBP)

PR 348353 Jharkhand Urja Sancharan Nigam Ltd(24-25)D



ଓଜନ କମାଇବାର ପ୍ରଥମ ପର୍ଯ୍ୟାୟ ହେଉଛି ଖାଦ୍ୟ-ପାନୀୟ ପ୍ରତି ଧ୍ୟାନ ଦେବା। ଯଦି ଡାଏଟ୍ ବାଲାନ୍ସରେ ରୁହେ, ତେବେ ଶରୀର ସୁସ୍ଥ ରହିଥାଏ ଏବଂ ଓଜନ କମିବା ମଧ୍ୟ ଆରମ୍ଭ ହୁଏ। ଅନେକ ରୋଷେଇ ସାମଗ୍ରୀ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ, ସେଥିମଧ୍ୟରୁ ଗୋଟିଏ ହେଉଛି ଡାଲଚିନି। ସଠିକ୍ ଉପାୟରେ ଡାଲଚିନିକୁ ଖାଇବା ଦ୍ୱାରା ପେଟର ଚର୍ବି କମିଥାଏ। ଡାଲଚିନି ଏପରି ଏକ ମସଲା ଯାହା ଚା' ଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟରେ ପକାଯାଏ। ଡାଲଚିନିର ସ୍ୱାଦ ସାମାନ୍ୟ ମିଠା ଏବଂ ରାଗ। ଓଜନ ହ୍ରାସ କରିବାକୁ ଡାଲଚିନି ଆପଣଙ୍କ ଖାଦ୍ୟର ଏକ ଅଂଶ ହୋଇପାରେ। ଓଜନ ହ୍ରାସ ପାଇଁ, ଡାଲଚିନିରେ ଚା' ପ୍ରସ୍ତୁତ କରି ପିଇପାରିବେ। ଏଥିପାଇଁ ଆପଣଙ୍କୁ ଗୋଟିଏ କପ୍ ପାଣି, ଗୋଟିଏ ଚାମଚ ମହୁ, ଗୋଟିଏ ଚାମଚ ଲେମ୍ବୁ ରସ ଏବଂ ଏକ ଛୋଟ ଡାଲଚିନି ଖଣ୍ଡ ଆବଶ୍ୟକ। ଏକ ପାତ୍ରରେ ପାଣି ନେଇ ଏହାକୁ ଡାଲଚିନି ମିଶାଇ ଫୁଟାନ୍ତୁ। ତାପରେ ଏହାକୁ ଏକ କପ୍‌ରେ ଛାଣି ଲେମ୍ବୁ ରସ ଓ ମହୁ ମିଶାଇ ପିଅନ୍ତୁ। ଡାଲଚିନିକୁ ଆପଣ କଫିରେ ମିଶାଇ ମଧ୍ୟ ପିଇପାରିବେ। ଏହା କଫିର ସ୍ୱାଦକୁ ଆହୁରି ବଢ଼ାଇଥାଏ। ଏହା ବ୍ୟତୀତ ଓଜନ ହ୍ରାସ କରିବା ପାଇଁ ଡାଲଚିନିକୁ ଆପଣ ପାଣି ପିଇପାରିବେ। ଡାଲଚିନି ପାଣି ତିଆରି କରିବା ପାଇଁ, ଏକ ଗ୍ଲାସ ପାଣିରେ ଅଧା ଚାମଚ ଡାଲଚିନି ପକାଇ ରାତ୍ରି ଭୋଜନ କରିବାର ଅଧ ଘଣ୍ଟା ପରେ ପିଅନ୍ତୁ। ଏହା ଶରୀର ଉପରେ ଭଲ ପ୍ରଭାବ ପକାଇଥାଏ।

## କିପରି ଜାଣିବେ ରଙ୍ଗ ନକଲି ?

*ହୋଲି ହେଉଛି ରଙ୍ଗର ପର୍ବ। ଏହା ସମସ୍ତଙ୍କ ଜୀବନରେ ଆନନ୍ଦ, ଉଲ୍ଲାସ ଓ ଖୁସି ଭରି ଦିଏ। କିନ୍ତୁ ହୋଲି ପାଇଁ ନକଲି ରଙ୍ଗ ବାଛିବା କିଛି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଧ୍ୟାନ ଦେବା ଆବଶ୍ୟକ। କାରଣ ଏହା ଆପଣଙ୍କର ସ୍ୱାସ୍ଥ୍ୟ, ପରିବେଶ ଓ ପ୍ରାକୃତିକ ସମ୍ପଦ ଉପରେ ପ୍ରଭାବ ପକାଇଥାଏ କ୍ଷ ଗତ କିଛି ବର୍ଷ ମଧ୍ୟରେ ପ୍ରାକୃତିକ ରଙ୍ଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି କାରଣ, ଏଗୁଡ଼ିକ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ଉପଯୁକ୍ତ। ଆସନ୍ତୁ ଏହି ବିଷୟ ଉପରେ ଆଲୋଚନା କରିବା।*



### ପ୍ରାକୃତିକ ଓ କୃତ୍ରିମ ରଙ୍ଗ ମଧ୍ୟରେ ପ୍ରଭେଦ

ପ୍ରାକୃତିକ ରଙ୍ଗ ନରମ ହୋଇଥାଏ ଏବଂ ତାହାର ପ୍ରଭାବ ଦୀର୍ଘସ୍ଥାୟୀ ହୋଇନଥାଏ। ଚମଡ଼ାରେ ଲାଗିଲେ ସହଜରେ ଧୋଇ ହୋଇଥାଏ । ଭଲ ଭାବରେ ଧୋଇଲେ ଶୀଘ୍ର ଧୋଇ ହୋଇଯାଏ । କିନ୍ତୁ କୃତ୍ରିମ ରଙ୍ଗ ବେଶୀ କ୍ଷଣସ୍ଥାୟୀ ହୋଇଥାଏ। ଏଗୁଡ଼ିକ ଲାଗିଲେ ଚାମଡ଼ାରେ ଦାଗ ପଡ଼ିଯାଇଥାଏ। ଶରୀରକୁ କ୍ଷତି ପହଞ୍ଚାଇପାରେ। ଯଦି କୌଣସି ଜିନିଷ ଉପରେ କୃତ୍ରିମ ରଙ୍ଗ ଲାଗିଯାଏ, ତାହାକୁ ଛଡ଼ାଇବା କଷ୍ଟ ହୋଇଥାଏ । ଏଥିପାଇଁ ପ୍ରଚୁର ପାଣି ଓ ସାବୁନ ବ୍ୟବହାର କରିବାକୁ ପଡ଼େ। ଏଗୁଡ଼ିକ ଗନ୍ଧଯୁକ୍ତ ହୋଇଥାଏ ।

### ପ୍ରାକୃତିକ ରଙ୍ଗ

ପ୍ରାକୃତିକ ରଙ୍ଗ କହିଲେ ସେଗୁଡ଼ିକୁ ବୁଝାଏ ଯାହା ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ହୋଇଥାଏ । ଏଗୁଡ଼ିକ ବ୍ୟବହାର କଲେ ଆପଣଙ୍କ ଶରୀର କିମ୍ବା ପରିବେଶକୁ କୌଣସି କ୍ଷତି ପହଞ୍ଚିନଥାଏ । ଉଦାହରଣ ସ୍ୱରୂପ - କୁଙ୍କୁମ, ହଳଦୀ, ଲାଲ ଚୁନା, ନିମ୍ବ ପତ୍ର ରସ, ଚକଲେଟ ରଙ୍ଗ ଆଦି। ଏଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ପ୍ରାକୃତିକ ଓ ଜୈବିକ ଅଟେ ଏବଂ ମାନବ ସ୍ୱାସ୍ଥ୍ୟ ପାଇଁ କୌଣସି କ୍ଷତିକାରକ ପ୍ରଭାବ ପକାଏ ନାହିଁ। ନକାରାତ୍ମକ ପରିଣାମ ନାହିଁ ବୋଲି ଏଗୁଡ଼ିକୁ ପ୍ରାକୃତିକ ଓ ଖୁବ ସୁରକ୍ଷିତ ମଧ୍ୟ।

### କୃତ୍ରିମ ରସାୟନିକ ରଙ୍ଗ

କୃତ୍ରିମ ରସାୟନିକ ରଙ୍ଗର ନିର୍ମାଣ ହୁଏ ପ୍ରକ୍ରିୟାକରଣ ଦ୍ୱାରା। ଏଥିରେ ବିଭିନ୍ନ ରାସାୟନିକ ପଦାର୍ଥ ମିଶାଯାଏ। ଏଗୁଡ଼ିକ ପ୍ରଖର ରଙ୍ଗ ଓ କମ ଦାମ ଥିବାରୁ ବଜାରରେ ଅଧିକ ପ୍ରଚଳିତ। କିନ୍ତୁ ଏଗୁଡ଼ିକରେ କେତେକ କ୍ଷତିକାରକ ରାସାୟନିକ ପଦାର୍ଥ ମିଶ୍ରିତ ଥାଏ। କାରଣ ଏଗୁଡ଼ିକ ଲାଗିଗଲେ ଚମଡ଼ା ଜଳିଥାଏ, ଆଖିକୁ କ୍ଷତି ପହଞ୍ଚାଇପାରେ। ପ୍ରବଳ ଭାବେ ବ୍ୟବହାର କଲେ ଶ୍ୱାସକ୍ରିୟା ଜନିତ ସମସ୍ୟା ହୋଇପାରେ। ଏଗୁଡ଼ିକ ପରିବେଶକୁ କ୍ଷତିଗ୍ରସ୍ତ କରିପାରେ । ଗତ କିଛି ବର୍ଷ ଧରି କେନ୍ଦ୍ର ଓ ରାଜ୍ୟ ସରକାର ଏହି କୃତ୍ରିମ ରସାୟନିକ ରଙ୍ଗ ବ୍ୟବହାରକୁ ପ୍ରତିବନ୍ଧିତ କରୁଛନ୍ତି।

### ପ୍ରାକୃତିକ ରଙ୍ଗ କିପରି ଜାଣିବା

ବଜାରରେ ଥିବା ରଙ୍ଗ ସାମଗ୍ରୀ ଉପରେ ଲେବଲ ଦେଖିବା ଉଚିତ। ଯଦି ଲେବଲରେ ପ୍ରାକୃତିକ ଲେଖାଥାଏ, ତେବେ ତାହା ସୁରକ୍ଷିତ। କିଛି ସମୟରେ ଲେବଲରେ ଉପାଦାନଗୁଡ଼ିକର ସୂଚୀ ମଧ୍ୟ ଥାଏ। ଯଦି ସେଗୁଡ଼ିକ କେବଳ ପ୍ରାକୃତିକ ଉତ୍ସରୁ ଆଣିଥାଏ, ତେବେ ଏଗୁଡ଼ିକୁ ବ୍ୟବହାର କରାଯାଇପାରେ। ପରିଚିତ କମ୍ପାନୀର ଉତ୍ପାଦ କିଣିବା ଭଲ କାରଣ ସେମାନେ ପ୍ରାୟତଃ ଗୁଣମାନ ବଜାୟ ରଖନ୍ତି। ଗତ କିଛି ବର୍ଷ ମଧ୍ୟରେ ଜୈବିକ ପ୍ରାକୃତିକ ରଙ୍ଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଗୁଡ଼ିକ ଶରୀର ଓ ପରିବେଶ ପାଇଁ କୌଣସି କ୍ଷତିକାରକ ପ୍ରଭାବ ପକାଏ ନାହିଁ। ଏଣୁ ହୋଲି ପାଳନ କରିବା ପାଇଁ ଜୈବିକ ରଙ୍ଗ ବ୍ୟବହାର କରିବା ଉଚିତ। ଆପଣ ନିଜେ ମଧ୍ୟ ଘରେ ଏହାକୁ ସହଜରେ ପ୍ରସ୍ତୁତ କରିପାରିବେ।





## ଶୁବମନ୍ ଗିଲ୍‌ଙ୍କୁ ଡେଟ୍ କରୁଛନ୍ତି ଅବନୀତ

ଭାରତୀୟ କ୍ରିକେଟର ଶୁବମନ ଗିଲ୍ ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକରଙ୍କୁ ଡେଟ୍ କରୁଥିଲେ ବୋଲି ଖୁବ୍ ଚର୍ଚ୍ଚା ହେଉଥିଲା। ମାତ୍ର ଏବେ ସାରା ନୁହନ୍ତି, ଏହି ଅଭିନେତ୍ରୀଙ୍କୁ ଡେଟ୍ କରୁଛନ୍ତି ଶୁବମନ। ଉଭୟଙ୍କ ଫଟୋ ମଧ୍ୟ ଭାଇରାଲ ହେବାରେ ଲାଗିଛି। ଏହି ଅଭିନେତ୍ରୀ ଜଣକ ହେଲେ ସୁନ୍ଦରୀ ଅବନୀତ କୌର। ସେ ନିକଟରେ ଭାରତର ମ୍ୟାଚ ଦେଖିବାକୁ ଷ୍ଟାଡିୟମରେ ପହଞ୍ଚିଥିଲେ। ଅଭିନେତ୍ରୀ ଜଣକ ଇନ୍‌ଷ୍ଟାଗ୍ରାମରେ ଷ୍ଟାଡିୟମର ଅନେକ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ ସେ ଏକ ଗ୍ଲାମରସ ଲୁକ୍‌ରେ ନଜର ଆସିଥିଲେ। ଅବନୀତଙ୍କ ଏହି ଫଟୋଗୁଡ଼ିକ ସାମ୍ନାକୁ ଆସିବା ପରେ, ୟୁଜର୍ସମାନେ ତାଙ୍କ ନାମକୁ କ୍ରିକେଟର ଶୁବମନ ଗିଲଙ୍କ ସହିତ ଯୋଡ଼ିବା ଆରମ୍ଭ କରିଦେଇଛନ୍ତି। ସମସ୍ତେ ଭାବୁଛନ୍ତି ଯେ, ସେ କେବଳ ଶୁବମନଙ୍କୁ ଉତ୍ସାହିତ କରିବା ପାଇଁ ଷ୍ଟାଡିୟମରେ ପହଞ୍ଚିଥିଲେ। ପ୍ରକୃତରେ ଏହା ପୂର୍ବରୁ ଅବନୀତଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯେଉଁଥିରେ ସେ ତାଙ୍କ ବନ୍ଧୁମାନଙ୍କ ବ୍ୟତୀତ ଶୁବମନଙ୍କ ସହିତ ପୋଜ ଦେଉଥିବାର ଦେଖାଯାଇଥିଲା। ଏହା ଦେଖି ୟୁଜର୍ସମାନେ ଦୁହେଁ ଡେଟିଂ କରୁଥିବା ବିଷୟରେ ଗୁଜବ ପ୍ରଚାର କରିଥିଲେ। ରବିବାର ଯେତେବେଳେ ଭାରତ ଟ୍ରଫି ଜିତିଥିଲା, ଅବନୀତ ମଧ୍ୟ ଏକ ଭିଡିଓ ଶେୟାର କରିଥିଲେ। ଯେଉଁଥିରେ ସେ ମ୍ୟାଚ୍ ଜିତିବାର ଖୁସିରେ ନାଚିଥିବାର ଦେଖିବାକୁ ମିଳିଥିଲା।ତଥାପି ଏପର୍ଯ୍ୟନ୍ତ ଶୁବମନ ଏବଂ ଅବନୀତ ଏହି ଡେଟିଂ ଗୁଜବ ଉପରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଆପଣଙ୍କୁ କହି ରଖୁଛୁ ଯେ, ଅବନୀତ ଜଣେ ଲୋକପ୍ରିୟ ଟିଭି ଅଭିନେତ୍ରୀ। କାମ ବ୍ୟତୀତ, ଅବନୀତ ସୋସିଆଲ ମିଡିଆରେ ମଧ୍ୟ ବହୁତ ଲୋକପ୍ରିୟ। ଇନଷ୍ଟାଗ୍ରାମରେ ତାଙ୍କର ୩୧ ମିଲିୟନରୁ ଅଧିକ ଫଲୋର୍ସ ଅଛନ୍ତି। ଯେଉଁଠାରେ ଅଭିନେତ୍ରୀ ଜଣକ ପ୍ରତିଦିନ ତାଙ୍କର ଚମତ୍କାର ଫଟୋ ସହିତ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରନ୍ତି।





## ଦୀପିକାଙ୍କୁ ଦେଖି ରଣବୀରଙ୍କ ଉଡିଲା ହୋଶ୍

ବଲିଉଡ୍ ଫେମ୍ ଦୀପିକା ପାଦୁକୋଣ ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ପ୍ୟାରିସରେ ଏକ ଫରାସୀ ଲଗଜରୀ ବ୍ରାଣ୍ଡର ହାଉସ ଆମ୍ବାସାଡର ଭାବରେ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି। ସେ ଆଜିକାଲି ପ୍ୟାରିସରେ ଅଛନ୍ତି। ସେଠାରେ ସେ ଆଇଫେଲ ଟାୱାର ସାମ୍ନାରେ ପୋଜ ଦେଇ ତାଙ୍କର ଚମତ୍କାର ଲୁକର ଏକ ଝଲକ ଦେଇଛନ୍ତି। ତାଙ୍କ ଫଟୋ ଦେଖି ତାଙ୍କ ସ୍ୱାମୀ ରଣବୀର ସିଂହ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଦୀପିକା ଧଳା ବ୍ଲେଜର ଏବଂ ମୁଣ୍ଡରେ ଟୋପି ପିନ୍ଧିଥିବା ତାଙ୍କର ଫଟୋ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। କଳା ବଟମ, ମ୍ୟାଚ ହିଲ୍ସ ଏବଂ ହାତରେ ଗ୍ଲୋଭସ ପିନ୍ଧି ସେ ତାଙ୍କର ବ୍ରିଟିଶ ଲୁକ ଦେଖାଇଥିବାର ଦେଖାଯାଉଛି। ଦୀପିକା ସର୍ବନିମ୍ନ ମେକଅପ ଏବଂ ଗାଢ଼ ଲାଲ ଲିପଷ୍ଟିକ ସହିତ ତାଙ୍କର ଲୁକ ଦେଇଥିଲେ ଏବଂ ତାଙ୍କ କାନରେ ଷ୍ଟଡ ପିନ୍ଧିଥିବାର ମଧ୍ୟ ଦେଖାଯାଇଥିଲା। ଦୀପିକାଙ୍କ ଏହି ଲୁକ ଦେଖି କେବଳ ତାଙ୍କ ପ୍ରଶଂସକମାନେ ନୁହେଁ ବରଂ ତାଙ୍କ ସ୍ୱାମୀ ରଣବୀର ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସେ ପୋଷ୍ଟରେ କମେଣ୍ଟ ଦେଇ କହିଛନ୍ତି, ହେ ଭଗବାନ ମୋ ଉପରେ ଦୟା କରନ୍ତୁ। ଦୀପିକା ପାଦୁକୋନ ଏବଂ ରଣବୀର ସିଂହ ୮ ସେପ୍ଟେମ୍ବର ୨୦୨୪ରେ ଝିଅ ଦୁଆକୁ ଏହି ଦୁନିଆରେ ସ୍ୱାଗତ କରିଥିଲେ। ମା' ହେବା ପରେ, ଦୀପିକା କିଛି ମାସ ପାଇଁ ବିରତି ନେଇଥିଲେ। କିନ୍ତୁ ଏବେ ସେ କାମକୁ ଫେରିଛନ୍ତି।

## ବିରଳ ମଣିଷ

## ମୁହଁରେ ଢ଼ାଙ୍କି ହୋଇଛି କେଶ

ମଧ୍ୟପ୍ରଦେଶର ରତ୍‌ନାମ ନିବାସୀ ଲଳିତ ପାଟିଦାର (୧୮)ଙ୍କ ନାମ ଗିନିଜ୍ ୱାଲଡ ରେକର୍ଡସରେ ସ୍ଥାନିତ ହୋଇଛି। ମୁହଁରେ ସବୁଠାରୁ ଅଧିକ କେଶ ଥିବା ବ୍ୟକ୍ତି ଭାବେ ଲଳିତ ଜିଡବ୍ଲ୍ୟୁଆର୍‌ର ଅଧିକାରୀ ହୋଇପାରିଛନ୍ତି। ସେ ଲମ୍ବା ସମୟ ଧରି ହାଇପର୍‌ଟ୍ରିଚୋସିସ୍ ନାମକ ଏକ ବିରଳ ରୋଗରେ ପୀଡ଼ିତ ଅଛନ୍ତି। ଏହି ରୋଗକୁ ୱେରଓଲ୍ଫ ସିଣ୍ଡ୍ରୋମ ମଧ୍ୟ କୁହାଯାଏ, ଯାହାଫଳରେ ମଣିଷଙ୍କ ଚେହେରାରେ ଅନ୍ୟ ଲୋକଙ୍କ ତୁଳନାରେ ଅସାମାନ୍ୟ ଭାବେ କେଶ ଉଠିଯାଇଥାଏ।ସିଣ୍ଡ୍ରୋମ ରୋଗ ଏତେ ବିରଳ ଯେ, ସମଗ୍ର ବିଶ୍ୱରେ ଏହି ରୋଗର କେବଳ ୫୦ଟି ମାମଲା ପଞ୍ଜୀକୃତ ହୋଇଛି। ଜିଡବ୍ଲ୍ୟୁଆର୍ ଅନୁଯାୟୀ, ଲଳିତଙ୍କ ମୁହଁର ପ୍ରତି ବର୍ଗ ସେଣ୍ଟିମିଟର ସ୍ଥାନରେ ୨୦୧.୭୨ କେଶ ରହିଛି। ତାଙ୍କ ଚେହେରାର ୯୫% ଅଂଶ ସମ୍ପୂର୍ଣ୍ଣ ଭାବେ କେଶ ଦ୍ୱାରା ଆଚ୍ଛାଦିତ ହୋଇରହିଛି। ଲଳିତଙ୍କ ମୁହଁରେ ଅତ୍ୟଧିକ କେଶ ଯୋଗୁ ତାଙ୍କ ଚେହେରା ଅନ୍ୟମାନଙ୍କଠାରୁ ଭିନ୍ନ ଦେଖାଯାଇଥାଏ। ଲଳିତଙ୍କ ମୁହଁରେ ଥିବା କେଶ ଏତେ ଘନ ଯେ ତାଙ୍କ ଆଖି ବ୍ୟତୀତ ଆଉ କିଛି ଦେଖାଯାଏନାହିଁ। ତାଙ୍କର ଗାଲ, ନାକ, କପାଳ, ପାଟି, ଓଠ ଆଦି କେଶ ଦ୍ୱାରା ଆଚ୍ଛାଦିତ ହୋଇରହିଥାଏ। ଲଳିତ କହିଛନ୍ତି, ଯେତେବେଳେ ତାଙ୍କୁ ତାଙ୍କ ସହପାଠୀମାନେ ପ୍ରଥମେ ଦେଖିଥିଲେ, ସେତେବେଳେ ସେମାନେ ଡରିଯାଇଥିଲେ। ତେବେ ପରେ ଯେତେବେଳେ ସେମାନେ ତାଙ୍କ ବିଷୟରେ ଜାଣିବାକୁ ଚେଷ୍ଟା କରିଥିଲେ ସେତେବେଳେ ତାଙ୍କ ପ୍ରତି ସହପାଠୀମାନଙ୍କର ଧାରଣା ବଦଳିଥିଲା।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ତହସିଲରେ ନୂଆକରି ତହସିଲଦାର ଭାବେ ଯୋଗ ଦେଇଥିବା ସରୋଜକାନ୍ତ ନାୟକ ଏବେ ଆକ୍ସନ ମୋଡ଼ରେ ଅଛନ୍ତି। ଡେରାବିଶ ବ୍ଲକରେ ବେଆଇନ ବାଲି ଚାଲାଣକୁ ରୋକିବା ପାଇଁ ସେ ଦୃଢ଼ ପଦକ୍ଷେପ ନେଉଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଭୋର ୬ଟା ସମୟରେ ତହସିଲଦାର ନାୟକଙ୍କୁ ତାଙ୍କ ଟିମ୍ ସହ ଚାନ୍ଦୋଳ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ବାଲି ମାଫିଆମାନେ ବିଶେଷକରି ରାତିରେ ଓ ଭୋରରୁ ବେଆଇନ ଭାବେ ଚୋରା ବାଲି ଚାଲାଣ କରୁଥିବାରୁ ତହସିଲଦାର ସେମାନଙ୍କୁ କାବୁ କରିବାକୁ ତାଙ୍କ ଟିମ୍ ସହ ଭୋରରୁ ଛକି ବସିଥିଲେ। ତେବେ ଏହି ସମୟରେ ଏକ ହାଇୱା ବାଲି ବୋଝେଇ କରି ଯାଉଥିବା ବେଳେ ଏହି ଟିମ୍ ତାଙ୍କୁ କଟକ-ଚାନ୍ଦବାଲି ରାଜରାସ୍ତାର ଗଣେଶପୁର ନିକଟରେ ଅଟକାଇଥିଲା। ଏହି ସମୟରେ ଭୟରେ ଡ୍ରାଇଭର ଜଣକ ଗାଡ଼ି ରାସ୍ତାରେ ଛାଡ଼ି ଚମ୍ପଟ ମାରିଥିବା ଜଣାଯାଇଛି। ତେବେ ଗତ ଦୁଇଦିନ ତଳେ ଜିଲ୍ଲାପାଳ ଏକ ପ୍ରେସ୍ ମିଟ୍‌ରେ ଜିଲ୍ଲାରେ ବେଆଇନ ବାଲି ଚାଲାଣକାରୀ ଓ ଇଟା ମାଫିଆଙ୍କ ଉପରେ କଠୋର ପଦକ୍ଷେପ ନେବେ ବୋଲି କହିବା ସହ ଟାସ୍କ ଫୋର୍ସ ଗଠନ କରିଥିଲେ। ଚୋରା ବାଲି ଚାଲାଣକାରୀ ହାଇୱା ସମ୍ପର୍କରେ ତହସିଲଦାର ନାୟକଙ୍କୁ ପଚାରିବାରୁ ସେ କହିଲେ ଆମେ ଏହି ଗାଡ଼ିକୁ ଜବତ କରି ପୋଲିସ ଜିମା ଦେଇଛୁ ଓ ମାଇନ୍ସ ଅଧିକାରୀଙ୍କୁ ରିପୋର୍ଟ ଦେଇଛୁ। ତେବେ ତହସିଲଦାରଙ୍କ ଏଭଳି ଅତର୍କିତ ଚଢ଼ାଉ ସ୍ଥାନୀୟ ଅଞ୍ଚଳରେ ଥିବା ଚୋରା ବାଲି ଚାଲାଣକାରୀ ଓ ଇଟା ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି।

# ରାଜ୍ୟ ସ୍ତରୀୟ ଯୁବ ସମ୍ମିଳନୀ -୨୦୨୫ ଅନୁଷ୍ଠିତ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲାର ପ୍ରମୁଖ କେନ୍ଦ୍ରସ୍ଥଳ ତଥା ରାଜସୁନାଖଳା ସ୍ଥିତ କୋଟଗଡ଼ ଅନନ୍ତ ଆଶ୍ରମ ଠାରେ ଉତ୍କଳୀୟମ ଫାଉଣ୍ଡେସନ ଟ୍ରଷ୍ଟର ରାଜ୍ୟ ସ୍ତରୀୟ ଯୁବ ସମ୍ମିଳନୀ - ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ତଥା ପୁରୀ ସାଂସଦ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ଗିରିଜାକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସୁରେଶ କୁମାର ସ୍ୱାଇଁ, ସମାଜସେବୀ ବ୍ରଜ ସୁବୁଦ୍ଧି, ବାସୁଦେବ ସାହୁ, ବରିଷ୍ଠ ସାମ୍ବାଦିକ ବିଶ୍ୱରଂଜନ ଆଚାର୍ଯ୍ୟ, ଯୁବନେତା ତ୍ରିନାଥ ବିଶ୍ୱାଳ, ଉତ୍କଳୀୟମ ଫାଉଣ୍ଡେସନର ରାଜ୍ୟ ସଂଗଠନର ସାଧାରଣ ସମ୍ପାଦିକା ସୁଚିତ୍ରା ବେହେରା, ରାଜସୁନାଖଳା ସମିତିସଭ୍ୟ ତପନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାକାର୍ଯ୍ୟକୁ ଉତ୍କଳୀୟମ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଆଇନଜୀବୀ ରାଜିବ ଲୋଚନ ପ୍ରଧାନ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। ଅଞ୍ଚଳ ତଥା ରାଜ୍ୟର ବିକାଶରେ ଯୁବ ସମାଜର ଭୂମିକା ସମ୍ପର୍କରେ ଉପସ୍ଥିତ ଥିବା ଅତିଥିମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଉତ୍କଳୀୟମ ଫାଉଣ୍ଡେସନ କେବଳ ଓଡ଼ିଶା ନୁହେଁ ଓଡ଼ିଶା ବାହାରେ ଏକ ଟ୍ରଷ୍ଟ ଭାବେ କାର୍ଯ୍ୟ କରିଆସୁଅଛି। ଏହି ଫାଉଣ୍ଡେସନ ବର୍ତ୍ତମାନ ସୁଧା ୧୧ଟି ରାଜ୍ୟରେ କାର୍ଯ୍ୟ କରିଆସୁଅଛି। ୨୦୧୪ମସିହାରୁ ଉତ୍କଳୀୟମ ଫାଉଣ୍ଡେସନ ପକୃତି, ସଂସ୍କୃତି ଓ ମାନବିକ ଅଧିକାର ସୁରକ୍ଷା କ୍ଷେତ୍ରରେ ସମଗ୍ର ଭାରତ ବର୍ଷରେ କାର୍ଯ୍ୟ କରିଆସୁଛି। ଏବେ ଏହି ସଂଗଠନ ଭୁବନେଶ୍ୱରରେ କେବଳ ଓଡ଼ିଶାରେ ସୀମିତ ହୋଇ ନାହିଁ, ତାହା ଦେଶ ଓ ରାଜ୍ୟ ରାଜ୍ୟ ମଧ୍ୟରେ ପ୍ରସିଦ୍ଧି ଲାଭ କରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଣପୁର ନନ୍ଦପୁର କେଳା କେଳୁଣୀ କଳାର ନିଖୁଣ ଅଭିନୟ ଅଜୟ ଦାସ ଓ ତାଙ୍କ ଗ୍ରୁପ କିଛି ସମୟ ପର୍ଯ୍ୟନ୍ତ ଆକର୍ଷଣୀୟ ତଥା ଚମତ୍କାର ଭାବେ କଳା ପ୍ରଦର୍ଶନ କରିଥିଲେ। ଏଥିରେ ବିଭିନ୍ନ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସାମ୍ବାଦିକ, ସରପଞ୍ଚ, କୁନି ନୃତ୍ୟ ଶିଳ୍ପୀ, ଶିକ୍ଷକ, କବି, କବୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ଦିଆ ଯାଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଅଞ୍ଚଳର କୋଣ ଅନୁକୋଣରୁ ବିଭିନ୍ନ ବ୍ୟକ୍ତି ଯୋଗ ଦେଇଥିଲେ। ଫାଉଣ୍ଡେସନର ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅତିରିକ୍ତ ଜିଲ୍ଲାପାଳ ଭାବେ ତପନ କୁମାର ଖୁଣ୍ଟିଆଙ୍କ ଦାୟିତ୍ୱ ଗ୍ରହଣ

ତେନ୍ତୁଳି ଖୁଣ୍ଟି/ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ତପନ କୁମାର ଖୁଣ୍ଟିଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଖୁଣ୍ଟିଆ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସମ୍ବଲପୁର ଠାରେ କାର୍ଯ୍ୟରତ ଥିଲେ। ନୂତନ ଅତିରିକ୍ତ ଜିଲ୍ଲାପାଳ ଖୁଣ୍ଟିଆ କାର୍ଯ୍ୟରେ ଯୋଗଦେବା ପରେ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଅଧିକାରୀଙ୍କ ସହଯୋଗ କାମନା କରିବା ସହ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନାକୁ ଜନସାଧାରଣ ପାଖକୁ ପହଁଞ୍ଚିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ କର୍ମଚାରୀ ଖୁଣ୍ଟିଆଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ଡେପୁଟି କଲେକ୍ଟର ପି ମନସ୍ମିତା, ଗୀତାଞ୍ଜଳି ବେହେରା, ଚୈନୁ ଗଣ୍ଡ, ସୁବ୍ରତ ବେହେରା, ସହକାରୀ କଲେକ୍ଟର ଆଶୁତୋଷ ପାତ୍ର, ବିନାୟକ ଖାଡଙ୍ଗା, ଶିବ ପ୍ରସାଦ ପାଢ଼ି, ଅଶ୍ୱିନ କୁମାର ମାଝୀ, ହେମନ୍ତ ଶୌରା, ପ୍ରଣତି ମାଝୀ, କବିତା ବ୍ରହ୍ମା, ସଂଯୁକ୍ତା ସାହୁ, ହର୍ଷକ୍ଷ ଜୈନ, ଅଭିନାଶ ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

# ନିଖିଳ ଉତ୍କଳ ପାତ୍ରତନ୍ତୀ କଲ୍ୟାଣ ସମିତିର ବାର୍ଷିକ ସମ୍ମିଳନୀ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ନଗର ଭବନ ଠାରେ ନିଖିଳ ଉତ୍କଳ ପାତ୍ରତନ୍ତୀ କଲ୍ୟାଣ ସମିତିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଡା. ଭୀମରାଓ ଅମ୍ବେଦକରଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ଜଳନ ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କେନ୍ଦୁଝର ସମ୍ପାଦକ ସନ୍ତୋଷ ଦାସ ବାର୍ଷିକ ବିବରଣୀ ପାଠ, ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭାପତି ରାଧେଶ୍ୟାମ ପାତ୍ର, ସମ୍ମାନିତ ଅତିଥି ସମ୍ପାଦକ ବଳଭଦ୍ର ପାତ୍ର, ସମ୍ମାନୀତ ଅତିଥି ସଂଗଠନ ସମ୍ପାଦକ ଚିତରଞ୍ଜନ ପାତ୍ର, ଆଇନ ପରାମର୍ଶଦାତା ନରେଶ ପାତ୍ର, ଝାଡ଼ଖଣ୍ଡ ସମନ୍ୱୟ ପରିଷଦ ପାନ ସ୍ୱଂଶି ଗୁଣାକାର ସମ୍ପାଦକ ବନମାଳି ପାତ୍ର, ହରିଚନ୍ଦନପୁର ବ୍ରଜବନ୍ଧୁ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଶିବ ଚରଣ ପାତ୍ର, ମୟୁରଭଞ୍ଜ ଗୋରୁମହିଷାଣି, ନିଖିଳ ଉତ୍କଳ ପାତ୍ରତନ୍ତୀ କଲ୍ୟାଣ ସମିତି ସମ୍ପାଦକ ପ୍ରମୋଦ କୁମାର ତନ୍ତୀ, ବକ୍ତା କେନ୍ଦୁଝର ଉପଦେଷ୍ଟା କୈଳାଶ ଚନ୍ଦ୍ର ତନ୍ତୀ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ସଭା ପୂର୍ବରୁ ସ୍ୱର୍ଗତଃ ପାଣ୍ଡବ ବେହେରାଙ୍କ ଅମରଆତ୍ମା ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପାତ୍ରତନ୍ତୀ ସମାଜର ଭାଇଭଉଣୀ ଶିକ୍ଷା, ସଂସ୍କୃତି, ପରମ୍ପରା, ଭାଇଚାରା ବଜାୟ ରଖିବାକୁ ଅତିଥିଗଣ ବକ୍ତବ୍ୟ ପ୍ରଦାନ କରିଥିଲେ। ପାଲା ଏବଂ ସମାଜର ପିଲାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ସମାଜସେବୀ ଗୀତାରାଣୀ ପାତ୍ର, ଜଗମୋହନ ଦାସ, ପଦ୍ମିନୀ ବେହେରା, ଡିଲ୍ୟାବ ଡ୍ୟାନ୍ସ ପ୍ରତିଷ୍ଠାତା ଅମରଜ୍ୟୋତି ରଂଜନ ପାତ୍ର ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ସଭାପତି ନିରଞ୍ଜନ ପାତ୍ର, ସମ୍ପାଦକ ସନ୍ତୋଷ ଦାସ, କୋଷାଧ୍ୟକ୍ଷ ମନରଞ୍ଜନ ପାତ୍ର, ସହକୋଷାଧ୍ୟକ୍ଷ ପ୍ରେମାନନ୍ଦ ପାତ୍ର, ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ ପାତ୍ର, ସହସଂଗଠନ ସମ୍ପାଦକ ଜଗବନ୍ଧୁ ପାତ୍ର, ହଳଧର ପାତ୍ର, ଜତିନ୍ଦ୍ର ପାତ୍ର, ସଂଗଠନ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାତ୍ର, ଜଗମୋହନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲା ସଦର ତଥା ଜିଲ୍ଲାର ଅନ୍ୟ ଅଞ୍ଚଳରୁ ଶତାଧିକ ପାତ୍ରତନ୍ତୀ ସମାଜର ଭାଇଭଉଣୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଗ୍ରୀଷ୍ମ ପ୍ରବାହ ଉପରେ ସଚେତନତା କାର୍ଯ୍ୟକ୍ରମ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ସହରସ୍ଥିତ ପାଞ୍ଚପୀଢ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ବିଭାଗ ଓ ମୟୂରଭଞ୍ଜ ବିପର୍ଯ୍ୟୟ ପ୍ରଶମନ ବିଭାଗ ସହଯୋଗ ଓ ଯୁବ ରେଡକ୍ରସ ବିଭାଗର ସହଭାଗିତାରେ ଆଗକୁ ଆସୁଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗ୍ରୀଷ୍ମ ପ୍ରବାହ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଞ୍ଚପୀଢ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟି ଅଧ୍ୟକ୍ଷତା କରିଥିବା ବେଳେ ଯୁବ ରେଡକ୍ରସ ପରାମର୍ଶଦାତା ଓଡ଼ିଆ ଅଧ୍ୟାପକ ମାନସ ରଞ୍ଜନ ବେହେରା ଏହି ଗ୍ରୀଷ୍ମ ପ୍ରବାହ ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ କରିବା ପରେ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ପ୍ରୀୟ ରଞ୍ଜନ ତନ୍ତି ପଦାର୍ଥ ବିଜ୍ଞାନ ର ଅଧ୍ୟାପିକା ଅର୍ଚ୍ଚନା ମାଝୀ ଗ୍ରୀଷ୍ମ ପ୍ରବାହର ଭୟାବହତା ଓ ତାର ପ୍ରତିକାର ସମ୍ବନ୍ଧରେ ଛାତ୍ରୀ ମାନଙ୍କୁ ଅବଗତ କରାଇ ଥିଲେ। ଓଡ଼ିଆ ଅଧ୍ୟାପକ ଓ ପ୍ରାଥମିକ ଉପଚାର ତାଲିମ ଦାତା ମାନସ ରଞ୍ଜନ ବେହେରା ଗ୍ରୀଷ୍ମ ପ୍ରବାହ ରେ ହେଉଥିବା ଅଂଶୁଘାତର ପ୍ରାଥମିକ ଉପଚାର ସମ୍ବନ୍ଧରେ ଉପସ୍ଥିତ ଥିବା ସମସ୍ତଙ୍କୁ ଅବଗତ କରାଇ ଥିଲେ। କାର୍ଯ୍ୟକ୍ରମ ଶେଷ ରେ ଗୃହ ବିଜ୍ଞାନ ଅଧ୍ୟାପିକା ଶୁଭଦର୍ଶିନୀ ଶ୍ୱେତପଦ୍ମା କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ପାଞ୍ଚପୀଢ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ସଚେତନତା ପାଇଁ ଅଂଶୁଘାତ ପ୍ରତି ସାବଧାନ ନାମକ ଲିଫଲେଟ ଛାତ୍ରୀମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି ଗ୍ରୀଷ୍ମ ପ୍ରବାହକୁ କମ କରିବା ପାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତଙ୍କୁ ବୃକ୍ଷ ରୋପଣ କରିବା ପାଇଁ ସଚେତନ କରାଇ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଭୀମସେନ ବେହେରା ସହଯୋଗ କରିଥିଲେ।

# ଲକ୍ଷ୍ମୀନାରାୟଣ ପୂଜା କମିଟି ପୂର୍ବତନ ସଭାପତିଙ୍କ ପରଲୋକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସିନ୍ଦୋଳ ନୂଆପାଟଣା ଲକ୍ଷ୍ମୀନାରାୟଣ ପୂଜା କମିଟିର ପୂର୍ବତନ ସଭାପତି ଭ୍ରମରବର ଦାସଙ୍କ (୯୧)ଙ୍କର ରବିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ ନୂଆପାଟଣା ଲକ୍ଷ୍ମୀନାରାୟଣ ପୂଜା କମିଟର ସଭାପତି ଭାବେ ଦୀର୍ଘଦିନ ଧରି ଦାୟିତ୍ୱରେ ରହି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କ ସଭାପତି ସମୟରେ ନୂତନ ମନ୍ଦିର ନିର୍ମାଣ ଓ ପ୍ରସ୍ତର ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ପ୍ରତି ବର୍ଷ ଲକ୍ଷ୍ମୀନାରାୟଣ ପୂଜାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ବେଳେ ସେ ବିଭିନ୍ନ ସମସ୍ୟାକୁ ସୁଧାରିବାରେ ସକ୍ଷମ ହୋଇଥିଲେ। ସେ ଶେଷ ଜୀବନ ପର୍ଯ୍ୟନ୍ତ ଲକ୍ଷ୍ମୀନାରାୟଣଙ୍କର ଜଣେ ସେବକ ଭାବେ କାର୍ଯ୍ୟ କରି ଆସୁଥିଲେ। ତତ୍‌ସହିତ ସେ ମଧ୍ୟ ଦକ୍ଷ ସଂଗଠକ ଭାବେ ସ୍ଥାନୀୟ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇଥିଲେ। ଆରୁହା ସ୍ଥିତ ସିନ୍ଦୋଳ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠର ପ୍ରତିଷ୍ଠାତା ସଦସ୍ୟ ମଧ୍ୟ ଥିଲେ। ଏଥିସହିତ ସେ ଜଣେ କଳାପ୍ରେମୀ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିବା ବେଳେ ତାଙ୍କ ଉଦ୍ୟମରେ ବିଭିନ୍ନ ନାଟ୍ୟ ସଂସ୍ଥା ନଟ୍ୟ ପରିବେଷଣ କରୁଥିଲେ। ସେଜଣେ ଶାନ୍ତ, ସରଳ, ଅମାୟିକ, ଧର୍ମପରାୟଣ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ, ସରପଞ୍ଚ ସୁପ୍ରଭା ପାଣି ଓ ପୁଷ୍ପାଞ୍ଜଳି ଲେଙ୍କା, କଂଗ୍ରେସ ନେତା, ମୀନକେତନ ସେନାପତି, ଗୋରାବାବୁ ସାହା, ଦୀପକ ଦାସ, ମୁକ୍ତିକାନ୍ତ ବାରିକ, ବିଜେଡି ନେତା ସୁରୋନ୍ଦ୍ର କୁମାର ନାୟକ, ହରିହର ସେନାପତି, ବୈକୁଣ୍ଠନାଥ ପାଣି, କମଳାକାନ୍ତ ଲେଙ୍କା, ପ୍ରବୀର ନାୟକ, ନିତ୍ୟାନନ୍ଦ ବେହେରା, ସମିତିସଭ୍ୟ ନକୁଳ ବାରିକ, ଅଶ୍ୱନୀ ମଲ୍ଲିକ, ବାଇଧର ଜେନା,



ଲକ୍ଷ୍ମୀନାରାୟଣ ପୂଜା କମିଟି କପୀଳେନ୍ଦ୍ର ବାରିକ, ଜଗବନ୍ଧୁ ବାରିକ, ନନ୍ଦକିଶୋର ବାରିକ, ସୁଧାକର ଜେନା, ଘନଶ୍ୟାମ ପରିଡ଼ା, ରବୀନ୍ଦ୍ର ପାଣି, ଦୈତାରୀ ଜେନା ପ୍ରମୁଖ ବହୁ ମାନଗନ୍ୟ ବ୍ୟକ୍ତି ତାଙ୍କ ନୂଆପାଟଣା ସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ବଡ଼ପୁଅ ପ୍ରଦୀପ ଦାସ ମୁଖାଗ୍ନି ଦେଇଥିଲେ।

# ନିପୂଣ ଓଡ଼ିଶା ମେଳା ଅନୁଷ୍ଠିତ

ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ସ୍ତରୀୟ ନିପୂଣ ଓଡ଼ିଶା ମେଳା ଅରଖପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବ୍ଲକ ଶିକ୍ଷାଧିକାରୀ ଏସ.ଗିରିଧରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୁରୁଷୋତ୍ତମପୁର ଏନଏସି କାଉନସିଲର ତଥା ସାମ୍ବାଦିକ ଭାସ୍କର ବେହେରା ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ପଞ୍ଚାୟତର ନାଏବ ସରପଞ୍ଚ ରିନା ଖୁଣ୍ଟିଆ, ମଞ୍ଚ ଉଦଘାଟକ କାର୍ଯ୍ୟକାରୀ ବିଆରସି କିଶୋର ଚନ୍ଦ୍ର ବେହେରା, ନିମନ୍ତ୍ରିତ ସମ୍ମାନିତ ଅତିଥି ସାମ୍ବାଦିକ ପ୍ରସନ୍ନ କୁମାର ଦାସ, ସାମ୍ବାଦିକ ତ୍ରିଲୋଚନ ଦାସ, ଅଖପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ବିଷୋୟୀ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧୋବା ସାହୁ, ନିମନ୍ତ୍ରିତ ଅତିଥି ଭାବେ ଓମ୍ ପ୍ରକାଶ ନାରାୟଣ ପଣ୍ଡା, ଏବିଇଓ କିଶୋର ଚନ୍ଦ୍ର ସାହୁ ମଞ୍ଚରେ ଯୋଗ ଦେଇ ନିପୂଣ ଓଡ଼ିଶା ଉପରେ ଆଲୋକ ପାତ କରିଥିଲେ। ନିପୂଣ ଓଡ଼ିଶା ମିଶନର ଲକ୍ଷ, ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ଦକ୍ଷତା ବୃଦ୍ଧି କରିବା। ଲୋକଗୀତ, ଗପ, ଢଗ, ଲୋକ ନୃତ୍ୟ, ମାଧ୍ୟମରେ ଆନନ୍ଦ ଦାୟୀ ପରିବେଶ ସୃଷ୍ଟି କରି ପିଲାଙ୍କୁ ପଢାଇବା ଉପରେ ବକ୍ତବ୍ୟ ଦେଇଥିଲେ। ଏଥିରେ କନକଓ ସିଆରସିସି ହେମନ୍ତ କୁମାର ବେହେରା, ଝଡ଼ବାଇ ସିଆରସିସି ପ୍ରଦୀପ କୁମାର ବେହେରା, ଭୂତସରସୀଙ୍ଗି ସିଆରସିସି ଦାୟିତ୍ୱରେ ଥିବା ଭଗବାନ ସାହୁ, ସିଆରସିସି କାଳୀ ଚରଣ ଗଉଡ, ବାଘଳ ସିଆରସିସି ସୁଶାନ୍ତ କୁମାର ପୋଲାଇ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରଶଂସା ପାତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ କ୍ଲଷ୍ଟର ୧୭୦ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଅଭିଭାବକ, ଛାତ୍ରଛାତ୍ରୀ ଉପସ୍ଥିତ ରହି ନିପୁଣ ଓଡ଼ିଶାର ପାଞ୍ଚଟି ଷ୍ଟଲ ବୁଲି ଦେଖିଥିଲେ। ପ୍ରଥମ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ର ଛାତ୍ରୀ ଓ ଅଭିଭାବକ ଙ୍କୁ ଏଥିରେ ସାମିଲ କରାଯାଇଥିଲା। ଏବିଇଓ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାନକା ସିଆରସିସି ହେମନ୍ତ କୁମାର ବେହେରା ସଂଯୋଜନା କରିଥିଲେ।

# ବିଏନ୍ଆଇ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବିଏନଆଇ ଭୁବନେଶ୍ୱର ଅଂଚଳର ମହିଳା ଉଦ୍ୟୋଗୀଙ୍କ ସଫଳତା ଏବଂ ସ୍ଥିରତାକୁ ପାଳନ କରି ଏକ କନକ୍ଲେଭ ସହିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିଛି। ଲେମନ ଟ୍ରି ପ୍ରିମିୟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏନଆଇ ସଦସ୍ୟ, ଅତିଥି ଏବଂ ପ୍ରତିଷ୍ଠିତ ବକ୍ତା ଏକତ୍ରିତ ହୋଇ ବ୍ୟବସାୟ ଏବଂ ସମାଜରେ ମହିଳାଙ୍କ ଭୂମିକାକୁ ସମ୍ମାନ ଜଣାଇଥିଲେ। ମାତୃତ୍ୱ ଏବଂ ଗୃହିଣୀରୁ ବିଶିଷ୍ଟ ଉଦ୍ୟୋଗୀ ପର୍ଯ୍ୟନ୍ତ ମହିଳାଙ୍କ ସମ୍ମାନକୁ ଉତ୍ସାହିତ କରୁଥିବା ବିଷୟବସ୍ତୁ ଉପରେ ଆଧାରିତ ଏହି କନକ୍ଲେଭରେ ପ୍ରେରଣାଦାୟକ ବକ୍ତବ୍ୟ, ସଦସ୍ୟ ପରିଚୟ ସାମିଲ ରହିଥିଲା ଏବଂ ଭୁବନେଶ୍ୱରର ଶ୍ରେଷ୍ଠ ମହିଳା ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ବିଏନଆଇ ସ୍ମାର୍ଟସି ଚାପ୍ଟରର ସଭାପତି ସଞ୍ଜିବନୀ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଉଦଘାଟନ କରି ବିଏନଆଇର ମୂଲ୍ୟବୋଧ ଏବଂ ବ୍ୟବସାୟରେ ମହିଳାଙ୍କ ସଶକ୍ତିକରଣର ମହତ୍ୱ ଉପରେ ଆଲୋକପାତ କରିଥିଲେ। ବିଏନଆଇ ସୁପ୍ରିମ୍ ଚାପ୍ଟରର ଉପସଭାପତି ନିବେଦିତା ନାରୁଲା ଏବଂ ବିଏନଆଇ ସ୍ପ୍ଲେଣ୍ଡିଡ ଚାପ୍ଟରର ଉପସଭାପତି ସୁମିଷା ମେହରା ମଧ୍ୟ ନିଜ ଦୃଷ୍ଟିକୋଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଲ୍ଡ କ୍ଲବ୍ ସଦସ୍ୟଙ୍କୁ (୬ରୁ ଅଧିକ ସଦସ୍ୟଙ୍କ ସପୋର୍ଟର), କୋଟିପତି




ଗିଭର୍ସ (୧କୋଟିରୁ ଅଧିକ ବ୍ୟବସାୟ କରୁଥିବା ସଦସ୍ୟଗଣ), ଏବଂ ଗ୍ରୀନ ପିନ ହୋଲ୍ଡର୍ସ (ଚାପ୍ଟରରେ ବିଶେଷ ଅବଦାନ ରଖୁଥିବା ସଦସ୍ୟଗଣ)ଙ୍କୁ ପୁରସ୍କୃତ କରାଯାଇଥିଲା। ବିଏନଆଇ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ ଲଲାନୀ ବିଏନଆଇ ଭିତରେ ମହିଳା ଉଦ୍ୟୋଗୀଙ୍କ ବୃଦ୍ଧି ଦେଖିବାର ନିଜ ଅନୁଭୂତି ବାଂଟିଥିଲେ ଏବଂ ସଫଳତା ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡର କମ୍ୟୁନିଟି ରିଲେସନ୍ସ ଆଣ୍ଡ ସଷ୍ଟେନବିଲିଟି ମୁଖ୍ୟ ଡା. ଲୋପାମୁଦ୍ରା ପ୍ରିୟଦର୍ଶିନୀ ନିଜ କ୍ୟାରିୟର ଯାତ୍ରା ଏବଂ ଦୃଷ୍ଟିକୋଣ ପ୍ରଦାନ କରିଥିଲେ। ଜଣେ ପ୍ରତିଷ୍ଠିତ ଅଙ୍କୋ-ସର୍ଜନ ଡା. ଗରିମା ସାରାଓଗୀ ନିଜ ସ୍ଥିରତା ଏବଂ ସ୍ଥିରତା ଉପରେ ନିଜ ଦୃଷ୍ଟିକୋଣ ସହିତ ଉପସ୍ଥିତ ସଦସ୍ୟମାନଙ୍କୁ ପ୍ରେରଣା ଦେଇଥିଲେ। କଟକର ଭୂମି ପଞ୍ଜୀକରଣର ଡେପୁଟି ଇନ୍ସପେକ୍ଟର ଜେନେରାଲ ଡା. ସ୍ମିତା ମହାନ୍ତି ନିଜ ବୃତିଗତ ଯାତ୍ରା ଏବଂ ଅନୁଭୂତି ବିଷୟରେ କହିଥିଲେ। ଜଗନ୍ନାଥ ହେଲଥ କେୟାର ପ୍ରାଇଭେଟ ଲିମିଟେଡର ସିନିୟର କନ୍ସଲ୍ଟାଂଟ ଏବଂ ଲାପାରୋସ୍କୋପିକ ସର୍ଜନ ଡା. ସଙ୍ଘମିତ୍ରା ସତପଥି ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଉପରେ ଏକ ଉପସ୍ଥାପନା ଦେଇଥିଲେ। ଅନେକ ବିଏନଆଇ ସଦସ୍ୟ ନିଜ ଅନୁଭୂତି, ବିଏନଆଇରେ ଯୋଗଦେବାର ପ୍ରେରଣା, ଏବଂ ସଙ୍ଗଠନଟି ସେମାନଙ୍କ ବ୍ୟବସାୟ ଉପରେ କରିଥିବା ପରିବର୍ତ୍ତନଶୀଳ ପ୍ରଭାବ ସମ୍ପର୍କରେ କହିଥିଲେ। ବିଏନଆଇ ଭୁବନେଶ୍ୱରର ୪୨ଜଣ ମହିଳା ଉଦ୍ୟୋଗୀଙ୍କୁ ସେମାନଙ୍କର ବିଶିଷ୍ଟ ସଫଳତା ଏବଂ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସଞ୍ଜିବାନୀ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜନ ଦଳରେ ସରସ୍ୱେତା ପାତ୍ର, ଅପରାଜିତା ଆଚାର୍ଯ୍ୟ, ନିବେଦିତା ନାରୁଲା, ସୁମିଷା ମେହରା, ଅପରାଜିତା ପ୍ରିୟଦର୍ଶିନୀ, ସସ୍ମିତା ସାହୁ, ଜ୍ୟୋତି ପଟ୍ଟନାୟକ, କପିଳା ନାଗପାଲ, ନିରଜିତା ମହାନ୍ତି, ନିରୁପମା ବିଶ୍ୱାଳ, ଶିମାରେଖା ତାଲୁକଦାର, ଶ୍ରେୟା ମେହରା, ସ୍ମୃତି ଦାଶ, ଟିନା ଦେବତା, ଏବଂ ଜାଦିଦା ଅହମ୍ମଦ ଅନ୍ତର୍ଭୁକ୍ତ ଥିଲେ। ବିଏନଆଇ ଭୁବନେଶ୍ୱରରେ ୭ଟି ଚାପ୍ଟର ଅଛି ଯାହାର ୩୦୮ରୁ ଅଧିକ ସଦସ୍ୟ ଅଛନ୍ତି। ଗତ ୧୨ ମାସରେ ସଦସ୍ୟଗଣ ୧୭୪୨୩ ରେ'ରାଲ୍ ମାଧ୍ୟମରେ ୨୫୫.୯୭ କୋଟିରୁ ଅଧିକ ଆୟ କରିଛନ୍ତି। ବିଏନଆଇ (ବିଜନେସ ନେଟୱାର୍କ ଇଂଟରନ୍ୟାସନାଲ) ହେଉଛି ବିଶ୍ୱର ସର୍ବବୃହତ ବ୍ୟବସାୟ ନେଟୱାର୍କିଂ ସଂସ୍ଥା, ଯାହାର ୭୬ଟି ଦେଶରେ ୧୧,୩୧୫ରୁ ଅଧିକ ଚାପ୍ଟର ଏବଂ ୩.୩୭ ଲକ୍ଷରୁ ଅଧିକ ସଦସ୍ୟ ଅଛନ୍ତି। ବିଏନଆଇ ରେଫରାଲ ମାଧ୍ୟମରେ ବ୍ୟବସାୟଗୁଡ଼ିକର ବିକାଶ ପାଇଁ ଏକ ଗଠନମୂଳକ ଏବଂ ସହାୟକ ବ୍ୟବସ୍ଥା ପ୍ରଦାନ କରେ। ଗତ ୧୨ ମାସ ମଧ୍ୟରେ ବିଏନଆଇ ସଦସ୍ୟମାନେ ବିଶ୍ୱବ୍ୟାପୀ ୨୫.୦୨ ବିଲିୟନ ଡଲାରରୁ ଅଧିକ ବ୍ୟବସାୟ କରିଛନ୍ତି।

## ମୁନ୍‌ସୀ ମେଳଣ ଉଦ୍‌ଘାଟିତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନାରେ ୮୦ତମ ଐତିହାସିକ ମୁନ୍‌ସୀ ମେଳଣ ସୋମବାରୁ ଉଦଘାଟିତ ହୋଇଛି। ଏଥିପାଇଁ ଥାନା ପଡିଆକୁ ବ୍ୟାପକ ଭାବେ ସଜ୍ଜିତ କରାଯାଇଛି। ସୋମବାର ଘଟ ସ୍ଥାପନ ହୋଇ ପୂଜାର୍ଚ୍ଚନା କରାଯାଇଛି। କର୍ତ୍ତା ଓ କର୍ତ୍ତ୍ରୀ ଭାବେ ସବ ଇନ୍ସପେକ୍ଟର ମହାପ୍ରସାଦ ନାୟକ ଓ ପତ୍ନୀ ପ୍ରତିଭା ନାୟକ ସଙ୍କଳ୍ପ କରିଥିଲେ। ସୋମବାର ବରିଷ୍ଠ ନାଗରିକ ଗୋଲକ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳ, ପୁଲିସ ଡି.ଏସ.ପି. ଅଂଶୁମାନ ଦ୍ୱିବେଦୀ, ମେଳଣ କମିଟି ସମ୍ପାଦକ ଅନନ୍ତ ତ୍ରିପାଠୀ, ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ ଅତିଥି ଭାବେ ଯୋଗଦେଇ ପୋଲିସ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ଭାବେ ପରିଚିତ ଏହି ମେଳଣର ବାର୍ତ୍ତା ପୁଲିସ ସେବାକୁ ଅଧିକ ଲୋକାଭିମୁଖି କରିବ ବୋଲି ଆଶା ପ୍ରକାଶ କରିଥିଲେ। ମଙ୍ଗଳବାର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବୁଧବାର ମେଳଣ ସହ ଫଗୁଖେଳ ଅନୁଷ୍ଠିତ ହେବ। ବ୍ରିଟିଶ ପୋଲିସ ମୁନସୀଙ୍କ ଦ୍ୱାରା ଆରମ୍ଭ କରାଯାଇ ଥିବାରୁ ଏହାକୁ ମୁନସୀ ମେଳଣ ନାମରେ ନାମିତ କରାଯାଇଛି। ୧୯୪୨ମସିହା ଐତିହାସିକ ଭାରତଛାଡ




ଆନ୍ଦୋଳନରେ ସାମଲ ହୋଇ ସ୍ଥାନୀୟ ଅଞ୍ଚଳର ସଂଗ୍ରାମୀ ମାନେ ଭଣ୍ଡାରିପୋଖରୀ ଥାନାକୁ ପୋଡି ଦେଇଥିଲେ। ଏହା ପରେ ପୋଲିସର ଦମନଲିଳା ଓ କାର୍ଯ୍ୟାନୁଷ୍ଠାନ ଯୋଗୁଁ ପୁଲିସ ସହ ଜନତାଙ୍କ ସମ୍ପର୍କ ବିଚ୍ଛିନ୍ନ ହୋଇପଡିଥିଲା। ଜନସାଧାରଣଙ୍କ ସହଯୋଗ ବିନା ଥାନା ପରିଚାଳନା କରିବା ଅସମ୍ଭବ ଅନୁଭବ କରି ତତ୍କାଳୀନ ମୁନସୀ ଜନତାଙ୍କ ସହ ପୁଲିସର ସମ୍ପର୍କ ପୁନଃପ୍ରତିଷ୍ଠା ପାଇଁ ଥାନା ପରିସରରେ ଦୋଳ ମେଳଣ ୧୯୪୬ ମସିହାରେ ଆରମ୍ଭ କରିଥିଲେ। ଆଖପାଖର ବିମାନ ସବୁ ଥାନା ପଡିଆରେ ଏକତ୍ର ହୋଇ ପ୍ରଭୁ ଦୋଳ ଗୋବିନ୍ଦଙ୍କ ସହ ପୁଲିସ ଓ ଜନତା ଫଗୁ ଖେଳିବା ଦ୍ୱାରା ସମ୍ପର୍କ ସୁଦୃଢ଼ ହୋଇଥିଲା। ଏହାକୁ ବଜାୟ ରଖିବା ପାଇଁ ପ୍ରତିବର୍ଷ ମୁନସୀ ମେଳଣ ଅନୁଷ୍ଠିତ ହୋଇଆସୁଛି। ଏହାକୁ ଏବେ ଏକ କମିଟି ପରିଚାଳନା କରୁଛି। ଥାନାର ସମସ୍ତ କର୍ମଚାରୀଙ୍କ ସମେତ ମେଳଣ କମିଟିର ସଦସ୍ୟମାନେ ଉତ୍ସବ ଆୟୋଜନ କରୁଛନ୍ତି।

## ଶୁଳିଆପଦା ଥାନାରେ ନୂତନ ଅଧିକାରୀଙ୍କ ଯୋଗଦାନ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ଥାନାର ନୂତନ ଭାରପ୍ରାପ୍ତ ଅଧିକାରୀ ଭାବେ ସତ୍ୟ ନାରାୟଣ ବଳ ଯୋଗଦାନ କରିଛନ୍ତି। ଏହା ପୁର୍ବରୁ ବଳ ପଡୋଶୀ ମୋରଡା ଥାନା ଦାୟିତ୍ୱରେ ଥିଲେ। ଶୁଳିଆପଦା ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ଆଦିତ୍ୟ ପ୍ରସାଦ ଜେନାଙ୍କ ବାରିପଦା ସଦର ଥାନାକୁ ବଦଳି ହେବାପରେ ତାଙ୍କ ସ୍ଥାନରେ ବଳ ଯୋଗଦାନ କରିଛନ୍ତି। ଜନସାଧାରଣ ଓ ପୋଲିସ ମଧ୍ୟରେ ସମନ୍ୱୟ ରକ୍ଷା କରି ଆଇନ୍ ସେବା ଯୋଗାଇ ଦେବେ ବୋଲି ବଳ କହିଛନ୍ତି।

# ଜିଲ୍ଲା ସ୍ତରୀୟ କର୍ମଶାଳା ‘ଲକ୍ଷପତି ଦିଦି’

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ଗ୍ରାମୀଣ ମହିଳାମାନଙ୍କୁ ଅର୍ଥନୈତିକ ସ୍ୱାଧୀନତା ଏବଂ ଉଦ୍ୟୋଗ ମାଧ୍ୟମରେ ସଶକ୍ତ କରିବା, ବିଭିନ୍ନ ଜୀବିକା ଉପରେ କୌଶଳ ବୃଦ୍ଧି ସହ ମହିଳା ସଶକ୍ତିକରଣ ପାଇଁ ‘ଲକ୍ଷପତି ଦିଦି’ସୃଷ୍ଟି କରିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ମହତ ଯୋଜନା ଓ ଅଭିଯାନ ଆରମ୍ଭ ହୋଇଯାଇଅଛି। ଏହି ପରିପେକ୍ଷୀରେ ଆଜି ସ୍ଥାନୀୟ ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ ଠାରେ ଓଡ଼ିଶା ଜୀବିକା ମିଶନ ସୌଜନ୍ୟତାରେ ଜିଲ୍ଲା ସ୍ତରୀୟ କର୍ମଶାଳା ଲକ୍ଷପତି ଦିଦି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ରୂପେ ଏହି କର୍ମଶାଳାରେ ଯୋଗ ଦେଇ ନିଜ ପରିବାରର ଆର୍ଥିକ ଅଭିବୃଦ୍ଧି ପାଇଁ ପରିଶ୍ରମ କରିଥିବା ଏବଂ ସମାଜରେ ନିଜେ ଜଣେ ମହିଳା ଉଦ୍ୟୋଗୀ ଭାବେ ପରିଚୟ ସୃଷ୍ଟି କରି ଲକ୍ଷପତି ଦିଦିମାନଙ୍କୁ ଦୃଢ଼ ମନୋବଳ ଥିବା ମହିଳା ସଶକ୍ତିକରଣର ଏକ ଏକ ଉଦାହରଣ ବୋଲି ସ୍ୱାଗତ ଜଣାଇବା ସହ ପ୍ରୋତ୍ସାହନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ମୁଖ୍ୟ



ଉନ୍ନୟନ ଅଧିକାରୀ ଯଦୁମଣି ନାୟକ, ଡିପିଏମ (ଓଏଲଏମ) ସସ୍ମିତା ସାମନ୍ତରାୟ ମଞ୍ଚାସିନ ଥିଲେ।ନବରଙ୍ଗପୁର ଜିଲ୍ଲାରେ ୧୦ଟି ବ୍ଲକରେ ୮୮୦୨ ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟ ଧାର୍ଯ୍ୟରୁ ବର୍ତ୍ତମାନ ୪୩୧୦ଜଣ ଲକ୍ଷପତି ଦିଦି ତିଆରି ହୋଇଛନ୍ତି ଯେଉଁମାନଙ୍କ ନିଜସ୍ୱ ବାର୍ଷିକ ଆୟ ୧,୦୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ଅଟେ। ଯେଉଁ ଏସଏଚଜି ସଭ୍ୟାମାନଙ୍କର ବାର୍ଷିକ ଆୟ ଏକଲକ୍ଷରୁ ଅଧିକ କିମ୍ବା ଅତିକମରେ ଚାରିଗୋଟି କୃଷି ବା ବ୍ୟବସାୟ ଚକ୍ରରୁ ହାରାହାରି ମାସିକ ଆୟ ୧୦,୦୦୦/- ଟଙ୍କାରୁ ଅଧିକ ହୋଇଥିବା ତାକୁ ଲକ୍ଷପତି ଦିଦି କୁହାଯିବ। ବିଭିନ୍ନପ୍ରକାର ବ୍ୟବସାୟ, କୃଷି ଯେଉଳି କିରାନା ଦୋକାନ, ମକା ଚାଷ, ଗାଈ, ଛେଳି, ମେଣ୍ଢା , କୁକୁଡା ପାଳନ, ବ୍ୟୁଟି ପାର୍ଲର, ସିଲେଇ, ଛତୁ ଚାଷ ପରି ଅନେକ ବୃତିରେ ଜୀବିକା ନିର୍ବାହ କରି ସଫଳ ହୋଇଥିବା ଲକ୍ଷପତି ଦିଦି ଡାବୁ ଗାଁ ବ୍ଲକ୍‌ର ସୁନାମଣି ଭାତ୍ରା, ପାର୍ବତୀ ହରିଜନ, ପାପଡ଼ା ହାଣ୍ଡି ବ୍ଲକର କୁମୁଦିନୀ ସାହୁ, କରୁଣା ନାଗ, ଆରିକା ଭତ୍ରା, ନନ୍ଦା ହାଣ୍ଡିର ମିନି ସାହୁ, ନବରଙ୍ଗପୁର ବ୍ଲକ ର ପଦ୍ମିନୀ ଖାଟି ପ୍ରମୁଖ ମଞ୍ଚା ସିନ ହୋଇ ନିଜ ନିଜର ଜୀବିକା ଅର୍ଜନ, ଅନୁଭୂତି ଓ ଉଦ୍ୟମକୁ ସମସ୍ତଙ୍କ ସାମ୍ନାରେ ରଖିଲେ ଓ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାପାଳ ଡ. ମହାପାତ୍ର ଲକ୍ଷପତି ଦିଦି ମାନଙ୍କର ନିଜ ବ୍ୟବସାୟ ବା କୃଷି ରେ ଆହୁରି ଦକ୍ଷତା ବୃଦ୍ଧି ଓ ଆର୍ଥିକ ଅଭିବୃଦ୍ଧି ପାଇଁ ଆଗକୁ ଉପଯୁକ୍ତ ତାଲିମ ପ୍ରଦାନ ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଫର୍ମରେ ତଥ୍ୟ ପୂରଣ କରିବାକୁ କହିଥିଲେ।କର୍ମଶାଳା ରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ,ଜିଲ୍ଲା ଉଦ୍ୟାନ ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ଡିପିସି, ମିଶନ ଶକ୍ତି, ଏଲଡିଏମ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବିଭାଗର ବିଭିନ୍ନ ସ୍କିମ ଓ ଆର୍ଥିକ ସହାୟତା ଉପରେ ବିଶେଷ ସୂଚନା ଦେଇଥିଲେ। କର୍ମଶାଳାରେ ୪୦୦୦ରୁ ଊର୍ଦ୍ଧ୍ୱ ଲକ୍ଷପତି ଦିଦି, ସମ୍ଭାବ୍ୟ ଲକ୍ଷପତି ଦିଦି, କମ୍ୟୁନିଟି ସପୋର୍ଟ ଷ୍ଟାଫ, ଏସଏଚଜି ସଭ୍ୟା, ଏମବିକେ, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ରଙ୍କ ସମେତ ଓରମାସ ଅଧିକାରୀ, ଡିଆଇପି ଆର୍‌ଓ, ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ହୋଟେଲ୍ ରୁମରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ନିକଟ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ହୋଟେଲ ଆଶା ପ୍ରାଇଡର ରୁମ୍ ନମ୍ବର ୨୦୨ରୁ ଜଣେ ଯୁବକଙ୍କ ମୃତଦେହକୁ ମଙ୍ଗଳବାର ପୋଲିସ ଉଦ୍ଧାର କରିଛି। ସେ ହେଲେ ରାଉଲକେଲା ସେକ୍ଟର-୨୨ ଅଞ୍ଚଳର ଯୁବକ ପ୍ରମୋଦ କୁମାର ମହାକୁଡ଼। ମଙ୍ଗଳବାର ସକାଳୁ ହୋଟେଲର ସଫେଇ କର୍ମଚାରୀ ରୁମ ସଫା କରିବାକୁ ଯାଇଥିବାବେଳେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ହୋଟେଲ ପକ୍ଷରୁ ଏ ସମ୍ପର୍କରେ ଛତ୍ରପୁର ଥାନା ପୋଲିସକୁ ଖବର ଦିଆଯାଇଥିଲା। ଏହାପରେ ଛତ୍ରପୁର ଉପଖଣ୍ଡ ପୋଲିସ ଅଧିକାରୀ ଚନ୍ଦନ ଘଡେଇ, ଥାନାଧିକାରୀ ଦେବାଶିଷ ମହାନ୍ତି, ଏସଆଇ ବିଶ୍ୱଜିତ୍ ନାୟକ ଓ ଟିମ୍ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ କରିଥିଲେ। ଛତ୍ରପୁର ଏସଡିପିଓ କହିଛନ୍ତି ଯେ ମୃତ ଯୁବକଙ୍କ ଘର ରାଉରକେଲାରେ ଏବଂ ତାଙ୍କ ସମ୍ପର୍କୀୟ ଆସିକାରେ ରହୁଛନ୍ତି। ପୂର୍ବରୁ ଉକ୍ତ ଯୁବକ ଗୋପାଳପୁର ପୋର୍ଟରେ ଚାକିରୀ କରୁଥିଲା। ଏଥିପାଇଁ ଛତ୍ରପୁର ଅଞ୍ଚଳର କିଛି ଯୁବକଙ୍କ ସହ ବନ୍ଧୁତା ହୋଇଥିଲା। ସେ ଚାକିରୀ କରିବା ପାଇଁ ଦୁବାଇକୁ ଚାଲିଯିବେ ଏଣୁ ଭୋଜି କରିବା ପାଇଁ ୭ ଜଣ ସାଙ୍ଗକୁ ସୋମବାର ଅପରାହ୍ନରେ ଫୋନ କରି ଡାକିଥିଲା ବୋଲି ଏସଡିପିଓ କହିଛନ୍ତି। ଅପରାହ୍ନରୁ ରାତି ପର୍ଯ୍ୟନ୍ତ ସେମାନେ ମଦ୍ୟ ପାନ କରିଥିଲେ। ପରେ ସାଙ୍ଗମାନେ ଚାଲିଯାଇଥିବା ବେଳେ ହୋଟେଲ ରୁମରେ ଯୁବକ ରାତିରେ ଏକୁଟିଆ ଥିଲା। ମଙ୍ଗଳବାର ସକାଳୁ ତାଙ୍କ ମୃତଦେହ ଦେଖି ହୋଟେଲ କର୍ମଚାରୀମାନେ ପୋଲିସକୁ ଖବର ଦେଇଥିଲେ। ତାଙ୍କ ସାଙ୍ଗମାନଙ୍କୁ ପୋଲିସ ପଚରାଉଚରା କରୁଛି। ଅନ୍ୟପଟେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ମଦ ବୋତଲ ଜବତ ସହ ଫିଙ୍ଗର ପ୍ରିଣ୍ଟ ନେବା ସହ ସବୁ କୋଣରୁ ତଦନ୍ତ କରିଛନ୍ତି।



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଯଅଁଶା ବାରିମୂଳ ପଂଚାୟତ ଅନ୍ତର୍ଗତ ଖାନନଗର ଠାରେ ଲୁଣାନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧରେ ଜଳସମ୍ପଦ ବିଭାଗ ପକ୍ଷରୁ ପଥର ପ୍ୟାକିଂ କାର୍ଯ୍ୟ କରାଯାଉଛି। ତେବେ ଏହି ପଥର ପ୍ୟାକିଂ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଅଂଚଳବାସୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଏହି ସ୍ଥାନରେ ଲୁଣାନଦୀ ତା'ର ତିବ୍ର ସ୍ରୋତ ଫଳରେ ବନ୍ଧ ଖାଇ ଖାଇ ଚାଲିଥିଲା। ଚଳିତ ବର୍ଷ ସାମାନ୍ୟ ବନ୍ୟାରେ ଏହି ସ୍ଥାନରେ ଅତଡ଼ା ବହୁ ପରିମାଣରେ ଖାଇଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ସ୍ଥାନୀୟ ଅଂଚଳବାସୀମାନେ ବନ୍ଧର ସୁରକ୍ଷା ପାଇଁ ଏହି ସ୍ଥାନରେ ପଥର ପ୍ୟାକିଂ କରିବାକୁ ଦାବି କରିଥିଲେ। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ପକ୍ଷରୁ ଟେଣ୍ଡର ମଧ୍ୟ କରାଯାଇଥିଲା। ହେଲେ ଠିକାଦାର ଜଣକ ଏହି ପ୍ୟାକିଂ କାର୍ଯ୍ୟରେ ଖୁବ୍ ଛୋଟଛୋଟ ପଥର ବ୍ୟବହାର କରୁଥିବାରୁ ଏହି ପଥର ପ୍ୟାକିଂ ସ୍ଥାୟୀତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ଏହି ପଥର ପ୍ୟାକିଂ କାର୍ଯ୍ୟରେ ବ୍ୟବହୃତ ପଥର ଗୁଡ଼ିକ ଏକ ଫୁଟରୁ କମ୍ ହୋଇଥିବା ବେଳେ ୧୦୦ ମିଲିମିଟର ଭଳି ମେଷ୍ଟାଲ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଯାହାକି ବନ୍ୟାସମୟରେ ଲୁଣାନଦୀରେ ହେଉଥିବା ତିବ୍ର ସ୍ରୋତରେ ଏହି ଛୋଟ ଛୋଟ ପଥର ଗୁଡ଼ିକ ଅକ୍ଲେଶରେ ଭାସିଯାଇ ବନ୍ଧ ପ୍ରତି ବିପଦ ସୃଷ୍ଟି କରିବ। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି।

# ଶେଷ ଦିନରେ ପ୍ରସିଦ୍ଧ ବଡ଼ଯାତ୍ରା



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଉଦ୍‌ଯାପନି ଦିବସର ଅନ୍ତରାଳେ ମାଲକାନଗିରି ଜିଲ୍ଲାର ପ୍ରସିଦ୍ଧ 'ବଡ ଯାତ୍ରା'। ୪ଦିନ ଧରି ଜିଲ୍ଲା ସଦରରେ ଦେବା ଦେବୀଙ୍କ ବିଭିନ୍ନ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ସହ ପ୍ରାୟ ଏକ ମାସ ଧରି ବିଭିନ୍ନ ରୀତିନୀତି ଅନୁଯାୟୀ ବଡ ଯାତ୍ରାକୁ ନେଇ ମାଲକାନଗିରି ଜିଲ୍ଲା ଓ ଆନ୍ଧ୍ରପ୍ରଦେଶରେ ମଧ୍ୟ ପୂଜା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ମାସେ ଧରି ଭକ୍ତିମୟ ପରିବେଶ ସହ ଚଳଚଞ୍ଚଳ ହୋଇଉଠିଥିଲା ପୁରା ଜିଲ୍ଲା। ତେବେ ଜିଲ୍ଲା ସଦରରେ ବଡ ଠାକୁରଙ୍କ ଏହି ବଡ ଯାତ୍ରା ଶେଷ ହେବା ପରେ ଠାକୁର ଆଜି ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଯାହା ଫଳରେ ଭକ୍ତ ମାନେ ପୁଣି ଆସନ୍ତା ଦୁଇ ବର୍ଷ ପରେ ହେବାକୁ ଥିବା ବଡ ଯାତ୍ରାକୁ ଅପେକ୍ଷାକରି ରହିବେ। ଏହି ପୂଜାରେ ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ ଓ ଓଡିଶାର ବିଭିନ୍ନ ଅଂଚଳରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ତିନିଠାକୁର କାନ୍ନାମରାଜୁ, ବାଲାରାଜୁ ଓ ପୋତରାଜୁଙ୍କ ସହ ମା ମୁତ୍ୟାଲୁମ୍ମାଙ୍କ ଦର୍ଶନ କରି ପୂଜା ଅର୍ଚ୍ଚନା କରିଥିଲେ । ଶହଶହ ଦିଶାରୀ, ପୂଜାରୀ, ଏବଂ ମହିଳା ଓ ପୁରୁଷ ଭକ୍ତ ମାନେ ମହୁରି ବାଦ୍ୟ ସହ ତାଳେତାଳେ କାଳିଶି ନୃତ୍ୟ କରି ବଡ ଠାକୁରଙ୍କୁ ବିଦାୟ ଜଣା ଯାଇଛି। ସେହିପରି ଏହି ଯାତ୍ରା ପାଇଁ ବିଭିନ୍ନ ଗ୍ରାମରୁ ଆସିଥିବା ଲାଠି ରୁପି ଦେବା ଦେବୀ ମାନେ ମଧ୍ୟ ନିଜ ନିଜ ସ୍ଥାନକୁ ଫେରିଯିବେ। ତେବେ ବଡ ଠାକୁରଙ୍କ ଆଗମନ ସମୟରେ ଯେପରି ତାଙ୍କୁ ବିମାନ ଯୋଗେ ନିଆଯାଏ ସେହିପରି ବିଦାୟ ବେଳେ ମଧ୍ୟ ତାଙ୍କୁ ବିମାନ ଯୋଗେ ନେଇ ମାନ୍ୟମକୋଣ୍ଡା ଠାରେ ଛଡା ଯାଇଥାଏ। ତେବେ ଏହି ବଡଯାତ୍ରା ଜିଲ୍ଲା ପାଇଁ କେବଳ ଯେ ଏକ ଯାତ୍ରା ତାହା ନୁହେ ବରଂ ଏହା ଜିଲ୍ଲାର ଏକ ମୁଖ୍ୟ ପର୍ବ ବୋଲି କହିଲେ ଅତ୍ୟୁକ୍ତି ହେବ ନାହି। ତେଣୁ ଏହି ଯାତ୍ରା ଶେଷ ହେବାପରେ ଜିଲ୍ଲାରେ ଲାଗି ରହିଥିବା ଚଳଚଞ୍ଚଳ କମିବାରେ ଲାଗିବ।

# ଜିଲ୍ଲା ସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଅନୁଷ୍ଠିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍):କେନ୍ଦୁଝର ସ୍ଥିତ ଅଡିଟୋରିୟମ ଠାରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଲକ୍ଷପତି ଦିଦିମାନଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଅଭିଭାଷଣରେ ଜିଲ୍ଲା ପ୍ରଶାସନ ସଦାସର୍ବଦା ମହିଳାମାନଙ୍କ ଅର୍ଥନୈତିକ ସ୍ୱାଧୀନତା ଓ ଉଦ୍ୟୋଗ ମାଧ୍ୟମରେ ସଶକ୍ତ କରିବା ପାଇଁ କାର୍ଯ୍ୟ କରୁଥିବା କହିଥିଲେ। ଆଧୁନିକ ମଧ୍ୟ ମହିଳାମାନଙ୍କୁ ବିଭିନ୍ନ ଜୀବିକା ଉପରେ କୌଶଳ ବୃଦ୍ଧି ଉପରେ ଧ୍ୟାନ ଦିଆଯାଇ ସେମାନଙ୍କ ଆର୍ଥିକ ଅଭିବୃଦ୍ଧିକରଣ ସହ ସାମାଜିକ ସଚେତନତା ସୁଦୃଢ଼ କରାଯିବା ପାଇଁ ନିରନ୍ତର ପ୍ରୟାସ କରାଯାଉଛି ଏବଂ ଜିଲ୍ଲା ପ୍ରଶାସନ ସବୁବେଳେ ମା'ମାନଙ୍କ ସହ ଛିଡ଼ା ହୋଇଥିବା ଜିଲ୍ଲାପାଳ ସିଂହ କହିଥିଲେ। ଏଥିସହିତ ଲକ୍ଷପତି ଦିଦି ଭାବରେ ନିଜକୁ ପ୍ରତିଷ୍ଠା କରିପାରିଥିବା ସମସ୍ତ ମହିଳା ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଦ୍ୟୋଗ ସଫଳ ହେବା ନେଇ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପର୍ଶୁରାମ ବେହେରା, ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସକ ଚନ୍ଦ୍ରଶେଖର ରଥ ଓ ନାବାର୍ଡର ଅଧିକାରୀ ଦୀପ୍ତିକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ମାନେ ଉପସ୍ଥିତ ରହିବା ସହିତ ନିଜ ନିଜ ପଞ୍ଚାୟତ ପାଇଁ ଯେଉଁମାନେ ସବୁ ନିଜ ଜୀବିକା ଜରିଆରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜି ନିଜକୁ ଜଣେ ଜଣେ ଲକ୍ଷପତି ଦିଦି ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ସେମାନେ ନିଜର ଅଭିଜ୍ଞତା ସର୍ବ ସମ୍ମୁଖରେ ବାଣ୍ଟି ଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଲକ୍ଷପତି ଦିଦି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ କେନ୍ଦୁଝର ଜିଲ୍ଲାରେ ଏଯାବତ ୨୭,୩୧୮ ଜଣ ମହିଳା ଲକ୍ଷପତି ହୋଇପାରିଛନ୍ତି ଏବଂ ଆଗକୁ ଏହି ସଂଖ୍ୟା ପ୍ରାୟ ୬୦ହଜାର ଛୁଇଁବାର ଆଶା ରଖାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ପବିତ୍ର ମୋହନ ବାରା ସଂଯୋଜନା କରିଥିଲା ବେଳେ ଜିଲ୍ଲା ପ୍ରକଳ୍ପ ସଂଯୋଜିକା ସମ୍ପିଧା ପାଢ଼ି ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକ ସଂଘର ପ୍ରସ୍ତୁତି ବୈଠକ



ତିହିଡ଼ି, (ଭାସ୍କର ନ୍ୟୁଜ୍): ତିହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଂଘର ପ୍ରସ୍ତୁତି ବୈଠକ ଗୁରୁବାରୀ ଭବନରେ ଶିକ୍ଷାବିତ୍ ସୋମନାଥ ପାଢୀଙ୍କ ସଭପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ଆଗାମୀ ବାର୍ଷିକ ଉତ୍ସବ ତା.୨୩.୩.୨୫ ରିଖରେ ତହିଡ଼ି ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପାଳନ କରିବା ପାଇଁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଆଗତ କରାଯାଇଥିଲା। ଏଥିପାଇଁ ବିଭିନ୍ନ ବିଭାଗରେ ଖର୍ଚ୍ଚ ଅଟକଳ କରାଯାଇ ଦାୟିତ୍ୱ ବଣ୍ଟନ କରାଗଲା। ମାନ୍ୟବର ଶିକ୍ଷା ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଉଚ୍ଚ ପ୍ରଶାସନିକ ଅଧିକାରୀମାନଙ୍କୁ ଅତିଥି ଚୟନ କରାଗଲା। ତିହିଡ଼ି ବ୍ଲକର ସାଧାରଣ ସମ୍ପାଦକ ବିଭୂତିଭୂଷଣ ସେନାପତି ବାର୍ଷିକ ଉତ୍ସବ ସମ୍ପର୍କରେ ଏକ ବଜେଟ ଆଗତ କରିଥିଲେ। ଉତ୍ସବଟିକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ବ୍ଲକ କୋଅର୍ଡିନେଟର ସୁରେନ୍ଦ୍ର ନାୟକ ଓ ରଘୁନାଥ ପାତ୍ରଙ୍କ ସମେତ କାର୍ଯ୍ୟକାରୀ ସଭାପତି ଧନେଶ୍ୱର ବିଶ୍ୱାଳ, ଉପସଭାପତି ମହେଶ ପ୍ରସାଦ ନାୟକ, ତିହିଡ଼ି ଜୋନ୍ ସଭାପତି ନିତ୍ୟାନନ୍ଦ ମଲ୍ଲିକ, ସମ୍ପାଦକ ପି.ହୃଷିକେଶ, ସଂଗଠନ ସମ୍ପାଦକ ଜଗନ୍ନାଥ ନାୟକ, ଗୟାଧର ବଳ, ସାହାଡ଼ା ମଣ୍ଡଳ ସମ୍ପାଦକ ବଳରାମ ସେନାପତି, ସଭାପତି ଜୟଦେବ ଦାସ, କୋଷାଧକ୍ଷ କୃତ୍ତିବାସ ଜେନା, ସହ ସମ୍ପାଦକ ସନ୍ନ୍ୟାସୀ ଚରଣ ବ୍ରହ୍ମ, କାର୍ଯ୍ୟକାରିଣୀ ସଭ୍ୟ ଶୀତଳ କୁମାର ବେହେରା, ଅକ୍ଷୟ କୁମାର ବ୍ରହ୍ମ, ରବୀନ୍ଦ୍ର କୁମାର ଦାସ, ହରିଶଚନ୍ଦ୍ର ବାରିକ, ନରହରି ନାୟକ, ବିଷ୍ଣୁ କୁମାର ସାହୁ, ହୃଷିକେଶ ପାଢୀ, ଦଶରଥ ମହାଳିକ, ପ୍ରଫୁଲ୍ଲ କୁମାର ପାଢୀ, ଅନାଦି ଚରଣ ବେହେରା ପ୍ରମୁଖ ବହୁ ବରିଷ୍ଠ କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଉଭିଦ ବିଜ୍ଞାନ ବିଭାଗର ଜାତୀୟ ଆଲୋଚନାଚକ୍ର

ବାରିପଦା, (ଭାସ୍କର ନ୍ୟୁଜ୍): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଉଭିଦ ବିଜ୍ଞାନ ବିଭାଗ ଦ୍ୱାରା ଏକ ଜାତୀୟ ଆଲୋଚନାଚକ୍ର ସଫଳତାର ସହିତ ଆୟୋଜିତ ହୋଇଯାଇଛି। 'ଧାରଣକ୍ଷମ ବିକାଶ ଦିଗରେ ଉଭିଦ ବିଜ୍ଞାନକୁ ପ୍ରୋତ୍ସାହନ' ଶୀର୍ଷକ ଏହି ଦୁଇ ଦିନିଆ ଜାତୀୟ ଆଲୋଚନା ଚକ୍ରର ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ ଆମ୍ଭମାନଙ୍କ ଦ୍ୱାରା ପୃଥିବୀର ବ୍ୟାପକ ହନନଦ୍ୱାରା ଧାରଣକ୍ଷମ ବିକାଶ ବିଷୟ ଉପରେ ଆଲୋଚନା କରିବାର ଅଧିକାର ଆମେ ହରେଇ ସାରିଛୁ ବୋଲି କ୍ଷୋଭ ପ୍ରକାଶ କରିବା ସହ ବ୍ୟାପକ ବୃକ୍ଷରୋପଣ ହିଁ ଏହାର ଏକ ସର୍ବୋତ୍କୃଷ୍ଟ ସମାଧାନ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ତଥା ଉଭିଦ ବିଜ୍ଞାନୀ ପ୍ରଫେସର ପ୍ରଦୀପ କୁମାର ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଉଭିଦ ବିଜ୍ଞାନର ବିଭିନ୍ନ ଆୟାମ ଉପରେ ଆଲୋକପାତ କରିବା ସହ ପୃଥିବୀର ବିଭିନ୍ନ ଆହ୍ୱାନର ମୁକାବିଲା କରିବାରେ ଉଭିଦ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପଶ୍ଚିମବଙ୍ଗର ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ପ୍ରଫେସର ଏ.କେ.ମଣ୍ଡଳ ଧାରଣକ୍ଷମ ବିକାଶରେ ଆନ୍ତଃବିଭାଗୀୟ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ସ୍ଥିତ ସିଏସଆଇଆର-ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡକ୍ଟର ନବୀନ କୁମାର ଧଳ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଉଭିଦ ବିଜ୍ଞାନରେ ବିଭିନ୍ନ ଅଭିନବ ପଦ୍ଧତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଆଲୋଚନାଚକ୍ରର ଆଭିମୁଖ୍ୟ ତଥା ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ଦେଇଥିଲେ। ଆଲୋଚନାଚକ୍ରର ଆବାହକ ତଥା ବିଭାଗୀୟ ମୁଖ୍ୟ ପ୍ରଫେସର କମଳ ଲୋଚନ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ତଥା ବିଭାଗୀୟ ସହକାରୀ ପ୍ରଫେସର ଡ. ସୁଦାମ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରର ଯୁଗ୍ମ କାର୍ଯ୍ୟକାରୀ ସମ୍ପାଦିକା ବିଭାଗୀୟ ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ ଅଧ୍ୟାପିକା ନମିତା ମଣ୍ଡଳ ଓ ଅଧ୍ୟାପକ ସୁଧୀର କୁମାର ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଆଲୋଚନାଚକ୍ରରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଗବେଷକ/ ଗବେଷିକା ଯୋଗଦାନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ।

# ବ୍ଲକସ୍ତରୀୟ ଜୁନିଅର ରେଡ଼କ୍ରସ ଶିବିର




ଭଣ୍ଡାରିପୋଖରୀ,(ଭାସ୍କରନ୍ୟୁଜ୍): ଏହି ବ୍ଲକର ବାରିକପୁର ଉଚ୍ଚ ବିଦ୍ୟାଳୟରେ ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକ ରେଡକ୍ରସ ପ୍ରଶିକ୍ଷଣ ଶିବିର ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ଜୁନିଅର ରେଡକ୍ରସ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ନାୟକ, ବାରିକପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ସୁଜାତା ମଲ୍ଲିକ, ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣା, ଧାମନଗର ବ୍ଲକ ଜୁନିଅର ରେଡକ୍ରସ ସଂଯୋଜକ ଧର୍ମେନ୍ଦ୍ର ବେହେରା, ଭଣ୍ଡାରିପୋଖରୀ ବ୍ଲକ ଜୁନିଅର ରେଡକ୍ରସ ସଂଯୋଜକ ଦେବାଶିଷ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବା, ତ୍ୟାଗ ଓ ବନ୍ଧୁତା ଦ୍ୱାରା ସମାଜର ଗଠନମୂଳକ ବିକାଶ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏହି ଶିବିରରେ ୭୨ ଜଣ ଜୁନିଅର ରେଡକ୍ରସ କାଉନସିଲର ଉଭୟ ବ୍ଲକରୁ ଯୋଗଦେଇଥିଲେ। ସାଧନ କର୍ମୀ ତରଣୀସେନ ଯେନା ଓ ଲିଜା ଦାଶ ଉଭୟ ବ୍ଲକର ଡାଟାବେସ ପ୍ରସ୍ତୁତି, ପ୍ରାଥମିକ ଚିକିତ୍ସା (ଫାଷ୍ଟ ଏଡ), ସଡକ ସୁରକ୍ଷା, ରକ୍ତଦାନ, ଏଡ୍ସ ସଚେତନତା, ବିଦ୍ୟାଳୟସ୍ତରୀୟ କ୍ଲବ ଗଠନ, ଜୁନିଅର ରେଡକ୍ରସର ଇତିହାସର ଗଠନ ଓ କାର୍ଯ୍ୟକାରିତା ଆଧାରିତ ପ୍ରଶିକ୍ଷଣ କାଉନସିଲରମାନଙ୍କୁ ପ୍ରଦାନ କରିଥିଲେ। ଜୋନାଲ ସମ୍ପାଦକ ଜିତେନ୍ଦ୍ର ସାହୁ ଅତିଥି ପରିଚୟ ଓ ଶିକ୍ଷକ ମଦନ ମୋହନ ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିପର୍ଯ୍ୟୟ ବିପଦ ହ୍ରାସ ନିମନ୍ତେ ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍):ନବରଙ୍ଗପୁର ସ୍ଥିତ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱର ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ନବରଙ୍ଗପୁରଙ୍କ ମିଳିତ ସହଯୋଗରେ "ବିପର୍ଯ୍ୟୟ ବିପଦ ହ୍ରାସ ନିମନ୍ତେ ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣ" ଶୀର୍ଷକ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ଏବଂ ତପନ କୁମାର ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱର ଓଏସଡିଏମଏ ର ମହା ପ୍ରବନ୍ଧକ ତାପସ କୁମାର ସେଠୀ ପ୍ରମୁଖ କର୍ମଶାଳା ସଂଚାଳନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ ଉପବିଭାଗର ଡେପୁଟି କଲେକ୍ଟର ଗୀତାଞ୍ଜଳି ବେହେରା ସ୍ୱାଗତ ଭାଷଣ ପ୍ରଦାନ କରି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନା କରିଥିଲେ। ଏହାପରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମହାପ୍ରବନ୍ଧକ ତାପସ ସେଠୀ ତାଙ୍କ ବକ୍ତବ୍ୟରେ କହିଥିଲେ କି ବିପର୍ଯ୍ୟୟ ପରିଚାଳନାରେ ବିପଦ ହ୍ରାସ ନିମନ୍ତେ ପ୍ରଥମ କରି ନୂତନ ଚିନ୍ତାଧାରା ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣକୁ ପରିଚାଳନା ପରିସରଭୁକ୍ତ କରାଯାଇଛି। ଏହି ଖସଡା ପ୍ରସ୍ତୁତିର ମୁଖ୍ୟ କାର୍ଯ୍ୟ ହେଉଛି ବିପର୍ଯ୍ୟୟର ପ୍ରଭାବ ଲିଙ୍ଗ ଭିତ୍ତିରେ ସମ୍ବେଦନଶୀଳ ବା ଦୁର୍ବଳ ବର୍ଗଙ୍କ ଉପରେ କେତେ ମାତ୍ରାରେ ରହୁଛି ଏବଂ ପ୍ରଭାବ ଅନୁସାରେ ସେମାନଙ୍କ ପାଇଁ ପରିଚାଳନାରେ କିଛି ବ୍ୟବସ୍ଥା ରହିଛି କି ନାହିଁ। ଏଥିପାଇଁ ଗୋଟିଏ ଗ୍ରାମ ପଞ୍ଚାୟତରେ କେତେ ମହିଳା, କେତେ ଆସନ୍ନପ୍ରସବା ମହିଳା, କେତେ ତୃତୀୟ ଲିଙ୍ଗୀ, କେତେ ବୃଦ୍ଧ ବୃଦ୍ଧା, ବିଭିନ୍ନ ବୟସର ପୁତ୍ର କନ୍ୟା ସଂଖ୍ୟା, ଛାତ୍ରଛାତ୍ରୀ ସଂଖ୍ୟା, ପୁରାତନ ରୋଗରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ଇତ୍ୟାଦି ବିଭିନ୍ନ ତଥ୍ୟକୁ ନେଇ ଏକ ତଥ୍ୟ ଖସଡା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଏହି ତଥ୍ୟ ଖସଡାକୁ ଆଧାର କରି ବିପର୍ଯ୍ୟୟ ପରିଚାଳନା ପାଇଁ ଭବିଷ୍ୟତର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ ଏବଂ ଆଗାମୀ ସମୟରେ ବିପର୍ଯ୍ୟୟ ମୁକାବିଲା ପାଇଁ ଆବଶ୍ୟକ ଅନୁଯାୟୀ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରୁ ଆସିଥିବା ଲିଙ୍ଗ ବିଶେଷଜ୍ଞ ଆରଣ୍ୟକ ମିଶ୍ର, ପ୍ରକଳ୍ପ ସଂଯୋଜକ ସୁବୋଧ ନାୟକ ପାୱାର ପଏଣ୍ଟ ମାଧ୍ୟମରେ ସମସ୍ତ ବିଷୟରେ ଦଳଗତ ଆଲୋଚନା କରିଥିଲେ। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗର ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ମଳୟ ତ୍ରିପାଠୀ, ଅତିରିକ୍ତ ବନ୍ୟ ସଂରକ୍ଷକ ସୁବାଷ ଚନ୍ଦ୍ର ଖୁଣ୍ଟିଆ, ଡେପୁଟି କଲେକ୍ଟର ଚୈନୁ ଗଣ୍ଡ, ସମୀର କୁମାର ପାତ୍ର, ଉପ ବିଭାଗୀୟ ଅଧିକାରୀ ଜରୁରୀକାଳୀନ ତ୍ରିପତି ବାଲାଜୀ ସାହୁ, ଫକିର ଚରଣ ରାଉତ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ସ୍ୱେଚ୍ଛାସେବୀ ସଂଗଠନ ର ପ୍ରଭଞ୍ଜନ ମିଶ୍ର, ସୁବ୍ରତ ମିଶ୍ର, ଜିଲ୍ଲା ଅଗ୍ନିସମ ଅଧିକାରୀ ଦେବୀ ପ୍ରସାଦ ଦାସ, ଅତିରିକ୍ତ ପ୍ରାଣୀ ଧନ ଚିକିତ୍ସା ଅଧିକାରୀ ଡଃ ପ୍ରଶାନ୍ତ କୁମାର ସାମଲ, ସହ ବିଭାଗୀୟ ପଦାଧିକାରୀ, ସ୍ୱାସ୍ଥ୍ୟ , ଶିକ୍ଷା, ବିଭାଗର କର୍ମଚାରୀ, ମିଶନ ଶକ୍ତିର ସଦସ୍ୟା ଉପସ୍ଥିତ ଥିବାବେଳେ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ନୀଳକଣ୍ଠ ରାଜୁ, ଗଗନ ବିଶୋୟୀ, ମୋବିନା ସୁଲତାନ, ଅଭିନାଶ ପାତ୍ର, ରାମକୃଷ୍ଣ ପୂଜାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଲକ୍ଷପତି ଦିଦି ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା

ଛତ୍ରପୁର, (ଭାସ୍କର ନ୍ୟୁଜ୍): ମିଶନ୍ ଶକ୍ତି ବିଭାଗ ଅନ୍ତର୍ଗତ ଓଡ଼ିଶା ଜୀବିକା ମିଶନ୍ ଦ୍ୱାରା ଓଡିଶାର ପ୍ରତ୍ୟେକ ମହିଳା ଗଣ ଆର୍ଥିକ ସ୍ଥିତିର ସୁଦୃଢ଼ ହୋଇ ସେମାନେ କେମିତି ସ୍ୱାବଲମ୍ବୀ ହୋଇପାରିବେ ସେହି ଲକ୍ଷ୍ୟ ନେଇ 'ଲକ୍ଷପତି ଦିଦି' କାର୍ଯ୍ୟକ୍ରମ, ମଙ୍ଗଳବାର ଏହି ସମ୍ପର୍କିତ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ସଦର ମହକୁମା ଛତ୍ରପୁର ସ୍ଥିତ ଅନସ୍ଲୋ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଏହାର ଶୁଭାରମ୍ଭ କରି ନିଜ ବକ୍ତବ୍ୟରେ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ ଯେ, ଭାରତର ମାନ୍ୟବର ଯଶସ୍ୱୀ ପ୍ରଧାନମନ୍ତ୍ରୀ ତଥା ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଲକ୍ଷ୍ୟ ରହିଛି ପ୍ରତ୍ୟେକ ମହିଳାଙ୍କ ଆର୍ଥିକ ସ୍ଥିତିର ଉନ୍ନତି ହୋଇ ସେମାନେ କିଭଳି ସୁଦୃଢ଼ ହୋଇ ପାରିବେ ସେଥି ଘେନି 'ଲକ୍ଷପତି ଦିଦି' କାର୍ଯ୍ୟକ୍ରମ। ଏହି କର୍ମଶାଳା ଦ୍ୱାରା ମହିଳାଗଣ କିଭଳି ଆତ୍ମ ସ୍ୱାବଲମ୍ବୀ ହୋଇ ପାରିବେ, ବିଭିନ୍ନ ବିଭାଗ ଦ୍ୱାରା ସେମାନଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇ ପ୍ରେରଣା ଯୋଗାଇ ଦିଆଯାଉଛି। ପ୍ରତ୍ୟେକ ମହିଳା କୃଷି ଓ ବ୍ୟବସାୟ ସମ୍ପର୍କିତ ଜ୍ଞାନ ଆହରଣ କରି ବିଭିନ୍ନ ବିଭାଗ ଦ୍ୱାରା ପ୍ରଦତ୍ତ ଯୋଜନାରେ ସାମିଲ ହୋଇ ସେଥିରୁ ଉପକୃତ ହୋଇ ନିଜକୁ ସୁଦୃଢ଼ କରିପାରିବେ। କୃଷିଭିତ୍ତିକ ପନିପରିବା ଚାଷ ତଥା ବ୍ୟାଙ୍କ ସେବା ମାଧ୍ୟମରେ ବିଭିନ୍ନ ରୋଜଗାର ପନ୍ଥା ଗ୍ରହଣ କରି ନିଜର ଆର୍ଥିକ ମାନଦଣ୍ଡର ଉନ୍ନତି ଆଣି ନିଜେ ସ୍ୱାବଲମ୍ବୀ ହେବା ସାଥେ ସାଥେ ନିଜ ପରିବାର ବର୍ଗଙ୍କ ଉନ୍ନତି ଦିଗରେ ଯଥା ଶିକ୍ଷା, ସ୍ୱାସ୍ଥ୍ୟର ଯତ୍ନ ନେଇପାରିବେ। ନିଜ ଗାଁ ତଥା ନିଜେ ବସବାସ କରୁଥିବା ଅଞ୍ଚଳର ସମ୍ବଳକୁ ନେଇ ବିନିଯୋଗ କରିପାରିବେ, ଯଦ୍ୱାରା ନିଜେ ରୋଜଗାର କରି ତାହାର ସଞ୍ଚୟ କରି ଲକ୍ଷପତି ଦିଦି ହେବାର ସୁଯୋଗ ପାଇପାରିବେ। ଏଥି ସକାଶେ ଜିଲ୍ଲା ପ୍ରଶାସନ ସବୁବେଳେ ସହଯୋଗ କରିପାରିବା ସହିତ ଜିଲ୍ଲାର ତଥା ସାରା ରାଜ୍ୟର ଅଭିବୃଦ୍ଧି ଦିଗର ବାଟ ଉନ୍ମୁକ୍ତ ହୋଇପାରିବ ବୋଲି ଜଣାଇଥିଲେ। କର୍ମଶାଳାର ପ୍ରରମ୍ଭରେ ଓଡିଶା ଜୀବୀକା ମିଶନ୍‌ର ଜିଲ୍ଲା ଯୋଜନା ଅଧିକାରୀ ସନ୍ତୋଷ ରଥ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ମଧୁମିତା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କୃଷି, ଉଦ୍ୟାନ, ପଶୁ ସମ୍ପଦ, ମତ୍ସ୍ୟ ବିଭାଗ ପକ୍ଷରୁ ଲକ୍ଷପତି ଦିଦି ନିମିତ୍ତ କ'ଣ ସବୁ ଯୋଜନା ରହିଛି ଏଥିରୁ କିଭଳି ଫାଇଦା ପାଇବେ ତାହା ସମ୍ପୃକ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, ଉଦ୍ୟାନ ବିଭାଗୀୟ ଉପ ନିର୍ଦ୍ଦେଶକ କନ୍ଦ ଜେନା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଶୁଭ୍ରକାନ୍ତ ମହାନ୍ତି, ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ନିମାଇଁ ଚରଣ ବସ୍ତି, ଲିଡ୍ ବ୍ୟାଙ୍କ ପରିଚାଳକ ହିମାଞ୍ଚଳ ସାହୁ, ଜିଲ୍ଲା ଶିଳ୍ପ ବିଭାଗ ସାଧାରଣ ପରିଚାଳକ ହୃଷିକେଶ ବେହେରା, ଓରମାସ୍ ଡେପୁଟି ସିଇଓ ସତ୍ୟ ସୁନ୍ଦର ପାଇଟାଲ ପ୍ରମୁଖ ନିଜ ନିଜ ବିଭାଗର କାର୍ଯ୍ୟକାରିତା, ଯୋଜନା ଏବଂ ଏଥିରୁ କିଭଳି ଲକ୍ଷପତି ଦିଦି ହୋଇ ଲାଭ ପାଇବେ ତାହା କର୍ମଶାଳାଟିରେ ଅବଗତ କରାଇଥିଲେ। ଜିଲ୍ଲାର ଦୁଇ ହଜାରରୁ ଅଧିକ ମହିଳା ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ।

# ଫାର୍ମ ପୋଖରୀ ଖୋଳାରେ ମହାଦୁର୍ନୀତି ଅଭିଯୋଗ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧିନରେ ଫାର୍ମ ପୋଖରୀ ଖୋଳାଯାଇଥିବା ଘଟଣାରେ ମହାଦୁର୍ନୀତି ହୋଇଥିବା ନେଇ ଓଡିଶା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ଗ୍ରାମ ପଞ୍ଚାୟତର ମହେଶପୁର- ଶଙ୍କରପୁର ଗ୍ରାମରେ ଆର୍ଥିକ ବର୍ଷ ୨୦୨୩-୨୪ରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ମନରେଗା ଯୋଜନାରେ କୃଷ୍ଣଚନ୍ଦ୍ର ସାହୁଙ୍କ ଫାର୍ମ ପୋଖରୀ ଖୋଳା ଯାଇଥିଲା। ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଏହି ପୋଖରୀ ଖୋଳାଯିବା ପାଇଁ ୧ଲକ୍ଷ ୮୩ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। ହିତାଧିକାରୀ କୃଷ୍ଣଚନ୍ଦ୍ର ସାହୁ ଖାତା ନମ୍ବର ୬୦ ଓ ପ୍ଲଟ ନମ୍ବର- ୧୧୦ ଉପରେ ଏହି ପୋଖରୀ ଖୋଳିଥିଲେ। ଏହି ଜମିଟି ଗ୍ରାମଦେବୀ ମା'ଅନନ୍ତକୁମାରୀ ଠାକୁରାଣୀଙ୍କ ନାମରେ ରେକର୍ଡ ଭୁକ୍ତ ରହିଛି। ଏତଦ୍‌ବ୍ୟତିତ କେନ୍ଦ୍ର ସରକାରଙ୍କ ମନରେଗା ଯୋଜନାରେ ଖୋଳାଯାଇଥିବା ଏହି ପୋଖରୀ ନିମନ୍ତେ ଜେସିବି ଓ ଟ୍ରାକ୍ଟର ପ୍ରଭୃତି ମେସିନ ବ୍ୟବହାର କରାଯାଇଛି। ମନରେଗା ଯୋଜନାର ଉଦେଶ୍ୟକୁ ସମ୍ପୂର୍ଣ୍ଣ ଭାବେ ପରାହତ କରାଯାଇ ଠାକୁରାଣୀଙ୍କ ଜମିରେ ମେସିନ ଲଗାଇ ପୋଖରୀ ଖୋଳାଯାଇଥିବା ମହାନ୍ତି ଅଭିଯୋଗ କରିଛନ୍ତି। ଏଥିନିମନ୍ତେ ହିତାଧିକାରୀଙ୍କୁ ଏକଲକ୍ଷ ୧୭ହଜାର ୨୪ଟଙ୍କା ପ୍ରଦାନ କରାଯାଇଛି। ଯାହା ସମ୍ପୂର୍ଣ୍ଣ ଆଇନର ବିରୋଧାଚରଣ କରୁଛି। ଏ ସମ୍ପର୍କରେ ଅଭିଯୋଗକାରୀ ମହାନ୍ତି ଜିଲ୍ଲାପାଳ, ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ, ଡେରାବିଶ ବ୍ଲକର ବିଡିଓ, ମୃତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ, କୃଷି ଓ କୃଷକ ଶସକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଏଣୁ ଏହି ପୋଖରୀ ଖୋଳାରେ ମହାଦୁର୍ନୀତି ହୋଇଥିବା ନେଇ ଶଙ୍କରପୁର ଗ୍ରାମବାସୀଙ୍କ ପକ୍ଷରୁ ପ୍ରବୋଧ ମହାନ୍ତି ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବାକୁ ମହାନ୍ତି ଲୋକାୟୁକ୍ତଙ୍କୁ ନିବେଦନ କରିଛନ୍ତି।

# କାର୍ ଧକ୍କାରେ ବିଜେପି ନେତା ଗୁରୁତର, କାର୍ ଚାଳକ ଅଟକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ସିନ୍ଦୋଳ ଗ୍ରାମର ବରିଷ୍ଠ ବିଜେପି ନେତ ନାରାୟଣ ଚନ୍ଦ୍ର ପୃଷ୍ଟି କାର୍ ଧକ୍କାରେ ଗୁରୁତର ଆହତ ହୋଇଥିବା ଜଣା ପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ତିହିଡ଼ି ଓ ପରେ ଭଦ୍ରକ ମେଡ଼ିକାଲକୁ ଚିକିତ୍ସା ପାଇଁ ନିଆଯାଇଛି। ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନରେ ଭଦ୍ରକ-ଚାନ୍ଦବାଲି ରାସ୍ତାର ଆରୁହା ଛକ ନିକଟରେ ଚାନ୍ଦବାଲି ଆଡୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ କାର୍ ଦ୍ରୁତ ଗତିରେ ଆସି ନାରାୟଣ ଯାଉଥିବା ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ନାରାୟଣ ତଳେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିବା ଜଣା ପଡ଼ିଛି। ଏହି ଘଟଣାରେ ପୀରହାଟ ପୁଲିସ କାର୍ ଚାଳକଙ୍କୁ ଅଟକ ରଖିଥିବା ବେଳେ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିଥିବା ଜଣା ପଡ଼ିଛି।

# ଶାକାହାରୀ ରଙ୍ଗଣୀ ସମାଜ ବାର୍ଷିକ ଅଧିବେଶନ ଉଦ୍‌ଘାଟିତ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ରାସୋଳ ଗ୍ରାମ ସ୍ଥିତ ବଡ଼ସାହି ଠାରେ ଶାକାହାରୀ ରଙ୍ଗଣି ସମାଜ ବାର୍ଷିକ ଅଧିବେଶନ ୨୦୨୫ ରବିବାର ଦିନ ଉଦ୍ଘାଟିତ ହୋଇଯାଇଛି। ଶାକାହାରୀ ରଙ୍ଗଣୀ ସମାଜ ଶାଖା ପାତ ପଇତା ତିନି ଶହ ଘରର ସଭାପତି ସୁରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଭୋଳେଶ୍ୱର ଦେବଙ୍କ ପୀଠ ଠାରୁ ସମସ୍ତ ରଙ୍ଗଣୀ ସମାଜର ସଦସ୍ୟଙ୍କ ସହିତ ରାସୋଳ ସମସ୍ତ ରଙ୍ଗଣୀ ସମାଜର ଆବାଳ, ବୃଦ୍ଧ, ବନିତା ଓ ଯୁବକ ଏକତ୍ରିତ ହୋଇ ପଟୁଆର କରି ସାହିକୁ ପ୍ରବେଶ କରିଥିଲେ। ପଟୁଆରରେ ଜାତି ସେନାପତି ଶତ୍ରୁଘ୍ନ ସେନାପତି, ଜଗବନ୍ଧୁ ସେନାପତି ଓ ପାତ୍ର ବୃନ୍ଦାବନ ସାହୁ, କୃଷ୍ଣଚନ୍ଦ୍ର ସାହୁଙ୍କୁ ସ୍ୱାଗତ ସମାରୋହରେ ସଭା ସ୍ଥଳକୁ ପାଛୋଟି ନିଆଯାଇଥିଲା। ବୈଠକ ପ୍ରାରମ୍ଭରେ ବନ୍ଧୁ ସମାବେଶ, ଶୁଭ ଉଦ୍‌ଘାଟନ, ଅତିଥିଙ୍କୁ ମାଲ୍ୟାର୍ପଣ, ପ୍ରାର୍ଥନା, ସାଇ ସଂଖୋଳା, ଛ ଦେଶ ବଞ୍ଚାଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଧାଂଶୁ ଶେଖର ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ କ୍ଷ ସାନପଦର ଗ୍ରାମପଞ୍ଚାୟତ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତିସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର ଏବଂ ନାଏବ ସରପଞ୍ଚଙ୍କ ପ୍ରତିନିଧି ପ୍ରଦୀପ କୁମାର ପାଲଟାସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ଶାକାହାରୀ ରଙ୍ଗଣି ସମାଜ ଶାଖା ପାତ ପଇତା ୩ ଶହ ଘର ଶାଖାର ସଭାପତି ଅଶେଷାନନ୍ଦ ମହଲା, ସମ୍ପାଦକ ବ୍ରହ୍ମାନନ୍ଦ ସାହୁ, ବୁଦ୍ଧିନାଥ ବେହେରା, ଆର୍ତ୍ତବନ୍ଧୁ ମହଲା, ରାଜକିଶୋର ଦାସ, ସୁବ୍ରତ ସାହୁ, ପବିତ୍ର କୁମାର ସାହୁ, କିଶୋର ଦାସ, ରାଜକିଶୋର ମହଲାଙ୍କ ସମେତ ରାସୋଳ ଗ୍ରାମର ୨୫ ଶାକାହାରୀ ରଙ୍ଗଣି ସମାଜ ସହଯୋଗ କରି ପରିଚାଳନା କରିଥିଲେ। ଏହି ବାର୍ଷିକ ଅଧିବେଶନରେ ଶାକାହାରୀ ରଙ୍ଗଣୀ ସମାଜ ତରଫରୁ ଶିକ୍ଷାରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାର ବିକାଶ ପାଇଁ ମାନପତ୍ର ସହିତ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ରାଜ୍ୟ ନିଖିଳ ଉତ୍କଳ ରଙ୍ଗଣୀ ସମାଜ ଶାଖାର ବିଭିନ୍ନ ଜିଲ୍ଲାର ରଙ୍ଗାଣୀ ସମାଜର ଶତାଧିକ ଜାତି ଭାଇମାନେ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ ନୃତ୍ୟ ଓ ମନୋରଂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ପରିଶେଷରେ ସୁଧାଂଶୁ ଶେଖର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ଲଘୁ ଖଣିଜ ଚାଲାଣ, ୪ ଟି ଗାଡି ଜବତ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସ ବେଆଇନ ଭାବେ ବାଲି ନେଇ ଯାଉଥିବା ଗୋଟିଏ ମିନି ଟ୍ରକ ଓ ତିନୋଟି ଟ୍ରାକ୍ଟରକୁ ଜବତ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ ଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ବାଲିମେଳା - କୁଡୁମୁଲୁଗୁମ୍ମା ରାସ୍ତାରେ ପେଟ୍ରୋଲିଂ କରୁଥିବା ବେଳେ ଉକ୍ତ ରାସ୍ତାରେ ଗାଡ଼ିରେ ବାଲି ବୋଝେଇ କରି ଆସୁଥିବା ଗୋଟିଏ ମିନି ଟ୍ରକ ନମ୍ବର -ଓଡି-୧୦-ୱାଇ-୬୯୩୭ ଗାଡି ସହ ଟ୍ରାକ୍ଟର ନମ୍ବର-ଓଡି-୧୦-ଏସ-୨୯୦୩, ଅନ୍ୟ ଏକ ଟ୍ରାକ୍ଟର ନମ୍ବର -ଓଡି -୩୦-ଇ -୦୦୨୧ ଏବଂ ଅନ୍ୟ ଏକ. ନମ୍ବର ବିହୀନ ଟ୍ରାକ୍ଟର ମୋଟ ୪ଟି ବାଲି ବୋଝେଇ ଗାଡି ଗୁଡିକୁ ଅଟକାଇ ଯାଞ୍ଚ କରିଥିଲେ। ଉକ୍ତ ଚାରୋଟି ଯାକ ଗାଡିର ଚାଳକ ମାନେ କୌଣସି କାଗଜପତ୍ର ଦେଖାଇ ପାରିନଥିବାରୁ ଏସ ଆଇ ବରିହା ସମସ୍ତ ଗାଡି ଗୁଡିକୁ ଜବତ କରି ଥାନାକୁ ଆଣିଥିଲେ। ଏ ନେଇ ପୋଲିସ ପକ୍ଷରୁ ଓର୍କେଲ ଥାନାରେ ଚାରୋଟି ଗାଡି ବିରୁଦ୍ଧରେ ବେଆଇନ ଲଘୁ ଖଣିଜ ସାମଗ୍ରୀ ତଥା ବାଲି ସ୍ମଗଲିଙ୍ଗ ଘଟଣାରେ ପୃଥକ ପୃଥକ ମାମଲା କେସ ନମ୍ବର-୭୮, କେସ ନମ୍ବର -୭୯, କେସ ନମ୍ବର- ୮୦ ଏବଂ କେସ ନମ୍ବର -୮୧ ଦଫା-୩୦୩/(୨)(୫) ଆର /ଡବ୍ଲୁ ଦଫା -୧୮ ଅନୁସାରେ ମାମଲା ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଶ୍ରୀଅନ୍ନ ଅଭିଯାନ ସମ୍ବନ୍ଧୀୟ କୃଷକ କର୍ମଶାଳା

ମୁରିବାହାଲ, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଇଚ୍ଛାପଡ଼ା ଗ୍ରାମ ପଞ୍ଚାୟତ ଅନ୍ତଗତ ଅନ୍ତର୍ଲା ଆଶା ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ମଙ୍ଗଳବାର ଦିନ ଶ୍ରୀଅନ୍ନ ଅଭିଯାନ ସମ୍ବନ୍ଧୀୟ ଏକ ଦିବସୀୟ କୃଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉନ୍ନତ ମାଣ୍ଡିଆ ଚାଷୀ ୩ ଜଣକୁ ସମ୍ବର୍ଦ୍ଧନା କରାଯାଇଥିଲା। ଆଶା ମିଲେଟ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ଓ ମୁରିବାହାଲ କୃଷକ ମଞ୍ଚ ମିଳିତ ଅନୁକୁଲ୍ୟରେ ବ୍ଲକର ଶତାଧିକ ମହିଳା ଓ ପୁରୁଷ ମାଣ୍ଡିଆ ଚାଷୀମାନଙ୍କୁ ନେଇ ଏକ ଶ୍ରୀଅର୍ଣ୍ଣ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଆଶା ସଂସ୍ଥାର ସମ୍ପାଦକ ଭାସ୍କର ସାହୁଙ୍କ ସଂଯୋଜନାରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ମାଣ୍ଡିଆ ଚାଷ ଦ୍ୱାରା ଚାଷୀର ଆର୍ଥିକ ବିକାଶ, ମାଣ୍ଡିଆ ବ୍ୟବହାର ଯୋଗୁଁ ମନୁଷ୍ୟର ରୋଗ ମୁକ୍ତ ହେବା ସହ ସରକାରଙ୍କୁ ରିହାତିରେ ମିଳୁଥିବା ଯୋଜନା ବିଶେରେ ଚାଷୀମାନଙ୍କୁ ଆଲୋକ ପାତ କରିଥିଲେ। ସମ୍ମାନନୀୟ ଅତିଥି ଭାବରେ ଜିଲ୍ଲା କୃଷି ଅଧିକାରୀ ବାବୁଲି ଚରଣ ସେଠି, ଏଡିଓ ସୁରେନ୍ଦ୍ର ଘୋଡ଼ା ପ୍ରମୁଖ ଉପସ୍ଥିତ ରହି ମାଣ୍ଡିଆ ଚାଷର ଲାଭ, ମାଣ୍ଡିଆର ଦର ଓ ମାଣ୍ଡିଆର ଉପଯୋଗିତା ବିଷୟରେ ଅବଗତ କରିଥିଲେ। ଏହି ଅବସରରେ ଉନ୍ନତ ମାଣ୍ଡିଆ ଚାଷ କରିଥିବା ୩ ଜଣ ଚାଷୀ ଚନ୍ଦ୍ରମଣି ପଟେଲ, ଆତ୍ମାରାମ ପଟେଲ ଓ ଗଣପତି ଦୀପକୁ ମାନପତ୍ର ଓ ଉତ୍ତରୀୟ ସହ ପୁରସ୍କାର ରାଶି ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।

# କଳା ସଂସ୍କୃତି ସଂଘର ସମୀକ୍ଷା ବୈଠକ ଅନୁଷ୍ଠିତ

ରାୟଗଡ଼ା, (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ର ଅନୁମୋଦନରେ ରାୟଗଡ଼ ଜିଲ୍ଲାପାଳ ପାରୁଲ୍ ପଟୱାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ତଥା ବ୍ଲକ୍ କଳା ସଂସ୍କୃତି ସଂଘ ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଉପ ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ ମଞ୍ଚାସୀନ ହେଇଥିଲେ। ଉକ୍ତ ବୈଠକରେ ଜିଲ୍ଲା ତଥା ବ୍ଲକ୍ କଳା ସଂସ୍କୃତି ସଂଘ ଅଧିକ ସକ୍ରିୟ ଓ ତ୍ୱରାନିତ କରିବା ପାଇଁ ଆଲୋଚନା ହୋଇଥିଲା, ଉପସ୍ଥିତ ଉପ ସଭାପତି ନିଜ ନିଜ ନିଜ ଅଞ୍ଚଳର ସମସ୍ୟା ଗୁଡ଼ିକ ଉପସ୍ଥାପନ କରିଥିଲେ ଏହା ସହ ସମସ୍ତ ପଞ୍ଜୀକୃତ ଲୋକକଳାଙ୍କୁ କେମିତି ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ହେବ ଏଥିପାଇଁ ଦୃଷ୍ଟି ଦେବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସମସ୍ତ ସମସ୍ୟାକୁ ଶୁଣିବା ପରେ ସମସ୍ତ ସମସ୍ୟାର ସମାଧାନ ପାଇଁ ଉଚିତ୍ ପଦକ୍ଷେପ ନିଆଯିବ ବୋଲି କହିଥିଲେ ଏହି ସମୟରେ ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ସନ୍ତୋଷ କୁମାର ବଛା, ରାୟଗଡ଼ା ବ୍ଲକ୍ ଉପ ସଭାପତି ସନ୍ତୋଷ କୁମାର ତାଣ୍ଡି,ରାୟଗଡ଼ା ନଗରରୁ ଜେ ସୁକାନ୍ତ, କାଶିପୁର ବ୍ଲକ ଉପ ସଭାପତି କୃଷ୍ଣ ଚନ୍ଦ୍ର ପୂଜାରୀ, ବିଷମକଟକ ବ୍ଲକ୍ ଉପ ସଭାପତି ମଧୁସୂଦନ ମହାପାତ୍ର, ଗୁଣପୁର ବ୍ଲକ୍ ଉପ ସଭାପତି ଅଗନ୍ତି ଶବର,ଗୁଣପୁର ନଗରରୁ ସୋମନାଥ ପାଣି, ରାମନାଗୁଡ଼ା ବ୍ଲକ୍ ଉପ ସଭାପତି ରମେଶ ଶବର, ମୁନିଗୁଡା ବ୍ଲକ୍ ଉପ ସଭାପତି ଲକ୍ଷ୍ମୀକାନ୍ତ ନାୟକ, କୋଲନରା ବ୍ଲକ୍ ଉପ ସଭାପତି ତ୍ରିପତି କଣ୍ଡାବଂଶ, ପଦ୍ମପୁର ବ୍ଲକ୍ ଉପ ସଭାପତି ଶ୍ୟାମ ସୁନ୍ଦର୍ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ସୋମବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ନୂଆଗଡ ସାମୁଦ୍ରିକ ଥାନା ଅନ୍ତର୍ଗତ ଝାଡ଼ଲିଙ୍ଗ ଉଚ୍ଚ ବିଦ୍ୟାଳୟ ରେ ସାମୁଦ୍ରିକ ଥାନାଅଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ପୂର୍ବରୁ ପ୍ରଚଳିତ ଇଣ୍ଡିଆନ ପେନାଲ କୋଡ଼ ପରିବର୍ତ୍ତେ ଗତ ୧ଜୁଲାଇ ୨୦୨୪ ରିଖରୁ ପ୍ରଚଳିତ ୩ ନୂତନ ଆଇନି ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ସାକ୍ଷ୍ୟ ଅଧିନିୟମ ଉପରେ ସଚେତନ କରିବା ସହ ପୂର୍ବ ଇଣ୍ଡିଆନ ପେନାଲ କୋର୍ଡ ପରିବର୍ତ୍ତେ ବର୍ତ୍ତମାନ ପ୍ରଚଳିତ ନିୟମ ଘଟଣା ଘଟିବାର ଯେକୌଣସି ସ୍ଥାନ ରାଜ୍ୟ ବାହାରେ ହେଉ ଅବା ରାଜ୍ୟର ଯେକୌଣସି ସ୍ଥାନ ହେଉ ସେଠାରେ ମକଦମା ରୁଜୁ କରିପାରିବେ ଯଦ୍ୱାରା ତଦନ୍ତରେ ବାଧା ସୃଷ୍ଟି ହେବନାହିଁ। ଏହି ସଚେତନ କାର୍ଯ୍ୟକ୍ରମରେ ନୂଆଗଡ ସାମୁଦ୍ରିକ ଥାନା ଏଏସଆଇ ଯୁଧିଷ୍ଠିର ସାହୁଙ୍କ ସହ ପୋଲିସ କର୍ମଚାରୀ, ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ୍ କଳାପଥର ଖାଦାନକୁ ଘେରିଲେ ଗ୍ରାମବାସୀ



ଧର୍ମଶାଳା(ଭାସ୍କର ନ୍ୟୁଜ): ଧର୍ମଶାଳା ତହସିଲ ଅଧିନସ୍ଥ ଆରୁହା(ଜାବରା) କଳାପଥର ୨ଟି ଖାଦାନରେ ବେଆଇନ୍ ଭାବେ ପଥର ଉତ୍ତୋଳନକୁ ପ୍ରଶାସନ ଦୃଷ୍ଟି ନଦେବାରୁ ସ୍ଥାନୀୟ ଲୋକମାନେ ଖାଦାନରେ ଧାରଣା ଦେବା ସହିତ ବ୍ୟବହୃତ ଗାଡ଼ି ଗୁଡ଼ିକ ଜବତ କରି ପୋଲିସ୍ ଜିମା ଦେଇଛନ୍ତି । ଗତକାଲି ଏହି ଘଟଣା ଘଟିଥିଲେ ମଧ୍ୟ ଆଜି ସଂଧ୍ୟା ଯାଏଁ ସ୍ଥାନୀୟ ଲୋକମାନଙ୍କ ସହ ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହି ସମସ୍ତ ଗାଡ଼ି ସିଜ୍ କରିବାକୁ ଧରଣାରେ ବସିଥିବା ଜଣାଯାଇଛି । ସୂଚନା ଯୋଗ୍ୟ ଯେ, ଆରୁହା ପାହାଡ଼ର ୨ଟି ଖାଦାନ ରହିଛି । ମନୋଜ କୁମାର ସାମଲ ଓ ଶରତ ଜେନାଙ୍କୁ ଏହି ଖାଦାନ ୨ଟି ଲିଜ୍ ଦିଆଯାଇଥିଲା । ମାତ୍ର ଶରତ ଜେନାଙ୍କର ପରିବେଶ ମଞ୍ଜୁର ନଥିବା ବେଳେ କଳାପଥର ଖନନ କାର୍ଯ୍ୟ ଅବ୍ୟାହତ ରଖିଛନ୍ତି । ସେହିପରି ମନୋଜ କୁମାର ସାମଲ ଅନୁମତି ଠାରୁ ଅଧିକ ଉତ୍ତୋଳନ କରିବାରୁ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଗତ ଜାନୁଆରୀ ୧୭ ତାରିଖରେ ଖାଦାନ ଖନନ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସତ୍ତ୍ୱେ ଖାଦାନ ଗୁଡ଼ିକରୁ ୨ ବେଆଇନ୍ ଖନନକାରୀ ଦିନକୁ ଶହ ଶହ ଟ୍ରିପ୍ କଳାପଥର ଖନନ କରାଯାଇ ଚାଲାଣ କରାଯାଉଥିଲା । ପଥର ବ୍ଲାଷ୍ଟିଂ ଶବ୍ଦରେ ସ୍ଥାନୀୟ ଅଞ୍ଚଳରେ ସବୁ ଘର କାନ୍ଥରେ ଫାଟ ସୃଷ୍ଟି ହୋଇଛି । ବ୍ଲାଷ୍ଟିଂରେ ବ୍ୟବହୃତ ବିଷାକ୍ତ ଆମୋନିଆ ସାର ଯୋଗୁଁ ଜଳ ପ୍ରଦୁଷିତ ହେଉଛି । ଫଳରେ ସ୍ଥାନୀୟ ଲୋକେ ଚର୍ମରୋଗ ଓ କିଡ଼ନୀରୋଗରେ ପୀଡ଼ିତ ହେଉଛନ୍ତି । ସୋମବାର ଦିନ ଅପରାହ୍ନରେ ସ୍ଥାନୀୟ ଲୋକମାନେ ଖାଦାନରେ ପହଁଞ୍ଚି ଧାରଣା ଦେବା ସହ ବ୍ୟବହୃତ ୬ଟି କମ୍ପ୍ରେସର, ୪ଟି ଜେସିବି, ୨ଟି ହାଇୱା ଓ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଥିଲେ । ଧାରଣାକାରୀମାନେ ଧର୍ମଶାଳା ପୋଲିସ୍‌କୁ ଖବର ଦେଇଥିଲେ । ଧର୍ମଶାଳା ଭାଜପା ନେତ୍ରୀ ସ୍ମୃତିରେଖା ପହି ଘଟଣାସ୍ଥଳରେ ପହଁଞ୍ଚି ବେଆଇନ୍ ପାହାଡ଼ ଖନନକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଥିଲେ । ଯାଜପୁର ଖଣି ବିଭାଗ ଅଧିକାରୀ ଝସ୍‌କେତନ ସେଠୀ ଆଜି ଘଟଣାସ୍ଥଳରେ ପହଁଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଆଇନ୍ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝି ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ସହ ଆଇନ୍ ଶୃଙ୍ଖଳା ତଦାରଖ କରିଥିଲେ । ଆଇନ୍ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଧର୍ମଶାଳା ଅତିରିକ୍ତ ତହସିଲଦାର୍ ଭବେଶ୍ ମାଝି ମାଜିଷ୍ଟ୍ରେଟ୍ ଭାବେ ଯୋଗ ଦେଇଥିଲେ । ଆରୁହା ଗ୍ରାମର ପୂର୍ବତନ ସରପଞ୍ଚ ତ୍ରିନାଥ ଜେନା ଓ ଅନିଲ୍ ସାମଲ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବେଆଇନ୍ ବ୍ଲାଷ୍ଟିଂ ଯୋଗୁଁ ରାତିରେ ଆମେ ଓ ଆମ ପରିବାର ଲୋକେ ଭଲରେ ଶୋଇପାରୁନାହୁଁ । ବ୍ଲାଷ୍ଟିଂ ଯୋଗୁଁ ପାନୀୟ ଜଳ ବିଷାକ୍ତ ହୋଇପଡୁଛି । ଫଳରେ ସ୍ଥାନୀୟ ଲୋକମାନେ କିଡ଼ନୀ ଓ ଚର୍ମ୍ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ ଯେ, ରାଜ୍ୟରେ ବେଆଇନ୍ ଖନନ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ଧର୍ମଶାଳାରେ ଏହା କାହିଁକି କାର୍ଯ୍ୟକାରୀ ହେଉନି ବୋଲି ପ୍ରଶ୍ନ କରିଥିଲେ । ଜବତ ଗାଡ଼ି ଗୁଡ଼ିକୁ ପୋଲିସ୍ ଏଠାରୁ ଥାନାକୁ ନ ନେବା ଯାଏ ଗଣଧାରଣା ରାତି ହେଲେମଧ୍ୟ ଅବ୍ୟାହତ ରହିବ । ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝିଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଜବତ ହାଇୱା, କମ୍ପ୍ରେସର୍ ଗାଡ଼ିଗୁଡ଼ିକ ସଂଧ୍ୟା ସୁଧା ଥାନାକୁ ଅଣାଯାଇଛି । ଅବଶିଷ୍ଟ ଜବତ୍ ଗାଡ଼ିଗୁଡ଼ିକ ଥାନାକୁ ଅଣାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ସୂଚନା ଦେଇଛନ୍ତି ।

# ପିସିସି ସଭାପତିଙ୍କୁ ସାକ୍ଷାତ କଲେ ମାଗୁଣି ଜେନା



ବଡଚଣା(ଭାସ୍କର ନ୍ୟୁଜ): ନବ ନିଯୁକ୍ତ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କୁ ଭୁବନେଶ୍ୱର ସ୍ଥିତ ନିଜ ବାସଭବନରେ ଯାଜପୁର ଜିଲ୍ଲା କଂଗ୍ରେସ ଲୋକସଭା ପ୍ରଚାର କମିଟିର ପୂର୍ବତନ ଅଧ୍ୟକ୍ଷ ମାଗୁଣି ଚରଣ ଜେନା ସୌଜନ୍ୟ ମୂଳକ ସାକ୍ଷାତ୍ କରିବା ସହିତ ଗତକାଲି ସମଗ୍ର ଓଡିଶାରେ ନାରୀ ନିର୍ଯାତନା ବୃଦ୍ଧି ପାଇବା ବିରୁଦ୍ଧରେ କଂଗ୍ରେସ ଦଳ ପକ୍ଷରୁ ହୋଇଥିବା ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉର ସଫଳତା ପାଇଁ ଶ୍ରୀ ଜେନା ପିସିସି ସଭାପତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏଥି ସହିତ ଦଳିତମାନଙ୍କ ଉପରେ ବୃଦ୍ଧି ପାଉଥିବା ନିର୍ଯାତନା, ଭୁମି ହିନ ସମସ୍ୟା, କ୍ରୋମାଇଟ, ଟାଟାମାଇନ୍ସରେ ବ୍ୟାପକ ଅନିୟମିତତା, ମାଙ୍କିଡିଆ ଜନଜାତିଙ୍କ ସମସ୍ୟା, ବେକାରୀ ସମସ୍ୟା, ସୁକିନ୍ଦାଖଣି, କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ନିଯୁକ୍ତି ସମସ୍ୟା, ଭାଗଚାଷୀ ସମସ୍ୟା, ଚାଷୀଙ୍କ ଅଭାବୀ ଧାନବିକ୍ରୀ, ପରିବା ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ନିର୍ମାଣ, ଜୟ ବାପୁ, ଜୟ ଭୀମ, ଜୟ ସଂବିଧାନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ପିସିସି ସଭାପତି ଶ୍ରୀ ଦାସ ଆମ୍ବେଦକର ପ୍ରେମୀମାନଙ୍କୁ କଂଗ୍ରେସ ଦଳରେ ସାମିଲ କରିବା ସହିତ ଗ୍ରାମାଞ୍ଚଳରେ କଂଗ୍ରେସ ସଙ୍ଗଠନକୁ ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଶ୍ରୀ ଜେନାଙ୍କ ସହିତ ବହୁ କଂଗ୍ରେସ କର୍ମୀ ପିସିସି ସଭାପତିଙ୍କୁ ସାକ୍ଷାତ କରିଥିଲେ।

# ଜିଲ୍ଲା ମହୋତ୍ସବ କଲ୍ଲୋଳ-୨୦୨୫ ପାଳନ ପ୍ରସ୍ତୁତି ବୈଠକ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲା ମହୋତ୍ସବ କଲ୍ଲୋଳ-୨୦୨୫ ପାଳନ ନିମନ୍ତେ ସାଂସ୍କୃତିକ ଓ ପ୍ରଦର୍ଶନୀ ସବ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶସମ୍ବିତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଂସ୍କୃତିକ ସବ୍- କମିଟି ଓ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶରବି ନାରାୟଣ ଜେଠୀଙ୍କ ଅଧ୍ୟକ୍ଷତାରେ ପ୍ରଦର୍ଶନୀ ସବ୍‌କମିଟିର ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ,ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା,ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଉପସ୍ଥିତ ରହି ଆସନ୍ତା ଏପ୍ରିଲ୍ ୧ ତାରିଖରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଜିଲ୍ଲା ମହୋତ୍ସବ- କଲ୍ଲୋଳ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ରେ ଆୟୋଜିତ ହେବ ବୋଲି ସୂଚନା ଦେଇଥିଲେ। ଏହାପରେ ମହୋତ୍ସବ ର ଉଦଘାଟନୀ ଉତ୍ସବରେ ସାଂସ୍କୃତିକ ଶୋଭାଯାତ୍ରା, ଜିଲ୍ଲା ସ୍ତରୀୟ ପଲ୍ଲୀଶ୍ରୀ ମେଳା, ରାଜ୍ୟ ତଥା ରାଜ୍ୟ ବାହାରର ଷ୍ଟଲ୍, ସୁସ୍ୱାଦୁ ଖାଦ୍ୟ ମେଳା, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ପାନୀୟ ଜଳଯୋଗାଣ ଆଦି ବିଷୟ ରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକ ରେ ଜିଲ୍ଲା ମହୋତ୍ସବର ମଞ୍ଚ ନିର୍ମାଣ, ୫ ଦିନର କାର୍ଯ୍ୟସୂଚୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନୀୟ ସାଂସ୍କୃତିକ ଦଳଙ୍କ ଚୟନ ତଥା ଆବେଦନ ତାରିଖ ଘୋଷଣା, ୫ ଦିନ ବ୍ୟାପୀ ସ୍ୱାଗତ ସଙ୍ଗୀତ, ଉପସ୍ଥାପିକା/ଉପସ୍ଥାପକ ଚୟନ ଓ ପାରିଶ୍ରମିକ, ସାଂସ୍କୃତିକ ଦଳଙ୍କର ପାରିଶ୍ରମିକ, ଖାଦ୍ୟପେୟ, ଯାତାୟତ ଓ ରହଣୀ, ଚିତ୍ରକଳା ପ୍ରଦର୍ଶନୀ, ରାଜ୍ୟ ଓ ଜାତୀୟ ସ୍ତରୀୟ କଳାକାର ଚୟନ, ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ଆଲେଚନା କରାଗଲା। ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ବିଭିନ୍ନ ସାଂସ୍କୃତିକ ଦଳ ଆସନ୍ତା ୧୭ ତାରିଖ ସୁଦ୍ଧା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଆବେଦନ ପତ୍ର ଦାଖଲ କରିବାପାଇଁ ଧାର୍ଯ୍ୟ କରାଗଲା। ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ସ୍ୱାଗତ ଭାଷଣ ଓ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକକୁ ଆଗେଇ ନେଇଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜନଗର ପୂର୍ତ୍ତ ବିଭାଗ କାର୍ଯ୍ୟକୁ ବିନା ଟେଣ୍ଡରରେ ବିକିଦେଲେ ଅଧିକାରୀ, ଠିକାଦାର ହତାଶ



ରାଜନଗର(ଭାସ୍କର ନ୍ୟୁଜ): ସରକାର ଲୋକମାନଙ୍କ ହିତରେ ଗମନାଗମନ ରାସ୍ତାକୁ ଉଚ୍ଚ କୋଟିର କାର୍ଯ୍ୟ କରିବାକୁ ପୂର୍ତ୍ତ ବିଭାଗକୁ ବହୁ ଅର୍ଥ ଯୋଗାଇ ଦେଉଛନ୍ତି। ହେଲେ ରାସ୍ତାର କାର୍ଯ୍ୟ ୩୦ଭାଗ ହେଲେ ବଳକା ଅର୍ଥ ନେତା ଠିକାଦାର ଓ ଯନ୍ତ୍ରୀଙ୍କ ପକେଟକୁ ଯାଉଥିବାରୁ ରାସ୍ତାର ଅବସ୍ଥା ଯେଉଁ ତିମିରକୁ ସେହି ତିମିରେ ପରିଣତ ହେଉଥିବା ଅଭିଯୋଗ ହେଉଛି। ଏପରି ଅଭାବନୀୟ ଘଟଣା ଦୀର୍ଘବର୍ଷ ହେବ ଦେଖିବାକୁ ମିଳୁଛି ରାଜନଗର ଗୃହ ଓ ପୂର୍ତ୍ତ ବିଭାଗ ସବ୍‌ଡିଭିଜନରେ। ଏଠାରେ ନେତା ଓ କର୍ମୀଙ୍କୁ ଖୁସ୍ କରି ଠିକାଦାର-ଯନ୍ତ୍ରୀ ମାଲେମାଲ ହେବା ସହ ଯାତାୟାତ ରାସ୍ତାକୁ ମରଣଯନ୍ତା ସଦୃଶ କରି ଅର୍ଥ ଲୁଟି ସାଧାରଣଜନତାଙ୍କୁ ସମସ୍ୟା ଘେରକୁ ଠେଲି ଦିଅନ୍ତି। ଏହି ବିଭାଗରେ ଜେଇଙ୍କ ଠାରୁ ଆରମ୍ଭ କରି ଏକଜିକ୍ୟୁଟିଭ ଇଞ୍ଜିନିୟର ପର୍ଯ୍ୟନ୍ତ ସମସ୍ତଙ୍କ ସହମତିରେ ଟ୍ୟାକ୍ସ ଭୁକ୍ତ ଠିକାଦାରଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରି ଚିଠାରେ କାମ ବିକ୍ରି ପୂର୍ବ ସରକାର ସମୟରୁ ଏବେକାର ସରକାରଙ୍କ ସମୟରେ ମଧ୍ୟ କାର୍ଯ୍ୟକାରୀ ହେବା ଦୁର୍ଭାଗ୍ୟର ବିଷୟ। ନେତାଙ୍କୁ ଚିଠା ଅନୁପାତରେ କିଛି ରାସ୍ତାର ରିପ୍ୟାରିଂ, ରାସ୍ତାକଡର କିଛି ଗଛ ସମେତ ଇଲେକ୍ଟ୍ରୀ ପୋଲର କେବଳ ଆଗପଟ ବିନା ଆଦେଶରେ ଧଳା ରଙ୍ଗ ମାରିବା, ବ୍ରିଜ୍ ମାନଙ୍କରେ କାଗଜ କଲମରେ ରଙ୍ଗମରା କାର୍ଯ୍ୟ ଦର୍ଶାଇ ଅର୍ଥ ଲୁଟ ପ୍ରଥା ଚଳିତ ବର୍ଷ ଚାଲିବାକୁ ଯାଉଛି। ଏହିପରି କାର୍ଯ୍ୟର କିଛି ମାନ ନଥାଏ, ଯେମିତି ବିନା ଟେଣ୍ଡରରେ ଗୋପାଳପୁରରୁ କେରଡାଗଡ ରାସ୍ତାର ମଝିରେ ମଝିରେ ଯେଉଁଠି ଭଲ ଭାବେ ପିଚୁ ଅଛି କମ ଖର୍ଚ୍ଚରେ ଅଧିକ ଲାଭରେ ଚାଲୁଛି, ଯେନେତେନ ପ୍ରକାରେଣ କାମଚଳା କାର୍ଯ୍ୟ କରି ଗତବର୍ଷ ଯେମିତି ଜଣେ ମହିଳା ଠିକାଦାରଙ୍କ ନାମରେ ୧୦ଟା ଏଗ୍ରୀମେଣ୍ଟ କରି ଚିଠାରେ କାମ ପାଇଥିବା କର୍ମୀ ଓ ନେତା ଲକ୍ଷକୁ ୧୦ ହଜାର ହିସାବରେ କାମ ବିକି ଆଗତୁରା ଟଙ୍କା ନେଇଥିବା ଅଭିଯୋଗ ଓ ପତ୍ରପତ୍ରିକାରେ ପ୍ରକାଶ ପାଇ ଚର୍ଚ୍ଚିତ ହୋଇଥିଲା। ଚଳିତ ବର୍ଷ ମଧ୍ୟ ନେତାମାନେ ତାଙ୍କ ଖାତିରିରେ କିଛି କାମ ବିକ୍ରି କରିଥିବା ବେଳେ ଆଉ କିଛି ତାଙ୍କର ଖାସ୍ ଦୁଇତିନିଜଣ କର୍ମୀଙ୍କୁ କାମ ଦିଆଯାଇଥିଲେ ବି ଦଳଡିଆଁଙ୍କ ପାଇଁ ବିଚାର ବିମର୍ଷ ଚାଲିଛି । ଏମିତି ଚାଲାକ କର୍ମୀ ଦେଖିବାକୁ ମିଳିଛି ଦୁଇ ନେତାଙ୍କ ଠାରୁ କାମ ହାତେଇବା ଯୋଜନ ଫଳପ୍ରଦ ହୋଇଛି। ଏଭଳି ପରିସ୍ଥିତିରେ ବିଭାଗୀୟ କର୍ତ୍ତୃପକ୍ଷ କାମ ବିକୁଥିବା ବାଟରେ ଘାଟରେ ଚର୍ଚ୍ଚା ଚାଲୁଥିଲେ ମଧ୍ୟ ସରକାରଙ୍କୁ ପ୍ରତିବର୍ଷ ଟିକସ ଦେଇ ଲାଇସେନ୍ସ ରିନୁଆଲ କରୁଥିବା ଛୋଟ କଣ୍ଟ୍ରାକ୍ଟର ମାନେ ଟେଣ୍ଡର ନ ହୋଇ ବିନା ଟେଣ୍ଡରରେ ଅନିୟମିତ କାର୍ଯ୍ୟ ହେଉଥିବାରୁ ଅସନ୍ତୋଷ ପ୍ରକାଶ କରି କେନ୍ଦ୍ରାପଡା ଡିଭିଜନ କାର୍ଯ୍ୟାଳୟ ଆଗରେ ଲାଇସେନ୍ସ ପ୍ରାପ୍ତ ଠିକାଦାରମାନେ କାମ ନପାଇ ତାଙ୍କର ଲାଇସେନ୍ସକୁ ପୋଡିବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ଅଣ୍ଟା ଭିଡୁଥିବା ଚେତାବନୀ ଶୁଣିବାକୁ ମିଳୁଛି। ତେଣୁ ନୂତନ ମୋହନ ସରକାର ବିଜେଡି ସରକାରର ଅନିୟମିତ ନୀତିକୁ ପାଥେୟ ନକରି ଚିଠା ବଦଳରେ ଟେଣ୍ଡର ମାଧ୍ୟମରେ ଠିକାଦେବା ସହ ସଠିକ ମାନର କାର୍ଯ୍ୟ ତଦାରଖ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ନିର୍ବାଚନ ପ୍ରକ୍ରିୟା ଆଲୋଚନା ପାଇଁ ଦଳ ସଭାପତି ଓ ବରିଷ୍ଠ ନେତାଙ୍କୁ ନିର୍ବାଚନ କମିଶନଙ୍କ ନିମନ୍ତ୍ରଣ

କେନ୍ଦୁଝର(ଭାସ୍କର ନ୍ୟୁଜ): ଭାରତୀୟ ନିର୍ବାଚନ କମିଶନ ସମସ୍ତ ଜାତୀୟ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳଙ୍କଠାରୁ ଏପ୍ରିଲ ୩୦, ୨୦୨୫ ସୁଦ୍ଧା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ଯେକୌଣସି ସମାଧାନ ନ ହୋଇଥିବା ସମସ୍ୟା ପାଇଁ ପରାମର୍ଶ ଆମନ୍ତ୍ରଣ କରିଛନ୍ତି । ରାଜନୈତିକ ଦଳଗୁଡ଼ିକୁ ଜାରି କରାଯାଇଥିବା ଏକ ବ୍ୟକ୍ତିଗତ ଚିଠିରେ, କମିଶନ ପ୍ରତିଷ୍ଠିତ ଆଇନ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଉଭୟପକ୍ଷର ସୁବିଧାଜନକ ସମୟରେ ଦଳର ସଭାପତି ଏବଂ ଦଳର ବରିଷ୍ଠ ସଦସ୍ୟମାନଙ୍କ ସହିତ ଏକ ଆଲୋଚନା କରିବାକୁ ମଧ୍ୟ ଅନୁମତି ଦେଇଛନ୍ତି । ପୂର୍ବରୁ ଗତ ସପ୍ତାହରେ ଏକ ଭାରତୀୟ ନିର୍ବାଚନ କମିଶନ ସମ୍ମିଳନୀରେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ରାଜନୈତିକ ଦଳଗୁଡ଼ିକ ସହ ନିୟମିତ ଆଲୋଚନା କରିବାକୁ ବୈଠକରେ ପ୍ରାପ୍ତ ଯେକୌଣସି ପରାମର୍ଶକୁ ପୂର୍ବରୁ ଥିବା ଆଇନଗତ ଢାଞ୍ଚା ମଧ୍ୟରେ କଡ଼ାକଡ଼ି ସମାଧାନ କରିବାକୁ ଏବଂ ମାର୍ଚ୍ଚ ୩୧, ୨୦୨୫ ସୁଦ୍ଧା କମିଶନଙ୍କ ନିକଟରେ ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କମିଶନ ରାଜନୈତିକ ଦଳଗୁଡ଼ିକୁ ବିକେନ୍ଦ୍ରୀତ ସମ୍ପର୍କର ଏହି ବ୍ୟବସ୍ଥାକୁ ସକ୍ରିୟ ଭାବରେ ବ୍ୟବହାର କରିବାକୁ ମଧ୍ୟ ଅନୁରୋଧ କରିଥିଲେ । କମିଶନ ରାଜନୈତିକ ଦଳଗୁଡ଼ିକୁ ଲେଖିଥିବା ଚିଠିରେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ନିର୍ବାଚନ ପ୍ରକ୍ରିୟାର ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରୁଥିବା ସମ୍ବିଧାନ ଏବଂ ସାମ୍ବିଧାନିକ ଢାଞ୍ଚା ଅନୁଯାୟୀ କମିଶନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ୨୮ ହିତାଧିକାରୀଙ୍କ ମଧ୍ୟରୁ ରାଜନୈତିକ ଦଳଗୁଡ଼ିକ ପ୍ରମୁଖ ହିତାଧିକାରୀ । କମିଶନ ରାଜନୈତିକ ଦଳମାନଙ୍କ ପାଖକୁ ପଠାଇଥିବା ଏହି ଚିଠିରେ ଏହି କଥା ଉଲ୍ଲେଖ କରିଛି ଯେ, ଭାରତର ପ୍ରତିନିଧି ଆଇନ ୧୯୫୦ ଏବଂ ୧୯୫୧; ମତଦାତା ପଞ୍ଜୀକରଣ ନିୟମ, ୧୯୬୦; ନିର୍ବାଚନ ନିୟମ, ୧୯୬୧; ସୁପ୍ରିମ କୋର୍ଟ ର ଆଦେଶଗୁଡ଼ିକ ଏବଂ ଭାରତ ନିର୍ବାଚନ କମିଶନ ଦ୍ୱାରା ପ୍ରକାଶିତ ନିର୍ଦ୍ଦେଶ, ମାନୁଆଲ୍ ଏବଂ ହ୍ୟାଣ୍ଡବୁକ୍ ଗୁଡ଼ିକ ଯାହା ଏକ ବିକେନ୍ଦ୍ରୀକୃତ, ସୁଦୃଢ଼ ଏବଂ ସ୍ୱଚ୍ଛ ଆଇନଗତ ଢାଞ୍ଚା ନିର୍ମାଣ କରିଛି, ଯାହା ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ନିଶ୍ଚିତ କରିଥାଏ ।

# ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି



ବଡ଼ଚଣା (ଭାସ୍କର ନ୍ୟୁଜ): ସୋମବାର ବଡଚଣା ପଞ୍ଚାୟତ ସମିତି ଦକ୍ଷତା ବିକାଶ ସମ୍ମିଳନୀ କକ୍ଷରେ ଯାଜପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। । ଯାଜପୁର ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯସପ୍ରତାପ ଶ୍ରୀମଲ ଯୋଗଦେଇ ଆସିଥିବା ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ୍ ୧୦୧ଟି ଅଭିଯୋଗର ପଞ୍ଜିକୃତ ହୋଇଥିବା ବେଳେ ୮୦ଟି ଅଭିଯୋଗର ତତକାଳ ଫୈସଲା କରାଯାଇ ଥିଲା । ଏଥିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟ, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ବିଡ଼ିଓ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣାଣୀ କରିଥିଲେ ।

## ଗର୍ତ୍ତ ସୃଷ୍ଟି ସହ ଦବିଲାଣି କୋରୁକୋଣ୍ଡା ପୋଲ

# ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାଖରେ ନାହିଁ ସୂଚନା



କୋରୁକୋଣ୍ଡା(ଭାସ୍କର ନ୍ୟୁଜ): ମାଲକାନଗିରି-ବାଲିମେଳା ଅଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ରାଜରାସ୍ତାର କୋରୁକୋଣ୍ଡା ସଦର ଠାରୁ ମାତ୍ର ୧ କି. ମି ଦୂରରେ ଥିବା ବ୍ରିଜ ଉପର କିଛି ସ୍ଥାନରେ କଂକ୍ରିଟ ଉଠିଯିବା ଯୋଗୁ ବହୁ ଗର୍ତ୍ତ ସୃଷ୍ଟି ହେବା ସହ ରାସ୍ତା ପାର୍ଶ୍ୱକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତା ବହୁ ପରିମାଣରେ ଦବି ଯାଇ ରାସ୍ତା ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ଫଳରେ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଯାତାୟତ କରୁଥିବା ଗାଡି ଓ ବାଇକ ଚାଳକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ସୂଚନା ଥାଉକି କିଛି ବର୍ଷ ପୂର୍ବେ ଏହି ପୋଲ ପୂର୍ତ୍ତ ବିଭାଗ ଦ୍ୱାରା ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ଏହି ନିର୍ମାଣ ହେବା ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ସେତୁର ଉଦଘାଟନ ହୋଇପାରିନାହିଁ। ବିଭାଗ ପକ୍ଷରୁ ଏହି ପୋଲର ଉପଯୁକ୍ତ ରକ୍ଷଣା ବେକ୍ଷଣ କରାଯାଉ ନଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି କିଛି ଯାତ୍ରୀ ଏଭଳି ଅଭିଯୋଗ ଆଣିଛନ୍ତି। ଏହାକୁ ତୁରନ୍ତ ମରାମତି କରିବାକୁ ଜନ ସାଧାରଣ ଦାବୀ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବଭାଗର ଏସଡିଓ ମକର୍ଷଣ ବେହେରାଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ଅବଗତ ନଥିବା କହିଥିଲେ। ତେବେ ବିଭାଗ ପକ୍ଷରୁ ତୁରନ୍ତ ଉକ୍ତ ପୋଲରେ ସୃଷ୍ଟି ହୋଇଥିବା ଖାଲଖମା ଗୁଡିକୁ ମରାମତି କରାଯିବ ବୋଲି କହିଥିଲେ।

# ଅଷ୍ଟକୁଆଣ୍ଡରେ ବନ୍ଦିପତ୍ର ଏବଂ ଅଗ୍ନିକାଣ୍ଡ ବିରୋଧୀ ସଚେତନତା



ବାରିପଦା(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲାର ସିମିଲିପାଳ ବନ୍ୟଜୀବ ସଂରକ୍ଷଣ କ୍ଷେତ୍ର ସଂଲଗ୍ନ ଅଞ୍ଚଳ ଅଷ୍ଟକୁଆଣ୍ଡ ଗ୍ରାମପଞ୍ଚାୟତରେ ଆଜି ବନ୍ଦିପତ୍ର ଏବଂ ଶିକାର ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ସ୍ଥାନୀୟ ଜନପ୍ରତିନିଧି, ବନ ବିଭାଗର କର୍ମଚାରୀମାନେ, ଗ୍ରାମବାସୀ ଏବଂ ସାମାଜିକ କର୍ମୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳରେ ବନ ଅଗ୍ନିକାଣ୍ଡ ଏବଂ ଅବୈଧ ଶିକାର କିପରି ବନ୍ୟଜୀବ ଏବଂ ପରିବେଶ ପାଇଁ ବିପଦ ସୃଷ୍ଟି କରୁଛି, ଏ ନେଇ ଅଧିକାରୀମାନେ ବିସ୍ତୃତ ଭାବରେ ବିବରଣୀ ପ୍ରଦାନ କଲେ। ଗ୍ରାମବାସୀମାନଙ୍କୁ ବନ ରକ୍ଷା ଏବଂ ବନ୍ୟଜୀବ ସୁରକ୍ଷା ପାଇଁ ସଚେତନ ହେବାକୁ ଅନୁରୋଧ କରାଯାଇଥିଲା ।ସମାପନ ସମୟରେ, ଉପସ୍ଥିତ ମଣିଷମାନେ ସିମିଲିପାଳ ଓ ଅଷ୍ଟକୁଆଣ୍ଡ ଅଞ୍ଚଳକୁ ଅଗ୍ନିକାଣ୍ଡମୁକ୍ତ ଏବଂ ଅବୈଧ ଶିକାରମୁକ୍ତ କରିବା ପାଇଁ ଏକତ୍ରିତ ହୋଇ ଶପଥ ଗ୍ରହଣ କଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମବାସୀମାନେ ତାଙ୍କର ଅଞ୍ଚଳର ବନ୍ୟଜୀବ ସଂରକ୍ଷଣ ଏବଂ ପରିବେଶ ରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ପାଇଁ ଅଗ୍ରସର ହେବାର ସଙ୍କଳ୍ପ ନେଲେ।

# ଜିଲ୍ଲା ଲେଖକ ସମ୍ମେଳନ ପକ୍ଷରୁ ଓଡ଼ିଆ ଶାସ୍ତ୍ରୀୟ ଦିବସ ପାଳିତ



ଧର୍ମଶାଳା(ଭାସ୍କର ନ୍ୟୁଜ): ଓଡ଼ିଆ ଭାଷା ନିଜର ସ୍ୱତନ୍ତ୍ର ବଳରେ ରାଷ୍ଟ୍ରର ଷଷ୍ଠ ଭାଷା ଓ ପ୍ରଥମ ଆର୍ଯ୍ୟଭାଷା ଭାବେ ନିଜର ଶାସ୍ତ୍ରୀୟତା ପ୍ରମାଣ କରିଛି ବୋଲି ବହୁ ବିଶିଷ୍ଟ ସାହିତ୍ୟିକ ମତବ୍ୟକ୍ତ କରିଛନ୍ତି । ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ଆନୁକୂଲ୍ୟରେ ଗୋକର୍ଣ୍ଣିକା କାର୍ଯ୍ୟାଳୟ ପରିସରରେ ଓଡ଼ିଆ ଶାସ୍ତ୍ରୀୟ ଦିବସ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି । ଜିଲ୍ଲା ଲେଖକ ସମ୍ମେଳନର ସଭାପତି ଡାକ୍ତର ରୁଦ୍ରନାରାୟଣ ପୃଷ୍ଟିଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ସାର୍ବଭୌମ ସଂସ୍କୃତିର ଏକ ଅତୁଳନୀୟ ପରଂପରା ସମଗ୍ର ଓଡ଼ିଆ ଭାଷା ସାହିତ୍ୟର ଶାସ୍ତ୍ରୀୟ ଉତ୍ସର ଆଦି ଆଧାର ବୋଲି ବହୁ ଉଦାହରଣ ଦେଇ କହିଥିଲେ । ଆଲୋଚକ ଭାବେ ସାହିତ୍ୟିକା ଡକ୍ଟର ସସ୍ମିତା ଦାଶ, ଦୀନବନ୍ଧୁ କର, ଅଜୟ କୁମାର ବାରିକ, ସାମ୍ବାଦିକ ବିନୋଦ ବିହାରୀ ସାହୁ, ଦୁର୍ଗାପ୍ରସନ୍ନ ଦାସ, ଅଧାପକ ଶ୍ରୀପ୍ରସାଦ ନାୟକ, ସୂର୍ଯ୍ୟାସ୍ତ ସଂପାଦକ ବିବେକାନନ୍ଦ ରାୟ, ବାଇଧର ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ସାଧାରଣ ସଂପାଦକ ଦୟାନିଧି ନାୟକ ସୂଚନା ଓ ବିବରଣୀ ପ୍ରଦାନ କରିଥିବା ବେଳେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ପୂର୍ବତନ ସଂପାଦକ ହୃଷୀକେଶ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଲକାନଗିରିରେ ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା



ମାଲକାନଗିରି(ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲ୍ୟବନ୍ତ ଛାତ୍ରାବାସ ପ୍ରାଙ୍ଗଣରେ ଜିଲ୍ଲାସ୍ତରୀୟ ଏକ ଦିବସୀୟ ଲକ୍ଷପତି ଦିଦି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳାଙ୍କୁ ଉଦ୍ୟୋଗୀ ହେବା ନିମନ୍ତେ ସମସ୍ତ ଆର୍ଥିକ ସୁବିଧା ଯୋଗାଇ ଦିଆଯାଉଛି। ବ୍ୟବସାୟ କରିବା ପାଇଁ ସବସିଡି ବ୍ୟବସ୍ଥା ରହିଛି। ଦୈନନ୍ଦିନ ଜୀବନ ଜୀବିକାକୁ ଆଧାର କରି ଯେପରିକି ମତ୍ସ୍ୟ ଚାଷ, ପଶୁ ପାଳନ, କୃଷି କିମ୍ବା ଅନ୍ୟାନ୍ୟ କ୍ଷୁଦ୍ର ଉଦ୍ୟୋଗ ସ୍ଥାପନ ମାଧ୍ୟମରେ ଆର୍ଥିକ ଭାବେ ମହିଳା ମାନେ ଲାଭାନ୍ୱିତ ହୋଇପାରିବେ। ସେ ଆହୁରି ମଧ୍ୟ କହିଥିଲେ ଯେ ଉଦ୍ୟୋଗୀ ହେବାକୁ ହେଲେ ସମ୍ୟକ କଷ୍ଟ ସ୍ୱୀକାର କରିବା ସହ ଧୈର୍ଯ୍ୟ ଧରିବାକୁ ପଡ଼ିବ। ଯାହା ସଫଳତା ଆଡକୁ ଅଗ୍ରସର କରାଇବ। ବିଶେଷ ଭାବେ ୬୦ ହଜାର ରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାହାର ରୋଜଗାର ରହିଛି ସେମାନଙ୍କୁ ଲକ୍ଷପତି ଦିଦି କରିବା ନିମନ୍ତେ ଅଗ୍ରାଧିକାର ଦିଆଯାଉଛି। ତା ସହିତ ଅନ୍ୟ ମହିଳା ମାନଙ୍କୁ ମଧ୍ୟ ଲକ୍ଷପତି ଦିଦି ହେବା ପାଇଁ କର୍ମଶାଳାରେ ପ୍ରୋତ୍ସାହନ କରାଯାଇଛି। ଅନ୍ୟତମ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ହଳଧର ଶବର ଉପସ୍ଥିତ ରହି ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଶା ଜୀବିକା ମିଶନ, କୃଷି, ଶିଳ୍ପ, ଉଦ୍ୟାନ କୃଷି, ମତ୍ସ୍ୟ, ବ୍ୟାଙ୍କ୍ ଓ ଓରମାସ ତରଫରୁ ଅଧିକାରୀ ମାନେ ଉପସ୍ଥିତ ରହି ସରକାରଙ୍କର ବିଭିନ୍ନ ଯୋଜନା ବିଷୟରେ ପ୍ରକାଶ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସଦର ବିଡ଼ିଓ ତପନ କୁମାର ସେନାପତି, ମିଶନ ଶକ୍ତି ଡିପିଏମ ହର୍ଷାନନ୍ଦ ପ୍ରଧାନ ଓ ବାଲାଜୀ ପଟ୍ଟନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିବା ବେଳେ ଜିଲ୍ଲା ପରିଷଦ କାର୍ଯ୍ୟକ୍ରମ ପରିଚାଳକ ଅର୍ଥ ମାନସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ, ଜିଲ୍ଲା ପରିଷଦ ଓ ବ୍ଲକର ସମସ୍ତ କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ପ୍ରାୟ ୪ ହଜାର ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରାଣୀମିତ୍ର, କୃଷି ମିତ୍ର, ଏମଭିକେ ମହିଳା ଯୋଗ ଦେଇଥିଲେ।



କଣ୍ଟାପଡା (ଭାସ୍କର ନ୍ୟୁଜ) : କଟକ ଜିଲ୍ଲା କଣ୍ଟାପଡା ବ୍ଲକ ଅନ୍ତର୍ଗତ ଚଉପଡା ଗ୍ରାମରେ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଆରାଧ ଦେବତା ଶ୍ରୀ ଶ୍ରୀ ବଳରାମଜୀୟୁଙ୍କ ପୀଠ ସ୍ଥଳୀର ମେଳନ ପଡିଆରେ ଆଖପାଖ ଗ୍ରାମର ୯ ଟି ଠାକୁର ବିମାନ ରେ ବିରାଜ ମାନ କରି ଏହି ମେଳଣ ପଡିଆ ଠାରେ ପହଞ୍ଚି ଥିଲେ । ସନ୍ଧ୍ୟାବେଳେ ବିଭିନ୍ନ ସଂକୀର୍ତନ ମଣ୍ଡଳୀମାନେ ଉଚ୍ଚ କୋଟିର ସଂକୀର୍ତନ ପରିବେଷଣ କରିଥିଲେ । ଏହି ମେଳଣ ଉତ୍ସବ ଦେଖିବା ଲାଗି ବହୁ ଶ୍ରଦ୍ଧାଳୁ ମାନଙ୍କର ଭିଡ ଜମିଥିଲା । ହିନ୍ଦୁ ମାନଙ୍କର ପର୍ବ ମାନଙ୍କ ମଧ୍ୟ ରେ ଦୋଳ ପର୍ବ ଟି ଏକ ମୁଖ୍ୟ ପର୍ବ ଭାବେ ପାଳନ କରାଯାଏ । ସେହି ପରମ୍ପରା ଓ ରୀତିନୀତି ଅନୁସାରେ ଏହି ବର୍ଷ ଖୁବ ଧୁମ ଧାମ ରେ ଗ୍ରାମବସି ମାନେ ପାଳନ କରୁଥିବା ଦେଖିବାକୁ ମିଳୁଥିଲା ଚଉପଡା ମଠର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡାକ୍ତର ନାରାୟଣ ଦାସ,ସଜିତ ବିଶ୍ୱାଳ,ବାସୁଦେ୍ ବେହେରା,ତ୍ରିଲୋଚନ ବିଶ୍ୱାଳ,ଅଜିତ ବିଶ୍ୱାଳ, ଆଇନଜୀବି ରଂଜିତ କୁମର ବିଶ୍ୱାଳ,ବିଶ୍ୱଜିତ ବିଶ୍ୱାଳ, ନିମାଇଁ ଚରଣ ଜେନା,ବରିଷ୍ଠ ସମ୍ବାଦିକ ନୃସିଂହ ଚରଣ ଜେନା, ନେପୋଲିଓନ ମିଶ୍ର, ସୁରେନ୍ଦ୍ର ଜେନା, ପ୍ରେମାନନ୍ଦ ଦାସ,ଶିବଲଭ ବେହେରା,ବାବରୁବାହନ ପାଲ, ବାପି ଦାସ, ନିତ୍ୟାନନ୍ଦ ଭୋଇ ପ୍ରମୁଖ ଗ୍ରାମବାସି ମାନେ ଏହି ମେଳଣ ଉତ୍ସବ ଟିକୁ ଶାନ୍ତି ଶୃଙ୍ଖଳା ସହିତ ପରିଚାଳନା କରିଥିଲେ ।

## ଆରାଧ୍ୟା କଲ୍‌ଚରାଲ୍ ଏକାଡ଼େମୀ ପକ୍ଷରୁ ସାଂସଦଙ୍କୁ ସମ୍ବର୍ଦ୍ଧନା



କଟକ(ଭାସ୍କର ନ୍ୟୁଜ): ନୃତ୍ୟ, ସଙ୍ଗୀତ, ବାଦ୍ୟ, ଚିତ୍ରକଳା ଭିତ୍ତିକ ବିଦ୍ୟାଳୟ ଆରାଧା କଲଚରାଲ୍ ଏକାଡ଼େମୀ ବ୍ରାହ୍ମଣଝରିଲୋ ଫୁଲନଖରା ପକ୍ଷରୁ କଟକ ଜିଲ୍ଲା ସାଂସଦ ଭର୍ତ୍ତୃହରି ମହତାବଙ୍କୁ ତାଙ୍କ ବସଭବନରେ ଭେଟି ସମ୍ବର୍ଧନା ପ୍ରଦାନ କରାଯାଇଛି । ଗ୍ରାମାଞ୍ଚଳରେ ଶିଶୁ ମାନଂକ କଳା ପ୍ରତିଭାର ବିକାଶ ନେଇ ଏକାଡେମୀ ପକ୍ଷରୁ ଏପରି ପ୍ରୟାସକୁ ସାଂସଦ ପ୍ରଶଂସା କରିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆରାଧା କଲଚରାଲ୍ ଏକାଡ଼େମୀର ପରିଚାଳନ ନିର୍ଦ୍ଦେଶକ ଅଜୟ କୁମାର ପାତ୍ର, ଉପଦେଷ୍ଟା ସମାଜସେବୀ ପ୍ରତାପ କେଶରୀ ପାତ୍ର, ସଂଯୋଜକ ଇଂ.ସେବକ ଶ୍ରୀକାନ୍ତ, କିଶନନଗର ଶିଶୁ ମଙ୍ଗଳ କ୍ଲବ୍ ତଥା ଶିଶୁ ପତ୍ରିକା 'କୁନି ପ୍ରତିଭା' ସଂପାଦକ ଯୁବ ସମାଜସେବୀ ସତ୍ୟ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ୪୦ ରାସ୍ତା ଓ ୨ ସେତୁ ପାଇଁ ପଦକ୍ଷେପ: ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୨୦୨୩-୨୪ ଆର୍ଥିକ ବର୍ଷରେ ୪୦ଟି ରାସ୍ତା ଓ ୨ଟି ସେତୁ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରତିକ୍ରିୟା ରଖିଛନ୍ତି । ବିଧାନସଭାରେ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୪୦ ଗୋଟି ରାସ୍ତା ଓ ୨ ଗୋଟି ସେତୁ କେନ୍ଦ୍ରସରକାରଙ୍କ ଦ୍ୱାରା ଅନୁମୋଦନ ପ୍ରାପ୍ତ ହୋଇଅଛି ଏବଂ ବର୍ତ୍ତମାନ ଏହିସବୁ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ କାର୍ଯ୍ୟ ଚାଲୁରହିଅଛି । ଏହି ସବୁ କାର୍ଯ୍ୟର ନିର୍ମାଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି । ତନ୍ମଧ୍ୟରୁ ୮.୨୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଅଛି । ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ରସରକାରଙ୍କର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଆନୁମାନିକ ୮୨୫ କି.ମି. ଓ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ ଯୋଜନାରେ ଆନୁମାନିକ ୧୪୩ କି.ମି ରାସ୍ତା ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏଥି ପାଇଁ ବଜେଟରେ ଯଥାକ୍ରମେ ୧୬୦୦ କୋଟି ଓ ୧୦୦ କୋଟି ଟଙ୍କାର ଅର୍ଥର ପ୍ରସ୍ତାବ ରଖାଯାଇଛି ।

## ରାଜ୍ୟରେ ୫୧୯୭ ଗୋଟି ଗାଁ ଓ ପଡା ଗ୍ରାମକୁ ନାହିଁ ରାସ୍ତା: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ୫୧୯୭ ଗୋଟି ଗାଁ ଓ ପଡା ଗ୍ରାମକୁ ନାହିଁ ରାସ୍ତା । ବିଧାନସଭାରେ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଉତ୍ତର ରଖିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟରେ ବର୍ତ୍ତମାନସୁଦ୍ଧା ୫୧୯୭ ଗୋଟି ଗ୍ରାମ ଓ ପଡା ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ । ୨୦୨୪-୨୫ ବର୍ଷରେ ଗ୍ରାମପଞ୍ଚାୟତ ଓ ପଞ୍ଚାୟତ ସମିତିମାନଙ୍କ ଦ୍ୱାରା ଉପରୋକ୍ତ ସର୍ବେକ୍ଷଣ କରାଯାଇ ଅଣସଂଯୋଜିତ ଗ୍ରାମ/ ପଡାମାନଙ୍କୁ ଚିହ୍ନଟ କରାଯାଇଅଛି । ଏହି ଅଣସଂଯୋଜିତ ଗ୍ରାମ ଓ ପଡା ଗ୍ରାମଗୁଡ଼ିକୁ ମନରେଗା, ସିଏଫସି/ଏସଏଫସି, ଏମଲ୍ୟାଡ, ଏମଏଲଏଲ୍ୟାଡ ଓ ସରକାରଙ୍କର ଅନ୍ୟାନ୍ୟ ଯୋଜନା ଦ୍ୱାରା ସଂଯୋଗୀକରଣ କରାଯାଉଅଛି । ସରକାରଙ୍କର ନୂତନ ଯୋଜନା ବିଜିବିଓ ଦ୍ୱାରା ଏହି ଗ୍ରାମ ଗୁଡିକୁ ସବୁଦିନିଆ ରାସ୍ତା ଯୋଗାଯୋଗ କରିବା ପାଇଁ ପଦକ୍ଷେପ ମଧ୍ୟ ନିଆଯାଉଅଛି । ବିଜିବିଓ ଯୋଜନାରେ ଶତକଡା ୩୫ ଭାଗ ଅର୍ଥ ରାସ୍ତା ନିର୍ମାଣ ଓ ମରାମତି କରାଯାଇପାରିବ ।

## ଡକ୍ଟର ସୁନୀତି ମୁଣ୍ଡଙ୍କ କାର୍ ଦୁର୍ଘଟଣାଗ୍ରସ୍ତ



ଭୁବନେଶ୍ୱର : ମଙ୍ଗଳବାର ଡ. ସୁନୀତି ମୁଣ୍ଡଙ୍କ କାରକୁ ଜଣେ ଅଜ୍ଞାତ ବାଇକ ଆରୋହୀ ଧକ୍କା ଦେଇଥିଲା । ସେ ଭୁବନେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଦିନ ପ୍ରାୟ ୧.୩୦ ସମୟରେ ଏହି ଘଟଣା ଘଟିଥିଲା । କୁହାଯାଉଛି ଯେ ଏହି ଘଟଣା ରାଜପଥରେ ଘଟିଥିଲା ଯେଉଁଠାରେ ଦ୍ରୁତ ଗତିରେ ଆସୁଥିବା ମୋଟରସାଇକେଲ ହଠାତ୍ ତାଙ୍କ କାରକୁ ପଛପଟୁ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲା । କାରଟି ଧୀରେ ଧୀରେ ଗତି କରୁଥିବାରୁ କୌଣସି ଦୁର୍ଘଟଣା ଘଟି ନଥିଲା । ଯୁବକ ମାନଙ୍କ ଏଭଳି ବେପରୁଆ ଗାଡି ଚଳାଇବାକୁ ସୁନୀତି ନିନ୍ଦା କରିବା ସହିତ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି । ଡକ୍ଟର ମୁଣ୍ଡଙ୍କ ମନରେ ଏହି ବିଷୟ ପ୍ରଶ୍ନ ସୃଷ୍ଟି କରିଛି, କାରଣ ଏହିପରି ଧୀର ଚଳନ କାରକୁ ଧକ୍କା ଦେବାର ଅର୍ଥ କଣ ହୋଇପାରେ । ସେ କହିଛନ୍ତି ଯେ ଯୁବକଙ୍କର ବେପରୁଆ ତଥା ସଚେତନତା ଅଭାବ ଆଜି ଏକ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଗଲା, ଏଥିପ୍ରତି ଜନସାଧାରଣ ସଚେତନ ରୁହନ୍ତୁ ବୋଲି ସେ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ ଭଦ୍ରକ ପୂର୍ବରୁ ରାଜରାସ୍ତାରେ ଥିବା ଏକ ରେଷ୍ଟୁରାଣ୍ଟରେ ଦ୍ୱିପହର ଭୋଜନ କରିବା ପରେ ସେ ଆଗକୁ ଯିବା ମାତ୍ରେ ମୋଟରସାଇକେଲ ଆରୋହୀ କାରଟିର ପଛପଟୁ ହଠାତ ଧକ୍କା ଦେଇଥିଲା । ଯାହା କି ଖୁବ୍ ଜୋରରେ ଶବ୍ଦ ହେଲା, ସେ ଭାବିଲେ ଟାୟାର୍ ଫାଟିଲା ତେବେ ଗାଡି ଚାଲୁଥିବା ଅବସ୍ଥାରେ ଥିଲା କିଛି ସମୟ ଇତଃସ୍ତତଃ ଭାବେ ଦେଖିବା ବେଳକୁ ବାଇକ୍ ଚାଳକ ନିଜ ବାଇକ୍ ଧରି ଚାଲିଗଲା । ଏହି ସମ୍ପର୍କରେ ସେ ପୋଲିସ ପାଖରେ ସୂଚନା ଦେଇଛନ୍ତି । ଅଭିଯୋଗ ଦାଖଲ କରିନାହାଁନ୍ତି । କାରର ଅଧିକ କ୍ଷୟ କ୍ଷତି ହୋଇଛି । ସୁନୀତି ଏହି ଦୁର୍ଘଟଣାରେ କୌଣସି ଗୁରୁତର ଆହତ ହୋଇନାହାଁନ୍ତି, ତାଙ୍କ କାରର ପଛ କବାଟ ମଧ୍ୟରୁ ଗୋଟିଏରେ ବ୍ୟାପକ କ୍ଷତି ଘଟିଛି । କାରର ଗତି ଅଧିକ ନଥିଲା, ନଚେତ୍ ଏକ ବଡ଼ ଦୁର୍ଘଟଣା ଘଟିଯାଇଥାନ୍ତା । ସୁନୀତି ମୁଣ୍ଡ ଜଣେ ରାଜନେତା, ସାମାଜିକ କର୍ମୀ ତଥା ଲେଖକ । ଏଭଳି ପରିସ୍ଥିତିରେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି ।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ଓସ୍ୱାନ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଆବାସିକ କାର୍ଯ୍ୟାଳୟ ରୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରି ଗ୍ରୀଷ୍ମପ୍ରବାହ ର ମୁକାବିଲା ପାଇଁ ସମସ୍ତ ବିଭାଗ ବିଗତ ବର୍ଷ ମାନଙ୍କ ପରି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ବିଶେଷ କରି ଜନସାଧାରଣ ଙ୍କୁ ସତର୍କ ଓ ସଚେତନ କରିବା ସହ ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ, ଶ୍ରମ ,ପରିବହନ, ପଶୁ ସମ୍ପଦ, କୃଷି ଇତ୍ୟାଦି ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ସରକାର ଓ ଏସଆରସି ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା କୁ ସଠିକ ଭାବେ ଅନୁପାଳନ କରିବା,ପ୍ରତ୍ୟେକ ଚିକିତ୍ସାଳୟରେ ଅଂଶୁଘାତ ଚିକିତ୍ସା ବ୍ୟବସ୍ଥା ରଖିବା,ସମସ୍ତ ନଳକୂପ ମରାମତି,ଜଳଛତ୍ର ବ୍ୟବସ୍ଥା କରିବା, ପଶୁ ପକ୍ଷୀ ମାନଙ୍କ ପାଇଁ ପାନୀୟ ଜଳ ପାତ୍ର ବ୍ୟବସ୍ଥା,ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର,ଯାତ୍ରୀ ପରିବହନ ଗାଡ଼ି ଓ ଶ୍ରମିକ ମାନଙ୍କ ପାଇଁ ଧାର୍ଯ୍ୟ ସମୟ ନିର୍ଘଣ୍ଟ କୁ ଅନୁପାଳନ କରିବାକୁ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ ।ପଶୁ ପକ୍ଷୀ ମାନଙ୍କ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଘର ନିକଟରେ, ଛାତରେ ପାଣି ରଖିବା ବ୍ୟବସ୍ଥା କରିବା, ଖରାରେ ବାହାରକୁ ନ ବାହାରିବା, ଅତ୍ୟାବଶ୍ୟକ କ୍ଷେତ୍ରରେ ବାହାରକୁ ଯାଉଥିଲେ ପ୍ରଚୁର ପାଣି,ଦହି, ଲେମ୍ବୁ ପାଣି ଇତ୍ୟାଦି ପିଇବା ଓ ସାଥିରେ ନେବା, କଳା ଚଷମା ,ଟୋପି ଇତ୍ୟାଦି ବ୍ୟବହାର କରିବା,ଅଂଶୁଘାତ ର ଲକ୍ଷଣ ଦେଖା ଦେଲେ ତୁରନ୍ତ ଚିକିତ୍ସିତ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ଗ୍ରୀଷ୍ମପ୍ରବାହ କୁ ଦୃଷ୍ଟିରେ ରଖି ଶ୍ରମ ବିଭାଗ ପକ୍ଷରୁ ଦିବା ୧୧ ରୁ ଅପରାହ୍ନ ୩.୩୦ ମିନିଟ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା, କାର୍ଯ୍ୟ କ୍ଷେତ୍ରରେ ଛାଇର ବ୍ୟବସ୍ଥା କରିବା, ପାନୀୟ ଜଳ ବ୍ୟବସ୍ଥା କରିବା, ଓଆରଏସ ରଖିବା ଓ ଶ୍ରମିକ ମାନଙ୍କୁ ସଚେତନ କରାଇବା, ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ପରିଚାଳିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ପ୍ରୋଟୋକଲ ନୀଳମାଧବ ଭୋଇ,ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।ଜିଲ୍ଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ଗ୍ରୀଷ୍ମପ୍ରବାହ ର ଆକ୍ସନ ପ୍ଲାନ ଅନୁସାରେ ମୁକାବିଲା ପାଇଁ ଅନୁରୋଧ କରିଥିଲେ ।

## ଆଜୀବନ ଦଣ୍ଡାଦେଶ ଭୋଗୁଥିବା ଆସାମୀ ଖଲାସ

କଟକ(ଭାସ୍କର ନ୍ୟୁଜ): ଏକ ନରହତ୍ୟା ମାମଲାରେ ନିମ୍ନ ଅଦାଲତରୁ ଆଜୀବନ ଦଣ୍ଡାଦେଶ ପାଇଥିବା ଜଣେ ଆସାମୀକୁ ହାଇକୋର୍ଟ ଖଲାସ କରିଛନ୍ତି । ଉପଯୁକ୍ତ ପ୍ରମାଣ ଅଭାବରୁ ହାଇକୋର୍ଟ ଆସାମୀ ମଦନ କଅଁରକୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ଗତ ୨୦୦୫ ମସିହାରେ ଫୁଲବାଣୀ ଜିଲ୍ଲାର ତିତ୍ରାପଙ୍ଗା ଗ୍ରାମର ଜଣେ ୨୦ ବର୍ଷୀୟ ବାଳିକାକୁ କୁରାଢୀରେ ହାଣି ହତ୍ୟା କରିଥିବା ନେଇ ମଦନ ନାମରେ ଅଭିଯୋଗ ହୋଇଥିଲା । ଫୁଲବାଣୀ ସେସନ୍ କୋର୍ଟ ଏହି ମାମଲାରେ ଆସାମୀକୁ ଗତ ୨୦୦୮ ମସିହା ଜାନୁୟାରୀ ୨ ତାରିଖରେ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ । ଆସାମୀ ମଦନ ୧୪ ବର୍ଷ ଜେଲ୍‌ରେ ରହିବା ପରେ ଗତ ୨୦୧୯ ମସିହା ଏପ୍ରିଲ୍ ୧୯ ତାରିଖରେ ଓଡିଶା ହାଇକୋର୍ଟରୁ ଜାମିନ ପାଇଥିଲା । ସୂଚନା ମୁତାବକ ଗତ ୨୦୦୫ ମସିହା ଏପ୍ରିଲ୍ ୧୩ ତାରିଖରେ ଫୁଲବାଣୀ ଜିଲ୍ଲାର ତିତ୍ରାପଙ୍ଗା ଗ୍ରାମର ଜଣେ ୨୦ ବର୍ଷୀୟ ବାଳିକାକୁ ସେ କୁରାଢୀରେ ହାଣି ହତ୍ୟା କରିଥିବା ନେଇ ମଦନ ନାମରେ ଖଜୁରିଆପଡା ଥାନାରେ ଏତଲା ରୁଜୁ କରାଯାଇଥିଲା । ଉଭୟଙ୍କ ମଧ୍ୟରେ କଳହକୁ ନେଇ ମଦନ ଏପରି କାଣ୍ଡ କରିଥିବା ନେଇ ଦର୍ଶାଯାଇଥିଲା। ସେତେବେଳେ ଆସାମୀ ମଦନକୁ ୨୫ ବର୍ଷ ହୋଇଥିଲା । ଫୁଲବାଣୀ ସେସନ୍ କୋର୍ଟ ଏହି ମାମଲାର ଶୁଣାଣି କରି ଆସାମୀ ମଦନକୁ ଗତ ୨୦୦୮ ମସିହା ଜାନୁୟାରୀ ୨ ତାରିଖରେ ଆଜୀବନ କାରାଦଣ୍ଡ ଆଦେଶ ପ୍ରଦାନ କରିଥିଲେ । ଏହା ପରେ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ ବିରୋଧରେ ଆସାମୀ ହାଇକୋର୍ଟରେ ଆବେଦନ କରିଥିଲେ । ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଚିତରନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ଖାରଜ କରିବା ସହିତ ଆସାମୀକୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି।

## ଖୁବ୍‌ଶୀଘ୍ର ଲାଗୁ ହେବ ଜାତୀୟ ଶିକ୍ଷାନୀତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ଖୁବଶୀଘ୍ର ଲାଗୁ ହେବ ଜାତୀୟ ଶିକ୍ଷାନୀତି । ଏନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ସରକାରୀ ସ୍ତରରେ ଆଲୋଚନା, ପର୍ଯ୍ୟାଲୋଚନା ଜରିଆରେ ଆଲୋଚନା କରାଯାଉଛି । ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଅଭିଭାବକ ମାନଙ୍କୁ ଏନେଇ ଅବଗତ କରାଯାଉଛି । ଆଗକୁ ଶିକ୍ଷକ ମାନଙ୍କୁ ଏନେଇ ତାଲିମ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ବିଧାୟକଙ୍କୁ ନେଇ ଗୃହ କମିଟି ଗଠନ କରିବାକୁ କଂଗ୍ରେସର ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସମସ୍ତ ଦଳର ବିଧାୟକଙ୍କୁ ନେଇ ଗୃହ କମିଟି ଗଠନ କରିବାକୁ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଦାବି କରିଛନ୍ତି । ନିର୍ଯାତନାର ଶିକାର ହୋଇଥିବା ନାରୀଙ୍କୁ ସ୍ୱତନ୍ତ୍ର ଭାବେ ଥଇଥାନ କରାଯାଉ । ଏହାସହିତ ଦୋଷୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି ।

## ୧୭ରେ ବିଧାନସଭା ଘେରାଉ କରିବ ଷ୍ଟୁଡେଣ୍ଟ ଏଗ୍‌ନେଷ୍ଟ କରପସନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୧୭ ମାର୍ଚ୍ଚରେ ବିଧାନସଭା ଘେରାଉ କରିବ ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ । ଏନେଇ ଷ୍ଟୁଡେଣ୍ଟ ଏଗେନ୍ସଟ କରପସନ ପକ୍ଷରୁ ସୂଚନା ଦିଆଯାଇଛି । ସରକାରୀ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିବାରେ ଅବହେଳା କରୁଛନ୍ତି ସରକାର । ଥରେ ନିଯୁକ୍ତି ପ୍ରକ୍ରିୟା ହେଲେ ପୁଣି ଦିତୀୟ ଥର ହେବାକୁ ୪-୫ ବର୍ଷ ସମୟ ଲାଗୁଛି । ପ୍ରତି ପରୀକ୍ଷା ବିବାଦୀୟ ହେଉଛି । ଛାତ୍ରଛାତ୍ରୀ କୋର୍ଟର ଦ୍ୱାରସ୍ଥ ହେଉଛନ୍ତି । ମାଆଙ୍କୁ ମିଳିଥିବା ସୁଭଦ୍ରା ଟଙ୍କାରେ ପୁଅ ଝିଅ ମାନେ କୋର୍ଟରେ ଲଢେଇ କରୁଛନ୍ତି । ହେଲେ ନିଯୁକ୍ତି ବୟସ ସୀମା ପରିବର୍ତ୍ତନ କରାଯାଉନାହିଁ । ତେଣୁ ଆଗାମୀ ୬ ଦିନରେ ଏହାର ପରିବର୍ତ୍ତନ ନକଲେ ୧୭ ମାର୍ଚ୍ଚରେ ବିଧାନସଭା ଘେରାଉ କରିବ ବୋଲି ଷ୍ଟୁଡେଣ୍ଟ ଏଗେନ୍ସଟ କରପସନ ପକ୍ଷରୁ କୁହାଯାଇଛି ।

## ଇମର୍ତ୍ତୀଦେବୀ କଲେଜରେ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ




କଟକ(ଭାସ୍କର ନ୍ୟୁଜ): ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଡ଼କ୍ଟର ସାଗରିକା ମହାନ୍ତିଙ୍କ ପୌରହିତ୍ୟରେ +୩ ପ୍ରଥମ ବର୍ଷ ପାଇଁ ଉଦ୍ଦିଷ୍ଟ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଅଛି । କଲେଜର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଦାୟିତ୍ୱରେ ଥିବା ଅଫିସର ଡ଼କ୍ଟର ପ୍ରମୋଦିନୀ ସାହୁଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷା ପ୍ରଶିକ୍ଷଣାର୍ଥୀମାନଙ୍କୁ ଉଦ୍‌ବୋଧିତ କରିବା ସହିତ ଦିଗ୍‌ଦର୍ଶନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରୀମାନଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କପାଇଁ ଆତ୍ମ ସୁରକ୍ଷା କୌଶଳର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ମାଷ୍ଟର ଟ୍ରେନର ବିଷ୍ଣୁପ୍ରିୟା ବେହେରା ଓ କ୍ଷିରୋଦ୍ରା ହାତୀଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । ଶାରୀରିକ ଶିକ୍ଷା ବିଭାଗର ଅଧ୍ୟାପିକା ମୁସ୍ମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୦୪୭ ସୁଦ୍ଧା ସିକିଲ୍ ସେଲ୍ ଆନିମିଆ ଦୂରୀକରଣ ପାଇଁ ଲକ୍ଷ୍ୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): 'ସିକିଲ୍ ସେଲ୍ ଏବଂ ଥାଲାସେମିଆ ନିରାକରଣ: ବେଷ୍ଟ୍ ପ୍ରାକ୍ଟିସ୍ ଓ ସ୍କେଲେବଲ୍ ଷ୍ଟ୍ରାଟେଜୀ' ବିଷୟବସ୍ତୁକୁ ନେଇ ଦୁଇ ଦିନିଆ ଜାତୀୟ କର୍ମଶାଳା ଉଦଘାଟିତ ହୋଇଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦ୍ୱାରା ୨୦୨୩ ମସିହାରେ ଆରମ୍ଭ ହୋଇଥିବା ଜାତୀୟ ସିକଲ୍ ସେଲ୍ ଆନିମିଆ ନିରାକରଣ ମିଶନ୍ ହେଉଛି ଏକ ଐତିହାସିକ ପଦକ୍ଷେପ । ୨୦୪୭ ସୁଦ୍ଧା ଏହି ରୋଗକୁ ଦୂର କରିବା ନେଇ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ । ଓଡ଼ିଶା ଏହି ମିଶନରେ ସକ୍ରିୟ ଅଂଶଗ୍ରହଣ କରି ଦୂରଦୂରାନ୍ତ ଜନଜାତି ଅଞ୍ଚଳରେ ବ୍ୟାପକ ସ୍କ୍ରିନିଂ ଏବଂ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରୁଥିବା କହିଛନ୍ତି । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ କରାଯାଇଛି । ଏହି କର୍ମଶାଳାରେ ୟୁଏନଡିପି, ୟୁନିସେଫ୍, ଆଇଏସଏଚବିଟି ମଧ୍ୟ ସାମିଲ ଅଛି । କର୍ମଶାଳା ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା, ଅଗ୍ରଣୀ ସ୍ୱାସ୍ଥ୍ୟ କର୍ମୀଙ୍କ ଦକ୍ଷତା ବିକାଶ, ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସମସ୍ତ ପ୍ରଭାବିତ ପରିବାର ପାଇଁ ଔଷଧ ଏବଂ ଚିକିତ୍ସା ଉପଲବ୍ଧ କରିବା ଦିଗରେ ସୁଯୋଗ ପ୍ରଦାନ କରିବ । ସଚେତନତା ଓ ଚିକିତ୍ସାରୁ ଯେପରି କୌଣସି ଶିଶୁ ବଞ୍ଚିତ ନ ହେଉ ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି । ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ. ଏସ୍ ରାଜ୍ୟରେ ସିକିଲ୍ ସେଲ୍ ରୋଗ ପରିଚାଳନା ଓ ନିରାକରଣ ନେଇ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସେହିପରି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ଉପ ଶାସନ ସଚିବ ଡ଼ ରାଜି ଏନ.ଏସ. ଉପସ୍ଥିତ ରହି ଜନଜାତି ସମ୍ପ୍ରଦାୟ ମଧ୍ୟରେ ସିକିଲ୍ ସେଲ୍ ଆନିମିଆ ପରୀକ୍ଷଣକୁ ବ୍ୟାପକ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ୟୁନିସେଫ୍ ଓଡ଼ିଶା ମୁଖ୍ୟ ୱିଲିୟମ୍ ହାନଲୋନ୍ କର୍ମଶାଳାରେ ଭାଗ ନେଇ ଭାରତ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଜାତୀୟ ସିକିଲ୍ ସେଲ୍ ନିରାକରଣ ମିଶନକୁ ୟୁନିସେଫ୍‌ର ପୂର୍ଣ୍ଣ ସମର୍ଥନ ଥିବା କହିଛନ୍ତି । ସେହିପରି ଦିଲ୍ଲୀ ଏମ୍ସର ହେମାଟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡ଼ଃ ମନୋରଞ୍ଜନ ମହାପାତ୍ର ଉପସ୍ଥିତ ରହି ସିକିଲ୍ ସେଲ୍ ଆନିମିଆର ନିରାକରଣ କରିବାରେ ଓଡ଼ିଶା ଭଲ ପ୍ରଦର୍ଶନ କରିଥିବା ସେ କହିଛନ୍ତି । ଏହି କର୍ମଶାଳାରେ ୨୫୦ ରୁ ଅଧିକ ଅଂଶଗ୍ରହଣକାରୀ ଭାଗ ନେଇଛନ୍ତି ।

## କ୍ରୁଟ୍ ଦ୍ୱାରା ବସ୍‌ଚାଳକଙ୍କ ଗାଡି ଚାଳନା ଯୋଗୁ ଭୁବନେଶ୍ୱରରେ ୧୬ଜଣଙ୍କ ମୃତ୍ୟୁ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୋ ବସ୍ ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଭୁବନେଶ୍ୱରରେ ୧୬ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ଗୃହରେ ଉତର ରଖିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର । ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମ ଏବଂ ଏହାର ଆଖପାଖ ଅଂଚଳକୁ କ୍ରୁଟ୍ ଦ୍ୱାରା ୩୭୫ଟି ବସ୍ ଚଳାଚଳ କରୁଅଛି । କ୍ରୁଟ୍ ଦ୍ୱାରା ବସ୍‌ଚାଳକ ମାନଙ୍କ ଗାଡ଼ି ଚାଳନା ଯୋଗୁଁ ଭୁବନେଶ୍ୱର ମହାନଗର ନିଗମ ଅଂଚଳ ମଧ୍ୟରେ ୧୬ ଜଣ ମୃତ୍ୟୁବରଣ କରିଛନ୍ତି ଏବଂ ଏବେ କେହି ଦୁର୍ଘଟଣାର ଶିକାର ହୋଇ ଚିକିତ୍ସିତ ହେଉନାହାନ୍ତି । ବସ୍ ଗୁଡ଼ିକର ଗତି ସୀମା ବୈଦ୍ୟୁତିକ ବସ୍ ପାଇଁ ୩୫ କି.ମି ପ୍ରତି ଘଂଟା, ସହର ମଧ୍ୟରେ ଡିଜେଲ୍ ବସ୍ ପାଇଁ ୪୦ କି.ମି ପ୍ରତି ଘଂଟା. ଏବଂ ଜାତୀୟ ରାଜପଥରେ ଚାଲୁଥିବା ୧୬ଟି ବସ୍ ପାଇଁ ୫୦ କି.ମି ପ୍ରତି ଘଂଟା ମଧ୍ୟରେ ସୀମିତ ରହିଛି । କ୍ରୁଟ୍ ଦ୍ୱାରା ୨୦୧୯ ଠାରୁ ଏପର୍ଯ୍ୟନ୍ତ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୨,୯୪,୮୭, ୨୦୦,୦୦ ଟଙ୍କା କମ୍ପ୍ରେହେନସିଭ ବୀମା ପଲିସି ବାବଦରେ କ୍ଷତିପୂରଣ ପ୍ରଦାନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ଆଇନଜୀବୀଙ୍କ ମାତୃ ବିୟୋଗ

କଟକ(ଭାସ୍କର ନ୍ୟୁଜ): ଆଇନଜୀବୀ ସଞ୍ଜୀବ ସ୍ୱାଇଁ ତଥା ସ୍ୱର୍ଗତ ଲୋକନାଥ ସ୍ୱାଇଁଙ୍କ ପତ୍ନୀ ଅହଲ୍ୟା ସ୍ୱାଇଁଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କ ୮୪ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନୀତ ରୋଗରେ ପୀଡିତ ଥିଲେ । ମୃତ୍ୟୁ ଶଜ୍ୟା ନିକଟରେପୁତ୍ର ଦିଲ୍ଲୀପ, ମନୋଜ, ଲଲାଟେନ୍ଦୁ ଓ ଝିଅ ସସ୍ମିତା ଉପସ୍ଥିତ ଥିଲେ । ଅହଲ୍ୟା ଜଣେ ମେଳାପି, ମିଷ୍ଟଭାଷୀ ଓ ଧର୍ମପରାୟଣ ମହିଳା ଥିଲା । ତାଙ୍କ ପରଲୋକ ଖବର ପାଇ ସ୍ଥାନୀୟ ଅଂଚଳର ବହୁବିଶିଷ୍ଟ ବ୍ୟକ୍ତି କଟକସ୍ଥିତ ବାସଭବନରେ ପହଁଚି ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ସର୍ବଭାରତୀୟ ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ରାଇଜିଙ୍ଗ ଷ୍ଟୁଡେଣ୍ଟ୍ ଚାମ୍ପିଅନ୍




ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ଠାରେ ସର୍ବ ଭାରତୀୟ ୧୫ତମ ବିଜୁ ପଟ୍ଟନାୟକ ମେମୋରିଅଲ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରାଇଜିଙ୍ଗ ଷ୍ଟୁଡେଣ୍ଟ (କଟକ ) ବନାମ ଅକ୍ଷଲ୍ଲକ୍ଷ ସ୍ପୋର୍ଟିଙ୍ଗ କ୍ଲବ (ବ୍ରହ୍ମପୁର ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରାଇଜିଙ୍ଗ ଷ୍ଟୁଡେଣ୍ଟ ଟସ ଜିତି ପ୍ରଥମେ ବୋଲିଙ୍ଗର ନିଷ୍ପତ୍ତି ନେଇଥିଲେ । ଅକ୍ଷଲ୍ଲକ୍ଷ ସ୍ପୋର୍ଟିଙ୍ଗ କ୍ଲବ ବ୍ୟାଟିଙ୍ଗ ଆରମ୍ଭ କରି ୨୭ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୩୧ ରନ କରିଥିଲେ । ଜବାବରେ ରାଇଜିଙ୍ଗ ଷ୍ଟୁଡେଣ୍ଟ ଦଳ ୨୪ ଓଭର ଖେଳି ୨ ଗୋଟି ୱିକେଟ୍ ବିନିମୟରେ ଆବଶ୍ୟକ ୧୩୨ ରନ କରି ବିଜୟ ମୁକୁଟ ପିନ୍ଧିଲେ । ଅମ୍ପାୟର ଭାବେ ଆଶୁତୋଷ ପାଣି ଓ ସୁଶାନ୍ତ ପଣ୍ଡା ପରିଚଳନା କରିଥିବା ବେଳେ ସ୍କୋରର ଭାବେ ସତ୍ୟନାରାୟଣ ପରିଡ଼ା ଓ କିରଣ ମନୋହର ମହାନ୍ତି ଦାୟିତ୍ୱରେ ଥିଲେ । ଆଜିର ମ୍ୟାଚରେ ମେନ ଅଫ ଦିମ୍ୟାଚ ଭାବେ ରାଇଜିଙ୍ଗ ଷ୍ଟୁଡେଣ୍ଟର ଆଦିତ୍ୟ ରାଉତଙ୍କୁ ମନୋନୀତ ହୋଇଥିବା ବେଳେ, ବେଷ୍ଟ ବ୍ୟାଟ୍‌ସ ମ୍ୟାନ ଭାବେ ବିଶାଖା ପାଟନାମ ଦଳର ହେମନ୍ତ ରେଡ଼ି, ବେଷ୍ଟ ବୋଲର ଭାବେ ରାଇଜିଙ୍ଗ ଷ୍ଟୁଡେଣ୍ଟର ଜାମୁଳା ବି ମହାପାତ୍ର ଓ ମ୍ୟାନ୍ ଅଫ ଦି ସିରିଜ ଭାବେ ବିଶାଖା ପକ୍ଷଟନାମ ବି. ସତ୍ୱିକ ବିବେଚିତ ହୋଇଥିବା ବେଳେ, ରନର ଟିମ ଭାବେ ଅକ୍ଷଲ୍ଲା ସ୍ପୋର୍ଟିଙ୍ଗ କ୍ଲବ ହୋଇଥିଲା । ଟୁର୍ନାମେଣ୍ଟର ଚେୟାରମ୍ୟାନ ତଥା ଜିଲ୍ଲା ବିଜେଡି ସଭାପତି ଡ଼. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ତଥା ସାଂସଦ ପାର୍ଥୀ ଭୃଗୁ ବକ୍ସିପାତ୍ର,ପୂର୍ବତନ କାଜୁ ଉନ୍ନୟନ ଅଧକ୍ଷ ସୁବାସ ମହାରଣା, ଓଡିଶା ବାସ୍କେଟ ବଲ ଆସୋସିଏସନ ରାଜ୍ୟ ସମ୍ପାଦକ ଅଶୋକ ସାହୁ, ନେସେନାଲ ବକ୍ସି ରେଫେରୀ ଶିଶିର କୁମାର ପାଣିଗ୍ରାହୀ, ବିଜେଡି ନେତା ଜଗନ୍ନାଥ ସାବତ, ପୂର୍ବତନ ରାଜ୍ୟ ଖେଳାଳି ବସନ୍ତ କୁମାର ପାଣିଗ୍ରାହୀ, ରାମୁଣି ରଞ୍ଜନ ମହାନ୍ତି, ବିମଳ ମହାନ୍ତି, ଅମିତ ଦାସ, ମହିଳା କ୍ରିକେଟ ଆସୋସିଏସନ ସମ୍ପାଦକ ନିବେଦିତା ପାଢ଼ୀ, ଆଲଫା ଓ ସ୍ପୋର୍ଟିଙ୍ଗ କ୍ଲବ ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ପ୍ରମୁଖ ଉପସ୍ଥିତ ରହି ରନର ଟିମକୁ ଟ୍ରଫି ସହ ୬୬ ହଜାର ବିଜେତା ଟିମକୁ ଟ୍ରଫି ସହ ୧ ଲକ୍ଷ ୧୧ ହଜାର ପ୍ରଦାନ କରିଥିଲେ । ଏହା ସହ ଓଡିଶା ରଣଜି ଖେଳାଳି ସ୍ୱସ୍ତିକ ସାମଲଙ୍କୁ ସମ୍ମାନିତ କରିବା ସହ, ଅକ୍ଷଲ୍ଲା ସ୍ପୋର୍ଟିଙ୍ଗ କ୍ଲବ ଖେଳାଳି ଅଭିନୀତ କୁମାର ପଟ୍ଟନାୟକ, ବସନ୍ତ କୁମାର ପାଣିଗ୍ରାହୀ ଫୁଟବଲ ପୂର୍ବତନ ରାଜ୍ୟ ଖେଳାଳି, ଶିଶିର କୁମାର ପାଣିଗ୍ରହୀ ଜାତୀୟସ୍ତରୀୟ ବକ୍ସି ରେଫେରୀ, ଅଶୋକ କୁମାର ସାହୁ ବାସ୍କେଟ ବଲ ଆସୋସିଏସନ ରାଜ୍ୟ ସମ୍ପାଦକଙ୍କୁ ସମ୍ମାନିତ କରାଯାଇଥିଲା ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ) : ସୋମବାର ଜୟ ବଜରଙ୍ଗବଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆନୁଷ୍ଠିତ ହୋଇଯାଇଛି । ୧୪ଦିନର ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଟିମ ଅଂଶ ଗ୍ରହଣ କରିବାକୁ ଥିବାବେଳେ ଆସନ୍ତା ୨୫ତାରିଖରେ ଫାଇନାଲ ମ୍ୟାଚ ଖେଳା ଯିବ । ଆଜି ପ୍ରଥମ ଦିନରେ ଗ୍ରାମର ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ ଅତିଥି ମାନଙ୍କୁ ଏକ ପଟୁଆରରେ ଖେଳ ପଡିଆ ମଞ୍ଚ ନିକଟକୁ ପାଛୋଟୀ ନିଆଯାଇଥିଲା । ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ ଉପସ୍ଥିତ ରହିଥିବା ବେଳେ ସାମ୍ମାନୀୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଙ୍ଘ ବ୍ଲକ ସଭାପତି ଶିବଦତ୍ତ ସାହୁ, ପୂର୍ବତନ ସରପଞ୍ଚ ବଂଶୀଧର ମୁଦୁଲି, ଜୟ ବଜରଙ୍ଗବଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସଭାପତି ସୁଦର୍ଶନ ସାବତ, ଉପ ସଭାପତି ଅଶୋକ ପରିଡା, ବାବୁଲି ପଣ୍ଡାଙ୍କ ସମେତ ବହୁ କ୍ରିକେଟ ପ୍ରେମୀ ଉପସ୍ଥିତ ରହିଥିଲେ । ଆଜି ପ୍ରଥମ ଦିନ ଖେଳରେ ଶ୍ରୀ ବାରିକ ଟସ୍ ପକାଇ ଖେଳ ଆରମ୍ଭ କରିଥିଲେ । ମୋଟ ୧୬ଓଭର ଖେଳ ହେବାକୁ ଥିବା ବେଳେ, ପ୍ରଥମେ ଚିତାପରି କିଙ୍ଗ କୋବ୍ରା ଟସ୍ ଜିତି ବୋଲିଙ୍ଗ କରିବାକୁ ଇଛା ପ୍ରକାଶ କରିଥିବା ବେଳେ ମୋଟୁ କିଙ୍ଗ-୧୧ ପ୍ରଥମେ ବ୍ୟାଟିଙ୍ଗ କରି ମୋଟ ୧୫ଓଭର ୩ବଲ ଖେଳି ୧୫୭ରନ ହାସଲ କରି ସମସ୍ତ ଉଇକେଟ ହରାଇଥିଲେ । ଚିତାପରି କିଙ୍ଗ କୋବ୍ରା ଟିମ ୧୨ଓଭର ୩ବଲରେ ଖେଳରେ ୧୫୯ରନ ହାସଲ କରିବା ସହିତ ଆଜିର ପ୍ରଥମ ଦିନର ଖେଳରେ ବିଜୟୀ ହାସଲ କରିଥିଲେ । ଏହି ଟୁର୍ନାମେଣ୍ଟ ଦେଖିବା ନିମନ୍ତେ ଆଖ ପାଖ ଅଂଚଳର ବହୁ କ୍ରିକେଟ ପ୍ରେମୀ ପୁରା ଖେଳ ପଡିଆ ଫୁଲ ହୋଇ ରହିଥିବାର ଦେଖିବାକୁ ମିଳିଥିଲା ।

## ମହିଳାଙ୍କ ଭାଗିଦାରୀ କୃଷି ଅର୍ଥନୀତିକୁ ସୁଦୃଢ କରିବ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚାଷରୁ ଅମଳ, ବିହନ ବୁଣିବାଠାରୁ ବିପଣନ ବ୍ୟବସ୍ଥାକୁ ଆଗକୁ ନେବା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ମହିଳା ଚାଷୀଙ୍କର ପ୍ରତ୍ୟକ୍ଷ ଯୋଗଦାନ ରହିଛି । କୃଷି ଅର୍ଥନୀତିକୁ ସୁଦୃଢ କରିବାରେ ମହିଳାଙ୍କ ଭାଗିଦାରୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଏମଏସଏମଇ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । 'ସୃଜନରୁ ପ୍ରଭାବ: ସ୍ଥାୟୀ କୃଷି ଖାଦ୍ୟ ପ୍ରଣାଳୀ ପାଇଁ ଲିଙ୍ଗଗତ ପରିବର୍ତ୍ତନମୂଳକ ଆଚରଣ' ଉପରେ ସ୍ଥାନୀୟ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ (ସିୱା)ଠାରେ ଆୟୋଜିତ ତିନି ଦିନିଆ ବିଶ୍ୱ ସମ୍ମିଳନୀର ଉଦଯାପନୀ ସମାରୋହରେ ଯୋଗ ଦେଇ ମନ୍ତ୍ରୀ ଏହା କହିଛନ୍ତି । କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନର ନିର୍ଦ୍ଦେଶକ ଓ ସମ୍ମିଳନୀର ଆୟୋଜକ ସଚିବ ଡକ୍ଟର ମ୍ରିଦୁଳା ଦେବୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବିଭାଗ ଅଧକ୍ଷ ଡକ୍ଟର ସୁକାନ୍ତ କୁମାର ଷଡଙ୍ଗୀ, ଜାତୀୟ ଦୁଗ୍ଧ ଉନ୍ନୟନ ପରିଷଦର ଆଞ୍ଚଳିକ ମୁଖ୍ୟ(କୋଲକାତା) ଡକ୍ଟର ସବ୍ୟସାଚୀ ରାୟ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ଡକ୍ଟର ହିମାଂଶୁ ବଳ, ବିଭିନ୍ନ ରାଜ୍ୟର ମହିଳା ଚାଷୀ, ଗବେଷକ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ, ଉଦ୍ୟୋଗୀ ପ୍ରମୁଖ ଉପସ୍ଥିତ ଥିଲେ । ବିଭାଗ ଅଧକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଆମ କଳାହାଣ୍ଡି





## ସିଆରପିଏଫ୍ ୬୪ ବାଟାଲିନ୍ ପକ୍ଷରୁ କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଗୃହ ମନ୍ତ୍ରଣାଳୟ ଏବଂ ପୋଲିସ ମହାନିରୀକ୍ଷକ, ସିଆରପିଏଫ୍, ଓଡ଼ିଶା ସେକ୍ଟରଙ୍କ ନିର୍ଦ୍ଦେଶକ୍ରମେ ୬୪ ବିଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ କଳାହାଣ୍ଡି ଜିଲ୍ଲାରେ ଏକ ୧୫ ଦିନିଆ ମୌଳିକ କମ୍ପ୍ୟୁଟର ପାଠ୍ୟକ୍ରମ କାର୍ଯ୍ୟକ୍ରମ ଆରମ୍ଭ କରିଛି। କଳାହାଣ୍ଡି ଜିଲ୍ଲା ଯୁଗସାଇପାଟଣାର ସରକାରୀ ହାଇସ୍କୁଲ ଠାରେ ୧୦ ତାରିଖ ସୋମବାର ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉକ୍ତ ହାଇସ୍କୁଲର ୨୫ ଛାତ୍ର ଅଂଶ ଗ୍ରହଣ କରିଛନ୍ତି। ଏହି ପଦକ୍ଷେପର ଲକ୍ଷ୍ୟ ହେଲା ନକ୍ସଲ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ବୃଦ୍ଧି କରିବା ଏବଂ ସ୍ଥାନୀୟ ଯୁବକମାନଙ୍କ ଦକ୍ଷତା ବୃଦ୍ଧି କରିବା। ମେସର୍ସ ଓଡ଼ିଶା କମ୍ପ୍ୟୁଟର ଶିକ୍ଷା ମିଶନ ଭବାନୀପାଟଣା, ଏହି କମ୍ପ୍ୟୁଟର ଶିକ୍ଷାଦାନ ଦାୟିତ୍ୱରେ ଅଛନ୍ତି। ୧୦ ତାରିଖ ସୋମବାର ଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପକୃତ ହେବାର ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମକୁ କମାଣ୍ଡାଣ୍ଟ-୬୪ ବାଟାଲିୟନ ପଙ୍କଜ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ସେ ତାଙ୍କର ପ୍ରାରମ୍ଭିକ ଭାଷଣରେ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ-ଇନ୍-କମାଣ୍ଡ ପି.କେ. ମିଶ୍ର, ୬୪ ବାଟାଲିୟନ ସିଆରପିଏଫ୍‌ର ସହାୟକ କମାଣ୍ଡାଣ୍ଟ ବଳରାମ, ଓସିଇଏମ୍ ଭବାନୀପାଟଣାର କମ୍ପ୍ୟୁଟର ପ୍ରଶିକ୍ଷକ ସ୍ୱପ୍ନିଳ କୁମାର ବେହେରା, ଏବଂ କଳାହାଣ୍ଡି ଜୁଗସାଇପାଟଣାର ସରକାରୀ ହାଇସ୍କୁଲ ପ୍ରଧାନଶିକ୍ଷକ ମାମିନ କୁମାର ସାହୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ନକ୍ସଲ ବିରୋଧୀ ଅଭିଯାନ ପାଇଁ କଳାହାଣ୍ଡି ଜିଲ୍ଲାରେ ନିୟୋଜିତ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀର ୬୪ ବାଟାଲିୟନ ନିୟମିତ ଭାବରେ ସ୍ଥାନୀୟ ଲୋକଙ୍କ ପାଇଁ ଗଠନମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥାଏ। ଏହି ମୌଳିକ କମ୍ପ୍ୟୁଟର ପାଠ୍ୟକ୍ରମ ସ୍ଥାନୀୟ ଯୁବକ ଓ ଛାତ୍ରଙ୍କ ଜ୍ଞାନ ଏବଂ ଦକ୍ଷତା ବୃଦ୍ଧି କରିବ, ଯାହା ଆଗାମୀ ଦିନରେ ସେମାନଙ୍କ ସ୍ୱପ୍ନକୁ ସାକାର କରିବ ବୋଲି କମାଣ୍ଡେଣ୍ଟ ଶ୍ରୀ ଚୌଧୁରୀ ସୂଚନା ଦେଇଛନ୍ତି।

## ସରକାରୀ ଓକିଲଙ୍କ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଭାରତୀୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ଓ ଭାରତୀୟ ସାକ୍ଷ ଅଧିନିୟମ ସମ୍ପର୍କିତ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ୧୦ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ପବ୍ଲିକ୍ ପ୍ରସିକ୍ୟୁଟରଙ୍କ ଆବାହକତ୍ୱରେ ସରକାରୀ ଆଇନଜୀବୀ (ନନ୍ କ୍ୟାଡର)ମାନଙ୍କୁ ନେଇ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ପବ୍ଲିକ୍ ପ୍ରସିକ୍ୟୁଟର୍ ନିଦର୍ଶନୀ ରଥ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ସରକାରୀ ଓକିଲ ଜିତେନ୍ଦ୍ର କୁମାର ମହାନ୍ତି, ଦିବ୍ୟ ରଞ୍ଜନ ବହିଦାର,ଶୁଭ୍ରାଂଶୁ ସାହୁ, ଧୀରେନ୍ଦ୍ର ନାଥ ପାତ୍ର, ରାଜ କୁମାର ଆଚାର୍ଯ୍ୟ, ବଟକୃଷ୍ଣ ଆଚାର୍ଯ୍ୟ, ଲୋକନାଥ ନାୟକ, ଦିଗମ୍ବର ନାଏକ, ଅଶୋକ କୁମାର ନାଏକ, ରାଜେନ୍ଦ୍ର ମୁନି, ଅଜିତ ସାହୁ ପ୍ରମୁଖ ଉପସ୍ଥିତ।

## ଅବସରପ୍ରାପ୍ତ ଶିକ୍ଷାବିତ୍ ନିତ୍ୟାନନ୍ଦଙ୍କ ପରଲୋକ

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ କାଉଡୋଲା ଗ୍ରାମର ଅବସରପ୍ରାପ୍ତ ଶିକ୍ଷାବିତ୍ ନିତ୍ୟାନନ୍ଦ ନାଏକଙ୍କ ୯୩ ବର୍ଷ ବୟସରେ ରବିବାର ରାତିରେ ପରଲୋକ ଘଟିଛି। ଶ୍ରୀନାଏକ ଦିର୍ଘ ୩୬ ବର୍ଷ ନିଜର ଶିକ୍ଷକତା ଜୀବନ ମଧ୍ୟରେ ଉପାନ୍ତ ଅଞ୍ଚଳର ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢି ତୋଳିଛନ୍ତି। ଚାକିରୀ ଜୀବନରୁ ଅବସର



ନେବାପରେ ସମାଜସେବା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ସେ’ କଳାହାଣ୍ଡି ଭତରା ସମାଜର ମୁଖ୍ୟ ପୁରୋଧା ଭାବରେ ରହିଥିବାବେଳେ ସମାଜର ଉନ୍ନତି ଦିଗରେ ମଧ୍ୟ ତାଙ୍କର ଅତୁଳନୀୟ ଅବଦାନ ରହିଥିଲା। ସେ’ ଜଣେ ଧର୍ମପରାୟଣ, ମେଳାପୀ, ପରୋପକାରୀ ମଣିଷ ଭାବରେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ କାଉଡୋଲା ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ବେଳକୁ ତାଙ୍କର ତିନି ପୁଅ, ବୋହୂ, ଝିଅ ଜ୍ୱାଇଁ ଓ ନାତି ନାତୁଣୀ ମାନେ ଉପସ୍ଥିତ ରହିଥିଲେ। ସୋମବାର ସକାଳୁ ସମ୍ପର୍କୀୟ ପରିଜନ ମାନେ ତାଙ୍କ ଶେଷ ଦର୍ଶନ କରିବା ପରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ନିର୍ମଳ ପୂର୍ଣ୍ଣଚନ୍ଦ୍ର ନାଏକ, ଜନ୍ମେଜୟ ନାଏକ ଓ ସାନପୁଅ ସୁନୀଲ କୁମାର ନାଏକ ମୁଖାଗ୍ନି ଦେଇଥିଲେ। ତାଙ୍କ ଶବଧାରରେ ଅଞ୍ଚଳର ଶତାଧିକ ଲୋକଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ।

## ଶ୍ରୀ ସୂର୍ଯ୍ୟଦେବ-ମାତା ଦୁର୍ଗାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ ସ୍ଥିତ ସର୍ବ ପୁରାତନ ଶ୍ରୀ ବ୍ରଜମୋହନ ପଞ୍ଚଦେବ ମନ୍ଦିର ପରିସରରେ ନୂତନ ଭାବେ ନିର୍ମିତ ଶ୍ରୀ ସୂର୍ଯ୍ୟଦେବ ଓ ମାତା ଦୁର୍ଗା ଙ୍କର ମନ୍ଦିର ଓ ବିଗ୍ରହର ପ୍ରାଣ ପ୍ରତିଷ୍ଠା ଉତ୍ସବ ଶେଷ ହୋଇଯାଇଛି। ଗତ ସୋମବାର ମାର୍ଚ୍ଚ ୬ ତାରିଖ ଠାରୁ ୧୦ ତାରିଖ ଯାଏଁ ଆୟୋଜିତ ଉକ୍ତ ଧାର୍ମିକ କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ଅଷ୍ଟପ୍ରହର ନାମଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା ଓ ଭକ୍ତ ମାନଙ୍କ ପାଇଁ ଦିବା ରାତ୍ର ଅନ୍ନ ପ୍ରସାଦ ଭୋଗର ବ୍ୟବସ୍ଥା କରାଯାଇଥିଲା। ସୂର୍ଯ୍ୟ ଦେବଙ୍କ ମନ୍ଦିର ପୂଜାର କର୍ତ୍ତା ଭାବେ ସୁଭାଷିନୀ ମୁଣ୍ଡ ଓ ତ୍ରିଲୋଚନ ମୁଣ୍ଡ ଦାୟିତ୍ୱ ନିର୍ବାହ କରିଥିବାବେଳେ ସୁପ୍ରିୟା ଅଗ୍ରୱାଲ ଓ କପିଲ ଅଗ୍ରୱାଲ ମାତା ଦୁର୍ଗାଙ୍କ ମନ୍ଦିରର ଓ ରେଖା ଅଗ୍ରୱାଲ ଓ ମୃତ୍ୟୁଞ୍ଜୟ ଅଗ୍ରୱାଲ ଅଷ୍ଟପ୍ରହର ନାମଯଜ୍ଞର କର୍ତ୍ତା ଭାବେ ଦାୟିତ୍ୱ ବହନ କରିଥିଲେ। ଶ୍ରୀ ଶ୍ରୀ ବ୍ରଜମୋହନ ପଞ୍ଚଦେବ ଓ ଶ୍ରୀ ଜଗନ୍ନାଥ



ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉକ୍ତ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ପୁରୀ ମୁକ୍ତି ମଣ୍ଡପର ସଦସ୍ୟ ପଣ୍ଡିତ ଭାସ୍କର ଦାସ ଓ ସହଯୋଗୀ ପଣ୍ଡିତ ସୁବାସ ତ୍ରିପାଠୀ, ଅମିୟ ପଣ୍ଡା, ଅମର ଦାସ ଓ କାହ୍ନୁ ଚରଣ ପତିଙ୍କ ଦ୍ୱାରା ମନ୍ଦିର ଓ ବିଗ୍ରହ ମାନଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସମାପନ କରିଥିଲେ। ଏହି ଅବସରରେ ପାଞ୍ଚ ଦିନ ବ୍ୟାପୀ ଉକ୍ତ କାର୍ଯ୍ୟକ୍ରମରେ ପୂଜା ନୀତି ନିୟମ ଅନୁସାରେ ହେବା ସହ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ପରେ ଠାକୁରଙ୍କ ସିଂହାସନ ବିଜେ ହୋଇଛନ୍ତି। ଏନେଇ ବ୍ରଜମୋହନ ପଞ୍ଚଦେବ ଓ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସଭାପତି ଉପଜିଲ୍ଲାପାଳ ଧୀମାନ ଚକମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ଟ୍ରଷ୍ଟର ଉପସଭାପତି ତୁଷାର ରଞ୍ଜନ ପଟ୍ଟଯୋଶୀ, ସମ୍ପାଦକ ନିରଞ୍ଜନ ମହାପାତ୍ର, ଟ୍ରଷ୍ଟର ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ମୁଣ୍ଡ, ସୁକଲାଲ ଅଗ୍ରୱାଲ, ଧରଣୀଧର ଧଙ୍ଗଡା ମାଝୀ, ସୁରେଶ ଚନ୍ଦ୍ର ମୁଣ୍ଡ, ବିଦ୍ୟାଧର ସାହୁ, କୃପାସିନ୍ଧୁ ପଣ୍ଡା, ହୃଷୀକେଶ ମିଶ୍ର, ରମେଶ ଚନ୍ଦ୍ର ପଣ୍ଡା, ସନ୍ତୋଷ ମେହେର, ସୁରେନ୍ଦ୍ର ମୁନି, ସରୋଜ କୁମାର ସାହୁ, ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଜନ୍ମେଜୟ ନାଏକ, ସୁବାସ ଅଗ୍ରୱାଲ ଓ ସହରର ଅନ୍ୟାନ୍ୟ ସହଯୋଗୀଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ସୂଚାରୁ ରୂପେ ଶେଷ ହୋଇଛି।

## ରେଳଯାତ୍ରୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜରୁ ଭବାନୀପାଟଣା ରେଳ ଷ୍ଟେସନକୁ ନୂତନ ରାସ୍ତା ନିର୍ମାଣ ପାଇଁ ଦାବି କରିଛି କଳାହାଣ୍ଡି ରେଳଯାତ୍ରୀ ସଂଘ। ସଂଘର ସଭାପତି ନେତୃତ୍ୱରେ ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କୁ ସାକ୍ଷାତ କରି ଏ ସଂକ୍ରାନ୍ତୀୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, କଳାହାଣ୍ଡି ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ରେଳଷ୍ଟେସନ ଭାବେ ପରିଚିତ ଭବାନୀପାଟଣା ରେଳ ଷ୍ଟେସନକୁ କେନ୍ଦ୍ର ସରକାର ଅମୃତଭାରତ ଯୋଜନାରେ ସାମିଲ କରିଛନ୍ତି ସତ କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର ନବ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ସେହିପରି ସହରରୁ ଦୂରରେ ଥିବା ଷ୍ଟେସନ ପାଇଁ କେବଳ ଗୋଟିଏ ସଂଯୋଗୀକରଣ ରାସ୍ତା ଥିବାବେଳେ ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜରୁ ସିଧାସଳଖ ସଂଯୋଗ କରୁଥିବା ରାସ୍ତା ଆଜି ବି ଅବହେଳିତ ହୋଇ ରହିଛି। ଅନ୍ୟପକ୍ଷରେ ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ, କଳାହାଣ୍ଡି କୃଷି ମହାବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, କୃଷି ଇଞ୍ଜିନିୟରିଂବିଭାଗ ମୁଖ୍ୟ କାର୍ଯ୍ୟାଳୟ ଓ ଆର୍‌ଆର୍ ଟିଏସ୍ କାର୍ଯ୍ୟାଳୟ ଠାରୁ ରେଳଷ୍ଟେସନକୁ ରାସ୍ତାର ଦୂରତା ଅଧିକ ରହିଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ରାସ୍ତାର ଉନ୍ନତିକରଣ ପାଇଁ ନା ରେଳ ବିଭାଗ ନା ପୂର୍ତ୍ତ ବିଭାଗ କେହି ବି ଦୃଷ୍ଟି ଦେଇନାହାନ୍ତି। ଏହାକୁ ନେଇ କଳାହାଣ୍ଡି ରେଳଯାତ୍ରୀ ସଂଘ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯିବା ସହିତ ଏହାର ଉନ୍ନତିକରଣ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଛି। କଳାହାଣ୍ଡି ରେଳଯାତ୍ରୀ ସଂଘ ପକ୍ଷରୁ ସଭାପତି ଭବାନୀ ଶଙ୍କର ନିଆଲଙ୍କ ସହିତ ମହାସଚିବ ନିରୋଜ ପଟ୍ଟନାୟକ, ଉପସଭାପତି ପରମାନନ୍ଦ ମାଝୀ, ଦେବୀ ପ୍ରସାଦ ସିନ୍ଧୁର, ସାଧାରଣ ସଂପାଦକ ପ୍ରଦୀପ କୁମାର ଦାସ, ସୁଶୀଲ କୁମାର ବାଗ, ସଦସ୍ୟ ସୁଧୀର କୁମାର ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ର ଗ୍ରହଣ କରିବା ସହିତ ଜିଲ୍ଲାପାଳ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ଜାତୀୟ ପାରା ଜୁଡୋ ଚାମ୍ପିଅନସିପରେ ଚମକିଲେ ମୋହନ



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : ଲାଞ୍ଜିଗଡସ୍ଥିତ ବେଦାନ୍ତ ଆଲୁମିନିୟମ୍ ଦ୍ୱାରା ସମସ୍ତ ପ୍ରକାର ସହଯୋଗ ପାଇଥିବା ଓଡ଼ିଶାର ଆଦିବାସୀ ବହୁଳ କଳାହାଣ୍ଡି ଜିଲ୍ଲାର ପାରା ଜୁଡୋ ଆଥଲେଟ୍ ମୋହନ ସାହୁ ରାଜ୍ୟର ପ୍ରତିନିଧିତ୍ୱ କରି ତ୍ରୟୋଦଶ ଜାତୀୟ ପାରା ଜୁଡୋ ଚାମ୍ପିଅନସିପ୍ ୨୦୨୫ରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଛନ୍ତି। ଜଣେ ପ୍ରତିଭାବାନ ଆଥଲେଟ୍ ଭାବେ ମୋହନ ଜୁନିୟର (୬୬ କେଜି) ଏବଂ ସିନିୟର (୬୪ କେଜି) ବର୍ଗରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସେ ବର୍ତ୍ତମାନ ଉଜବେକିସ୍ତାନର ତାସକେଣ୍ଟରେ ସମ୍ମାନଜନକ ଏସୀୟ ପାରା ଜୁଡୋ ଚାମ୍ପିଅନସିପ୍ ୨୦୨୫ରେ ଭାରତର ପ୍ରତିନିଧିତ୍ୱ କରିବାକୁ ପ୍ରସ୍ତୁତ ହେଉଛନ୍ତି । ନିଜର ପ୍ରତିକ୍ରିୟାରେ ଉଲ୍ଲସିତ ମୋହନ ସାହୁ କହିଛନ୍ତି, ବେଦାନ୍ତ ଆଲୁମିନିୟମର ସମର୍ଥନ ପାଇଁ ମୁଁ ଅତ୍ୟନ୍ତ କୃତଜ୍ଞ, ଯାହା ମୋତେ ସର୍ବୋଚ୍ଚ ସ୍ତରରେ ପ୍ରତିଦ୍ୱନ୍ଦିତା କରିବାର ଆତ୍ମବିଶ୍ୱାସ ଦେଇଛି । ଜଣେ ପାରା ଆଥଲେଟ୍ ଭାବେ ମୋର ଯାତ୍ରାରେ ସେମାନଙ୍କର ପ୍ରୋତ୍ସାହନ ଏବଂ ସହାୟତା ଅତୁଳନୀୟ। ମୁଁ ମୋ ଦେଶ ଏବଂ ସମର୍ଥକମାନଙ୍କୁ ଗର୍ବିତ କରିବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି।

## ମା’ ସର୍ବମଙ୍ଗଳା ଘାଟିମୁଣ୍ଡିଆଣୀ ମନ୍ଦିରର ରତ୍ନମୁଦ

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଗୋତମୁଣ୍ଡା ଗ୍ରାମରେ ନୂତନ ଭାବେ ନିର୍ମାଣ ହୋଇଥିବା ମା’ ସର୍ବମଙ୍ଗଳା ଘାଟିମୁଣ୍ଡିଆଣୀ ଦେବୀଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଏହି କ୍ରମରେ ଅଠରନଳା ଘାଟି ନିକଟରେ ଥିବା ମା’ଙ୍କ ଅନ୍ୟ ଏକ ମନ୍ଦିର ନିକଟରେ ଥିବା ସାହାଜଖୋଲ ଜଙ୍ଗଲରୁ ପୂଜାପାଠ ପରେ ସାହାଡ଼ା ବୃକ୍ଷ ଅଣାଯାଇ ବରଣ କରାଯାଇଥିଲା। ଏହାପରେ ନୂତନ ମନ୍ଦିର ନିକଟରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। କର୍ତ୍ତା ଭାବରେ ରୋମାଞ୍ଚଳ ପୁଝାରୀ ଓ ତାଙ୍କ ଧର୍ମପତ୍ନୀ ମଣି ପୁଝାରୀ ଦାୟିତ୍ୱ ନିର୍ବାହ କରିଥିବାବେଳେ ପଣ୍ଡିତ ଫକିର ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ଶହ ଶହ ମହିଳା ଓ ପୁରୁଷ ମାନେ ଧାନ ଓ ଅନ୍ୟାନ୍ୟ ବ୍ୟବହାର ଉପଯୋଗୀ ଦ୍ରବ୍ୟଧରି ଶୁଦ୍ଧପୂତ ଭାବରେ ମଣ୍ଡପର କୁମ୍ଭକୁ ଯାଇ ରତ୍ନମୁଦ କାର୍ଯ୍ୟରେ ସାମିଲ ହୋଇଥିଲେ। ଏହି କ୍ରମରେ ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ କମିଟି ପକ୍ଷରୁ ସୁବନ୍ଦୋବସ୍ତ କରାଯାଇଥିଲା। ଏବଂ ସମସ୍ତଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। ରତ୍ନମୁଦ ଉତ୍ସବରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜିବ କୁମାର ଅଗ୍ରୱାଲ, ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ନରେନ୍ଦ୍ର ବିଷି, ମଣ୍ଟୁ ଅଗ୍ରୱାଲ, ଘନ ପଟେଲ, ମଣି ନାୟକ, ପ୍ରଶାନ୍ତ ତିୱାରୀ, ଧର୍ମଗଡ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୁଝାରୀ, ଭବେଶ ଗଇନ୍ତା ପ୍ରମୁଖ ଯୋଗଦେଇଥିଲେ। କମିଟି ସଭାପତି ହେମନ୍ତ ମାଝୀ, ପର୍ଥିବ ମାଝୀ, ଯଦୁମଣି ଦୁର୍ଗା, ନିରଞ୍ଜନ ବାଗ, ଘାଟିମୁଣ୍ଡିଆଣୀ ଦେବୀଙ୍କ ପୂଜକ ମନୋହର ପୁଝାରୀ, ଗଣନାଥ ପୁଝାରୀ, ମହାରଣା ସୁକାନ୍ତ ମହାରଣା, ହିରୋ ହଂସ, ଉପେନ୍ଦ୍ର ବାଗ, ହିମାଞ୍ଚଳ ପୁଝାରୀ, ବଳିୟାର ମରେଇ, ରତନ ମାଝୀ, ବିଦ୍ୟାଧର ଖର୍ସେଲ ସମେତ ଗ୍ରାମବାସୀ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ।

## ଗୋଲାମୁଣ୍ଡାରେ ବ୍ଲକସ୍ତରୀୟ ନିପୁଣ ମେଳା



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଗୋଲାମୁଣ୍ଡା ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଗୋଲାମୁଣ୍ଡା ଠାରେ ବ୍ଲକସ୍ତରୀୟ ନିପୁଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଗୋଷ୍ଠୀ ଶିକ୍ଷା ସାଧନା କେନ୍ଦ୍ର ଜରିଆରେ ଆୟୋଜିତ ହୋଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜୟସେନ ଧାରୁଆ, ସମ୍ମାନିତ ଅତିଥିଭାବେ ଭାବେ ଅତିରିକ୍ତ ତହସିଲଦାର ଗୋଲାମୁଣ୍ଡା, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ମୁଖ୍ୟବକ୍ତା ଭାବେ ବିଆରସିସି ଲବଣୀ ନାଏକ ଯୋଗ ଦେଇଥିଲେ । ମଞ୍ଚାସିନ ଅତିଥିଙ୍କ କରକମଳରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ କରାଯାଇଥିଲା। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଦକ୍ଷତା ବୃଦ୍ଧି ୨୦୨୬-୨୭ ସୁଦ୍ଧା ତୃତୀୟ ଶ୍ରେଣୀ ସମାପ୍ତି ବେଳକୁ ପଢ଼ିବା ଲେଖିବା ଦକ୍ଷତା ହାସଲ କରାଯାଇପାରିବ ଏବଂ ଖେଳଣା ଭିତ୍ତିକ ଶିକ୍ଷା ଦାନ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ଆଗ୍ରହ, ଦୈନିକ ଉପସ୍ଥାନ ବୃଦ୍ଧି ନିପୁଣ ମେଳାର ବୈଶିଷ୍ଟ୍ୟ। ଏହି ଏକ ଦିବସୀୟ ନିପୁଣ ମେଳାରେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ ୧୫ଟି କ୍ଲଷ୍ଟର ୧୫ଟି ବିଦ୍ୟାଳୟର ସମସ୍ତ ଏଫ୍‌ଏଲ୍‌ଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ଯଥା ଗଣିତ ଶିକ୍ଷଣ, ଭାଷାଗତ ଶିକ୍ଷଣ, ସୃଜନଶୀଳ ଶିକ୍ଷଣ ସାମଗ୍ରୀ ଗୁଡିକ ନିଜ ନିଜ ଷ୍ଟଲରେ ପ୍ରଦର୍ଶିତ କରିଥିଲେ। ଗୋଲାମୁଣ୍ଡା କ୍ଲଷ୍ଟରର ପ୍ରତ୍ୟେକ ବିଦ୍ୟାଳୟରୁ ୧୦ ଜଣ ଛାତ୍ରଛାତ୍ରୀ, ଜଣେ ଗାଇଡ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଥିଲେ। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସା ପତ୍ର ବିତରଣ କରାଯାଇଥିଲା। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିନା ଦାସ, ପ୍ରଧାନ ଶିକ୍ଷକ ରାଜୀବ କୁମାର ଖମାରି, ନୋଡାଲ ସିଆରସିସି ଥବିର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଗଜିନ୍ଦ୍ର ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ରିଖିରାମ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସୋମବାର ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚୀନ ପ୍ରକାଶ, ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା, ସିଡିଓ ଦୟାମୟ ପାତ୍ରୀ, ସିଡିଏମ୍‌ଓ ମିନତି ମିଶ୍ର, ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା, ବିଡ଼ିଓ ଡ଼ଃ ହିମାଞ୍ଚଳ ମାଝୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସମେତ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ଜଳ ଓ ପରିମଳ ବିଭାଗ, ଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ଅବକାରୀ ବିଭାଗ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀମାନେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିବା ସହ ସେ ସବୁର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇଥିଲେ। କୋକସରା ଥାନା ଅଧିକାରିଣୀଙ୍କ ବଦଳି ଦାବି, ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଠିକା ସଂସ୍ଥା ପାଇପ୍ ବିଛା ଆଳରେ ମନଇଛା ରାସ୍ତା ଖୋଳା ବନ୍ଦ କରିବା, ବନ୍ଦ ହୋଇଥିବା ମାଲପଡା ସ୍କୁଲକୁ ପୁନର୍ବାର ଖୋଲିବା, କୋକସରା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗାଁ ଶ୍ମଶାନ, ବସଷ୍ଟାଣ୍ଡ, ଜବର ଦଖଲ ଉଚ୍ଛେଦ ଭଳି ଅଭିଯୋଗ କରିଥିବାବେଳେ ବିର୍ସା ଆମ୍ବେଦକର ଫୁଲେ ସଚେତନ ସଂଗଠନ ପକ୍ଷରୁ ଲଡୁଗାଁ ଓ ଡ଼ହଗାଁ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟକୁ ଶୀଘ୍ର ବିଭାଗୀୟ ମୂଖ୍ୟଙ୍କୁ ହସ୍ତାନ୍ତର କରିବା, କୋକସରା ପଞ୍ଚାୟତ ସମିତିର ପ୍ରତ୍ୟେକ ଗ୍ରାମ ଗୁଡ଼ିକରେ ବ୍ୟବସ୍ଥା ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ଠିକ ଭାବରେ କାର୍ଯ୍ୟକାରି କରିବା, ଦିର୍ଘ ବର୍ଷରୁ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟରେ କାର୍ଯ୍ୟାରତ ଥିବା




ଅଧିକାରି ମାନଙ୍କୁ ଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତରିତ କରିବା, କୋକସରା ପଞ୍ଚାୟତ ସମିତି ଅଧିନରେ ଥିବା ମଡୋସିଲ, କରକ, ଜୋତାଖଲିଆ, ରଜାମୁଣ୍ଡା, ଖଳିଗଡ଼ ବେହେରା ଓ ଅଠରନଳା ଡେମକୁ ଠିକ୍ ଭାବରେ ସର୍ଭେ କରି ତାହାର ଉନ୍ନତୀକରଣ ଭଳି ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଶିବିରରେ ବ୍ଲକର ୨୨ ଗୋଟି ପଞ୍ଚାୟତରୁ ୫୪ ଜଣ ଲୋକେ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ପଞ୍ଜିକରଣ କରିଥିବାବେଳେ ୧୮ଟି ଅଭିଯୋଗ ସାମୁହିକ ରହିଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ରାଶିଫଳ

ବୁଧବାର, ୧୨ ମାର୍ଚ୍ଚ ୨୦୨୫



**ମେଷ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ଆପଣ ସାମାଜିକ ସ୍ତରରେ ସମ୍ମାନ ପାଇବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହେବ। ନୂତନ କାମ ପାଇବେ।



**ବୃଷ:** ବରିଷ୍ଠମାନଙ୍କ ପରାମର୍ଶକୁ ଅନୁସରଣ କରନ୍ତୁ, ସେଠାରେ ଲାଭ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆଇନଗତ ପ୍ରତିବନ୍ଧକ ସାମ୍ନା କରି ପାରନ୍ତି, ବ୍ୟସ୍ତ ହୁଅନାହିଁ। ମୂଲ୍ୟବାନ ସାମଗ୍ରୀକୁ ସୁରକ୍ଷିତ ରଖନ୍ତୁ।



**ମିଥୁନ:** ଭ୍ରମଣ ଲାଭଦାୟକ ହେବ। ଅଟକି ରହିଥିବା ଟଙ୍କା ଧରିବାକୁ ଚେଷ୍ଟା କରନ୍ତୁ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଅଧସ୍ତନମାନଙ୍କ ସହାୟତା ପାଇବେ। ଟଙ୍କା ପାଇବା ସହଜ ହେବ। ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ।



**କର୍କଟ:** ଭୟ ହେତୁ ନିଷ୍ପତ୍ତି ନେବା କ୍ଷମତା ହ୍ରାସ ହୋଇପାରେ। ପତି-ପତ୍ନୀଙ୍କଠାରୁ ସମର୍ଥନ ପାଇବେ। ଯାତ୍ରା ଚିତ୍ତାକର୍ଷକ ହେବ। ଉପହାର ଗ୍ରହଣ କରିବାର ସମ୍ଭାବନା ଅଛି। ରୋଜଗାର ବୃଦ୍ଧି ପାଇବ। ଚାକିରିର ପଦୋନ୍ନତି ସମ୍ଭବ।



**ସିଂହ:** ଅତିଥିମାନେ ଆଜି ଘରେ ପହଞ୍ଚିବେ। ଆପଣ ଉତ୍ସାହଜନକ ସୂଚନା ପାଇବେ। ଆତ୍ମ ସମ୍ମାନ ରହିବ । ରିସ୍କ ନେବାକୁ ସାହସ କରିବେ। ଅନାବଶ୍ୟକ ଖର୍ଚ୍ଚ ହେବ। ବ୍ୟବସାୟ ଅନୁକୂଳ ଲାଭ ପ୍ରଦାନ କରିବ। ଚାକିରିରେ ଶାନ୍ତି ରହିବ।



**କନ୍ୟା:** ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ଆଶା। ଅଂଶୀଦାରମାନଙ୍କ ସହଯୋଗ ମିଳିବ। ବ୍ୟବସାୟ ପାଇଁ ଏକ ବଡ ଡିଲ୍ କରିପାରିବେ। ପ୍ରଗତିର ରାସ୍ତା ପକ୍କା ହେବ। ରୋଜଗାର ବୃଦ୍ଧି ପାଇବ। ବାଣିଜ୍ୟ-ବ୍ୟବସାୟରେ ଅନୁକୂଳ ଆଗ୍ରହ ରହିବ।



**ତୁଳା:** ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ, ଯନ୍ତ୍ରଣା ଦେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। ବିବାଦକୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ, ଦୁଃଖ ଆସିପାରେ। ଅଂଶୀଦାରମାନଙ୍କ ସହିତ ମତ ପାର୍ଥକ୍ୟ ହୋଇପାରେ। ଶାରୀରିକ ଆରାମ ମିଳିବ।



**ବିଛା:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯାଇପାରିବ। ଆପଣ ସୁସ୍ୱାଦୁ ଖାଦ୍ୟର ଲାଭ ପାଇବେ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ବକ୍ତବ୍ୟରେ ନିୟନ୍ତ୍ରଣ ଆବଶ୍ୟକ। ଚାକିରିରେ କୈଣସି ନୂତନ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଲଜ୍ଜିତ ହୁଅନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ।



**ଧନୁ:** ଖରାପ ଖବର ଗ୍ରହଣ କରାଯାଇପାରେ। ଉତ୍ସାହର ଅଭାବ ରହିବ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ । ଦୌଡ଼ ଅଧିକ ହେବ। ଘର-ପାରିବାରିକ ଚିନ୍ତାଧାରା ରହିବ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କ କାର୍ଯ୍ୟ ଉପରେ ଧ୍ୟାନ ଦିଅନ୍ତୁ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ।



**ମକର:** ଲାଭ ସୁଯୋଗ ଆସିବ। ଅଫିସରେ ଚାକିରିର ସୁଖ ଦେଖାଇବ । ବ୍ୟବସାୟ ବୃଦ୍ଧି ପାଇବ । ବିନିଯୋଗ ଇତ୍ୟାଦି ଅନୁକୂଳ ଲାଭ ଦେବ। ପରିବାରର ସହାୟତା ପାଇବାରେ ସୁଖ, ଉତ୍ସାହ ଏବଂ ସନ୍ତୁଷ୍ଟତା ରହିବ। ଦୁଷ୍କର୍ମରୁ ଦୂରେଇ ରୁହନ୍ତୁ । ସ୍ୱାସ୍ଥ୍ୟ ଦୁର୍ବଳ ରହିପାରେ। ଆଇନଗତ ପ୍ରତିବନ୍ଧକ ହଟାଯିବ।



**କୁମ୍ଭ:** ବାଣିଜ୍ୟର ଲାଭ ଅଛି । ସାଙ୍ଗମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ହେବେ । ଆପଣ କଠିନ ପରିଶ୍ରମର ଫଳ ପାଇବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀମାନେ ଖୁସି ହେବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଆୟର ନୂତନ ମାଧ୍ୟମ ମିଳିବ। ରୋଜଗାର ସହଜ ହେବ। ଘର ବାହାରେ ସୁଖ ମିଳିବ ।



**ମୀନ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। ସତସଙ୍ଗର ଲାଭ ହେବ। ତୀର୍ଥଯାତ୍ରା ଯୋଜନା କରାଯିବ। ଅନାବଶ୍ୟକ ଖର୍ଚ୍ଚ ହେବ। ସରକାରୀ ସହାୟତା ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ବିରୋଧୀମାନେ ସକ୍ରିୟ ରହିବେ। ପୁଞ୍ଜି ବିନିଯୋଗ ଶୁଭ ହେବ।ଚାକିରୀର କ୍ଷେତ୍ରରେ ପ୍ରଭାବ ବୃଦ୍ଧି ଘଟିବ।



ପ୍ରସ୍ତୁତିରେ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯